# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 16/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 293 | ମୂଲ୍ୟ ₹୭/-





## ସଂକ୍ଷେପରେ

### ଇଂଲିଶ ଚ୍ୟାନେଲ ଅତିକ୍ରମ ବେଳେ ୮ ମୃତ

ପ୍ୟାରିସ୍,୧୫।୯

ଉତ୍ତର ଫ୍ରାନ୍ସ ପାର୍ଶ୍ୱରୁ ଇଂଲିଶ ଚ୍ୟାନେଲ ଅତିକ୍ରମ ଉଦ୍ୟମ ବେଳେ ଅନ୍ୟୂନ ୮ ଜଣଙ୍କର ମୃତ୍ୟୁ ଘଟିଥିବା ଫ୍ରାନ୍ସ ସାମୁଦ୍ରିକ କର୍ତ୍ତୃପକ୍ଷ ଜଣାଇଛନ୍ତି। ଶନିବାର ମଧ୍ୟରାତ୍ର ପୂର୍ବରୁ ଏକ ବୋଟ୍‌ରେ କେତେଜଣ ଇଂଲିଶ ଚ୍ୟାନେଲ ପାର୍ ହେବାକୁ ଉଦ୍ୟମ କରୁଥିବାବେଳେ ଆମ୍ବେଟେଉସ୍ ଉପକୂଳ ନିକଟରେ ବିପଦରେ ପଡ଼ିଥିବା ମେରିଟାଇମ୍ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଫ୍ରାନ୍ସର ରେସ୍କ୍ୟୁ ଜାହାଜ ସେଠାକୁ ଯାଇ ୫୩ ଜଣଙ୍କୁ ଚିକିତ୍ସା ସହାୟତା ଯୋଗାଇଥିଲା। ଜରୁରୀ ସେବା ପ୍ରଦାନ ସତ୍ତ୍ୱେ ୮ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ୧୦ ମାସର ଶିଶୁ ସମେତ ୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଶରଣାର୍ଥୀମାନେ ଇରିଟ୍ରିଆ, ସୁଦାନ, ସିରିଆ, ଆଫଗାନିସ୍ତାନ, ଇଜିପ୍ଟ ଏବଂ ଇରାନରୁ ଆସିଥିଲେ ବୋଲି ଫ୍ରାନ୍ସ କର୍ତ୍ତୃପକ୍ଷ କହିଛନ୍ତି।

### ଗ୍ୟାସ୍ ଟ୍ୟାଙ୍କରରେ ବିସ୍ଫୋରଣ: ୨୪ ମୃତ

ପୋର୍ଟ-ଅଉ-ପ୍ରିନ୍ସ,୧୫।୯

ହାଇତିର ଦକ୍ଷିଣ ଭାଗରେ ଶନିବାର ଏକ ଗ୍ୟାସ୍ ଟ୍ୟାଙ୍କରରେ ବିସ୍ଫୋରଣ ଘଟି ୨୪ ଜଣଙ୍କ ମୃତ୍ୟୁ ହେବା ସହ ୪୦ ଜଣ ପୋଡ଼ିଯାଇ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମିରାଗୋଆନେ ଉପକୂଳ ସହର ନିକଟରେ ଏହି ଦୁର୍ଘଟଣା ଘଟିଛି। ହାଇତି ପ୍ରଧାନମନ୍ତ୍ରୀ ଗାରି କୋନିଲେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଗୁରୁତର ଆହତଙ୍କୁ ହେଲିକପ୍ଟର ଯୋଗେ ସ୍ୱତନ୍ତ୍ର ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟମାନେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ପୁରୁଷ ହୋଇଥିବାବେଳେ ୩ ଜଣ ମହିଳା ଓ ଜଣେ ଶିଶୁ ରହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅନ୍ୟ ଏକ ଗାଡ଼ି ଧକ୍କାରେ ଟ୍ରକ୍‌ର ଗ୍ୟାସ୍ ଟାଙ୍କିରେ ଛିଦ୍ର ହୋଇଯାଇଥିଲା। ଲୋକେ ଇନ୍ଧନ ସଂଗ୍ରହ ପାଇଁ ସେଠାକୁ ଯାଇଥିବାବେଳେ ବିସ୍ଫୋରଣ ଘଟିଥିଲା। ୨୦୨୧ରେ କାପ୍-ହାଇତିଆନ୍ ସହରରେ ଅନୁରୂପ ଭାବେ ଟ୍ୟାଙ୍କରରୁ ଲୋକେ ଇନ୍ଧନ ସଂଗ୍ରହ ଉଦ୍ୟମ କରୁଥିବାବେଳେ ବିସ୍ଫୋରଣ ଘଟି ଅନ୍ୟୂନ ୬୦ ଜଣଙ୍କ ଜୀବନ ଯାଇଥିଲା।

### ଘର ଭୁଶୁଡ଼ି ୧୦ ମୃତ

ମିରଟ, ୧୫।୯

ଉତ୍ତରପ୍ରଦେଶର ମିରଟସ୍ଥିତ ଜାକିର ନଗର ଅଞ୍ଚଳରେ ଶନିବାର ରାତିରେ ଏକ ୩ ମହଲା ବିଶିଷ୍ଟ ଘର ଭୁଶୁଡ଼ି ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ଅଗ୍ନିଶମ ବାହିନୀ ଏବଂ ପୋଲିସ ୫ ଜଣଙ୍କୁ ଜୀବନ୍ତ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ସମସ୍ତ ମୃତକଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ୪ ଲକ୍ଷ ଲେଖାଏ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଜିଲାପାଳ ଦୀପକ ମୀଣା ଘୋଷଣା କରିଛନ୍ତି। ଜଣେ ଅଗ୍ନିଶମ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଘର ଭୁଶୁଡ଼ିବା ସମୟରେ ୩ ଜଣ ଖସି ବର୍ତ୍ତିଯିବାରେ ସଫଳ ହୋଇଥିବାବେଳେ ୧୫ ଜଣ ଆବର୍ଜନା ମଧ୍ୟରେ ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି।

### ମାଲଦାରେ ବିସ୍ଫୋରଣ, କଂଗ୍ରେସ ନେତା ମୃତ

ମାଲଦା, ୧୫।୯

ପଶ୍ଚିମବଙ୍ଗର ମାଲଦାସ୍ଥିତ ଧର୍ମପୁର ବଜାରରେ ରବିବାର ଏକ ବୋମା ବିସ୍ଫୋରଣ ଘଟି ସ୍ଥାନୀୟ କଂଗ୍ରେସ ନେତା ଶେଖ୍ ସେଫୁଦ୍ଦିନଙ୍କ ମୃତ୍ୟୁ ହୋଇଛି। ମାନିକଚକ ନିର୍ବାଚନମଣ୍ଡଳୀର ଗୋପାଳପୁର ଅଞ୍ଚଳରେ ଜଣେ ପ୍ରଭାବଶାଳୀ ନେତା ଭାବରେ ସେଫୁଦ୍ଦିନ ଜଣାଶୁଣା ଥିଲେ। ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସମର୍ଥିତ କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ସେଫୁଦ୍ଦିନଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏହି ଅଭିଯୋଗକୁ ଟିଏମ୍‌ସି ଅସ୍ୱୀକାର କରିଛି। ସେଫୁଦ୍ଦିନଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସ୍ଥିତି ଲାଗି ରହିଥିବାବେଳେ ପୋଲିସ ଏହି ବୋମା ବିସ୍ଫୋରଣର ତଦନ୍ତ ଆରମ୍ଭ କରିଛି।

## ହରିୟାଣା ଭାଜପା

# ମୁଖ୍ୟମନ୍ତ୍ରୀ ହେବାକୁ ଟଣାଓଟରା

**୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୫ରେ ହେବ, ଯାହାର ଫଳାଫଳ ୮ରେ ଆସିବ। ଯେଉଁ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବ, ସେହି ଦଳର ଜଣେ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ। କିନ୍ତୁ ଏହି ପଦ ପାଇଁ ଶାସକ ଭାଜପାରେ ଏବେଠୁ ଟଣାଓଟରା ଆରମ୍ଭ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଅନିଲ ଭିଜ୍ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରି ନିଜକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ୧ ନମ୍ବର ଦାବିଦାର ଘୋଷଣା କରିବା ପରେ ହରିୟାଣା ଭାଜପାର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି।**

ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୫।୯



ନାଏବ ସିଂ ସାଇନି



ଅନିଲ ଭିଜ୍



ରାଓ ଇନ୍ଦ୍ରଜିତ୍ ସିଂ

ହରିୟାଣାସ୍ଥିତ ଅମ୍ବାଲା କ୍ୟାଣ୍ଟେନମେଣ୍ଟ ଆସନର ଭାଜପା ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଅନିଲ ଭିଜ୍ ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସେ କହିଛନ୍ତି, ଭାଜପା ପୁନର୍ବାର କ୍ଷମତାସୀନ ହେଲେ ସେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଦାବି କରିବେ। କାରଣ ସେ ରାଜ୍ୟର ସବୁଠୁ ବରିଷ୍ଠ ବିଧାୟକ। ମୁଖ୍ୟମନ୍ତ୍ରୀ ହେବା ପାଇଁ ତାଙ୍କ ଉପରେ ଲୋକେ ପ୍ରବଳ ଚାପ ପକାଉଛନ୍ତି। ଭାଜପା ପୂର୍ବରୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ନାମ ଏହି ପଦବୀ ଲାଗି ଘୋଷଣା କରିସାରିଥିବାବେଳେ ଭିଜ୍‌ଙ୍କ ଦାବି ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ମଧ୍ୟ ରହିଛି। ତେବେ ଭିଜ୍‌ଙ୍କ ଦାବିଦାରି ଭାଜପା ଶୀର୍ଷ ନେତୃତ୍ୱଙ୍କ ଆଗରେ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ ବୋଲି କୁହାଯାଉଛି।

୬ ଥର ବିଧାୟକ ହୋଇସାରିଥିବା ଭିଜ୍ ନିଜ ପୋଷ୍ଟରେ ଆହୁରି କହିଛନ୍ତି, ତାଙ୍କୁ ସୁଯୋଗ ମିଳିଲେ ସେ ହରିୟାଣାରେ ବଡ଼ ଧରଣର ଉନ୍ନତି ଘଟାଇବେ। ଭିଜ୍ ପୂର୍ବରୁ ୨ ଥର ମୁଖ୍ୟମନ୍ତ୍ରୀ ହେଉ ହେଉ ଏହି ପଦ ତାଙ୍କ ହାତରୁ ଖସିଯାଇଥିଲା। ଥରେ ମନୋହର ଲାଲ ଖଟ୍ଟାର ଓ ଆଉ ଥରେ ସାଇନିଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ୨୦୧୪ରେ ଭିଜ୍ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ ଆଗରେ ରହିଥିଲେ। କିନ୍ତୁ କେନ୍ଦ୍ରୀୟ ନେତୃତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଘନିଷ୍ଠ ଖଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ କରିଥିଲେ। ସେତେବେଳେ ଭିଜ୍‌ଙ୍କୁ ଗୃହମନ୍ତ୍ରୀ କରାଯାଇଥିଲା, କିନ୍ତୁ ସେ କ୍ୟାବିନେଟ୍‌ର ସବୁଠୁ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ଉଭା ହୋଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଖଟ୍ଟାରଙ୍କୁ ଲୋକ ସଭା ପ୍ରାର୍ଥୀ କରାଯାଇଥିଲା। ମାର୍ଚ୍ଚ ୧୨ରେ ତାଙ୍କ ସ୍ଥାନରେ ଖଟ୍ଟାର ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା ବାନ୍ଧିଥିବାବେଳେ କେନ୍ଦ୍ରୀୟ ନେତୃତ୍ୱ ସାଇନିଙ୍କୁ ସୁଯୋଗ ଦେଇଥିଲେ। ଏପରି କି ଭିଜ୍‌ଙ୍କୁ ସାଇନିଙ୍କ କ୍ୟାବିନେଟ୍‌ରେ ସାମିଲ କରାଯାଇ ନ ଥିଲା। ତେଣୁ ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ନେଇ କ୍ଷୁବ୍ଧ ଥିବା ଭିଜ୍ ନିଜ ମହତ୍ତ୍ୱାକାଂକ୍ଷାକୁ ନେଇ ଖୋଲାଖୋଲି କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଫଳରେ ହରିୟାଣା ଭାଜପା ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏନେଇ ସ୍ପଷ୍ଟ କରିବାକୁ ପଡ଼ିଛି ଯେ, ସାଇନି ହିଁ ଦଳର ମୁଖ୍ୟମନ୍ତ୍ରୀ ଚେହେରା। କର୍ନାଲରେ ନିର୍ବାଚନ ପ୍ରଚାରବେଳେ ଧର୍ମେନ୍ଦ୍ରଙ୍କୁ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି, ଭିଜ୍ ଭାଜପାର ଜଣେ କର୍ମୀ ଭାବେ ଏପରି କହିଥାଇପାରନ୍ତି। କିନ୍ତୁ ନାଏବ ସିଂ ସାଇନି ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ।

> ମୁଁ ଆଜିଯାଏ ଦଳରୁ କିଛି ଆଶା କରି ନ ଥିଲି। ଲୋକେ ମୋତେ ପ୍ରଶ୍ନ କରୁଛନ୍ତି, ବରିଷ୍ଠତମ ବିଧାୟକ ହୋଇ ମଧ୍ୟ କାହିଁକି ମୁଖ୍ୟମନ୍ତ୍ରୀ ହୋଇପାରୁ ନାହିଁ। ଲୋକଙ୍କ କହିବା ଅନୁସାରେ ମୁଁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିବି। ଭାଜପା ମୋତେ କରିବ କି ନାହିଁ, ତାହା ଦଳ ଉପରେ ନିର୍ଭର କରେ। କିନ୍ତୁ ମୁଁ ମୁଖ୍ୟମନ୍ତ୍ରୀ ହେଲେ ହରିୟାଣାର ଭାଗ୍ୟ ଓ ଚେହେରା ସମ୍ପୂର୍ଣ୍ଣ ଭାବେ ବଦଳାଇଦେବି।
> **-ଅନିଲ ଭିଜ୍, ବରିଷ୍ଠ ଭାଜପା ନେତା**

### ହରିୟାଣାବାସୀ ମୋତେ ଚାହୁଁଛନ୍ତି: ଇନ୍ଦ୍ରଜିତ୍

ହରିୟାଣାର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଭିଜ୍ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଲାଗିରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ ମଧ୍ୟ ଏହି ପଦ ପାଇଁ ଆଶାୟୀ ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସାଇନିଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛନ୍ତି। କିନ୍ତୁ ହରିୟାଣାବାସୀ ମୋତେ ମୁଖ୍ୟମନ୍ତ୍ରୀ କରାଇବାକୁ ଚାହୁଁଛନ୍ତି। ଏହା ମୋର ବ୍ୟକ୍ତିଗତ ଆଗ୍ରହ ନୁହେଁ, ବରଂ ଲୋକଙ୍କ ଦାବି ବୋଲି ଇନ୍ଦ୍ରଜିତ କହିଛନ୍ତି। ଗୁରୁଗ୍ରାମ ଏମ୍‌ପି ଇନ୍ଦ୍ରଜିତ ଆହୁରି କହିଛନ୍ତି, ଆମ ଦକ୍ଷିଣ ହରିୟାଣାର ସମର୍ଥନ ପାଇ ନ ଥିଲେ, ଭାଜପା ରାଜ୍ୟରେ ଲଗାତାର ଦ୍ୱିତୀୟ ଥର କ୍ଷମତାସୀନ ହୋଇପାରି ନ ଥାନ୍ତା।

### ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ ହେବ

ନୂଆଦିଲ୍ଲୀ,୧୫।୯(ପି.ଟି.)

ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ କାର୍ଯ୍ୟକାଳରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' କାର୍ଯ୍ୟକାରୀ ହେବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏହି ସଂସ୍କାରମୂଳକ ପଦକ୍ଷେପକୁ ଦଳ ନିର୍ବିଶେଷରେ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାର ୧୦୦ ଦିନ ପୂରଣ କରିଛି ଏବଂ ପୂରା ୫ ବର୍ଷ ଶାସକ ମେଣ୍ଟ ଅତୁଟ ରହିବ ବୋଲି କୁହାଯାଉଛି। ଏହି ୫ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଏକ ରାଷ୍ଟ୍ର ଏକ ନିର୍ବାଚନ ବାସ୍ତବ ରୂପ ନେବ ବୋଲି ଜଣେ ପଦାଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ସ୍ୱାଧୀନତା ଦିବସ ପାଳନବେଳେ ଲାଲ୍‌କିଲ୍ଲାରୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ 'ୱାନ୍ ନେଶନ, ୱାନ୍ ଇଲେକ୍ସନ'ଉପରେ ଗୁରୁତ୍ୱ ଦେଇଥିଲେ। ବାରମ୍ବାର ନିର୍ବାଚନ ହେବା ଦ୍ୱାରା ଦେଶର ବିକାଶ ବାଧାପ୍ରାପ୍ତ ହେଉଥିବା ସେ କହିଥିଲେ। ସୂଚନାଯୋଗ୍ୟ, ଭାଜପାର ଲୋକ ସଭା ନିର୍ବାଚନ ଇସ୍ତାହାରରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଅନ୍ୟତମ ମୁଖ୍ୟ ପ୍ରତିଶ୍ରୁତି ଥିଲା। ଗତ ମାର୍ଚ୍ଚରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ଏକସଙ୍ଗେ ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ସୁପାରିସ କରିଛନ୍ତି। ଏହାର ୧୦୦ ଦିନ ମଧ୍ୟରେ ପୌରସଭା ଓ ପଞ୍ଚାୟତଗୁଡ଼ିକ ପାଇଁ ନିର୍ବାଚନ ହେବ।



ହମାସ୍ କବଳରୁ ପଣବନ୍ଦୀମାନଙ୍କୁ ମୁକ୍ତ କରିବା ଦାବିରେ ରବିବାର ତେଲ୍ ଆଭିଭରେ ଇସ୍ରାଏଲୀଙ୍କ ଅଭିନବ ବିକ୍ଷୋଭ।

### କେନ୍ଦ୍ରୀୟ ଇସ୍ରାଏଲ୍‌ରେ ହୁଟିର ମିଶାଇଲ ମାଡ଼

ଜେରୁଜେଲମ୍,୧୫।୯

ଉତ୍ତର ୟେମେନ୍‌କୁ ନିୟନ୍ତ୍ରଣରେ ରଖିଥିବା ଇରାନ ସମର୍ଥିତ ହୁଟି ବିଦ୍ରୋହୀମାନେ ରବିବାର ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଇସ୍ରାଏଲ୍‌ରେ କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ସେମାନଙ୍କୁ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଚେତାବନୀ ଦେଇଛନ୍ତି। ହୁଟି ସାମରିକ ମୁଖପାତ୍ର ୟାହୟା ସାରେଆଙ୍କ କହିବା ଅନୁଯାୟୀ, ସେମାନେ ଛାଡ଼ିଥିବା ନୂଆ ହାଇପରସୋନିକ୍ ବାଲିଷ୍ଟିକ୍ ମିଶାଇଲ ମାତ୍ର ୧୧.୫ ମିନିଟରେ ୨,୦୪୦ କିଲୋମିଟର ଅତିକ୍ରମ କରି କେନ୍ଦ୍ରୀୟ ଇସ୍ରାଏଲ୍‌ରେ ମାଡ଼ କରିଥିଲା। ତେବେ ଏହା ଏକ ଖୋଲା ସ୍ଥାନରେ ପଡ଼ିଥିବାରୁ କେହି ମୃତାହତ ହୋଇନାହାନ୍ତି। କ୍ଷେପଣାସ୍ତ୍ର ପଡ଼ିବା ପୂର୍ବରୁ ସକାଳ ୬ଟା ୩୫ ମିନିଟ୍ ସମୟରେ ତେଲ୍ ଆଭିଭ୍ ଏବଂ କେନ୍ଦ୍ରୀୟ ଇସ୍ରାଏଲ୍‌ରେ ଏୟାର ରେଡ୍ ସାଇରନ୍ ବାଜିଉଠିବାରୁ ଲୋକମାନେ ଘରକୁ ପଳାଇଥିଲେ। ଏକ ଖୋଲା ସ୍ଥାନରୁ ପ୍ରବଳ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ଗତ ଜୁଲାଇରେ ତେଲ୍ ଆଭିଭ୍‌ରେ ହୁଟି ବିଦ୍ରୋହୀ ଡ୍ରୋନ୍ ଆକ୍ରମଣ କରିବାରୁ ଇସ୍ରାଏଲ୍ ଏହାର ଜବାବରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏବେ ହୁଟି କ୍ଷେପଣାସ୍ତ୍ର ଆକ୍ରମଣ କରିଥିବାରୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି କ୍ୟାବିନେଟ ବୈଠକରେ ନେତାନ୍ୟାହୁ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରୁ ଇସ୍ରାଏଲ୍ ଗାଜାରେ ଯୁଦ୍ଧ ଚଳାଇଥିବାବେଳେ ହୁଟି ବିଦ୍ରୋହୀମାନେ ବାରମ୍ବାର ମିଶାଇଲ ଏବଂ ଡ୍ରୋନ୍‌ରେ ଜେରୁଜେଲମ୍‌କୁ ଟାର୍ଗେଟ କରିଆସୁଛନ୍ତି।

### ୬୫୦ କୋଟିରେ ୬ ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

ରାଞ୍ଚି,୧୫।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଝାଡ଼ଖଣ୍ଡର ରାଞ୍ଚିରୁ ଭର୍ଚୁଆଲ ମୋଡ୍‌ରେ ୬ଟି ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡର ଟାଟାନଗରରୁ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ପ୍ରତିକୂଳ ପାଗ ଯୋଗୁ ତାଙ୍କ ହେଲିକପ୍ଟର ଟାଟାନଗର ଯାଇ ନ ପାରିବାରୁ ସେ ରାଞ୍ଚିରୁ ଟ୍ରେନ୍‌ଗୁଡ଼ିକୁ ଲୋକାର୍ପଣ କରିଥିଲେ। ୬ ନୂଆ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟରୁ ଗୋଟିଏ ଲେଖାଏ ଟାଟାନଗରରୁ ପାଟନା, ବ୍ରହ୍ମପୁରରୁ ଟାଟାନଗର, ରାଉରକେଲାରୁ ହାଓଡା, ଦେଓଗଡ଼ରୁ ବାରାଣସୀ, ଭାଗଲପୁରରୁ ହାଓଡା ଏବଂ ଗୟାରୁ ହାଓଡା ଚଳାଚଳ କରିବ। ୬୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅତ୍ୟାଧୁନିକ ସୁବିଧା ରହିଥିବା ଏହି ଟ୍ରେନ୍‌ଗୁଡ଼ିକର ଚଳାଚଳ ଯୋଗୁ ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଉତ୍ତର ପ୍ରଦେଶର ଲୋକେ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ଝାଡ଼ଖଣ୍ଡରୁ ଗୁଜରାଟ ଯାଇ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିବେ। ତାଙ୍କ ୩ ଦିନିଆ ଗସ୍ତବେଳେ ସେ ଏହିସବୁ ରାଜ୍ୟ ପାଇଁ ମୋଟ ୧୨,୪୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆଦିବାସୀ, ଗରିବ, ଯୁବ ଓ ମହିଳାଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଉକ୍ତ ପ୍ରକଳ୍ପଗୁଡ଼ିକରୁ ଏହି ବର୍ଗର ଲୋକେ ବିଶେଷ ଭାବେ ଉପକୃତ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ମହିଳାଙ୍କୁ ଡରାଇ ସହମତିରେ ଯୌନ ସମ୍ପର୍କ ବଳାତ୍କାର: ହାଇକୋର୍ଟ

ପ୍ରୟାଗରାଜ,୧୫।୯(ପି.ଟି.)

ମହିଳାଙ୍କୁ ଭୟଭୀତ କରାଇ କିମ୍ବା ତାଙ୍କଠାରେ ଭୁଲ୍ ଧାରଣା ଜନ୍ମାଇ ସହମତିରେ ଯୌନ ସମ୍ପର୍କ ରଖିବା ବଳାତ୍କାର ବୋଲି ଆହ୍ଲାହାବାଦ ହାଇକୋର୍ଟ ଏକ ରାୟରେ କହିଛନ୍ତି। ରାଘବ କୁମାର ଜଣେ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଯୌନ ସମ୍ପର୍କ ରଖିଥିବାରୁ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗରେ ଆଗ୍ରା କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏହାକୁ ରାଘବ ଆହ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲାବେଳେ ଜଷ୍ଟିସ୍ ଅନିସ୍ କୁମାର ଗୁପ୍ତା ତାଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ରାଘବ ପ୍ରଥମେ ମହିଳାଙ୍କୁ ବେହୋସ କରାଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ସେ ବିବାହ ପ୍ରଲୋଭନ ଦେଖାଇ କ୍ରମାଗତ ଯୌନ ସମ୍ପର୍କ ରଖିଆସୁଥିଲେ। ଉଭୟ ପରସ୍ପରର ଜଣାଶୁଣା ଏବଂ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେମାନଙ୍କ ମଧ୍ୟରେ ସହମତିରେ ଶାରୀରିକ ସମ୍ପର୍କ ଥିଲା। ତେଣୁ ଏହା ବଳାତ୍କାର ନୁହେଁ ବୋଲି ରାଘବଙ୍କ ଓକିଲ କହିଥିଲେ। ସରକାରୀ ଓକିଲ କହିଥିଲେ, ମହିଳାଙ୍କୁ ପ୍ରତାରିତ କରି ସମ୍ପର୍କ ରଖାଯାଇଥିଲା ଏବଂ ଅଭିଯୁକ୍ତ ବଳପ୍ରୟୋଗ କରିଥିଲେ। ଯୌନ ସମ୍ପର୍କ ପାଇଁ ଏହାକୁ ପ୍ରତିପକ୍ଷଙ୍କ ସହମତି ବୋଲି କୁହାଯାଇପାରିବ ନାହିଁ। ମହିଳାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ପ୍ରତାରିତ କରି ଓ ଧମକ ଦେଇ ସମ୍ପର୍କ ରଖିଥିବାରୁ ଆବେଦନକାରୀଙ୍କୁ ବଳାତ୍କାର ମାମଲାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି।

### ସବୁ ଡାକ୍ତରଙ୍କର ରହିବ ଏକକ ପରିଚୟ

ନୂଆଦିଲ୍ଲୀ,୧୫।୯(ପି.ଟି.)

**ଏନ୍‌ଏମ୍‌ସି ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ**

ସମସ୍ତ ଡାକ୍ତରଙ୍କର ଏକକ ପରିଚୟପତ୍ର ରହିବ। ଏଥିପାଇଁ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ଭାରତରେ ଚିକିତ୍ସା କରିବାକୁ ଯୋଗ୍ୟ ସମସ୍ତ ଏମ୍‌ବିବିଏସ୍ ଡାକ୍ତରଙ୍କର ପଞ୍ଜୀକରଣ ପ୍ରକ୍ରିୟା ସଦ୍ୟ ଲଞ୍ଚ୍ ହୋଇଥିବା ପୋର୍ଟାଲରେ ଆରମ୍ଭ କରିଛି। ନ୍ୟାଶନାଲ ମେଡିକାଲ ରେଜିଷ୍ଟର (ଏନ୍‌ଏମ୍‌ଆର୍) ସମସ୍ତ ପଞ୍ଜୀକୃତ ଡାକ୍ତରଙ୍କର ଏକ ଗତିଶୀଳ ଡେଟାବେସ୍, ଯାହାର ପ୍ରାମାଣିକତା ଆଧାର ଆଇଡି ସହ ଯାଞ୍ଚ କରାଯିବ। ଡାକ୍ତରମାନଙ୍କ ପଞ୍ଜୀକରଣ ପାଇଁ ଏନ୍‌ଏମ୍‌ଆର୍ ପ୍ରସ୍ତୁତ ହୋଇଥିବା ଏନ୍‌ଏମ୍‌ସି ସମ୍ପାଦକ ଡ. ବି. ଶ୍ରୀନିବାସ କହିଛନ୍ତି। ଇଣ୍ଡିଆନ୍ ମେଡିକାଲ ରେଜିଷ୍ଟରରେ ପଞ୍ଜୀକୃତ ହୋଇଥିବା ସମସ୍ତ ଏମ୍‌ବିବିଏସ୍ ଡାକ୍ତର ପୁଣିଥରେ ଏନ୍‌ଏମ୍‌ଆର୍‌ରେ ପଞ୍ଜୀକରଣ କରାଇବେ ବୋଲି ଏନ୍‌ଏମ୍‌ସି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସମସ୍ତ ମେଡିକାଲ କଲେଜ/ଶିକ୍ଷାନୁଷ୍ଠାନ, ରାଜ୍ୟ ମେଡିକାଲ କାଉନ୍‌ସିଲଗୁଡ଼ିକୁ ଉକ୍ତ ପୋର୍ଟାଲରେ ଇଣ୍ଟରଲିଙ୍କ୍ କରାଯାଇଛି।

### ୫ ଘଣ୍ଟା ବିଳମ୍ବ ପରେ ବିମାନ ରଦ୍ଦ, ଫସି ରହିଲେ ୩୦୦ ଯାତ୍ରୀ





ମୁମ୍ବାଇ, ୧୫।୯

ମୁମ୍ବାଇରୁ ଦୋହା ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ୬ଇ ୧୩୦୩ ବିମାନରେ ବୈଷୟିକଜନିତ ତ୍ରୁଟି ଦେଖାଯିବା ଯୋଗୁ ରବିବାର ଏହାର ଉଡ଼ାଣରେ ବାରମ୍ବାର ବିଳମ୍ବ ଘଟିଥିଲା ଏବଂ ପରିଶେଷରେ ଏହି ବିମାନକୁ ରଦ୍ଦ କରିଦିଆଯାଇଥିଲା। ଉକ୍ତ ବିମାନରେ ପ୍ରାୟ ୨୫୦ରୁ ୩୦୦ ଯାତ୍ରୀ ଉପସ୍ଥିତ ଥିଲେ। ତେବେ ଯାତ୍ରୀମାନଙ୍କୁ ୫ ଘଣ୍ଟା ଧରି ବିମାନରେ ବସିବାକୁ ବାଧ୍ୟ କରାଯାଇଥିବା ସହ ସେମାନଙ୍କୁ ବିମାନରୁ ଓହ୍ଲାଇବାକୁ ଅନୁମତି ଦିଆଯାଇ ନ ଥିଲା। ଫଳରେ ବହୁ ଯାତ୍ରୀ ଇଣ୍ଡିଗୋ ଏୟାରଲାଇନ୍ସ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବିମାନ ରଦ୍ଦକୁ ନେଇ ଇଣ୍ଡିଗୋ ଏୟାରଲାଇନ୍ସ ମୁଖପାତ୍ର କ୍ଷମା ପ୍ରାର୍ଥନା କରିଛନ୍ତି। ବିମାନ ଉଡାଣ ପାଇଁ ଅନେକ ଚେଷ୍ଟା କରାଯାଇଥିବା ସତ୍ତ୍ୱେ ମଧ୍ୟ କ୍ରିଉ ସଦସ୍ୟ ବିଫଳ ହୋଇଥିବା ସେ କହିଛନ୍ତି। ହୋଟେଲରେ ସମସ୍ତ ଯାତ୍ରୀଙ୍କ ରହଣୀ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ସେମାନଙ୍କୁ ଦୋହାରେ ପହଞ୍ଚାଇବାକୁ ଅନ୍ୟ ବିମାନ ବୁକ୍ କରାଯାଇଛି ବୋଲି ସେ କହିଛନ୍ତି।

### ମଣିଷ ଉପରେ ମହାକାଶ ଯାତ୍ରାର ପ୍ରଭାବ ଗବେଷଣା ସମୃଦ୍ଧ ହେବ

ୱାଶିଂଟନ, ୧୫।୯

**୫ ଦିନ ପରେ ପୃଥିବୀ ପୃଷ୍ଠକୁ ଫେରିଲେ 'ପୋଲାରିସ୍ ଡନ୍'ର ୪ ଆଷ୍ଟ୍ରୋନଟ୍**



'ପୋଲାରିସ୍ ଡନ୍' ମିଶନକୁ ସମାପ୍ତ କରି କମର୍ସିଆଲ ଆଷ୍ଟ୍ରୋନଟ୍ ଜରେଡ୍ ଇସାକ୍‌ମ୍ୟାନ ଡ୍ରାଗନ କ୍ୟାପସୁଲରୁ ବାହାରୁଛନ୍ତି।

ଆମେରିକୀୟ ମହାକାଶଯାନ ନିର୍ମାତା କମ୍ପାନୀ 'ସ୍ପେସ୍‌ଏକ୍ସ'ର 'ପୋଲାରିସ୍ ଡନ୍' ମିଶନ ସଫଳତାର ସହ ସମାପ୍ତ ହୋଇଛି। ଫ୍ଲୋରିଡାର ଡ୍ରାଏ ଟର୍ଟୁଗାସ ଦ୍ୱୀପ ଉପକୂଳରେ ୪ ମହାକାଶଚାରୀଙ୍କ ସହ ଡ୍ରାଗନ୍ କ୍ୟାପ୍‌ସୁଲ ସଫଳତାର ସହ ଅବତରଣ କରିଛି। ମହାକାଶରୁ ଫେରିବା ବେଳେ ଘଣ୍ଟା ପ୍ରତି ୨୭ ହଜାର କି.ମି. ବେଗ ସହ ଡ୍ରାଗନ୍ କ୍ୟାପସୁଲ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ତେବେ ଅବତରଣ କରିବା ସମୟରେ ଏହି ମହାକାଶଯାନର ଗତି ମନ୍ଥର ହୋଇଯାଇଥିଲା। ଏହାର ବେଗକୁ ଆହୁରି ମନ୍ଥର କରିବା ପାଇଁ ପାରାଚ୍ୟୁଟ ଖୋଲାଯାଇଥିଲା ଏବଂ ଏହା ସମୁଦ୍ର ଜଳରେ ଅବତରଣ କରିଥିଲା।

ଏହି ମିଶନ ଅନେକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ୫ ଦିନିଆ ମିଶନରେ ଥିବା ୪ ଜଣ ନନ୍‌ପ୍ରଫେସନାଲ ଆଷ୍ଟ୍ରୋନଟ୍ ପୃଥିବୀଠାରୁ ୧୪୦୦ କିଲୋମିଟର ଉଚ୍ଚତାରେ ପହଞ୍ଚିଥିଲେ। ଏହାସହ ୧୯୭୨ ମସିହା ପରଠାରୁ ପ୍ରଥମ ଥର ପାଇଁ କୌଣସି ମହାକାଶ ଯାନ କ୍ରିଉ ସଦସ୍ୟଙ୍କ ସହ ମହାକାଶର ସର୍ବାଧିକ ଉଚ୍ଚତାରେ ପହଞ୍ଚିବାକୁ ସଫଳ ହୋଇଥିଲା। ସେହିପରି ଏହି ମିଶନରେ ପ୍ରଥମ ପ୍ରାଇଭେଟ ସ୍ପେସ୍ ୱାକ୍ ଅନୁଷ୍ଠିତ ହୋଇଥିଲା। ୨ ନନ୍ ପ୍ରଫେସ୍‌ନାଲ ଆଷ୍ଟ୍ରୋନଟ୍ ତଥା ଆମେରିକୀୟ ଉଦ୍ୟୋଗୀ ଜରେଡ୍ ଇସାକ୍‌ମ୍ୟାନ ଏବଂ ସ୍ପେସ୍ ଏକ୍ସର ଅପରେଶନ ଇଞ୍ଜିନିୟର ସାରାହ ଗିଲିସ୍ ପୃଥିବୀଠାରୁ ୭୦୦ କି.ମି ଉଚ୍ଚରେ ସ୍ପେସ୍ ୱାକ୍ କରିଥିଲେ। ସେହିପରି 'ପୋଲାରିସ୍ ଡନ୍' ମିଶନରେ ମାନବ ସ୍ୱାସ୍ଥ୍ୟ ଏବଂ ମହାକାଶ ନିରାପତ୍ତା ସହ ଜଡ଼ିତ ୪୦ଟି ବୈଜ୍ଞାନିକ ପରୀକ୍ଷଣ ମଧ୍ୟ କରାଯାଇଥିବା ନେଇ ସ୍ପେସ୍‌ଏକ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରସିଦ୍ଧ ବିଲିୟନେୟାର ମସ୍କଙ୍କ ସ୍ପେସ୍‌ଏକ୍ସ ପକ୍ଷରୁ ଗତ ୧୦ରେ ଫାଲ୍‌କନ୍-୯ ରକେଟ ଦ୍ୱାରା 'ପୋଲାରିସ୍ ଡନ୍' ମିଶନକୁ ଲଞ୍ଚ୍ କରାଯାଇଥିଲା। ଏହି ମିଶନର ଉଦ୍ଦେଶ୍ୟ ମହାକାଶରେ ପ୍ରଥମ ପ୍ରାଇଭେଟ ସ୍ପେସ୍ ୱାକ୍ କରିବା ସହ ମାନବ ସ୍ୱାସ୍ଥ୍ୟ ଏବଂ ମହାକାଶ ନିରାପତ୍ତା ସହ ଜଡ଼ିତ ବିଭିନ୍ନ ତଥ୍ୟ ହାସଲ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସ୍ପେସ୍ ଏକ୍ସ କହିଛି। ଉକ୍ତ ମିଶନରୁ ସଂଗୃହିତ ତଥ୍ୟ ମାନବ ଶରୀର ଉପରେ ମହାକାଶ ଭ୍ରମଣର ପ୍ରଭାବ ବିଷୟରେ ରିସର୍ଚ୍ଚ କରିବାକୁ ଯଥେଷ୍ଟ ସହାୟକ ହେବ। ସେହିପରି ମଙ୍ଗଳ ଗ୍ରହକୁ ସମ୍ଭାବ୍ୟ ଯାତ୍ରା ସମେତ ଭବିଷ୍ୟତର ମହାକାଶ ସମ୍ବନ୍ଧୀୟ ବିଭିନ୍ନ ମିଶନ ପାଇଁ ଏହି ତଥ୍ୟ ବାଟ ଖୋଲିବ ବୋଲି ସ୍ପେସ୍‌ଏକ୍ସ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୬/୨୦୨୪ | Bhubaneswar, Monday, September 16/2024 | ପୃଷ୍ଠା-୧

# ଇସ୍ତଫା ଦେବେ କେଜ୍‌ରିୱାଲ

## ସୁପ୍ରିମକୋର୍ଟ ନ୍ୟାୟ ଦେଇଛନ୍ତି, ଲୋକଙ୍କ ନ୍ୟାୟକୁ ଅପେକ୍ଷା

**ନୂଆଦିଲ୍ଲୀ,୧୫।୯**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୨ ଦିନ ପରେ ନିଜ ପଦରୁ ଇସ୍ତଫା ଦେବେ। ସୁପ୍ରିମକୋର୍ଟରୁ ଜାମିନ ପାଇ ତିହାର ଜେଲରୁ ମୁକୁଳିବାର ୨ ଦିନ ପରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନେଇ ଅପ୍ରତ୍ୟାଶିତ ଭାବେ ଘୋଷଣା କରିଛନ୍ତି, ଯାହାକୁ ନେଇ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କେଜ୍‌ରିୱାଲଙ୍କ ଆକସ୍ମିକ ପଦତ୍ୟାଗ ପଦକ୍ଷେପକୁ ଆପ୍ ତାଙ୍କ ପାଇଁ 'ଅଗ୍ନି ପରୀକ୍ଷା' ବୋଲି ଅଭିହିତ କରିଥିବାବେଳେ ଭାଜପା ଏହାକୁ ଲୋକଦେଖାଣିଆ ଓ ଡ୍ରାମା କହି ସମାଲୋଚନା କରିଛି।

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ଦୁର୍ନୀତି ମାମଲାରେ ଗିରଫ ହୋଇ ୬ ମାସ ଜେଲରେ ରହିବା ପରେ ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ସେ ରବିବାର ଅପରାହ୍ଣରେ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ସହ ଆପ୍ ମୁଖ୍ୟାଳୟକୁ ଯାଇ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ କେଜ୍‌ରିୱାଲ କହିଛନ୍ତି, ସେ ୨ ଦିନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଲୋକଙ୍କଠାରୁ ଜନାଦେଶ ନ ପାଇବା ଯାଏ ସେ ମୁଖ୍ୟମନ୍ତ୍ରୀ ଆସନରେ ☞ପୃଷ୍ଠା-୨


ଅରବିନ୍ଦ କେଜ୍‌ରିୱାଲ

### ମାଷ୍ଟରଷ୍ଟ୍ରୋକ୍ ନା ହାଇରିସ୍କ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଅରବିନ୍ଦ କେଜ୍‌ରିୱାଲଙ୍କ ଇସ୍ତଫା ଘୋଷଣାକୁ ନେଇ ରାଜନୈତିକ ମହଲରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ କେଜ୍‌ରିୱାଲ ନୈତିକତା ଦୃଷ୍ଟିରୁ ଏଭଳି ଘୋଷଣା କରି ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। କ୍ଷମତା ପାଇଁ ତାଙ୍କର ଲୋଭ ନାହିଁ। ତେଣୁ ଲୋକେ କହିଲେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ। ଅନ୍ୟପକ୍ଷେ ସମାଲୋଚକଙ୍କ ମତରେ ଆପ୍ ମୁଖ୍ୟଙ୍କ ପାଇଁ ଏହା ଏକ ହାଇରିସ୍କ। ସେ ଯେତେ ଡ୍ରାମା କଲେ ବି କ୍ଷମତାକୁ ଆଉ ଫେରିପାରିବେ ନାହିଁ। ଆପ୍ ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା କହିଛନ୍ତି, ଅଗ୍ନିପରୀକ୍ଷା ☞ପୃଷ୍ଠା-୨

## ଗୁଣି ସନ୍ଦେହରେ ୫ ଜଣଙ୍କୁ ପିଟି ହତ୍ୟା

**ମାଲକାନଗିରି,୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ର ଆଦିବାସୀ ଅଧ୍ୟୁଷିତ ସୁକମା ଜିଲା ଅନ୍ତର୍ଗତ ଏକତାଲ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଗୋଟିଏ ପରିବାରର ୨ ଦମ୍ପତି ଓ ଅନ୍ୟ ଜଣେ ମହିଳାଙ୍କୁ ରବିବାର ଗ୍ରାମବାସୀ ପିଟି ମାରିଦେଇଛନ୍ତି। ପୋଲିସ ଉକ୍ତ ଗାଁର ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତକମାନେ ହେଲେ ମୌସମ କାନ୍ନା(୩୪), ତାଙ୍କ ସ୍ତ୍ରୀ ମୌସମ ବିରି, ମୌସମ ବୁଛା(୩୪), ତାଙ୍କ ସ୍ତ୍ରୀ ମୌସମ ଅର୍ଜୁ(୩୨) ଏବଂ ଅନ୍ୟ ଜଣେ ମହିଳା କର୍କା ଲାଛି(୪୩)। ପୋଲିସ ଅଫିସରମାନେ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗତ ଗୁରୁବାର ବାଲୁଦବଜାର-ଭାଟପଡ଼ା ଜିଲାରେ ଗୁଣି ସନ୍ଦେହରେ ଜଣେ ଶିଶୁ ସମେତ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଥିଲା।

ଦକ୍ଷିଣ, ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ ହେବ 'ବନ୍ଦେ ଭାରତ' ୩

**ଆଜିର ସମ୍ପାଦକୀୟ**

ଜନସାଧାରଣଙ୍କ କୋର୍ଟରେ ବଲ୍

**ଆଜିର ମନ୍ତବ୍ୟ**

"ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଅନୁଷ୍ଠାନଗୁଡ଼ିକୁ ଭାଙ୍ଗିବା ଏବଂ ଏହାର ସଂହତି କ୍ଷୁଣ୍ଣ କରିବାକୁ ଗତ ୧୦ ବର୍ଷ ହେଲା ଏକ ସଂଗଠିତ ଉଦ୍ୟମ ହୋଇଆସୁଛି।

-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

# ସୁଭଦ୍ରା: ହିତାଧିକାରୀଙ୍କ ଆକାଉଣ୍ଟକୁ ଗଲା ୧ ଟଙ୍କା

**ଭୁବନେଶ୍ୱର, ୧୫।୯(ସୁନିତ୍ ମିଶ୍ର)**

ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପରୀକ୍ଷାମୂଳକ ଭାବେ ୧ ଟଙ୍କା ଲେଖାଏଁ ପଠାଯାଇଛି ବୋଲି ରବିବାର 'ସୁଭଦ୍ରା' ସଚେତନତା ପଦଯାତ୍ରା ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟରେ 'ସୁଭଦ୍ରା' ଯୋଜନାକୁ ନେଇ ମହିଳାଙ୍କ ମଧ୍ୟରେ ଉତ୍ସାହ ବଢୁଛି। ଏବେ ସୁଦ୍ଧା ଏହି ଯୋଜନା ପାଇଁ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିସାରିଲେଣି। ଏହି ଯୋଜନାରେ ରେଜିଷ୍ଟ୍ରେଶନ ପାଇଁ ବଢୁଥିବା ଗହଳିକୁ ଦେଖି ସ୍ପଷ୍ଟ ଅନୁମେୟ ହେଉଛି, ଓଡ଼ିଶାରେ ମହିଳାମାନେ 'ସୁଭଦ୍ରା'କୁ ଆପଣେଇଛନ୍ତି। ଏହାକୁ ଏକ ସଫଳ ଯୋଜନା କରିବା ପାଇଁ ରାଜ୍ୟ ସରକାରଙ୍କ ସହ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି ବୋଲି ସେ କହିଛନ୍ତି।

### ସବୁ ରାଜସ୍ୱ ଗ୍ରାମରେ ହେବ ସୁଭଦ୍ରା ପଦଯାତ୍ରା

ସାରା ରାଜ୍ୟରେ 'ସୁଭଦ୍ରା' ସଚେତନତା ପଦଯାତ୍ରା ଚାଲିଛି। ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୩ ଗିରିଦୁର୍ଗା ମନ୍ଦିର ନିକଟରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ 'ସୁଭଦ୍ରା ସଚେତନତା ପଦଯାତ୍ରା' କରାଯାଇଛି। ଏହି ପଦଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି. ସିଂଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସାମିଲ୍ ହୋଇଛନ୍ତି। ☞ପୃଷ୍ଠା-୨










# ଜନସାଧାରଣଙ୍କ କୋର୍ଟରେ ବଲ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ସୁପ୍ରିମକୋର୍ଟ ୧୩ ସେପ୍ଟେମ୍ବରରେ ଦିଲ୍ଲୀ ଅବକାରୀ ନୀତି ନେଇ ମନି ଲଣ୍ଡରିଂ ଅଭିଯୋଗ ସଂକ୍ରାନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ମାମଲାରେ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ଜେଲରୁ ମୁକ୍ତ ହେବା ପରେ ୧୫ ସେପ୍ଟେମ୍ବରରେ ସେ କହିଛନ୍ତି, ଆସନ୍ତା ଦୁଇଦିନ ପରେ ପଦବୀରୁ ଇସ୍ତଫା ଦେବେ। ଏଥିସହିତ ଦିଲ୍ଲୀରେ ଶୀଘ୍ର ନିର୍ବାଚନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ଫେବୃୟାରୀ ୨୦୨୫ରେ ହେବାକୁ ଥିବାବେଳେ ୨୦୨୪ ନଭେମ୍ବରରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହ ମତଦାନ କରିବା ସକାଶେ କେଜରିୱାଲ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଉପରଲିଖିତ ମାମଲାରେ ପ୍ରଥମେ ୨୧ ମାର୍ଚ୍ଚ ୨୦୨୪ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେଜ୍‌ରିୱାଲ୍‌ଙ୍କୁ ଗିରଫ କରିଥିବା ବେଳେ ୨୬ ଜୁନ୍‌ରେ ସିବିଆଇ ମଧ୍ୟ ଗିରଫ କରିଥିଲା। ଦର୍ଶାଯାଇପାରେ, ଇଡି ଏବଂ ସିବିଆଇ ମାମଲା ମିଶିଲେ ସେ ୧୨୫ ଦିନ ଜେଲରେ ରହିଥିଲେ। ୨୦୨୪ ନିର୍ବାଚନ ବେଳେ ୨୧ ଦିନ ପ୍ରଚାର ପାଇଁ ତାଙ୍କୁ ଛଡ଼ାଯାଇଥିଲା। ପୂର୍ବରୁ ଇଡି ମାମଲାରେ ତାଙ୍କୁ ଜାମିନ ମିଳିଥିବାବେଳେ ସଦ୍ୟ ଘଟଣା କ୍ରମରେ ସିବିଆଇ ମାମଲାରେ ସୁପ୍ରିମକୋର୍ଟ ଏବେ ତାଙ୍କୁ ଜାମିନ ଦେଇଛନ୍ତି। ଜାମିନ ଦେବାବେଳେ ସିବିଆଇର ଭୂମିକାକୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଥିଲେ। ସିବିଆଇକୁ ପଞ୍ଜୁରି ଭିତରେ ଶୁଆ ବୋଲି ସୁପ୍ରିମକୋର୍ଟ ବହୁ ଆଗରୁ ଆଖ୍ୟା ଦେଇଥିଲେ। କେଜ୍‌ରିୱାଲଙ୍କ ମାମଲାରେ କହିଛନ୍ତି, ଏବେ ସମୟ ଆସିଛି ତଦନ୍ତ ସଂସ୍ଥା ନିଜ ଭାବମୂର୍ତ୍ତିକୁ ସୁଧାରି ନିଜକୁ ଏକ ମୁକ୍ତ ଶୁଆ ଭାବେ ପ୍ରମାଣିତ କରିବା ଦରକାର। ଅବଶ୍ୟ ସୁପ୍ରିମକୋର୍ଟ ଏହିସବୁ କହୁଥିଲାବେଳେ କେଜ୍‌ରିୱାଲଙ୍କ ପାଇଁ ଅନେକ ସର୍ତ୍ତ ରଖିଛନ୍ତି। ସେ ସେକ୍ରେଟାରିଏଟ୍‌କୁ ଯାଇପାରିବେ ନାହିଁ। କୌଣସି ଫାଇଲ୍‌ରେ ଦସ୍ତଖତ କରିପାରିବେ ନାହିଁ। ସେ ସାକ୍ଷୀମାନଙ୍କୁ ମଧ୍ୟ ଦେଖାକରିପାରିବେ ନାହିଁ। ଏଥିରୁ ସ୍ୱାଭାବିକ ଭାବେ ବୁଝାପଡୁଛି ଯେ, ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିବ। ଏଥିସହିତ ଏହା ମଧ୍ୟ ଆଲୋଚନା ହେଉଛି, କେଜ୍‌ରିୱାଲଙ୍କୁ ସର୍ତ୍ତମୂଳକ ଜାମିନ ଦିଆଯିବା ପୂର୍ବରୁ ସେପ୍ଟେମ୍ବର ୧୧ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ବାସଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାଇ ଗଣେଶ ପୂଜା କରିଥିଲେ। ଏହି ଘଟଣା ନ୍ୟାୟପାଳିକାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି।

> କେଜ୍‌ରିୱାଲ୍ କହୁଛନ୍ତି ଯଦି ଜନସାଧାରଣ ଭାବୁଛନ୍ତି ସେ ଦୋଷୀ, ତେବେ ତାଙ୍କୁ କେହି ଭୋଟ ନ ଦିଅନ୍ତୁ। ଲୋକଙ୍କ ଦ୍ୱାରା ନିର୍ଦ୍ଦୋଷ ପ୍ରମାଣିତ ହୋଇ ଭୋଟରେ ଜିତିଲେ ଯାଇ ସେ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି କହିବା ପରେ ରାଜନୀତିରେ ନୂଆ ମୋଡ଼ ଆସିବାର ଅନୁମାନ କରାଯାଉଛି। ବର୍ତ୍ତମାନ ଜନସାଧାରଣଙ୍କ କୋର୍ଟରେ ବଲ୍ ଅଟକିଛି। ସେମାନେ କେଉଁ ନିଷ୍ପତ୍ତି ନେବେ ତାହାକୁ ଅପେକ୍ଷା।

କେଜ୍‌ରିୱାଲଙ୍କୁ ସିବିଆଇ ଗିରଫ କରିବା ରାଜନୈତିକ ଚାପ ଯୋଗୁ ଘଟିଥିବା କୁହାଯାଉଛି । ଏପଟେ କେଜ୍‌ରିୱାଲ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବା ଦିନୁ ସେଠାକାର ଉପରାଜ୍ୟପାଳ ତାଙ୍କୁ ବିଭିନ୍ନ କ୍ଷେତ୍ରରେ ବିରୋଧ କରି ଆସୁଛନ୍ତି। ତାଙ୍କ ଲୋକପ୍ରିୟତା କମାଇବା ପାଇଁ ବାରମ୍ବାର ପ୍ରଚେଷ୍ଟା ହେଉଥିବାରୁ କେଜ୍‌ରିୱାଲ ଆଗାମୀ ନିର୍ବାଚନରେ ଜନସମର୍ଥନ ହାସଲ ଲକ୍ଷ୍ୟରେ ଇସ୍ତଫା ଦେବାକୁ କହିଛନ୍ତି। ବିରୋଧୀ କହୁଛନ୍ତି ଯେ ଲୋକଙ୍କ ଅନୁକମ୍ପା ହାସଲ କରିବା ଲାଗି ସେ କାଳେ ଏଭଳି କରୁଛନ୍ତି। ଏହା ସତ୍ୟ ହୋଇପାରେ। ତେବେ କେଜ୍‌ରିୱାଲଙ୍କ ଗିରଫର ସମୟ ଦେଖିଲେ ସେଥିରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଫୁଟି ଦିଶୁଛି। କାରଣ ୨୦୨୪ ନିର୍ବାଚନ ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସୁପ୍ରିମକୋର୍ଟ ସିବିଆଇକୁ ଗାଳିକରି ଯେତେବେଳେ ତାଙ୍କୁ ଜାମିନ ଦେଇଛନ୍ତି, କେଜ୍‌ରିୱାଲ ମୁଣ୍ଡ ଟେକି ନିଜର ସଚ୍ଚୋଟତାର ପ୍ରମାଣ ଦେବାକୁ ଆଗଭର ହେଉଛନ୍ତି। ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ପାଇଁ ଅନେକ କଟକଣା ରହିଛି। ସେଥିପାଇଁ ଅସହାୟ ମୁଖ୍ୟମନ୍ତ୍ରୀ ଭାବେ ନ ରହି ସେ ଇସ୍ତଫା ଦେବା ଲାଗି ଉଚିତ ମଣିଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇପାରନ୍ତି। କେଜ୍‌ରିୱାଲ୍ ଏହା ମଧ୍ୟ କହୁଛନ୍ତି ଯେ ଯଦି ଜନସାଧାରଣ ଭାବୁଛନ୍ତି ସେ ଦୋଷୀ, ତେବେ ତାଙ୍କୁ କେହି ଭୋଟ ନ ଦିଅନ୍ତୁ। ଲୋକଙ୍କ ଦ୍ୱାରା ନିର୍ଦ୍ଦୋଷ ପ୍ରମାଣିତ ହୋଇ ଭୋଟରେ ଜିତିଲେ ଯାଇ ସେ ମୁଖ୍ୟମନ୍ତ୍ରୀ ଆସନରେ ବସିବେ ବୋଲି କହିବା ପରେ ରାଜନୀତିରେ ନୂଆ ମୋଡ଼ ଆସିବାର ଅନୁମାନ କରାଯାଉଛି। ବର୍ତ୍ତମାନ ଜନସାଧାରଣଙ୍କ କୋର୍ଟରେ ବଲ୍ ଅଟକିଛି। ସେମାନେ କେଉଁ ନିଷ୍ପତ୍ତି ନେବେ ତାହାକୁ ଅପେକ୍ଷା।

# ବୁଲ୍‌ଡୋଜର ନ୍ୟାୟ ଉପରେ ସୁପ୍ରିମ୍ ବ୍ରେକ୍



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛି ବର୍ଷ ଧରି ବୁଲ୍‌ଡୋଜର ଦେଶରେ ଆତଙ୍କର ଏକ ପ୍ରତୀକରେ ପରିଣତ ହୋଇଯାଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାନା, ଗୁଜରାଟ ଆଦିରେ ସେଠାକାର ସରକାରଗୁଡ଼ିକ ତଥାକଥିତ ଦ୍ରୁତ ନ୍ୟାୟ ପ୍ରଦାନ ନାଁରେ ବୁଲ୍‌ଡୋଜର ଲଗାଇ କଥିତ ଅଭିଯୁକ୍ତର ଘର ଓ ବସ୍ତି ଭାଙ୍ଗିବା ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି। ଏପରିକି ଅଭିଯୁକ୍ତ ବିଚାର ହୋଇ ଦୋଷୀ ସାବ୍ୟସ୍ତ ହେବା ଆଗରୁ କେବଳ ଅଭିଯୋଗର ଆଧାରରେ ତା'ର ଘର ଓ ସମ୍ପତ୍ତିକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବାର ଘଟଣା ସେସବୁ ରାଜ୍ୟରେ ଲଗାତାର ଦେଖିବାକୁ ମିଳୁଛି। କୋର୍ଟଙ୍କ କୌଣସି ନିର୍ଦ୍ଦେଶ ବିନା ସରକାର ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତମାନଙ୍କ ଘର ଓ ବସ୍ତିକୁ ଏଭଳି ଭାଙ୍ଗି ତଥା ସେମାନଙ୍କୁ ଏନ୍‌କାଉଣ୍ଟର ନାଁରେ ହତ୍ୟା କରି ନିଜକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରିବାକୁ ଚାହିଁଛନ୍ତି। ଜବରଦଖଲ ହଟେଇବା ନାଁରେ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବୁଲ୍‌ଡୋଜର ସହାୟତାରେ ବାଛି ବାଛି କିଛି ବ୍ୟକ୍ତିଙ୍କ ଘର, ଦୋକାନ ଏପରିକି ସମ୍ପୂର୍ଣ୍ଣ ବସ୍ତିକୁ ଭାଙ୍ଗି ଏକଦମ୍ ମାଟିରେ ମିଶାଇଦେବା ଦେଖାଯାଇଛି। କେବଳ ଅବୈଧ କବ୍‌ଜା ହିଁ ନୁହଁ, ଅଭିଯୁକ୍ତର ପଟ୍ଟା ଜମି ଉପରେ ନିର୍ମିତ କୋଠାକୁ ବି ଭାଙ୍ଗିବାକୁ ପଛେଇ ନାହାନ୍ତି। ଅନ୍ତର୍ଜାତୀୟ ମାନବିକ ଅଧିକାର ସଂସ୍ଥା, ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଦ୍ୱାରା ଚଳିତବର୍ଷ ଫେବୃଆରୀରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଏପ୍ରିଲ୍ ୨୦୨୨ରୁ ଜୁନ୍ ୨୦୨୩ ପର୍ଯ୍ୟନ୍ତ ଉପରୋକ୍ତ ରାଜ୍ୟଗୁଡ଼ିକରେ ୧୨୮ଟି ସମ୍ପତ୍ତିକୁ ବୁଲ୍‌ଡୋଜର ଦ୍ୱାରା ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ବୁଲ୍‌ଡୋଜର ଜରିଆରେ ଅଭିଯୁକ୍ତଙ୍କ ଘର ବା ବସ୍ତି ଉଜାଡ଼ି ତଥାକଥିତ ଦ୍ରୁତ ନ୍ୟାୟ ଦେବାରେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଉତ୍ତରପ୍ରଦେଶର ଭାଜପା ସରକାର ସବୁଠାରୁ ଆଗରେ ରହିଛନ୍ତି। ତାଙ୍କୁ ଭେଟିବାକୁ ଆସୁଥିବା ଅନେକ ଲୋକ ବୁଲ୍‌ଡୋଜରର ନମୁନାକୁ ଉପହାର ସଦୃଶ ଆଣି ଦେଉଥିବା ଦେଖାଯାଇଛି। କେବଳ ସେ ନୁହନ୍ତି, ତାଙ୍କ ଦଳ ମଧ୍ୟ ବୁଲ୍‌ଡୋଜରକୁ ତା'ର ରାଜନୈତିକ ପ୍ରଚାର ଅଭିଯାନରେ ସାମିଲ କରିବା ସହିତ ବିଭିନ୍ନ ସଭା ସମିତିରେ ବୁଲ୍‌ଡୋଜରର ବଡ଼ ବଡ଼ ମଡେଲ ଠିଆ କରି ପ୍ରଦର୍ଶନ କରିବା ଦେଖିବାକୁ ମିଳିଛି। ଉତ୍ତର ପ୍ରଦେଶ ଦେଖାଦେଖି ଅନ୍ୟ ରାଜ୍ୟର ଭାଜପା ନେତାମାନେ ମଧ୍ୟ ନିଜ ନିଜ ରାଜ୍ୟରେ ଉତ୍ତର ପ୍ରଦେଶର ବୁଲ୍‌ଡୋଜର ମଡେଲକୁ ଲାଗୁ କରିବାକୁ ଦାବି କରିବା ଦେଖାଯାଇଛି।

ଭାଜପା ପକ୍ଷରୁ କଠୋର ଶାସନର ପ୍ରତୀକ ଭାବରେ ବୁଲ୍‌ଡୋଜର ନ୍ୟାୟକୁ ଯେଉଁଭଳି ପ୍ରଚାରିତ କରାଯାଉଛି, ତା'ର ସମାଲୋଚନା କେବଳ ଦେଶରେ ନୁହେଁ, ଦେଶ ବାହାରେ ବି ଦେଖିବାକୁ ମିଳିଛି। କିଛି ଦେଶରେ ଭାଜପାର ସମର୍ଥକମାନେ ଜାତୀୟ ଉତ୍ସବ ପାଳନ ଶୋଭାଯାତ୍ରାରେ ମଧ୍ୟ ବୁଲ୍‌ଡୋଜରକୁ ସାମିଲ କରିବା ଯୋଗୁ ସେଠାକାର ସରକାରଙ୍କ ତରଫରୁ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ମଧ୍ୟ ପାଇବା



ଦେଖିବାକୁ ମିଳିଛି। ବୁଲ୍‌ଡୋଜର ଅତ୍ୟାଚାରର ପ୍ରତୀକ ହୋଇଥିବା ବେଳେ ଏହା ମଧ୍ୟ ସରକାରଙ୍କ କ୍ଷମତାର ପୃଥକତା ନିୟମର ଉଲ୍ଲଂଘନ ବୋଲି ବିବେଚନା କରାଯାଏ। କାରଣ କୌଣସି ବ୍ୟକ୍ତି ଅପରାଧର ବିଚାର କରିବାର କାମଟି କେବଳ ନ୍ୟାୟପାଳିକାର ହୋଇଥିବା ବେଳେ ପ୍ରଶାସନ ଦ୍ରୁତ ନ୍ୟାୟ ପ୍ରଦାନ ନାଁରେ ଯେଉଁ ଘରଭଙ୍ଗା ଅଭିଯାନ କରୁଛି, ତାହା ସମ୍ବିଧାନରେ ରହିଥିବା କ୍ଷମତାର ବଣ୍ଟନର ଉଲ୍ଲଂଘନ କରୁଛି।

ପୁନଶ୍ଚ କୌଣସି ଅପରାଧ ପାଇଁ କାହାର ଘର, ଦୋକାନ କିମ୍ବା କୌଣସି ସମ୍ପତ୍ତି ଭାଙ୍ଗିବା ପାଇଁ ଆଇନରେ କୌଣସି ବ୍ୟବସ୍ଥା ନାହିଁ। ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନର ଅଧିକାଂଶ ମାମଲାରେ ସ୍ପଷ୍ଟ ଜଣାପଡ଼ିଛି ଯେ କେବଳ ସଂଖ୍ୟାଲଘୁ ଅଥବା ସରକାର ବିରୋଧୀ ମତ ରଖୁଥିବା ଲୋକଙ୍କ ଘର ବା ସମ୍ପତ୍ତିକୁ ହିଁ ଟାର୍ଗେଟ୍ କରାଯାଇଛି। ଯଦିଓ ସରକାରଙ୍କ ଅଘୋଷିତ ଲକ୍ଷ୍ୟଟି କଥିତ ଅଭିଯୁକ୍ତ ବା ଅପରାଧୀଙ୍କୁ ଦମନ କରିବାକୁ ଉଦ୍ଦିଷ୍ଟ, କିନ୍ତୁ ସରକାର ବେଆଇନ କବ୍‌ଜା ହଟାଇବା ନାଁରେ ହିଁ ବୁଲ୍‌ଡୋଜର ଅଭିଯାନ ଚଳାଉଛନ୍ତି। ତେବେ ସରକାରୀ ଜମି ଜବରଦଖଲ କୌଣସି ନିର୍ଦ୍ଦିଷ୍ଟ ଜାତି ବା ଧର୍ମର ଲୋକଙ୍କ ମଧ୍ୟରେ ସୀମିତ ରହି ନ ଥିବା ବେଳେ ସରକାରଙ୍କ ବୁଲ୍‌ଡୋଜର ବାଛି ବାଛି କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଘର ଓ ବସ୍ତିକୁ ଭାଙ୍ଗିବା, ଏହା ପଛରେ ରହିଥିବା ସାମ୍ପ୍ରଦାୟିକ ବିଚାରଟିକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଗତବର୍ଷ ହରିୟାନାର ନୁହରେ ସାମ୍ପ୍ରଦାୟିକ ଦଙ୍ଗାରେ ଉଭୟ ଧର୍ମର ଲୋକେ ସାମିଲ ହୋଇଥିବା ବେଳେ ସରକାରଙ୍କ ବୁଲ୍‌ଡୋଜର କିନ୍ତୁ ସରକାରୀ ଜମିରେ ବର୍ଷ ବର୍ଷ ଧରି ଘର କରି ରହିଥିବା ସଂଖ୍ୟାଲଘୁ ଲୋକଙ୍କ ବସ୍ତିକୁ ଭାଙ୍ଗି ମାଟିରେ ମିଶାଇଦେଲା। ଅତଏବ ବୁଲ୍‌ଡୋଜର ନ୍ୟାୟ ପ୍ରକ୍ରିୟାଟି ଯେ ଘୃଣା, ହିଂସା ଓ ପ୍ରତିଶୋଧ ପରାୟଣତା ଉପରେ ଆଧାରିତ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେଣୁ ଏଥିରୁ କୌଣସି ପ୍ରକାରର ବିଚାରଶୀଳତା ଏବଂ ନିରପେକ୍ଷତା ଆଶା କରିବା ବୃଥା।

ତେବେ ତଥାକଥିତ ବୁଲ୍‌ଡୋଜର ନ୍ୟାୟ ନେଇ ସରକାରଙ୍କ ପ୍ରଚାରଟି ଯାହା ଥାଉନା କାହିଁକି, ବୁଲ୍‌ଡୋଜର ଏବେ ଦେଶର ସଂଖାଲଘୁ, ଦଳିତ, ବସ୍ତି ବାସିନ୍ଦା ଏପରିକି ସରକାରଙ୍କ ସହ ଭିନ୍ନମତ ପ୍ରକାଶ କରୁଥିବା ଲୋକଙ୍କୁ ଆତଙ୍କିତ କରିବାର ଶକ୍ତିଶାଳୀ ହତିଆରରେ ପରିଣତ ହୋଇଯାଇଛି। କିନ୍ତୁ ବିଳମ୍ବରେ ହେଲେ ବି ଦେଶର ସର୍ବୋଚ୍ଚ ଅଦାଲତ ବୁଲ୍‌ଡୋଜର ରାଜନୀତି ଉପରେ ନିଜର ଏକ ସଦ୍ୟତମ ରାୟରେ ବ୍ରେକ୍ ଦେବାକୁ ଚାହିଁଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏହି ହସ୍ତକ୍ଷେପ ସରକାରମାନଙ୍କ ଉପରୋକ୍ତ ଆଇନ ବହିର୍ଭୂତ ଆଚରଣ ଉପରେ ପ୍ରଶ୍ନଚିହ୍ନ ଲଗାଇବା ସହ ଏହାଦ୍ୱାରା ପୀଡ଼ିତ ଲୋକଙ୍କୁ ଅନେକ ମାତ୍ରାରେ ଆଶ୍ୱସ୍ତ କରିଛି। ଜାମିଆତ୍ ଉଲେମା-ଏ-ହିନ୍ଦ୍ ସଙ୍ଗଠନ ପକ୍ଷରୁ ନିକଟରେ ବୁଲ୍‌ଡୋଜର ବ୍ୟବହାର କରାଯାଇ ସରକାରଙ୍କ ଘର ଭାଙ୍ଗିବା ଉପରେ ପ୍ରତିବନ୍ଧକ ଲଗାଇବାକୁ ଏକ ଆବେଦନ ହୋଇଥିଲା। ଦିଲ୍ଲୀର ଜାହାଙ୍ଗୀରପୁରୀର ଏକ ବୁଲ୍‌ଡୋଜର ଜରିଆରେ ଘରଭଙ୍ଗା ଘଟଣାରେ ଓକିଲ ଫାରୁଖ ରସିଦ୍‌ଙ୍କ ଦ୍ୱାରା ଅଦାଲତରେ ଦାଖଲ ହୋଇଥିବା ପିଟିଶନରେ କୁହାଯାଇଛି ଯେ, ଭାଜପା ସରକାର ଅଳ୍ପସଂଖ୍ୟକ ଏବଂ ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସେମାନଙ୍କ ଘର ଭାଙ୍ଗି ଦମନ କରୁଛନ୍ତି। ଏହି କାରଣରୁ ପୀଡ଼ିତମାନେ ଆଇନଗତ ପ୍ରତିକାରର ସୁଯୋଗ ପାଆନ୍ତି ନାହିଁ।

ବିଚାରପତି ବି. ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମ୍‌କୋର୍ଟ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ବିଚାରପତି କେ. ଭି. ବିଶ୍ୱନାଥନ୍ ନିଜ ଟିପ୍ପଣୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଜଣେ ବ୍ୟକ୍ତି କୌଣସି ଏକ ମାମଲାରେ କେବଳ ଅଭିଯୁକ୍ତ ହୋଇଗଲା ବୋଲି ତା'ର ଘରକୁ ଭାଙ୍ଗିବାକୁ ଆଇନ ଅନୁମତି ଦେଉନି। ଏପରିକି ଅଭିଯୁକ୍ତଟି ଦଣ୍ଡ ପାଇଗଲେ ମଧ୍ୟ ତା' ଘରକୁ ଭାଙ୍ଗିବା ଆଇନର ବିରୁଦ୍ଧାଚରଣ ବୋଲି ସେ କହିଛନ୍ତି। ସରକାର କୋର୍ଟର ଅନୁମତି ନ ନେଇ ଅଭିଯୁକ୍ତଙ୍କ ବିରୋଧରେ ଯେଉଁ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ କରୁଛନ୍ତି, ତାହା କଦାପି ଗ୍ରହଣୀୟ ନୁହେଁ ବୋଲି ରାୟରେ କୁହାଯାଇଛି। କାରଣ କୌଣସି ମାମଲାରେ ଅଭିଯୁକ୍ତକୁ ଦଣ୍ଡ ଦେବା ଅଧିକାର କେବଳ କୋର୍ଟର ହିଁ ରହିଛି। ବୁଲ୍‌ଡୋଜର ଲଗାଇ ଜଣେ ବ୍ୟକ୍ତିର ଯେଉଁଭଳି ଘର ଭଙ୍ଗାଯାଉଛି, ତାହା କେବଳ ସେହି ବ୍ୟକ୍ତିର ହିଁ ନୁହେଁ ବରଂ ସେହି ଘରେ ବସବାସ କରୁଥିବା ପରିବାରର ଅନ୍ୟ ସଦସ୍ୟ, ଯେଉଁମାନଙ୍କ ଘଟଣାରେ କୌଣସି ପ୍ରକାର ଭୂମିକା ନ ଥାଏ, ସେମାନଙ୍କ ଅଧିକାର ଉପରେ ଆକ୍ରମଣ ବୋଲି ରାୟରେ କୁହାଯାଇଛି।

ଯଦିଓ ସରକାରୀ ଜମିରେ ଯେକୌଣସି ଜବରଦଖଲ ହଟେଇବାକୁ ସ୍ଥାନୀୟ ପ୍ରଶାସନର ଅଧିକାର ରହିଛି, କିନ୍ତୁ ସେ କ୍ଷେତ୍ରରେ ବିଧିବଦ୍ଧ ପ୍ରକ୍ରିୟାକୁ ଅବଲମ୍ବନ କରିବାକୁ ପ୍ରଶାସନ ବାଧ୍ୟ ବୋଲି ରାୟରେ କୁହାଯାଇଛି। ଏଥିପାଇଁ ପ୍ରଥମେ ବେଆଇନ ନିର୍ମାଣଗୁଡ଼ିକୁ ଚିହ୍ନଟ କରିବା ସହ ଜବରଦଖଲକାରୀଙ୍କୁ ଆବଶ୍ୟକୀୟ ନୋଟିସ୍ ଜାରି କରିବାକୁ ହେବ ଏବଂ ସର୍ବୋପରି କୌଣସି କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଅଭିଯୋଗର ଯଥାଯଥ ଶୁଣାଣି କରି ଅଭିଯୁକ୍ତକୁ ନିଜର ପକ୍ଷ ରଖିବାକୁ ମଧ୍ୟ ସୁଯୋଗ ଦେବାକୁ ହେବ ବୋଲି କହିଛନ୍ତି। କାରଣ ଅନେକ କ୍ଷେତ୍ରରେ ପ୍ରଶାସନ ନିଜର ବେଆଇନ ଘରଭଙ୍ଗାକୁ ଆଇନସମ୍ମତ ବୋଲି ପ୍ରମାଣିତ କରିବାକୁ ବହୁତ ପିଛିଲା ତାରିଖ ଦେଇ ନୋଟିସ୍ ପଠାଇବାର ପ୍ରମାଣ ମିଳିଛି। ଏ କ୍ଷେତ୍ରରେ କୌଣସି ବ୍ୟକ୍ତି ବା ବ୍ୟକ୍ତି ସମୂହଙ୍କୁ ତା'ର ଜାତି ବା ଧର୍ମର ଆଧାରରେ ଟାର୍ଗେଟ୍ କରିବା ବଦଳରେ ସମସ୍ତଙ୍କ ପାଇଁ ସମାନ ମାପକାଠି ଅବଲମ୍ବନ କରିବାକୁ ହେବ। କୋର୍ଟ ତରଫରୁ ଦେଶବ୍ୟାପୀ ଏ ସଂକ୍ରାନ୍ତରେ ଏକାଭଳିଆ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଆଇନକାନୁନ, ପ୍ରଶାସନିକ ପ୍ରକ୍ରିୟା ଓ ମାନବିକତା ରହିତ ସରକାରମାନଙ୍କ ଏହି ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନ୍ୟାୟ ନାଁରେ ଅନ୍ୟାୟ । ଆଶା, ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ପରେ ଏଭଳି ରାଜନୀତି ଉପରେ ବ୍ରେକ୍ ଲାଗିବ।

ମୋ: ୯୪୩୭୧୬୬୩୯୧

# ସ୍ୱାଧୀନତା ସଂଗ୍ରାମରେ ଲୁଣିଆ ଗୁଳିକାଣ୍ଡ



ନରେଶ ଚନ୍ଦ୍ର ରାୟମହାପାତ୍ର

ଭଦ୍ରକ ସବ୍‌ଡିଭିଜନରେ ହୋଇଥିବା ଲୁଣିଆ ଗୁଳିକାଣ୍ଡ ସ୍ୱାଧୀନତା ସଂଗ୍ରାମର ଏକ ଅଭୁଲା ସ୍ମୃତି। ୧୯୪୨ ସେପ୍ଟେମ୍ବର ୧୬ରେ ତତ୍କାଳୀନ ବାଲେଶ୍ୱର ଜିଲାରେ ଘଟିଥିବା ଏହି ଦୁଃଖଦ ଘଟଣା ବ୍ରିଟିଶ ସରକାରଙ୍କ ବିରୋଧରେ ଲୋକଙ୍କୁ ଏକତ୍ରିତ କରିଥିଲା। ଏହି ଘଟଣାକୁ ଏତେବର୍ଷ ବିତିଯାଇଥିଲେ ମଧ୍ୟ ଆଜି ମନେପଡ଼ିଲେ ଛାତି ଥରିଉଠେ। ଏହି ବର୍ଷ ମହାତ୍ମା ଗାନ୍ଧୀ ଭାରତ ଛାଡ ଆନ୍ଦୋଳନ ଡାକି 'କର ଅବା ମର' ଭଳି ଆହ୍ୱାନ ଦେଇଥିଲେ। ଗାନ୍ଧିଜୀଙ୍କ ଏହି ଆହ୍ୱାନକୁ ଚରିତାର୍ଥ କରିବା ପାଇଁ ୧୯୪୨ ସେପ୍ଟେମ୍ବର ୧୬ରେ ଲୁଣିଆ ଗ୍ରାମର ଦୋଳ ମିଳନ ପୀଠରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା। ଏଥିରେ ବହୁ ସ୍ୱାଧୀନତା ସଂଗ୍ରାମୀ ସମବେତ ହୋଇଥାନ୍ତି । ଏହାର ନେତୃତ୍ୱ ସ୍ଥାନୀୟ ଯୁବକ ମୁରଲୀଧର ପଣ୍ଡା ନେଇଥିବା ବେଳେ ସଭାର ସଭାପତି ରାଜମୁକୁନ୍ଦପୁର ଗ୍ରାମର ବୃଦ୍ଧ ରାଧାଶ୍ୟାମ ରାୟମହାପାତ୍ର ଥାନ୍ତି। ଏହି ଅବସରରେ ବ୍ରିଟିଶ୍‌ମାନଙ୍କ କୁଶାସନ ବିରୋଧରେ ଆନ୍ଦୋଳନ ଜାରି ରଖିବାକୁ ସଭିଏଁ ସଂକଳ୍ପ ନିଅନ୍ତି। ସେଠାରେ ଉପସ୍ଥିତ ଗ୍ରାମରକ୍ଷୀମାନଙ୍କର ସରକାରୀ ପୋଷାକ ସହ ସଭାସ୍ଥଳ ନିକଟରେ ଥିବା କାନ୍ଧିଆହୁଦାକୁ ପ୍ରତୀକାତ୍ମକ ଭାବେ ପୋଡି ଦିଅନ୍ତି। ଏହାପରେ ସ୍ୱାଧୀନତା ସଂଗ୍ରାମ ଅଞ୍ଚଳରେ ବ୍ୟାପକ ରୂପ ନିଏ। ଲୁଣିଆର ଏହି ଜନଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ଭଦ୍ରକର ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦିଅନ୍ତି। ତାଙ୍କ ଆଦେଶମତେ ଧାମନଗର ଥାନା ପୋଲିସ ଅଧିକାରୀ ୧୨ଜଣ ସଶସ୍ତ୍ର ଫୌଜ ସହ ସେପ୍ଟେମ୍ବର ୨୧ତାରିଖ ଦିନ ଲୁଣିଆ ଗ୍ରାମ ଅଭିମୁଖେ ଅଗ୍ରସର ହୁଅନ୍ତି। କର୍ଦ୍ଦମାକ୍ତ ଚଲାପଥ ଓ ନଦୀ- ନାଳର ପ୍ରତିବନ୍ଧକ ଅତିକ୍ରମ କରି ପରଦିନ ପ୍ରଭାତରେ ସେମାନେ ଲୁଣିଆ ସନ୍ନିକଟ କଟସହିଠାରେ ପହଞ୍ଚନ୍ତି। ସେମାନଙ୍କ ଆଗମନର ଖବରପାଇ ଆନ୍ଦୋଳନକାରୀମାନେ ବିଭିନ୍ନ ଗ୍ରାମରୁ ଆସି ସେଠାରେ ସଶସ୍ତ୍ର ବାହିନୀର ପଥ ଅବରୋଧ କରନ୍ତି। ଆନ୍ଦୋଳନକାରୀଙ୍କ ମଧ୍ୟରୁ କେତେଜଣ ସାହସର ସହ ଫୌଜଙ୍କ କାନ୍ଧରୁ ବନ୍ଧୁକ ସବୁ ଛଡ଼ାଇ ନିଅନ୍ତି। ଅନ୍ୟ ଉପାୟ ନ ପାଇ ଫୌଜ ଆନ୍ଦୋଳନକାରୀଙ୍କୁ ଛଳନାପୂର୍ଣ୍ଣ ଭାବେ ବନ୍ଧୁକ ଫେରି ପାଇଲେ ପ୍ରତ୍ୟାବର୍ତ୍ତନ କରିଯିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି। ଫୌଜଙ୍କ କଥାରେ ଭଳି ଯାଇ



ଆନ୍ଦୋଳନକାରୀ ବନ୍ଧୁକ ସବୁ ପ୍ରତ୍ୟାର୍ପଣ କରିବା ସହ ବନ୍ଧୁ ଭାବାପନ୍ନ ହୋଇ ଭଲବାଟ ବତାଇ ଦେବାକୁ ସେମାନଙ୍କର ସହଯାତ୍ରୀ ହୁଅନ୍ତି। ଖପରପଦା ଗ୍ରାମ ଉପକଣ୍ଠରେ ଥିବା ଚାନ୍ଦିପଶି ପ୍ରାନ୍ତରରେ ପହଞ୍ଚିବା କ୍ଷଣି ଫୌଜ ସେଠାରେ ଥିବା ଗଛ ଆଢୁଆଳର ଏକ ସୁବିଧାଜଣକ ନିରାପଦ ସ୍ଥାନକୁ ଝପଟି ଯାଇ ବିନା ସଙ୍କେତରେ ଅତର୍କିତ ଭାବେ ଆନ୍ଦୋଳନକାରୀଙ୍କ ଉପରେ ଗୁଳିବର୍ଷଣ କରନ୍ତି। ଫୌଜର ଅପ୍ରତ୍ୟାଶିତ ଗୁଳିଚାଳନାରେ ସର୍ବପ୍ରଥମେ ରାଜମୁକୁନ୍ଦପୁରର ନିଧି ମହାଳିକ ଟଳିପଡ଼ନ୍ତି । ପରେ ପରେ ଆହୁରି ୮ ଜଣ ମଧ୍ୟ ଶହୀଦ ହୋଇଯାନ୍ତି। ସେମାନେ ହେଲେ ରାଜମୁକୁନ୍ଦପୁରର କୃଷ୍ଣ ମହାଳିକ, ରାଜୁଆଳିବିନ୍ଧାର ଶ୍ୟାମ ମହାଳିକ, ପଥରଡିହର ଗୋପୀନାଥ ଜେନା, ଚିନ୍ତାମଣି ଦାସ, ଲୁଣିଆର ଶଙ୍କର ବେହେରା ଓ ଅଗଣି ସାହୁ, ଶୁଶୁଆ ଗ୍ରାମର ଗୌରୀ ଜେନା ଏବଂ କାଶିନ୍ଦିପୁରର ନବକିଶୋର ନାୟକ। ସେମାନଙ୍କ ସହ କଟସାହିର ବଂଶୀଧର ପଣ୍ଡା ଏବଂ ଆଙ୍କପଦାର ଚନ୍ଦ୍ର ମହାଳିକଙ୍କ ସହ ଚଉଦ ଜଣ ସଂଗ୍ରାମୀ ମଧ୍ୟ ଲହୁଲୁହାଣ ହୁଅନ୍ତି। କ୍ଷଣକ ମଧ୍ୟରେ ଆର୍ତ୍ତଚିତ୍କାରରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠେ। ଦେଶ ମାତୃକାର ମୁକ୍ତି ସଂଗ୍ରାମରେ ୮ଜଣ ସଂଗ୍ରାମୀ ଶହୀଦ ହୋଇ ଦେଶ ପ୍ରେମର ଅଦ୍ଭୁତ ନିଦର୍ଶନ ଦିଅନ୍ତି। ପରଦିନ ଭଦ୍ରକ ଡାକ୍ତରଖାନାରେ ଶହୀଦମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ନିଆଯାଇ ଭଦ୍ରକ ଗୋଶାଳା ନିକଟବର୍ତ୍ତୀ ଶ୍ମଶାନରେ ସତ୍କାର କରାଯାଏ।

ଆନ୍ଦୋଳନର ନେତୃତ୍ୱ ନେଇଥିବା ସର୍ଦ୍ଦାର ମୁରଲୀଧର ପଣ୍ଡା ଏବଂ ସଂଗ୍ରାମ ସଭାର ସଭାପତି ହୋଇଥିବା ସତ୍ୟାଗ୍ରହୀ ରାଧାଶ୍ୟାମ ରାୟମହାପାତ୍ରଙ୍କୁ ପୋଲିସ ଧରି ନିର୍ଯାତନା ଦେବା ସହ ଗିରଫ କରି ସେମାନଙ୍କ ବିରୋଧରେ ମାମଲା ରୁଜୁ କରେ। ମାତ୍ର ଛାଡ଼ ପାଇବା ପାଇଁ କ୍ଷମାପ୍ରାର୍ଥୀ ହେବାକୁ ମାଜିଷ୍ଟ୍ରେଟଙ୍କ ସର୍ତ୍ତକୁ ପ୍ରଥମ ମୁଦାଲା ରାଧାଶ୍ୟାମ ବାବୁ ପ୍ରତ୍ୟାଖାନ କରନ୍ତି। ଶେଷରେ ଉଭୟଙ୍କୁ ଛଅମାସ ଲେଖାଏ କାରାଦଣ୍ଡ ସହ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଏ। ଦୁହେଁ ଭଦ୍ରକ ଉପକାରାଗାରରେ ବନ୍ଦୀଜୀବନ ଅତିବାହିତ କରନ୍ତି। ଗୁଳିକାଣ୍ଡ ଘଟିଥିବା ଏହି ସ୍ଥାନର ନାମ ଏବେ ଶହୀଦ ନଗର ହୋଇଥିବାବେଳେ ରକ୍ତ ରଞ୍ଜିତ ଘଟଣାସ୍ଥଳରେ ଶହୀଦମାନଙ୍କ ସ୍ମୃତିରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ସେମାନଙ୍କ ଏହି ବଳିଦାନ ମୁକ୍ତି ସଂଗ୍ରାମରେ ଚିରସ୍ମରଣୀୟ ହୋଇରହିଛି। ଗୁଳିକାଣ୍ଡର ଏହି ସ୍ମାରକୀ ଦିବସରେ ଶହୀଦମାନଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।

**ରାଜମୁକୁନ୍ଦପୁର, ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୭୦୦୮୪୫୩୧୦୩**

## ଏଇ ଭାରତରେ

ମଣିଷ ମରିବା ପରେ ହିଁ ପିଣ୍ଡଦାନ ଶ୍ରାଦ୍ଧ ଆଦି କର୍ମ କରାଯାଏ। କିନ୍ତୁ ବଞ୍ଚିଥିବା ଲୋକଙ୍କର ଶ୍ରାଦ୍ଧ କରିବା କଥା କେବେ ଶୁଣିଛନ୍ତି! କିନ୍ତୁ ଏମିତି ଏକ ଶ୍ରାଦ୍ଧ କରି ଏବେ ଚର୍ଚ୍ଚାକୁ ଆସିଛନ୍ତି ବିହାରର ବିଶ୍ୱନାଥ ରାୟ। ବଞ୍ଚି ଥାଉ ଥାଉ ନିଜ ପତ୍ନୀ ତଥା ନିଜର ଶ୍ରାଦ୍ଧ କରିଛନ୍ତି ସେ। ତାଙ୍କର ଏଭଳି କରିବା ପଛର କାରଣ ଶୁଣିଲେ ଯେକେହି ବି ଭାବପ୍ରବଣ ହୋଇଯିବ। ବିହାର ମୁଜାଫରପୁର ଜିଲାର ବିଶନପୁରକଲ୍ୟାଣ ଗାଁର ବିଶ୍ୱନାଥଙ୍କ ବୟସ ଏବେ ୮୫ ବର୍ଷ ଓ ତାଙ୍କ ପତ୍ନୀଙ୍କ ବୟସ ୮୦ ବର୍ଷ। ତାଙ୍କର ଦୁଇଟି ସନ୍ତାନ ହୋଇଥିଲେ କିନ୍ତୁ ପିଲାବେଳେ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ତେଣୁ ସେମାନଙ୍କର ଶ୍ରାଦ୍ଧପିଣ୍ଡ ଦେବାକୁ କେହି ନାହାନ୍ତି। ତେବେ ପିଣ୍ଡଦାନ ନହେଲେ ସେମାନେ ମୋକ୍ଷ ହୋଇପାରିବେ ନାହିଁ। ଏହିବିଶ୍ୱାସକୁ ନେଇ ବିଶ୍ୱନାଥ ଆଗୁଆ ଶ୍ରାଦ୍ଧ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଜୀବନସାରା ସଞ୍ଚୟ କରି ରଖିଥିବା ଅର୍ଥରେ ସେ ଗୟାରେ ଶ୍ରାଦ୍ଧ କରିବା ସହ ଗାଁ ଲୋକଙ୍କୁ ଭୋଜନ ଦେଇଛନ୍ତି। ଏହା ସହ ଅନ୍ୟାନ୍ୟ ସମସ୍ତ କାମ ମଧ୍ୟ କରିଛନ୍ତି। ଏବେ ବୟସାଧିକ ଯୋଗୁ ଏହି ଦମ୍ପତିଙ୍କୁ ନିଜ କାମ ନିଜେ କରିପାରୁନାହାନ୍ତି। ବହୁ କଷ୍ଟରେ ଭତ୍ତା ଟଙ୍କାରେ ଚଳୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ସେପ୍ଟେମ୍ବର ୧୯୭୫**

- ସୁବର୍ଣ୍ଣରେଖା ଓ ଖାରକେଇ ନଦୀର ସଙ୍ଗମସ୍ଥଳରେ ଏକ ବୋଟ୍ ଦୁର୍ଘଟଣାରେ ୨୦ ଜଣ ମହିଳାଙ୍କ ସମେତ ୩୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ସମାଜର ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀ ଓ ଶିଳ୍ପ ଶ୍ରମିକଙ୍କ ପାଇଁ ସମନ୍ୱିତ ସରକାରୀ ଆର୍ଥିକ ସାହାଯ୍ୟପ୍ରାପ୍ତ ଗୃହ ନିର୍ମାଣ ପରିକଳ୍ପନାରେ ୧ ଲକ୍ଷ ୮୨ ହଜାର ଗୃହ ନିର୍ମାଣ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | | | 1 |
| | | | | 9 | | 6 | | |
| 1 | 8 | | | | | | 4 | 3 |
| | | | | | | 4 | | |
| | | 5 | 3 | | 2 | | | 8 |
| | | 2 | 8 | | 5 | | 9 | |
| 3 | 1 | 6 | 5 | | | | | |
| | 5 | | | | 7 | | | |
| 9 | 4 | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 5 | 8 | 3 | 1 | 6 | 9 |
| 5 | 1 | 8 | 9 | 4 | 6 | 2 | 7 | 3 |
| 9 | 6 | 3 | 1 | 7 | 2 | 4 | 8 | 5 |
| 8 | 9 | 5 | 3 | 1 | 4 | 7 | 2 | 6 |
| 2 | 7 | 1 | 8 | 6 | 5 | 9 | 3 | 4 |
| 6 | 3 | 4 | 2 | 9 | 7 | 8 | 5 | 1 |
| 7 | 5 | 2 | 4 | 3 | 1 | 6 | 9 | 8 |
| 3 | 4 | 9 | 6 | 2 | 8 | 5 | 1 | 7 |
| 1 | 8 | 6 | 7 | 5 | 9 | 3 | 4 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭୁଲ୍‌ର ପୁନରାବୃତ୍ତି ନ ହେଉ

ମହାଶୟ,

ସାତକୋଶିଆ ଅଭୟାରଣ୍ୟରେ ପୁଣିଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବା ପାଇଁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମୋଦନ ଦେଇଛନ୍ତି। ୨୦୧୮ରେ ଦେଶର ସର୍ବପ୍ରଥମ ପ୍ରାଦେଶିକ ବ୍ୟାଘ୍ର ସ୍ଥାନାନ୍ତରୀକରଣ ପ୍ରକଳ୍ପ ସାତକୋଶିଆରେ ଆରମ୍ଭ ହୋଇଥିଲା। ମଧ୍ୟପ୍ରଦେଶର କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପର ଏକ ଯୁବ ମହାବଳ ବାଘ (ମହାବୀର) ଏବଂ ବାନ୍ଧବଗଡ଼ ଅଭୟାରଣ୍ୟର ବାଘୁଣୀ (ସୁନ୍ଦରୀ)କୁ ଆଣି ରକ୍ଷଣଗୃହରେ ରଖାଯାଇଥିଲା। ୬।୭।୨୦୧୮ରେ ପ୍ରଥମେ ବାଘ ଓ ୧୭।୮।୨୦୧୮ରେ ବାଘୁଣୀକୁ ଜଙ୍ଗଲକୁ ଛଡ଼ାଯାଇଥିଲା। ସୁନ୍ଦରୀ ଆକ୍ରମଣରେ ହାତୀବାରି ଗାଁର କେତେ ଜଣଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରିଥିଲେ। ପୁନଶ୍ଚ ୨୧।୧୦।୨୦୧୮ରେ ପମ୍ପାସର ରେଞ୍ଜ୍ ଟାଇଁସି ଗ୍ରାମର ତ୍ରିନାଥ ସାହୁଙ୍କୁ ସୁନ୍ଦରୀ ମାରିଦେବା ଯୋଗୁ ଗ୍ରାମବାସୀ ପମ୍ପାସର ରେଞ୍ଜର ବନ କର୍ମଚାରୀଙ୍କୁ ମାଡ଼ମାରି ଟାଇଁସି ଗ୍ରାମର କୋଠଘରେ ବନ୍ଦକରି ଅଟକ ରଖିଥିଲେ। ତା'ପରେ ଉତ୍ତ୍ୟକ୍ତ ଲୋକେ ଢେଲା ମାଡ଼ କରିବା ସହ ପୋଲିସ ବିଭାଗର ୨ଟି ଭ୍ୟାନ୍‌କୁ ଜାଳିଦେଇଥିଲେ। ଏପରି ଘଟଣା ଓଡ଼ିଶା ଜଙ୍ଗଲ ବିଭାଗ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସରକାର ଅଭୟାରଣ୍ୟର ଚତୁଃପାର୍ଶ୍ୱ ଗ୍ରାମଗୁଡ଼ିକର ଜନପ୍ରତିନିଧି ଏବଂ ସାତକୋଶିଆ କ୍ଷତିଗ୍ରସ୍ତ ସୁରକ୍ଷା ସମିତିର ସଭ୍ୟମାନଙ୍କ ସହ ବିଚାରବିମର୍ଶ କରି ଅଗ୍ରସର ହେବା ଶ୍ରେୟସ୍କର।

**-ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଳା, ଅନୁଗୋଳ**

## ଚିରନ୍ତନୀ

ବସନ୍ତର ସୁଧା ମୁଁ ଗୋ ପିଉଥିଲି ମରମେ,
ତୁମେ ଆସି ଉଭା ହେଲ ମରିଗଲି ସରମେ।
ନ ପାରିଲି କହି ତ ପରାଣ କଥାଟି
ଯାତନା ସେ ଦେଲା ଅତି ମୂକ ମୋର ବ୍ୟଥାଟି।
ଧୀରେ ତୁମେ ଚାହିଁଗଲ ଚମକାଇ ଅବନୀ,
କହ କିମ୍ବା ଏଥି ଆସି ଉଭା ହେଲ ସଜନୀ!
-(ଛନ୍ଦ ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଭଦ୍ରା ଓଠରେ ହସ

**ମୌସୁମୀ ଦାସ୍**

ଜାନକୀର ବାହାଘର ତା' ବାପା ଅଠର ବର୍ଷ ନ ପୂରୁଣୁ କରି ଦେଇଥିଲା। ଟିକିଟି ଭଳି ଗାଁରେ ଏବେ ବି କୋଉଠି କୋଉଠି ନିମ୍ନମଧ୍ୟବିତ୍ତ ପରିବାରରେ ଝିଅମାନଙ୍କୁ ଅଳ୍ପ ବୟସରେ ବାହା ଦେଇଦେବାର ଚଳଣି ରହିଛି। ଜାନକୀ ତଳକୁ ଆହୁରି ତିନିଟା ଝିଅ। ବାପା ତା'ର ବିଲମୂଲିଆ। ବଡ଼ ପରିବାରଟିକୁ କଷ୍ଟେମଷ୍ଟେ ଚଳାଏ। ଜାନକୀର ବର ମଧୁ ବରହମ୍ପୁରରେ ମିସ୍ତ୍ରି କାମ କରୁଥିଲା। ରୂପ ଗଢ଼ଣ ସରସା ଦେଖି ମଧୁ ମନଖୁସିରେ ବିନା ଜାନିଯୌତୁକରେ ବାହାଘର ପାଇଁ ରାଜି ହେଇଯାଇଥିଲା। ବାହାଘର ପୂର୍ବରୁ ଜାନକୀ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଥିଲା। ଆଉ ଆଗକୁ ପଢ଼େଇବା ପାଇଁ ତା' ବାପାର ସାମର୍ଥ୍ୟ କାହିଁ ଥିଲା ଯେ! ମଧୁର ପରିବାରରେ କେବଳ ତା'ର ଜଣେ ବିଧବା ବଡ଼ ଭଉଣୀ ରମାନାନୀ ରହୁଥିଲା। ବଡ଼ ନଣନ୍ଦ ହେଲେ କ'ଣ ହେଲା, ଜାନକୀର ବଡ଼ଭଉଣୀ ଭଳି ସେ ତାକୁ ଆଦରି ନେଲା। ଜାନକୀ ବି ଶାଶୁଘରକୁ ଖୁବ୍‌ଶୀଘ୍ର ଆଦରି ନେଇ ବାପଘର ଦୁଃଖକଷ୍ଟ ଭୁଲି ଯିବାକୁ ଲାଗିଲା। ମଧୁ ଭଲ ରୋଜଗାର କରୁଥିଲା। ଛୋଟ ପରିବାରଟି ଚଳିବାରେ କିଛି ଅସୁବିଧା ହେଉ ନ ଥିଲା। ବେଳେବେଳେ ମଧୁ ଅଧିକା ଖର୍ଚ୍ଚକରି ପକେଇ ଜାନକୀ ପାଇଁ ଛୋଟମୋଟ ଉପହାର ନେଇଆସେ। ମନେ ମନେ ଖୁସୀ ହେଲେ ବି ପିଲାଦିନୁ ଦାରିଦ୍ର୍ୟ ଦେଖି ଆସିଥିବା ଜାନକୀ କୁହେ, "ହଇ ହେ, ଆଗକୁ ନଜର ପକେଇ ଖର୍ଚ୍ଚବାର୍ଚ୍ଚ କରିବା ନା ଆଉ, ନ ହେଲେ ହଠାତ୍ ଲୋଡ଼ା ପଡ଼ିଲା ବୋଇଲେ, କା'କୁ ହାତ ପତେଇବା ଯେ?" ମଧୁ ବି ତା' କଥାରେ ସହମତ ହେଇ କୁହେ, "ହଁ ହଁ, ତୁ ଠିକ୍ କଥା କହୁଚୁ। ହଉ ଏଥର ଆଗକୁ ପଇସା ଆଟେଇବା। ମୁଁ ତ ତୋତେ ନ ହେଲେ ନାନୀ କି ସବୁଦିନର ମଜୁରି ଆଣି ଧରେଇ ଦେଉଛି। ତମେମାନେ ଯେମିତି ଚଳେଇବ, ସେମିତି ଚାଲିବ।" ତା' ସରଳ ନିଷ୍କପଟ କଥାରେ ଜାନକୀର ହୃଦୟ ପୂରିଯାଏ।

ପ୍ରତିଦିନର ଖର୍ଚ୍ଚ ବାଦ୍ ଯାଇ କିଛି ସଞ୍ଚୟ ବି କରିପାରୁଥିଲା ଜାନକୀ। ମଧୁ ଏକଥା ଦେଖି ଭାରି ଖୁସି ହେଉଥିଲା। ରମାନାନୀ ବି କହୁଥିଲା, 'ବୁଝିଲୁରେ ମଧୁ, ଆମ ଜାନକୀ ବଡ଼ ପାରିବାର। ଖାସା ବୋହୂ ପିଲାଟିଏ ଆଣିଛୁ ଏକା।' ଜାନକୀ ନିଜର ପ୍ରଶଂସା ଶୁଣି ଲାଜେଇ ଯାଉଥିଲା।

ଦିନେ ମଧୁ ତାକୁ କହିଲା, "ଜାଣିଲୁ ନା ଲୋ, ଆମ ପଧାନମନ୍ତ୍ରି ଆମ ଭଳି ଗରିବଗୁରୁବାଙ୍କ ଲାଗି ଗୋଟେ ଭଲ ଯୋଜନା ଆଣିଛନ୍ତି। ତା'ର ନାଁ ହେଲା ଜନମନ ଯୋଜନା। ଏଇଥିରେ ବେଙ୍କରେ ରମାନାନୀ ଆଉ ତୋ' ନାଁରେ ଖାତା ଖୋଲିବାକୁ କିଛି ହେଲେ ପଇସା ଜମା କରିବାକୁ ପଡ଼ିଅନି।" ଜାନକୀ ଖୁସି ହେଇଗଲା। ପରଦିନ ଆଧାର କାର୍ଡ ଆଉ ରେଶନ କାର୍ଡ, ଫଟୋ ଆଉ ଅନ୍ୟ ସବୁ କାଗଜପତ୍ର ଧରି ମଧୁ ଦୁହିଁଙ୍କୁ ସାଙ୍ଗରେ ନେଇ ଜନଧନ ଯୋଜନାରେ ବେଙ୍କରେ ଖାତା ଖୋଲି ଦେଇ ଆସିଲା। ଦୁଇଟିଯାକ ଖାତାରେ ସେ ନିଜେ ନେଇ ମଝିରେ ମଝିରେ ତିନିଶହ ପାଞ୍ଚଶହ ଜମା କରି ଦେଉଥିଲା। ତିନି ବର୍ଷରେ ଦୁଇଟି ଛୁଆ ତା' କୋଳ ଭର୍ତ୍ତି କରି ଆସିଗଲେ। ପିଲାମାନଙ୍କ କେତେ କ'ଣ ଖର୍ଚ୍ଚ ବଢ଼ି ଯାଉଥିଲା। ରେଶନ କାର୍ଡରେ ଚାଉଳ ମିଳିଯାଉଥିଲେ ବି ବଜାରରେ ତେଲ ଲୁଣ ପରିବାପତ୍ର ଦରଦାମ୍ ତ ଦିନକୁ ଦିନ ବଢ଼ି ଚାଲୁଥିଲା! ତଥାପି ପରିବାରଟି କଷ୍ଟେମଷ୍ଟେ ଚଳେଇ ନେଉଥିଲା ମଧୁ।

ରମାନାନୀ ଆଉ ଜାନକୀଙ୍କ ପାଦତଳୁ ସେଦିନ ମାଟି ଖସିଗଲା, ଯେଉଁଦିନ ମଧୁ ଭାରାରେ ଚଢ଼ି କାମ କଲାବେଳେ ଭାରସାମ୍ୟ ହରେଇ ପାଞ୍ଚମହଲା ଉଚ୍ଚତାରୁ ପଡ଼ିଗଲା। ଜୀବନ ସିନା ରହିଗଲା, ହେଲେ ମଧୁର ଗୋଟିଏ ପାଖ ଅଙ୍ଗ ସବୁଦିନ ପାଇଁ ଅଚଳ ହେଇଗଲା। କ'ଣ କେମିତି ଘର ଚଳିବ? ଏଣେ ଛୋଟ ପିଲା ଦିଇଟା ସାଙ୍ଗକୁ ମଧୁର ଚିକିତ୍ସା ଭାବି ଭାବି ଥଳକୂଳ ପାଉ ନ ଥା'ନ୍ତି ନଣନ୍ଦ, ଭାଉଜ।

ତାଙ୍କ ପଡ଼ୋଶୀ ନାନୀ ଜଣେ ତାକୁ ଭଲ ଉପାୟଟିଏ ବତେଇଲେ। 'ତମେ ଇମିଟେସନ ଗହଣାର ବେପାର କରିବ କି?' ନାନୀ ଆଉ ତାଙ୍କର ଦୁଇ ଝିଅ ବି ଇମିଟେସନ କାନଫୁଲ, ହାର, ଚୁଡ଼ି ଆଦି କଲିକତାରୁ ଆଣି ଏଠି ବଜାରରେ ମେଳା ମଉଚ୍ଛବରେ, କଲେଜ ବାହାରେ ଉଠା ଦୋକାନ କରି ଭଲ ଦୁଇ ପଇସା ଲାଭ କରୁଥିଲେ।

'ହେଲେ ମୂଳଧନ...'

'ହଜାରେ ଟଙ୍କାରୁ ବି ତମେ ଏ ବେପାର ଆରମ୍ଭ କରିପାରିବ।'

ଜାନକୀର ମନକୁ ପାଇଲା। ରମାନାନୀକୁ ଆସି ସବୁକଥା କହିଲାଠୁ, ସେ ବି ଭରସା ଦେଲା, 'ହଉ, ତୁ ଯଦି ଭାବୁଛୁ କରିପାରିବୁ, ତା'ହେଲେ କରେ। ହେଲେ ବେପାର ପାଇଁ ଆମ ପାଖରେ ଧନ କାହିଁ ଅଛି ଯେ?'

"ନାନୀ, ପଡ଼ିଶା ନାନୀ ତ କହିଲେ, ଟଙ୍କା ହଜାରେ ହେଲେ ବି ଆରମ୍ଭ କରିପାରିବ। ମୁଁ ଭାବୁଛି, ମୋର ବେଙ୍କ୍ ଖାତାରେ କେତେ ଟଙ୍କା ଥିବ ବୋଲି। ସେତିକି ଆଣିଲେ ଆରମ୍ଭ କରିପାରିବି ଯେ, ପିଲାମାନେ ଆଉ ୟା'ଙ୍କ କଥା କେମିତି ବୁଝିପାରିବି?" 'ଆଲୋ, ତୁ ଏସବୁ ଚିନ୍ତା କରେନା। ମୁଁ ତ ଅଛି! ତୁ ଆଗ କାମ ଆରମ୍ଭ କରେ।'

ଜାନକୀ ମୂଳଧନ ହଜାରେ ଟଙ୍କାରେ କିଛି ମାଳି, କାନଫୁଲ, କ୍ଲିପ, ଚୁଡ଼ି କିଣିକି ଛୋଟ ପସରାଟେ ନେଇ ଉମେନ୍ସ କଲେଜ ଆଗରେ ବସିଲା। ଦଶଟଙ୍କା, କୋଡ଼ିଏ ଟଙ୍କାର ଫେସନ ଜିନିଷ ଦେଖି ଝିଅମାନେ ଆଗ୍ରହରେ କିଣିନେଲେ। ପ୍ରଥମ ଦିନ ଜାନକୀର ମୂଳଧନ ବାଦ୍ ଆହୁରି ତିନିଶହ ଟଙ୍କା ଲାଭ ହେଲା। ଏମିତି ପ୍ରତିଦିନ କିଛି କିଛି ନୂଆ ଜିନିଷ କିଣି ସୁଲଭ ଦରରେ ବିକି ଦୁଇ ପଇସା ଅଧିକ ଲାଭ କରିପାରିଲା। କେବେ କୋଉ ଶ୍ରମିକ ବସ୍ତି ତ କେବେ କୋଉ ମେଳା ଯାତ୍ରା ବି ପଡ଼ୋଶୀଙ୍କ ସହିତ ଯାଏ। ମଧୁର ଔଷଧପତ୍ର ସାଙ୍ଗକୁ ଘରଖର୍ଚ୍ଚ ବି ରହିଛି। କଷ୍ଟେମଷ୍ଟେ ଚଳେଇବାକୁ ପଡ଼େ। ଏମିତି ଏମିତି ବିତି ଗଲା ଆଉରି ଦି' ବର୍ଷ।

ସେଦିନ ପଡ଼ିଶା ଘର ଝିଅ ଲିତା ତାକୁ ଆସି ଖୁବ୍ ଖୁସିରେ କହିଲା, "ଭାଉଜ, ଏଥର ତମର ଦୁଃଖ ଯିବ। ନୂଆ ସରକାର ଆମ ତୁମ ଭଳି ସ୍ତ୍ରୀଲୋକମାନଙ୍କ ପାଇଁ ଗୋଟେ ଭଲ ଯୋଜନା ଆଣିଛନ୍ତି। ତା' ନାଁ ହେଉଛି ସୁଭଦ୍ରା ଯୋଜନା। ଆମ ଜଗନ୍ନାଥ ମାହାପ୍ରଭୁଙ୍କ ଭଉଣୀ ସୁଭଦ୍ରାଙ୍କ ନାଁ ଅନୁସାରେ ଏଇ ଯୋଜନା ସବୁ ସ୍ତ୍ରୀଲୋକଙ୍କୁ ନିଜ ଗୋଡ଼ରେ ଠିଆ ହେବାକୁ ସାହାଯ୍ୟ କରିବ।"

ଜାନକୀ ଖୁସି ହେଇଗଲା। "ସତେ କି! ହେଲେ କେମିତି କ'ଣ ହେଇପାରିବ?" ଲିତା ତା'ର ୟୁଟ୍ୟୁବ୍ ଖୋଲି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣେଇ ଦେଲା। ପାଞ୍ଚ ହଜାର ଟଙ୍କା ବେଙ୍କ୍ ଖାତାକୁ ଆସିଲେ, ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବାକୁ ସମ୍ବଳ ପାଇବେ। ସିଲେଇ ଠୁଁ ନେଇ ଖଲିପତ୍ର ଦନା ତିଆରି, ପରିବା ଚାଷ ଠୁଁ ନେଇ ଛତୁଚାଷ, ଯେ କୌଣସି କାମରେ ସେଇ ଅର୍ଥ ବିନିଯୋଗ କରି ରୋଜଗାରକ୍ଷମ ହେବା ସହିତ ପରିବାରକୁ ସହାୟତା ଯୋଗେଇ ପାରିବେ। ଏସବୁ ଶୁଣି ଜାନକୀ ଓ ରମାନାନୀ ଆଶ୍ଚର୍ଯ୍ୟ ହେଉଥିଲେ। 'ହେଲେ ଆମେ କେମିତି ଏଇ ଟଙ୍କା ପାଇବା?' ରମାନାନୀ ଜାଣିବାକୁ ପଚାରିଲା।

ସେଉଠୁ ଲିତା ବୁଝେଇ ଦେଲା, "ତମ ଦିହିଙ୍କ ନାଁରେ ବେଙ୍କ୍ ଖାତା ତ ଅଛି। ଖାଲି ଜନସେବା କେନ୍ଦ୍ରରୁ ଫର୍ମ ଆଣି ପୂରଣ କରି ଜମା କରିଦେବା କଥା। ତମର ଆଧାର କାର୍ଡ ଆଉ ଫୋନ ନମ୍ବର ବେଙ୍କ୍ ଖାତାରେ ଯୋଡ଼ା ହେଇଥିବ ଖାତା ଖୋଲାବେଳେ।" 'ହଁ, ହେଇଛି ତ।' "ତା' ହେଲେ ଆଉ କିଛି ଅସୁବିଧା ନାହିଁ। କାଲି ଯାଇ ଏଇ ସାହି ମୁଣ୍ଡରେ ଯୋଉ ଜନସେବା କେନ୍ଦ୍ର ଅଛି, ସେଇଠୁ ଫର୍ମ ନେଇ ଆସ ଦୁଇଜଣଙ୍କର। ଏକାଥରେ ଦି'ଜଣଙ୍କର ପାଞ୍ଚ ପାଞ୍ଚ, ଦଶହଜାର ହେଲେ ତମେ ଦି'ଜଣ ମିଶି ଗୋଟେ ମନୋହରି ଦୋକାନ କରିପାରିବ। ବେଙ୍କ୍‌ରେ ଟଙ୍କା ଥିଲେ ହିଁ ସ୍ତ୍ରୀଲୋକଟିଏ ନିଜେ ସ୍ୱାବଲମ୍ବୀ ହେବାକୁ କିଛି ନୂଆ କାମ କରିପାରିବ ଆଉ ପରିବାରକୁ ସ୍ୱଚ୍ଛଳ କରିପାରିବ।"

ରମାନାନୀ ଶୁଣି ଖୁସିରେ କହିଲେ, 'ଭଲ କଥା ନା। ଯା'ହେଉ ସରକାର ଏତେ ଦିନକେ ଆମ ଦୁଃଖ ବୁଝିଲେ।'

ଜାନକୀ ଖୋଲା ଆଖିରେ ସ୍ୱପ୍ନ ଦେଖିବାକୁ ଲାଗିଲା। "ଆହାଃ ନାନୀ, ଏତିକି ତମ ଭାଇ ଶୁଣି କେତେ ଖୁସି ହେଇଯିବେ ନା। ସେ ସୁଭଦ୍ରା ମାଆ ଇଚ୍ଛା କଲେ ଆମ ଦୁଃଖ ଦୂର ହେଇଯିବ।"

ଜାନକୀ ସେଦିନ ରାତିରେ ସ୍ୱପ୍ନ ଦେଖିଲା, ସେ ଛୋଟିଆ କେବିନଟିଏ କରିଛି। ସେଇଠି ସବୁ ଇମିଟେସନ ଚୁଡ଼ି ଗହଣା ରଖିଛି। ତା'ର ଦୋକାନରେ ଝିଅମାନଙ୍କ ଗହଳି ଲାଗି ରହିଛି। ସେ ଆହୁରି ଆହୁରି ବେପାର ବଢ଼ାଉଛି। ନିଜେ ପିଲାଦିନେ ଶିଖିଥିବା କେତେ ପ୍ରକାର ମାଳିବୁଣା, ଚୁଡ଼ି ଡିଜାଇନ କରିବା ବିଦ୍ୟାକୁ ଉପଯୋଗ କରି ନିଜ ହାତ ତିଆରି ଜିନିଷ ରଖିଛି।

ସେସବୁର ଚାହିଦା ବଢୁଛି। ଜାନକୀ ଉଠାକେବିନ ଛାଡ଼ି ଦୋକାନ ଘରଟିଏ ଭଡ଼ା ନେଉଛି। ତାକୁ ଓ ନାନୀକୁ ପ୍ରତି ଛ' ମାସରେ କିସ୍ତିୱାରି ପାଞ୍ଚହଜାର ଲେଖାଏ ଦୁହିଁଙ୍କ ବେଙ୍କ୍ ଆକାଉଣ୍ଟକୁ ଆସୁଛି ଆଉ ସେ ସେହି ଅର୍ଥ ବିନିଯୋଗ କରି ତା'ର ବ୍ୟବସାୟ ବଢ଼ାଇଛି। ସ୍ୱାବଲମ୍ବୀ ହେବା ସହିତ ଘର ପରିବାରର ସବୁ ଦାୟିତ୍ୱ ତୁଲେଇ ପାରୁଛି। ଜାନକୀ ଆହୁରି ସ୍ୱପ୍ନ ଦେଖିଲା, ସେ ନିଜେ ବିଭିନ୍ନ ଇମିଟେସନ ଗହଣା ଡିଜାଇନ କରିବା ସହିତ ଆଉରି ଅନ୍ୟ ଝିଅମାନଙ୍କୁ ବି ଶିଖାଉଛି ଏବଂ ତା' ଉଦ୍ୟମରେ ଗଢ଼ି ଉଠିଛି ଗୋଟେ ଷ୍ଟାର୍ଟ ଅପ୍। ତାକୁ ଆଉ ରମାନାନୀଙ୍କୁ 'ସୁଭଦ୍ରା ଅପା' ଆଖ୍ୟା ମିଳୁଛି। ତାଙ୍କ କାହାଣୀକୁ "ମୋ ସୁଭଦ୍ରା ସ୍ତ୍ରୀ' କରାହେଉଛି। ତା'ର ଉଦ୍ୟମରେ ସଫଳତା ଦେଖି ଖୋଦ୍ ମୁଖ୍ୟମନ୍ତ୍ରୀ ମଞ୍ଚକୁ ଡାକି ତାକୁ ଆଉ ରମାନାନୀଙ୍କୁ ସମ୍ମାନ ଦେଉଛନ୍ତି।" ଜାନକୀ ଓ ରମାନାନୀ ଦୁହେଁ ଏମିତି ମଧୁର ସ୍ୱପ୍ନ ଦେଖିବାକୁ ଲାଗିଲେ।

ଜନସେବା କେନ୍ଦ୍ରରେ ସୁରୁଖୁରୁରେ ଦୁହିଁଙ୍କ ପାଇଁ ଫର୍ମ ଆଣି ପୂରଣ କରି ଜମା କରିଦେଇ ଆସିଲା ଜାନକୀ। କିଛି ଦିନରେ ତା' ପାଖକୁ ଫୋନଗଲା, ଦି'ଜଣଙ୍କ ବେଙ୍କ୍ ଖାତାରେ ପାଞ୍ଚ ହଜାର ଲେଖାଏ ଜମା ହେଇଯାଇଛି। ବିଛଣାରେ ଏକପାଖିଆ ଶୋଇଥିଲା ମଧୁ। ଜାନକୀ ଯାଇ ତା' କାନ ପାଖରେ ଧୀରେ କହିଲା, "ହେଇଟି ଶୁଣୁଛ ନା। ଏଥର ଆମର ଦୁଃଖ ଯିବ। ଏଇ ଦଶହଜାର ଟଙ୍କାରେ ନାନୀ ଆଉ ମୁଁ ମିଶି ଲେଡିଜ କର୍ନର କରିବୁ। ମୁଁ ନିଜେ ଏମିତି ସୁନ୍ଦର ହାତତିଆରି ଇମିଟେସନ ମାଳି, ଗହଣା ଗଢ଼ିବି ଯେ ଆମ ଜିନିଷର ଡିମାଣ୍ଡ ବଢ଼ିବାରେ ଲାଗିବ। ଦେଖିବ, ଆମର ଆଉ କିଛି ବି ଅସୁବିଧା ରହିବନି। ପଇସା ଅଭାବରୁ ସିନା ତମର ଭଲରେ ଚିକିତ୍ସା ହେଇପାରୁନି ଏବେ। ଭଲରେ ବ୍ୟବସାୟ ବଢ଼ିଯିବ ତ ତମର ଭଲରେ ଚିକିତ୍ସା କରିବାକୁ ଆଉ ଅସୁବିଧା ହେବନି। ଦେଖିବ, ତମେ ଦିନେ ନିଶ୍ଚୟ ପୂରା ଭଲ ହେଇଯିବ।"

ମଧୁର ଶୁଖୁଲା ମୁହଁରେ ହସଟିକେ ଚହଟିଗଲା, ଆଉ ତା' ସାଙ୍ଗକୁ ଗୋଟିଏ ଆଖିର କଡ଼ରୁ ଝରି ଆସିଲା ଲୁହଧାରେ। କାନ୍ଥରେ ଝୁଲୁଥିବା ତିନିଠାକୁରଙ୍କ ବିଗ୍ରହ ଆଡ଼କୁ ଚାହିଁଲା ଜାନକୀ। ମାଆ ସୁଭଦ୍ରାଙ୍କ ଓଠରେ ଲାଖି ରହିଥିଲା ଆଶ୍ୱାସନାର ଧାରେ ହସ।

**– ସତ୍ୟନଗର, ଭୁବନେଶ୍ୱର**

# ରୋଗ ବାଣ୍ଟୁଛି କାଗଜ କପ୍ ଚା'

## କଟକଣା ପରେ ବି ନିର୍ଦ୍ଦେଶ ମାନୁନାହାନ୍ତି ଦୋକାନୀ



**ଭୁବନେଶ୍ୱର, ୧୫।୯ (ବନ୍ଦନା ସେଠୀ)**

କାମ ବ୍ୟସ୍ତତା ଭିତରେ ଟିକିଏ ରିଲାକ୍ସ ପାଇଁ ହେଉ ଅବା ଅଭ୍ୟାସଗତ ଭାବେ ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଚା' କଫି ଆଦି ପିଇବାକୁ ଭଲପାଆନ୍ତି। ତେଣୁ ସହରଠୁ ଆରମ୍ଭ କରି ଗାଁ ରାସ୍ତାପାର୍ଶ୍ୱ, କଲୋନୀ, ବସ୍ତିରେ ଚା'ଦୋକାନ ଖୋଲିଛି। ପୂର୍ବରୁ କାଚ ଗ୍ଲାସ୍, ଚିନାମାଟି କିମ୍ବା ମାଟି କପ୍‌ରେ ଚା' ଦେଉଥିଲେ ଦୋକାନୀ। ହେଲେ ଏବେ ଏହାର ସ୍ଥାନ ନେଇଛି କାଗଜ କପ୍। ଏହା ଦୋକାନୀଙ୍କ ପାଇଁ ସୁବିଧାଜନକ ହେଉଥିଲେ ମଧ୍ୟ ଗ୍ରାହକଙ୍କ ପାଇଁ ବିପଦ ସାଜୁଛି। ଏହି ୟୁଜ୍ ଆଣ୍ଡ୍ ଥ୍ରୋ ବା ଏକକ ବ୍ୟବହାରଯୋଗ୍ୟ କପ୍ ଅଜାଣତରେ ଗ୍ରାହକଙ୍କୁ ରୋଗ ବାଣ୍ଟୁଛି।

କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରର କ୍ଷତି ହେଉଥିବା ନେଇ ଆଇଆଇଟି ଖଡ଼ଗପୁରର ଏକ ଗବେଷଣା ରିପୋର୍ଟରୁ ଜଣାପଡ଼ିଛି। କାଗଜ କପ୍‌ରେ ଗରମ ଚା' ପିଇବା ଦ୍ୱାରା କ୍ୟାନ୍ସର ଭଳି ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ଡାଇରିଆ, ପାଚନଶକ୍ତି କ୍ଷୟ, କିଡ୍‌ନୀ ନଷ୍ଟ ହେବାର ମଧ୍ୟ ସମ୍ଭାବନା ଅଧିକ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### କ'ଣ କୁହନ୍ତି ଏମାନେ...

**କାଗଜ କପ୍‌ରେ ମିଶୁଛି କେମିକାଲ**



କାଗଜ କପ୍‌କୁ ୱାଟରପ୍ରୁଫ୍ କରିବା ପାଇଁ ସେଥିରେ କେମିକାଲ ମିଶୁଛି। ଗରମ ଚା' କିମ୍ବା କଫି ସଂସ୍ପର୍ଶରେ ଆସିବା ମାତ୍ରେ ତାହା ତରଳି ଚା'ରେ ମିଶି ପେଟକୁ ଯାଇ ରୋଗ ସୃଷ୍ଟି କରୁଛି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା କ୍ୟାନସର୍‌ଠାରୁ ଆରମ୍ଭ କରି ପେଟ ସମସ୍ୟା ଏବଂ ଅନ୍ୟାନ୍ୟ ରୋଗ ସୃଷ୍ଟି ହେବାର ଆଶଙ୍କା ରହୁଛି। ସେହିପରି ଅନେକ ଲୋକ କ୍ଷୀର ଜରି କିମ୍ବା ଅନ୍ୟାନ୍ୟ ଜରିରେ ଚା' ପାର୍ସଲ ନେଉଛନ୍ତି। ଏହାଦ୍ୱାରା ମଧ ରୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଲୋକମାନେ ସଚେତନ ନ ହେବେ, ତେବେ ଭବିଷ୍ୟତରେ ସେମାନେ ନିହାତି ରୋଗରେ ପଡିବେ।

-ଡା. ଧନଞ୍ଜୟ ଦାସ, ସୁପରିଣ୍ଟେଣ୍ଡେଣ୍ଟ୍, କ୍ୟାପିଟାଲ ହସ୍ପିଟାଲ

**ଜାଣିଛି, ତଥାପି ପିଇଦେଉଛି**



ଦିନରେ ଦୁଇକପ୍ ଚା' ନହେଲେ ମୋର ଚଳେନି। ଦୋକାନ ଚା' ପିଇବାକୁ ଭଲ ଲାଗୁଥିବାରୁ ବାହାରେ ହିଁ ଚା' ପିଏ। ଦୋକାନୀ ପୂର୍ବରୁ କାଚ୍ ଗ୍ଲାସରେ ଚା' ଦେଉଥିଲେ, ହେଲେ ଏବେ ଶସ୍ତା ସୁନ୍ଦର ପାଇଁ କାଗଜ କପ୍‌ରେ ଧରାଇ ଦେଉଛନ୍ତି। ଏଥିରେ ପିଇଲେ ରୋଗ ହେବାର ଆଶଙ୍କା ଅଛି ବୋଲି ଆଗରୁ ଜାଣିଛି, ମାତ୍ର ଦୋକାନୀ ଯେଉଁଥିରେ ଦେଉଛନ୍ତି ପିଇ ଦେଉଛି।

- ହନୁମନ୍ତ ମେହେର, କର୍ମଜୀବୀ

**ନିୟମ ସବୁଠି କଡ଼ାକଡ଼ି ଲାଗୁ ହେବା ଦରକାର**



କାଚଗ୍ଲାସ୍ କିମ୍ବା ମାଟି କପ୍ ସବୁ ଦୋକାନୀ ରଖୁନାହାନ୍ତି। ଆଉ ଯିଏ ରଖୁଛନ୍ତି, ଚା' କପ୍‌କୁ ୭ଟଙ୍କା ବଦଳରେ ୧୦ଟଙ୍କା ନେଉଛନ୍ତି। ତେଣୁ କାଗଜ କପ୍‌ରେ ପି' ସାରିବା ପରେ ତାକୁ ଫୋପାଡ଼ି ଦେବା ସବୁଠାରୁ ସହଜ କଥା। ଆଗକୁ କେବଳ ପୁନଃ ବ୍ୟବହାରଯୋଗ୍ୟ ପାତ୍ରରେ ଚା' ପିଇବା ତେବେ ଏହି ନିୟମ କେବଳ ରାସ୍ତାକଡ଼ ଦୋକାନୀଙ୍କ ପାଇଁ ଲାଗୁ ନ କରି ବଡବଡ କଫିଶପ୍, ଏୟାରପୋର୍ଟ, ରେଲ୍‌ୱେ ଷ୍ଟେଶନ୍ ଆଦିରେ ଥିବା ଦୋକାନ ଉପରେ ମଧ ଲାଗୁ କରିବା ଦରକାର।

- ସମରଜିତ୍ ସାହୁ, କର୍ମଜୀବୀ

**ଦୋକାନୀ କହୁଛନ୍ତି, ଇଚ୍ଛା ହେଲେ ପିଅ ନ ହେଲେ ନାଇଁ**



ସବୁ ଦୋକାନୀ କାଚଗ୍ଲାସ କିମ୍ବା ମାଟି କପ୍ ରଖୁନାହାନ୍ତି। କାଗଜ କପ୍‌ରେ କାହିଁକି ଚା' କଫି ଦେଉଛ ବୋଲି ପଚାରିଲେ ଓଲଟା କହୁଛନ୍ତି 'ଇଚ୍ଛା ହେଲେ ପିଅ ନ ହେଲେ ନାଇଁ। ଆମେ ତ ଆଉ ପକେଟ୍‌ରେ ଗ୍ଲାସ୍ ଧରି ବୁଲି ପାରିବୁନି, ତେଣୁ ଯାହା ମିଳୁଛି ସେଥିରେ ଚଳେଇ ନେଉଛୁ। ତେବେ ଏନେଇ ବିଏମ୍‌ସି ପକ୍ଷରୁ ଜୋର୍‌ଦାର ଅଭିଯାନ ହେବା ଦରକାର। ସମସ୍ତ କାଗଜ କପ୍‌କୁ ସିଲ୍ କରି ଯେଉଁ ଦୋକାନୀମାନେ ଏହାକୁ ରଖୁଛନ୍ତି ସେମାନଙ୍କୁ ଜରିମାନା ଆଦାୟ କରାଯିବା ଦରକାର।

-ଅଙ୍କିତ୍ ସ୍ୱାଇଁ, କର୍ମଜୀବୀ

**କଟକଣା ଲାଗିଲେ ଚା' କଫି ଦର ବଢ଼ିଯିବ**

ଆଗରୁ କାଚ ଗ୍ଲାସ୍‌ରେ ଚା' ଦେଉଥିଲି। ହେଲେ ଭିଡ଼ ସମୟରେ ଅଇଁଠା ଗ୍ଲାସ୍‌କୁ ଧୋଇକି ଗ୍ରାହକଙ୍କୁ ଚା' କିମ୍ବା କଫି ଦେବା ସମ୍ଭବ ନୁହେଁ। ପୁଣି ଏଥିପାଇଁ ପାଣି ବ୍ୟବସ୍ଥା ମଧ କରିବାକୁ ପଡୁଥିଲା। ମାଟି କପ୍ ଆଣିଲେ ଚା'ର ଦାମ୍ ବଢ଼ାଇବାକୁ ପଡ଼ିବ। ପୁଣି ଏକା ସମୟରେ ଅଧିକ କପ୍ ଆଣିବା ବେଳକୁ ସେଥିରୁ କିଛି ଭାଙ୍ଗି ଯାଉଥିବାରୁ ଆମର କ୍ଷତି ହେଉଛି। ତେଣୁ ଆମ ପାଇଁ ୟୁଜ୍ ଆଣ୍ଡ୍ ଥ୍ରୋ କପ୍ ସବୁଠାରୁ ଭଲ। କଟକଣା ଲାଗିଲେ ଚା' କଫି ଦାମ୍ ବଢ଼ିଯିବ।

-ସରୋଜ ମହାକୁଡ଼, ବ୍ୟବସାୟୀ

କାଗଜ କପ୍ ଡିସ୍‌ପୋଜ ହେଉଥିଲେ ମଧ୍ୟ ଏଥିପାଇଁ ସମୟ ଲାଗିଥାଏ। ଅପରପକ୍ଷେ ଚା' ପିଇସାରି ଲୋକମାନେ ଏଣେତେଣେ କପ୍ ଫୋପାଡୁଥିବାରୁ ଏହାଦ୍ୱାରା ଆଖପାଖ ପରିବେଶ ମଧ ପ୍ରଦୂଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସେପ୍ଟେମ୍ବର ୧୧ରୁ ଚା' ଦୋକାନୀଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ଦୋକାନୀ ଏକକ ବ୍ୟବହାର ବା କାଗଜ କପ୍‌ରେ ଚା' ନ ଦେଇ ପୁନଃ ଉପଯୋଗ ହୋଇପାରୁଥିବା ମାଟି କପ୍, କାଚଗ୍ଲାସ୍ ଆଦିରେ ଚା' କିମ୍ବା କଫି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ରାଜଧାନୀର ଚା' ବ୍ୟବସାୟୀମାନେ ନିର୍ଦ୍ଦେଶକୁ ମାନୁନାହାନ୍ତି। ଲୋକମାନେ ମଧ ଅଚିନ୍ତାରେ କାଗଜ କପ୍‌ରେ ଚା' ଓ କଫି ପିଉଥିବା ଦେଖାଯାଉଛି। ଶରୀର ପାଇଁ ଏହା ଯେ କେତେ ଭୟଙ୍କର ବିପଦ ଆଣୁଛି, ତାହା ହୁଏତ ଲୋକେ ଜାଣିନାହାନ୍ତି ବା ସଚେତନ ନୁହନ୍ତି। ଏପରି ସ୍ଥିତିରେ ଆଇଆଇଟି ଗବେଷଣା ଓ ବିଏମ୍‌ସିର ନିର୍ଦ୍ଦେଶନାମା ବେଶ୍ ଗୁରୁତ୍ୱ ବହନ କରୁଛି।

# ପ୍ରଜାକୋର୍ଟରେ ଶିକ୍ଷକଙ୍କୁ ହତ୍ୟା

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା କାଣ୍ଡା ଜାଗରଗୁଣ୍ଡା ଜଙ୍ଗଲରେ ପୋଲିସ ସୂଚନାଦାତା ସନ୍ଦେହରେ ଜଣେ ଶିକ୍ଷକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ଜାଗରଗୁଣ୍ଡା ଗ୍ରାମର ଶିକ୍ଷକ ଦୁଧି ଅର୍ଜୁନଙ୍କୁ ମାଓବାଦୀମାନେ ଶନିବାର ରାତିରେ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ପ୍ରଜାକୋର୍ଟରେ ସୂଚନାଦାତା ବୋଲି ଆରୋପ ଲଗାଇ ନିର୍ଧୂମ୍ ମାଡ ମାରିବା ସହ ରବିବାର ଗଳାକାଟି ହତ୍ୟା କରିଛନ୍ତି। ପରେ ଶିକ୍ଷକଙ୍କ ମୃତଦେହକୁ ରାସ୍ତା ଉପରେ ପକାଇଦେଇ ପୋଲିସ ସୂଚନାଦାତା ହୋଇଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ବୋଲି ଏକ ପୋଷ୍ଟରରେ ଉଲ୍ଲେଖ କରି ମୃତଦେହ ଉପରେ ଛାଡି ଯାଇଛନ୍ତି। ସୁକ୍‌ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କୋମ୍ବିଂକୁ ଜୋରଦାର କରିଥିବା ସୂଚନା ଦେଇଛି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୫।୯ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ମହିଳାଙ୍କ ସମେତ ୫ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ମାଓବାଦୀ ସୋଡି ପିଡେ, ମାଡବି ଭୀମା, ସୋଡି ହୁଙ୍ଗା, ମାଡକମ ଭୀମା ଓ କବାସୀ ବିଲୁ। ଏମାନେ ଛତିଶଗଡର ବିଭିନ୍ନ ସଂସ୍ଥାରେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ବର୍ତ୍ତମାନ ଛତିଶଗଡରେ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ ଆକ୍ରମଣ ଏବଂ କ୍ୟାମ୍ପ ପ୍ରତିଷ୍ଠା ଯୋଗୁ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ଆଗାମୀ ଦିନରେ ଏମାନଙ୍କ ଜୀବନ ବିପଦରେ ଥିବା ଆଶଙ୍କା କରି ଆତ୍ମସମର୍ପଣ କରିଛନ୍ତି। ସେହିପରି ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସହ ସଂଗଠନର କେତେକ ସଦସ୍ୟଙ୍କୁ ମଧ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀ ହତ୍ୟା କରୁଛନ୍ତି। ତେଣୁ ଏଥିରେ ଅତିଷ୍ଠ ହୋଇ ଏହି ୫ ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏମାନଙ୍କୁ ଛତିଶଗଡ ସରକାରଙ୍କ ନୀତି ଅନୁଯାୟୀ ଥଇଥାନ କରିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଛତିଶଗଡ ପୋଲିସ ସୂଚନା ଦେଇଛି।

# ଚେପ୍ଟିଆମ୍ବାରେ ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

## କିଡ୍‌ନୀ ରୋଗୀ ଭାବେ ଚିକିତ୍ସା ଚାଲିଥିଲା: ଡାକ୍ତର

**ଝରିଗାଁ, ୧୫।୯ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡଟେମରା ପଞ୍ଚାୟତ ଅନ୍ତର୍ଗତ ଚେପ୍ଟିଆମ୍ବା ଗ୍ରାମରେ ଝାଡ଼ାବାନ୍ତିରେ ଆଉ ଜଣଙ୍କ ମତ୍ୟୁ ଘଟିଛି। ଫଳରେ ଗ୍ରାମରେ ଡାଇରିଆରେ ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି ପାଇଛି। ଝରିଗାଁ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ଡାଲ ଜାନିଙ୍କ ମୃତ୍ୟୁ ଘଟିଛି।

ଗତ ୬ ତାରିଖରେ ଡାଲ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ଡ଼ାବୁଗାଁ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କୋରାପୁଟ ମେଡ଼ିକାଲକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଡାଲଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ନ ଆସିବାରୁ ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଅନ୍ୟତ୍ର ନେବା ପାଇଁ କହିଥିଲେ। ପରିବାରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ସେମାନେ କାହାକୁ କିଛି ନ କହି ଗତ ଶୁକ୍ରବାର ଅପରାହ୍ନରେ ଡାଲଙ୍କୁ ଧରି ଚେପଟିଆମ୍ବା ଗ୍ରାମକୁ ଫେରି ଆସିଥିଲେ। ଗ୍ରାମରେ କାର୍ଯ୍ୟରତ ଡାକ୍ତର ସମ୍ପୃକ୍ତ ରୋଗୀଙ୍କ ପରିବାରକୁ ବହୁତ ବୁଝାଶୁଝା କରିବାପରେ ଝରିଗାଁ ମେଡ଼ିକାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଶନିବାର ବିଳମ୍ବିତ ରାତିରେ ଡାଲଙ୍କ ମତ୍ୟୁ ଘଟିଛି। ଏ ନେଇ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡାଙ୍କୁ ପଚାରିବାରୁ ଡାଲଙ୍କୁ କିଡ୍‌ନୀ ରୋଗୀ ଭାବେ ଚିକିତ୍ସା ଚାଲିଥିଲା। ଗ୍ରାମରେ ରହିଥିବା ନଳକୂପର ପାଣି ସଂଗ୍ରହ କରିଥିଲେ ମଧ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ଝାଡ଼ାବାନ୍ତି ବ୍ୟାପିବାର କାରଣ ଅସ୍ପଷ୍ଟ ରହିଛି। ଚେପ୍ଟିଆମ୍ବା ଗ୍ରାମରେ ଝାଡ଼ାବାନ୍ତି ଆତଙ୍କ ବଢିବା ଦିନଠାରୁ ଗ୍ରାମରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇଛି। ଉକ୍ତ ଦିନଠାରୁ ଗ୍ରାମରେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଗ୍ରାମବାସୀ କହିବା ଅନୁସାରେ ଗତ ଶୁକ୍ରବାର ଚେପ୍ଟିଆମ୍ବା ସ୍କୁଲରେ ପଢୁଥିବା ପିଲାମାନେ ଗ୍ରାମ ନିକଟସ୍ଥ କରମଚାନ୍ଦ ଗ୍ରାମସ୍ଥିତ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଇଥିଲେ। ତୁମ ଗାଁରେ ଝାଡ଼ାବାନ୍ତି ଚାଲିଛି, ଏଣୁ ଏହି ସ୍କୁଲକୁ ଆସିଲେ ଆମ ଗାଁରେ ମଧ ବ୍ୟାପିବ ବୋଲି କରମଚାନ୍ଦ ଗ୍ରାମର ଲୋକେ ପିଲାଙ୍କୁ ବାରଣ କରି ସେଠାରୁ ତଡି ଦେଇଥିବା ଜଣାପଡ଼ିଛି।


**ZILLA PARISHAD, DHENKANAL**

**SHORT ADVERTISEMENT**

**Invitation of application for recruitment to the post of Gram Rozgar Sevak (GRS) under MGNREGS in the District of Dhenkanal**

**No.3739/Date : 13.09.2024**

Applications are invited from the eligible candidates to fill up 169 nos. of post of Gram Rozgar Sevaks (GRS) to be engaged in different Gram Panchayats in Dhenkanal District on contractual basis under MGNREGA. The newly engaged GRS will get a consolidated monthly remuneration of 7,000, after successfully worked for more than 1 year and less than 6 years will get 8,500/- per month and will get 8,880/- per month after successfully worked for more than 6 years. The last date for submission of application is 17.10.2024. The Detailed advertisement having no. of vacancies, remuneration, age, eligibility criteria and other terms and conditions is available in the District Official Website https://dhenkanal.odisha.gov.in.

**Sd./- COLLECTOR-CUM-DPC, MGNREGA, DHENKANAL**



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**

**WORKS DEPARTMENT**

**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-06/2024-25 Memo No.-1758 Dt. 12.09.2024

No.B-263 : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Bridge works as detailed in the table below :

| | | | |
|---|---|---|---|
| 1 | Nature of Work | : | Bridge Work |
| 2 | No. of Work | : | 1 No. |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | Special, A Class |
| 5 | Available of Bid document in the Website | : | From 10.00 AM of Dt. 17.09.2024 up to 05.00 PM of Dt. 03.10.2024 up to 5.00 PM |
| 6 | Date of opening of Bid | : | Dt. 04.10.2024 at 11.30 AM |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website. | | |

OIPR-34127/11/0009/2425

**Sd./- Chief Construction Engineer**
**Khordha (R&B) Circle, Khordha**



**GOVERNMENT OF ODISHA** No.A-288
**DEPARTMENT OF WATER RESOURCES**
**Office of the Additional Chief Engineer**
**Upper Indravati Dam Circle,**
At/Po : Khatiguda, Dist : Nabarangpur, ODISHA - 764085
email id : cceuihep@gmail.com

**e - Procurement Notice**

**Bid Identification No. ACEUIDC-01/2024-25**

| | | | |
|---|---|---|---|
| 1 | Name of work | : | Deployment of security personnel at different vital points of Podagada Dam Division, Upper Indravati Dam Circle, Khatiguda for twelve calendar months/365 days |
| 2 | Approx. Estimated cost | : | Rs. 1,81,68,496/- (Excluding GST) |
| 3 | Eligibility of the bidders | : | Registered & licensed Security Service Agencies |
| 4 | Period of completion | : | 12 (Twelve) calendar months/365 days |
| 5 | Date & time of availability of bid document in the portal | : | 18.09.2024 (10:00 A.M.) to 03.10.2024 (05:30 P.M.) |
| 6 | Last date/time for receipt of bid in the portal | : | 03.10.2024(05:30 P.M.) |
| 7 | Date of opening of technical bid on-line | : | 04.10.2024 (11:30 A.M.) |
| 8 | Name & address of the O.I.T. | : | Office of the Additional Chief Engineer, Upper Indravati Dam Circle, At/Po : Khatiguda, Dist : Nabarangpur, ODISHA-764085 |

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

OIPR-32514/11/0002/2425

**Sd./- Additional Chief Engineer**
**Upper Indravati Dam Circle**
**Khatiguda**



**GOVERNMENT OF ODISHA** No.A-289
**DEPARTMENT OF WATER RESOURCES**
**Office of the Additional Chief Engineer**
**Upper Indravati Dam Circle,**
At/Po : Khatiguda, Dist : Nabarangpur, ODISHA - 764085
email id : cceuihep@gmail.com

**e - Procurement Notice**

**Bid Identification No. ACEUIDC-02/2024-25**

| | | | |
|---|---|---|---|
| 1 | Name of work | : | Deployment of security personnel at different vital points of Mechanical Division under Upper Indravati Dam Circle, Khatiguda for twelve calendar months/ 365 days |
| 2 | Approx. Estimated cost | : | Rs. 1,00,39,800/- (Excluding GST) |
| 3 | Eligibility of the bidders | : | Registered & licensed Security Service Agencies |
| 4 | Period of completion | : | 12 (Twelve) calendar months/365 days |
| 5 | Date & time of availability of bid document in the portal | : | 18.09.2024 (10:00 A.M.) to 03.10.2024 (05:30 P.M.) |
| 6 | Last date/ time for receipt of bid in the portal | : | 03.10.2024(05:30 P.M.) |
| 7 | Date of opening of technical bid on-line | : | 04.10.2024 (11:30 A.M.) |
| 8 | Name & address of the O.I.T. | : | Office of the Additional Chief Engineer, Upper Indravati Dam Circle, At/Po : Khatiguda, Dist : Nabarangpur, ODISHA-764085 |

Further details can be seen from the e-procurement portal http://tendersodisha.gov.in. Addendum/Corrigendum/Cancellation if any required will be published in Govt. website only.

OIPR-32514/11/0003/2425

**Sd./- Additional Chief Engineer**
**Upper Indravati Dam Circle**
**Khatiguda**

## ସଂକ୍ଷେପରେ

### ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ

ପାଟଣାଗଡ଼,୧୫।୯(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ଓ ଏନଏସି ପ୍ରଶାସନର ମିଳିତ ସହଯୋଗରେ ସୁଭଦ୍ରା ଯୋଜନା ନେଇ ସଚେତନତା ପଦଯାତ୍ରା ଓ ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ, ତହସିଲଦାର ରୁଦ୍ର ମୋହନ ନାୟକ ଓ ସିଡିପିଓଙ୍କ ସମେତ ଶତାଧିକ ମହିଳା ଓ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ। ମହିଳାମାନେ ହାତରେ ପ୍ଲାକାର୍ଡ ଧରି ପାଟଣାଗଡ ଏନଏସି କାର୍ଯ୍ୟାଳୟ ଠାରୁ ପଦଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତାଦେଇ ଗଡଭିତରସ୍ଥିତ ପାଟଣେଶ୍ୱରୀ ଉତ୍ସବ ଭବନଠାରେ ପହଞ୍ଚିଥିଲେ। ସେଠାରେ ସମସ୍ତଙ୍କ ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଡିଓ ମିଞ୍ଜ ସୁଭଦ୍ରା ଯୋଜନା ବିଷୟରେ ଉଦ୍‌ବୋଧନ ଦେଇଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ: ୧୩୮ ମାମଲାର ଫଇସଲା

ଟିଟିଲାଗଡ଼,୧୫।୯(ନି.ପ୍ର.)

ତାଲୁକ ଆଇନ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ସ୍ଥାନୀୟ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ ଋଣ, ଜଳ, ବିଦ୍ୟୁତ ଶୁଳ୍କ, ବୈବାହିକ ବିବାଦ, ରାସ୍ତା ଦୁର୍ଘଟଣା, ରାଜସ୍ୱ, ଆପରାଧିକ ଆଦି ୬୮୬ଟି ପ୍ରି ଲିଟିଗେସନ ତଥା ବିଚାରାଧୀନ ମାମଲା ମଧ୍ୟରୁ ୧୩୮ଟିର ଫଇସଲା ହୋଇଥିଲା। ଏନେଇ ତାଲୁକ ସମିତି ଅଧ୍ୟକ୍ଷ ଏବଂ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ସବଜଜ୍ କୃଷ୍ଣଚନ୍ଦ୍ର ନାୟକ ଏବଂ ଆଇନଜୀବୀ ରାଜେନ୍ଦ୍ର ମିଶ୍ର,ଏସଡ଼ିଜେଏମ ଶାଶ୍ୱତୀ ମହାପାତ୍ର ଏବଂ ଆଇନଜୀବୀ ଜୟନ୍ତ ପଣ୍ଡାଙ୍କୁ ନେଇ ଗଠିତ ତିନୋଟି ବେଞ୍ଚ ମାମଲାଗୁଡ଼ିକର ଫଇସଲା କରିଥିଲେ। ସମସ୍ତ କୋର୍ଟ କର୍ମଚାରୀ ଏଥିରେ ସହାୟତା କରିଥିଲେ।

### ବିଧାୟକଙ୍କ ଗୁଡ଼ଭେଲା ବ୍ଲକ ଓ ତୁଷୁରା ଏନଏସି ଗସ୍ତ

ଗୁଡଭେଲା,୧୫।୯(ମନୋଜ କୁମାର ଜୈନ)

ଶନିବାର ଟିଟିଲାଗଡ ବିଧାୟକ ନବୀନ ଜୈନ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସିର ବିଭିନ୍ନ ସ୍ଥାନ ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣିବା ସହ ଯଥାଶୀଘ୍ର ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତୁଷୁରାରେ ନୂତନ କୋର୍ଟ ଖୋଲିବା ନେଇ ତୁଷୁରା ବାର ଆସୋସିଏଶନ ସହ ଆଲୋଚନା କରିଥିଲେ। ସମରା ଗ୍ରାମର ପାନୀୟଜଳ ସମସ୍ୟା, ଶିକ୍ଷକ ସମସ୍ୟା ନେଇ ଲୋକେ ବିଧାୟକଙ୍କୁ ଜଣାଇଥିଲେ। ସମରା ଗ୍ରାମର ବିକଳାଙ୍ଗ ମଳୟ ପ୍ରଧାନ ଏକ ବ୍ୟାଟେରି ସାଇକେଲ ପାଇଁ ବିଧାୟକ ଜୈନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଜୈନ ସାଇକେଲ ଯୋଗାଇ ଦେବାକୁ ପ୍ରତଶ୍ରୁତି ଦେଇଥିଲେ। ଏହି ଗସ୍ତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ଲିସନ ପ୍ରଧାନ, ଜିତେନ୍ଦ୍ର ମହାପାତ୍ର, ଅମିତ ଜୈନ, ଲବ ପ୍ରଧାନ, ପୁରନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସୁଭଦ୍ରା ଯୋଜନା ସୁଫଳ ମିଳିବା ଉପରେ ଗୁରୁତ୍ୱ

ବଲାଙ୍ଗୀର,୧୫।୯(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସୁଭଦ୍ରା ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ରାଜ୍ୟ ସରକାରଙ୍କ ଚର୍ଚ୍ଚିତ ସୁଭଦ୍ରା ଯୋଜନାର ସଫଳତା ପାଇଁ ବଲାଙ୍ଗୀରରେ ରବିବାର ପରିକ୍ରମା କରିଛି ସୁଭଦ୍ରା ସଚେତନତା ପଦଯାତ୍ରା। ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଏହି ସଚେତନତା ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ଇସଲୱାରଙ୍କ ସମେତ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଭାତ ରଞ୍ଜନ ମହାପାତ୍ର, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁଜୁର, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ମିଶନ ଶକ୍ତି ଜିଲା ସଂଯୋଜିକା ସୁମନ ଦ୍ୱିବେଦୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ସଚେତନତା ପଦଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆକୁ ଆସିଥିଲା। ଏହି ପଦଯାତ୍ରାରେ ୩ ଶହରୁ ଊର୍ଦ୍ଧ୍ୱ ସ୍ୱୟଂ

### ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

ସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। କୋଶଳ କଳା ମଣ୍ଡଳ ପଡିଆରେ ଦଳଗତ ଆଲୋଚନା ସହ ସ୍ୱାକ୍ଷର ପ୍ରଚାର ଅନୁଷ୍ଠିତ ହୋଇଥିଲା। ଜିଲାରେ ସୁଭଦ୍ରା ଯୋଜନାକୁ ସମ୍ପୂର୍ଣ୍ଣ ସଫଳ କରିବା ଦିଗରେ ସବୁ ପ୍ରକାର ଉଦ୍ୟମ କରାଯିବା ସହ ହିତାଧିକାରୀଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲାପାଳ ଇସଲୱାର କହିଥିଲେ। ଜିଲାରେ ଏଯାବତ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ସୁଭଦ୍ରା ଫର୍ମ ବଣ୍ଟନ ହୋଇ ସାରିଥିବା ସୂଚନା ଦେଇଥିଲେ। ଏହି ଯୋଜନା ଆଗକୁ ମଧ୍ୟ ଜାରି ରହିବ ବୋଲି ଲୋକଙ୍କୁ ଅବଗତ କରିଥିଲେ। ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ସୁବିଧା ପାଇବା ପାଇଁ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ରରେ ମାଗଣାରେ ଆବେଦନପତ୍ର ନେଇ ଦାଖଲ କରାଇବେ। ଯୋଗ୍ୟ ହିତାଧିକାରୀ କିଭଳି ଏହି ଯୋଜନାର ସୁଫଳ ପାଇବେ ସେ ଦିଗରେ ପ୍ରଶାସନ ଉଦ୍ୟମ କରୁଛି। ଯଦି କେହି ସୁଭଦ୍ରା ଯୋଜନା ନାଁରେ ଠକାମିର ଶିକାର ହେଉଛନ୍ତି ତେବେ ପ୍ରଶାସନ ନଜରକୁ ଆଣିବାକୁ ଜିଲାପାଳ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏ ଦିଗରେ ସୁରାକ୍ ମିଳିବା ମାତ୍ରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନା ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଅଜଣା ଗାଡ଼ି ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ

ବଲାଙ୍ଗୀର,୧୫।୯(ବୀରେନ୍ଦ୍ର କୁମାର ଝାଙ୍କର)

### ମୃତକ ଛତିଶଗଡ଼ ରାୟପୁରର

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ମାଧିଆପାଲି ଗ୍ରାମପଞ୍ଚାୟତ ଅଫିସ ସମ୍ମୁଖରେ ଶନିବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଉଭୟ ଛତିଶଗଡ ରାଜ୍ୟ ରାୟପୁରର ବାସିନ୍ଦା ବୋଲି ଜଣାପଡିଛି। ବାଇକ୍‌ରେ ଯାଉଥିବା ବେଳେ ସେମାନଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଛି। ରବିବାର ସକାଳେ ଏହି ଦୁର୍ଘଟଣା ସମ୍ପର୍କରେ ଜଣାପଡିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ଏକ ଅଜଣା ଗାଡି ଚଢ଼ି ଯାଇଥିବାରୁ ବାଇକ୍‌ରେ ଯାଉଥିବା ଦୁଇ ଜଣ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିବା ସହ ସେମାନଙ୍କ ମୃତଦେହ କ୍ଷତବିକ୍ଷତ ହୋଇ ଜାତୀୟ ରାଜପଥ ଉପରେ ପଡିଥିଲା। ମୃତ ଦୁଇ ଯୁବକ ରାୟପୁର ଶ୍ରୀନଗର ବୁଡିଆଲିର ଅନୀଲ ଚୁଟି (୩୪) ଓ ଶିବାନନ୍ଦନଗରର ଅଶୋକ ସୋନୱାନୀ (୪୦) ବୋଲି ଚିହ୍ନଟ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ଘଟଣାସ୍ଥଳରୁ ବାଇକ୍ ଓ ବ୍ୟାଗ୍ ଜବତ ହୋଇଛି । ଏହି ଦୁଇ ଯୁବକ କେଉଁଠାରୁ କେଉଁଠିକୁ ଯାଉଥିଲେ ଜଣାପଡିନାହିଁ।



ଦେଓଗାଁ ହଟୁଆପଡାରେ ରବିବାର ଗଣେଶ ମେଢ଼ ବିସର୍ଜନ ଶୋଭାଯାତ୍ରା ଅବସରରେ ହଟୁଆପଡା ପୂଜା କମିଟିର କର୍ମକର୍ତ୍ତା ବୃନ୍ଦ।

### କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓମଭେଲି ବିଦ୍ୟାଳୟର ସଫଳତା

ଟିଟିଲାଗଡ଼,୧୫।୯(ଶରତ ମିଶ୍ର)

ପରିବର୍ତ୍ତିତ ଜଳବାୟୁ,ଖାଦ୍ୟାଭ୍ୟାସ ଏବଂ ଶାରୀରିକ ପରିଶ୍ରମର ଅଭାବ ଯୋଗୁ ଶାରୀରିକ ଅସୁସ୍ଥତା ଦେଖାଯାଉଛି। ଏଣୁ ସୁଷମ ଖାଦ୍ୟ ସହିତ ଉପଯୁକ୍ତ ଶାରୀରିକ ବ୍ୟାୟାମ ଅନିବାର୍ଯ୍ୟ ହୋଇପଡିଛି। ମାନସିକ ସ୍ଥିରତା, ଶାରୀରିକ ସୌଷ୍ଠବ ଏବଂ ନିରୋଗ ଶରୀର ନିମନ୍ତେ ଶାରୀରିକ ବ୍ୟାୟାମ ଆବଶ୍ୟକ। ଏହି ଦୃଷ୍ଟିରୁ କ୍ରୀଡାର ଉତ୍ତମ ଭିତ୍ତିଭୂମି ସହିତ ଓମଭେଲି ବିଦ୍ୟାଳୟ ସର୍ବଦା ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦେଇଆସିଛି। ଏହି କ୍ରମରେ ସ୍ଥାନୀୟ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓମଭେଲି ବିଦ୍ୟାଳୟର ୧୦ ଜଣ ଛାତ୍ର କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି। କିଟ ଆନ୍ତର୍ଜାତିକ ବିଦ୍ୟାଳୟ, ଭୁବନେଶ୍ୱରରେ ଆୟୋଜିତ ତ୍ରିଦିବସୀୟ ପ୍ରତିଯୋଗିତାରେ ଓମଭେଲି ବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ବର୍ଗରେ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ପୂର୍ବ ଜୋନ ଅନ୍ତର୍ଗତ ସମସ୍ତ ସିବିଏସଇ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ଟିଟିଲାଗଡ଼ବାସୀଙ୍କ ପାଇଁ ସମର୍ପିତ: ଟୁକୁନି



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟମାନେ।

ଟିଟିଲାଗଡ଼,୧୫।୯(ଶରତ ମିଶ୍ର)

### ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଡିଆଁଟନଠାରେ ରବିବାର ବିଜେଡିର ଏକ ବିଶାଳ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଯୋଗେଶ୍ୱର ଟାକ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ସେ ସର୍ବଦା ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ସେବା ପାଇଁ ସମର୍ପିତ ବୋଲି କହିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେସିଙ୍ଗା ଟିଟିଲାଗଡ଼, ଖୋଲାଣ ଦିଗଶିରା, ମାର୍ଲାଡ଼ ବିନେକେଲା ଆଦି ପୋଲ କାମ ସାକାର ହୋଇ କଳାହାଣ୍ଡି ଜିଲା ତଥା ଟିଟିଲାଗଡ଼ ବ୍ଲକର ନଦୀ ଆରପଟ ପଞ୍ଚାୟତ ସହ ସିଧାସଳଖ ଗମନାଗମନ ସମ୍ଭବ ହୋଇପାରିଛି। ଟିଟିଲାଗଡ଼ ବ୍ଲକର ଇଚଗାଁ କୁଶକେଲା ଏବଂ ସାଗନାମୁଣ୍ଡାରେ ନୂତନ ପୋଲ କାମ ଆରମ୍ଭ ହୋଇଛି। ଟିଟିଲାଗଡ଼ ଠାରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ସହ ତିନୋଟି ବୃହତ ଜଳସେଚନ ପ୍ରକଳ୍ପ ମଞ୍ଜୁର ହୋଇଛି। ସେ ବର୍ତ୍ତମାନ କୌଣସି ପଦ ପଦବୀରେ ନ ଥିଲେ ମଧ୍ୟ ଟିଟିଲାଗଡ଼ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ ପ୍ରୟାସ ଜାରି ରହିବ ବୋଲି ସାହୁ କହିଥିଲେ। ସେହିପରି କୌଣସି ପଦ ପଦବୀରେ ନ ଥାଇ ମଧ୍ୟ ତାଙ୍କ ସ୍ୱର୍ଗତ ସ୍ୱାମୀ ତଥା ପରିବାର ଟିଟିଲାଗଡ଼ ଅଞ୍ଚଳବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରି ଆସିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସମିତି ସଭ୍ୟା ତୁଳସୀ ବଛା, ଜୟପ୍ରସାଦ ନାୟକ, ଜିତେନ୍ଦ୍ର ପୁଗ୍ରୀ, ସମାଜସେବୀ ସତ୍ୟବାନ ସୁନା, ପ୍ରକାଶ ମହାନନ୍ଦ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଜିତୁ ସୁନା, ଜଗଦୀଶ ଭତ୍ରିଆ, ନେତ୍ରଭାନୁ ପରାଭୋଇ, ଖୁସିରାମ ଆଡ଼ଯୁଆଡ଼, ହେମନ୍ତ ଆଡ଼ଯୁଆଡ଼, ଧୋବା ଛୁରା, ମାମା ରଞ୍ଜନ, ରକ୍ଷିମୁନି ସିଂ, ବାମା ବେହେରା, ଘାସି ବେହେରା, ହେମନ୍ତ ସାହୁ, ଖଗେ ବିଶି, ସନ୍ତୋଷ ମାଝୀ, ହରିଦାସ କୁମ୍ଭାର, ସୁନ୍ଦର ଜାନି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଉଚିତ ସ୍ଥାନରେ କୋଠା ନିର୍ମାଣ ଦାବି କଲେ ନାଇକେନ୍‌ସିରାବାସୀ

ଦେଓଗାଁ,୧୫।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

### ହାତୀସରା ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପ୍ରସଙ୍ଗ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସମସ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ହେବାର ସରକାରୀ ନିୟମ ଥିବା ବେଳେ ଏହି କ୍ରମରେ ହାତୀସରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପାଇଁ କୋଠା ନିର୍ମାଣ ସ୍ଥିରୀକୃତ ହୋଇଛି। ଏ ନେଇ ପଞ୍ଚାୟତର ହାତୀସରା ଓ ନାଇକେନସିରା ଗାଁର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମବାସୀଙ୍କ ସହମତିରେ ସ୍ଥାନ ନିରୂପଣ କରାଯିବା କଥା। ହେଲେ ସମ୍ପୃକ୍ତ ଆରଡି ବିଭାଗ କାହାରିକୁ ନ ଜଣାଇ ଏପରି କି ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମଧ୍ୟ ଅବଗତ ନ କରି ମନମୁଖୀ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ତଥା ସାରସବାହାଲ ଦେଶୀ ମଦଭାଟି ନିକଟରେ ଉକ୍ତ କୋଠା ନିର୍ମାଣ ପାଇଁ ଲେ ଆଉଟ ଦିଆଯାଇ କାମ ଆରମ୍ଭ କରାଯାଉଛି। ଫଳରେ ନାଇକେନସିରାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ସରପଞ୍ଚ କେଲୋ ଡାଙ୍ଗ ଓ ସମିତିସଭ୍ୟ ବିଶ୍ୱଜିତ ପାତ୍ରଙ୍କ ପରିଚାଳନାରେ ରବିବାର ଗାଁ ମଝିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଦଭାଟି ନିକଟରେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲେ ବିଶେଷ କରି ମହିଳାମାନେ ଅସୁରକ୍ଷିତ ମଣୁଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ଏଣୁ ଉଭୟ ହାତୀସରା ଓ ନାଇକେନସିରା ମଝି ତଥା ଜାତୀୟ ରାଜପଥ ପାର୍ଶ୍ୱରେ ଉକ୍ତ କୋଠା ନିର୍ମାଣ କରାଗଲେ ପଞ୍ଚାୟତବାସୀଙ୍କ ସମେତ ଆଖପାଖ ଗାଁର ଲୋକେ ଉପକୃତ ହୋଇପାରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଆଗକୁ ଏ ଦିଗରେ ପ୍ରଶାସନ ତଥା ବିଭାଗ ଦୃଷ୍ଟିଦେଇ ନିର୍ମାଣସ୍ଥଳ ନ ବଦଳାଇଲେ ଗ୍ରାମବାସୀ ବ୍ଲକ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି।



ନାଇକେନସିରାରେ ଗ୍ରାମବାସୀ ଓ ଜନପ୍ରତିନିଧି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପ୍ରସଙ୍ଗକୁ ନେଇ ଏକତ୍ରିତ ହୋଇଛନ୍ତି।

# ସୁଭଦ୍ରା ଯୋଜନା ସଚେତନତା ରାଲି

କଣ୍ଟାବାଞ୍ଜି,୧୫।୯(ଗୁରୁ ଦୟାଲ ହଂସ)



ରାଲିରେ ସାମିଲ ଥିବା ମହିଳା ଓ ବ୍ଲକ କର୍ମଚାରୀ।

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ଗ୍ରାମରେ ରବିବାର ଦିନ ସୁଭଦ୍ରା ଯୋଜନାର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ସଶକ୍ତ କରିବା ନେଇ କରାଯାଇଥିବା ସୁଭଦ୍ରା ଯୋଜନାରେ କେଉଁମାନେ ଭାଗିଦାରୀ ହେବେ ସେ ନେଇ ତୁରେକେଲା ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ତୁରେକେଲା ସଦର ଗ୍ରାମରେ ରାଲି ମାଧ୍ୟମରେ ସଚେତନ କରାଯାଇଛି। ବ୍ଲକର ୧୯ ଗୋଟି ପଞ୍ଚାୟତର ୧୦୦ ଗୋଟି ଗ୍ରାମରେ ଏକା ସାଙ୍ଗରେ ସଚେତନତା ରାଲି ସହ ସୁଭଦ୍ରା ରଥ ପରିକ୍ରମା କରିଥିଲା। ତୁରେକେଲା ବ୍ଲକ ସଦର ଗ୍ରାମରେ ସଚେତନତା ରାଲି ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ତୁରେକେଲା ବ୍ଲକ ସଦର ପଞ୍ଚାୟତ ସରପଞ୍ଚ ଜଳନ୍ଧର ମହାକୁଡ, ସିଡିପିଓ ରତ୍ନାମଣି ବରାଳ, ସୁପରଭାଇଜର ପ୍ରମଦା ପାଣିଗ୍ରାହୀ, ଡିପିସି ବିଶ୍ୱଜିତ ସାମଲ, ବିପିଏ ବିନୋଦ କୁମାର ମାଝି, ବିପିଏମ ନୀଳମାଧବ ସାହୁ ସୁଭଦ୍ରା ଯୋଜନା ଉପରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ଏହି ରାଲିରେ ବିଭିନ୍ନ ମହିଳା ଗୋଷ୍ଠୀର ଶତାଧିକ ସଭ୍ୟା ସାମିଲ ଥିଲେ।

# ଭାଲେରରେ ବ୍ଲକ୍‌ସ୍ତରୀୟ ଖୋଖୋ ଚୟନ ଶିବିର

ବଲାଙ୍ଗୀର,୧୫।୯(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ବ୍ଲକ ଅନ୍ତର୍ଗତ ଭାଲେରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବ୍ଲକସ୍ତରୀୟ ଖୋ ଖୋ ଚୟନ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପବିତ୍ର ମୋହନ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଆଟଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଷୀ ମୁଖ୍ୟଅତିଥି, ଛତାମଖନା ବିନୋବା ହାଇସ୍କୁଲ ପ୍ରଧାନଶିକ୍ଷକ ନୀଳମଣି ପଟେଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଖୋ ଖୋ ପ୍ରଶିକ୍ଷକ ପଦ୍ମ ଚରଣ ଦାସ ଓ ବନ୍ଧପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆନନ୍ଦ ବଡପଣ୍ଡା ଓ ବ୍ଲକ କ୍ରୀଡା ସମ୍ପାଦକ ସୁଶାନ୍ତ କୁମାର ନାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିବିରରେ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ୧୩ଟି ଉଚ୍ଚ ବିଦ୍ୟାଳୟରୁ ୧୫୬ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମନୋନୀତ ଛାତ୍ରୀଛାତ୍ରମାନେ କୁତୁର୍ଲାସ୍ଥିତ ସୁରଧନୁ ହାଇସ୍କୁଲ ଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଖେଳ ଶିକ୍ଷକ ହେମନ୍ତ ପଧାନ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷକ ଅନୀଲ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟ ଖେଳ ଶିକ୍ଷକ ସହଯୋଗ କରିଥିଲେ।



ଭାଲେରଠାରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ଖୋଖୋ ଚୟନ ଶିବିରରେ ମଞ୍ଚାସୀନ ଅତିଥି।

# ଯାଦବ ସମାଜ ଉନ୍ନତି ପାଇଁ ଏକାଠି ହେଲେ ୧୪ ଜିଲାର ବୁଦ୍ଧିଜୀବୀ

ବଲାଙ୍ଗୀର,୧୫।୯(ବୀରେନ୍ଦ୍ର କୁମାର ଝାଙ୍କର)




ଓଡ଼ିଶା ଯାଦବ ବୁଦ୍ଧିଜୀବୀ ମଞ୍ଚ ସଭାରେ ମଞ୍ଚାସୀନ ଅତିଥି।

ଓଡିଶା ଯାଦବ ବୁଦ୍ଧିଜୀବୀ ମଞ୍ଚର ତୃତୀୟ ପ୍ରତିଷ୍ଠା ଦିବସ ରବିବାର ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମଞ୍ଚ ସଭାପତି ଛବିଳ ବର୍ଗର୍ତ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନାରାୟଣ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଯାଦବ କର୍ମକର୍ତ୍ତା ବାସୁଦେବ ନାଗ ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମଞ୍ଚ ଆବାହକ ଧବଳେଶ୍ୱର ବାଗ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ଅମରେନ୍ଦ୍ର ନାରାୟଣ ଯାଦବ, ବରଗଡ ଜିଲା ଯାଦବ ସଭାପତି ରାଜୁ ଘିବେଲା, ସୋନପୁର ଜିଲା ଯାଦବ ସଭାପତି ତପନ ଜୁଏଡ, କୋରାପୁଟ୍ ଜିଲା ଯାଦବ ସଭାପତି ମଦନ ମୋହନ ନାଏକ, ମାଲକାନଗିରି ଜିଲା ଯାଦବ ସଭାପତି ପରମେଶ୍ୱର

### ଓଡ଼ିଶା ଯାଦବ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ତୃତୀୟ ପ୍ରତିଷ୍ଠା ଦିବସ

ପାତ୍ର, ସମ୍ବଲପୁର ଜିଲା ଯାଦବ ସଭାପତି ସୁରେଶ ବର୍ଗର୍ତ୍ତି, କୋରାପୁଟ ଜିଲା ଆବାହକ ସାଥୀରାମ ନାଏକ, ବଲାଙ୍ଗୀରର ସତ୍ୟ ନାରାୟଣ ବାଗ, ଭଗବାନ ବର୍ଗର୍ତ୍ତି, ମୃଣ୍ମୟୀ ଭୋଇ ଓ ସଙ୍ଗଠକ ସୁରୁଲାଲ ମଟାରୀ ମଞ୍ଚାସୀନ ଥିଲେ। ଯାଦବ ସମାଜ ସାମଗ୍ରିକ ବିକାଶ ନିମନ୍ତେ ଶିକ୍ଷାର ବିକାଶ ଏବଂ ସାମାଜିକ ଏକତା ଏକାନ୍ତ ଅପରିହାର୍ଯ୍ୟ ବୋଲି ସଭାରେ ମତପୋଷଣ କରିଥିଲେ। ସଭାକୁ ଅଧ୍ୟାପକ କବିରାଜ ଭୋଇ ସଂଯୋଜନା କରିଥିଲେ। ଜିଲା ବୁଦ୍ଧିଜୀବୀ ମଞ୍ଚ ସଭାପତି ବୀରେନ୍ଦ୍ର ବନଛୋର ସଭା ପରିଚାଳନା କରିଥିଲେ। ଏହି ସଭାରେ ଓଡିଶାର ୧୪ଟି ଜିଲାରୁ ଯାଦବ ସମାଜ ସଭାପତି, ସମ୍ପାଦକ ଏବଂ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ଶେଷରେ ସୁରୁଲାଲ ମଟାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆୟୋଜନରେ ଦିବାକର ପୋଢ଼, ବିଜୟ ବାଗ, ପ୍ରଶାନ୍ତ ମହାକୁର, ଆଶୁତୋଷ ବାଗ, ଦିଗାମ୍ବର ମାଝି, ହରିଶଙ୍କର ଛତ୍ରିଆ, ଦ୍ୟୁତି ବାହାନ ଚନ୍ଦନ, ବନମାଳୀ ପୋଢ଼, ସୁଧାଂଶୁ ଶେଖର ନାଗ, ବୈରାଗୀ ବିଶି, ବିପିନ ପୋଢ଼, ଶ୍ୟାମାନନ୍ଦ ବାଗ, କିଶୋର ଜାଲ, ଉମାକାନ୍ତ ବାଗ, ମଳୟ ଗଉଡ, ଅଙ୍କୁର ଯାଦବ, କ୍ଷେତ୍ରପତି ଜାଲ, ଦିଲୀପ ବର୍ଗର୍ତ୍ତି, ବିନୟ ଭୋଇ, ଧର୍ମେନ୍ଦୁ ଦାଶ, ପ୍ରତାପ ଭାଟି, ବସନ୍ତ ଷାଣ୍ଡ, ଛବିଳ ମନହୀରା, ଦୀନବନ୍ଧୁ ମନହିରା, ଉତ୍ତର କୁମାର ହେର୍ଣ୍ଣା, କଳାର ସିଂ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅପ୍ରାକୃତିକ ଯୌନକ୍ରିୟା ଅଭିଯୋଗ: ଜଣେ ଗିରଫ

ବରପାଲି,୧୫।୯( ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ସରଣ୍ଡାପାଲି ଗ୍ରାମରେ ଜଣେ ନାବାଳକ ସହ ଅପ୍ରାକୃତିକ ଯୌନକ୍ରିୟା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ରୋହିତ ଛତ୍ରିଆ(୪୦)। ବରପାଲି ପୋଲିସ କେସ୍ ନଂ. ୨୮୧/୨୪ ଅଣ୍ଡର ସେକ୍ସନ ୪ ପୋକ୍ସୋ କୋର୍ଟ ୯ରେ ମାମଲା ରୁଜୁ କରି ରୋହିତଙ୍କୁ କୋର୍ଟ ଚାଲାଣ କରିଛି। ନାବାଳକଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ଅପରାହ୍ନରେ ଉକ୍ତ ଗ୍ରାମର ରୋହିତ ଖେଳପଡିଆ ପାଖରେ ଥିବା ପାଣିଟାଙ୍କି ଘରକୁ ଏକ ନାବାଳକକୁ ଡାକିନେଇ ବଳପୂର୍ବକ ଅପ୍ରାକୃତିକ ଉପାୟରେ ଯୌନକ୍ରିୟା କରୁଥିବା ବେଳେ ଶିଶୁଟି ଚିତ୍କାର କରିଥିଲା। ଶିଶୁର ପାଟି ଶୁଣି ତାଙ୍କର ଜଣେ ସାଙ୍ଗ ଆସିବାରୁ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ।

### ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ

ବରଗଡ଼, ୧୫।୯( ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ନିଷ୍ଠା ପରିବାର ତରଫରୁ ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁ ଗ୍ରାମପଞ୍ଚାୟତର ସହଁରାପାଲି ଛକରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ପ୍ରକୃତିବନ୍ଧୁ ରଘୁନାଥ ପଧାନ ଏବଂ ସମ୍ମାନିତ ଅତିଥି ଖଣ୍ଡହଥା ସରପଞ୍ଚ ଚିତ୍ରସେନ ସାହୁ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ନିଷ୍ଠା ପରିବାରର ଉପ ସଭାପତି କ୍ଷୀରୋଦ୍ର ସାହୁ, ଉପଦେଷ୍ଟା ଉତ୍ତମ ଦାଶ, ଅଶ୍ୱିନୀ ତ୍ରିପାଠୀ, ଖଗେଶ୍ୱର ସାହୁ, ଦୀନବନ୍ଧୁ ନାଗ, ତ୍ରିପୁରା ସୁହୁଲା, ସୁଦର୍ଶନ ସାହୁ, ରମଣୀ ଷଡ଼ଙ୍ଗୀ, ତ୍ରିମଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥଲେ।

### ବରିଷ୍ଠ ନାଗରିକ ସଂଘର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

ପଦ୍ମପୁର,୧୫।୯(ପ୍ରଦୀପ୍ତ ଦାଶ)

ବରିଷ୍ଠ ନାଗରିକ ସଂଘର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟତା ପଞ୍ଜିକରଣ ଉପବିଧି ଉପରେ ଆଲୋଚନା କରାଯାଇ ୪ ଜଣ ସଦସ୍ୟଙ୍କୁ ନେଇ ପଞ୍ଜିକରଣ ପାଇଁ ସବ୍ କମିଟି ଗଠନ, ସଦସ୍ୟତା ଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୧ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ, ୨ ତାରିଖ ଗାନ୍ଧୀ ଜୟନ୍ତୀ ପାଳନ ସହ ସଫେଇ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଗଲା। ବୈଠକ ପ୍ରାରମ୍ଭରେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ବୈଠକରେ ଗୌନ୍ତିଆ ସାହୁ, ଗୋବିନ୍ଦ ପାଣିଗ୍ରାହୀ, ନିରୋଜ ଦୋରା, ବାସୁଦେବ ଦୋରା, ସତ୍ୟନାରାୟଣ ତ୍ରିପାଠୀ, ଜିତେନ୍ଦ୍ର ନାଥ ଗୁରୁ, ପ୍ରୀତି ରଞ୍ଜନ ପ୍ରଧାନ, ଡ. ଜୟକୃଷ୍ଣ ପଟେଲ, ସହଦେ ନାୟକ, ବିଦ୍ୟାଧର ଦାସ, ବିବେକାନନ୍ଦ ମହାପାତ୍ର, ଶାନ୍ତନୁ କୁମାର ପାଣିଗ୍ରାହୀ, ଦୈତାରୀ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ଅଶ୍ୱିନୀ କୁମାର ପଣ୍ଡା, ରବିନାରାୟଣ ଦୋରା, ଶେଷଦେବ ମେହେର, ଭରତ ଚନ୍ଦ୍ର ସାହୁ ସମେତ ଅନ୍ୟ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପଲିଥିନ ତଳେ ଅସହାୟ ବୃଦ୍ଧା

ବରଗଡ଼,୧୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଉପାନ୍ତ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଙ୍ଗାପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଶନିବାର ସାମ୍ନାକୁ ଆସିଛି। ଗ୍ରାମର ଚତୁର୍ଭୁଜ ମହାନନ୍ଦ(୭୦)ଙ୍କ ଶୁକ୍ରବାର ସନ୍ଧ୍ୟାରେ ଦେହାନ୍ତ ପରେ ମୃତଦେହ ସତ୍କାର ପାଇଁ ତାଙ୍କୁ ଚାରିକାନ୍ଧ ମିଳି ନ ଥିଲା। ୨ଜଣ ସମ୍ପର୍କୀୟ ମୃତଦେହକୁ ବୋହି ନେଇ ସତ୍କାର କରିଥିଲେ। ଅନ୍ୟପଟେ ସ୍ୱାମୀ ଚାଲିଗଲା ପରେ ବୃଦ୍ଧା ସ୍ତ୍ରୀ ସକୃତା(୬୫) ଭାଙ୍ଗି ପଡ଼ିଛନ୍ତି। ତାଙ୍କ ଦୁଃଖ ପୂର୍ବାପେକ୍ଷା ବହୁଗୁଣିତ ହୋଇ ପଡ଼ିଛି। ଝାଟିମାଟି କୁଡ଼ିଆର ପଲିଥିନ ତଳେ ସେ ଏକାକୀ ଜୀବନ ଅତିବାହିତ କରୁଛନ୍ତି। ତେବେ ସ୍ୱାମୀ ଚାଲିଗଲା ପରେ ଏଭଳି ସମସ୍ୟା ଉପୁଜିଛି, ତାହା ନୁହେଁ। ବର୍ଷ ବର୍ଷ ଧରି ବୃଦ୍ଧ ଦମ୍ପତି ଦୁର୍ବିସହ ଜୀବନ ଅତିବାହିତ କରୁଥିଲେ



ଝାଟିମାଟି କୁଡ଼ିଆର ପଲିଥିନ ତଳେ ଅସହାୟ ବୃଦ୍ଧା।

ଏବଂ ସେମାନଙ୍କ ପ୍ରତି କାହାର ନଜର ନ ପଡ଼ିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସମ୍ପୃକ୍ତ ବୃଦ୍ଧ ଦମ୍ପତିଙ୍କ ଝିଅପୁଅ କେହି ନାହାନ୍ତି। ଗାଁ ମୁଣ୍ଡରେ ଝାଟିମାଟି କୁଡ଼ିଆଟିଏ କରି ପଲିଥିନ ତଳେ ଉଭୟ ରହୁଥିଲେ। ଘରକୁ ବିଦ୍ୟୁତ୍ ସଂଯୋଗ ତ ଦୂରର କଥା, ଯେଉଁ ଝାଟିମାଟି କୁଡ଼ିଆଟିଏ ରହିଛି, ସେହି ଘରର ୩ ପାର୍ଶ୍ୱ ଖୋଲା ରହିଛି। ଘରେ ଅଳ୍ପ କିଛି ବାସନକୁସନ, ବସ୍ତ୍ର ରହିଛି। ଏଭଳି ଏକ କୁଡ଼ିଆରେ ଖରାବର୍ଷା, ଶୀତକାକରରେ ବୃଦ୍ଧ ଦମ୍ପତି ରହୁଥିଲେ ଏବଂ ଦିନକ ତଳେ ବୃଦ୍ଧ ସ୍ୱାମୀ ଚାଲିଗଲା ପରେ ବୃଦ୍ଧାଙ୍କ ସମସ୍ୟା ବଢ଼ି ଚାଲିଛି। ତାଙ୍କ ଏଭଳି ସମସ୍ୟା ଜାଣିବା ପରେ ଶନିବାର ସ୍ଥାନୀୟ ବାରପାହାଡ଼ କୃଷକ ସଙ୍ଗଠନର ସଭାପତି ଇଶାନ୍ତ ଭୋଇ ତାଙ୍କ ପାଖରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ସେ ବୃଦ୍ଧାଙ୍କ ସମସ୍ୟା ନେଇ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି ଭୋଇ କହିଛନ୍ତି। ସେ ଆହୁରି କହିଛନ୍ତି, ମୃତ ଚତୁର୍ଭୁଜ ଛତିଶଗଡ଼ ରାଜ୍ୟ ଲୁକାପରାର ମୂଳ ବାସିନ୍ଦା। ବୁଙ୍ଗାପାଲି ଗ୍ରାମକୁ ଆସି ଘରଜ୍ୱାଇଁ ଭାବେ ରହୁଥିଲେ। ତାଙ୍କ ଅଳ୍ପ କିଛି ଜମି ରହିଛି। ତାହା ଭାଗଚାଷରେ ଲଗାଇଛନ୍ତି। ସେହିପରି ବାର୍ଦ୍ଧକ୍ୟ ଭତ୍ତା ଏବଂ ଚାଉଳ ପାଉଥିଲେ। ବାର୍ଦ୍ଧକ୍ୟ ଭତ୍ତା, ଚାଉଳ ଏବଂ ଭାଗଚାଷରୁ ଯାହା ମିଳୁଥିଲା, ସେଥିରେ ବୃଦ୍ଧ ଦମ୍ପତି ଚଳୁଥିଲେ ବୋଲି ଭୋଇ କହିଛନ୍ତି। ତେବେ ସକୃତା ଯେଭଳି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ନ ହେବେ, ସେ ନେଇ ପଦକ୍ଷେପ ନେବା ପାଇଁ ବାରପାହାଡ଼ କୃଷକ ସଙ୍ଗଠନ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଉଦ୍ୟମ ଜାରି ରଖିବ ବୋଲି ଭୋଇ କହିଛନ୍ତି।

## ଅତାବିରା ଦୁର୍ଗାପୂଜା ପାଇଁ କର୍ତ୍ତା ବରଣ



ଅତାବିରା ଦୁର୍ଗାପୂଜା ପାଇଁ କର୍ତ୍ତା ବରଣ କରାଯାଉଛି।

ସରଣ୍ଡା,୧୫।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶନିବାର କର୍ତ୍ତା ବରଣ କରାଯାଇଛି। ପୁରୋହିତ ପଣ୍ଡିତ ଧରଣୀଧର ମହାପାତ୍ର ପୂଜାର୍ଚ୍ଚନା ପରେ ଯତିନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ମିଳି ପ୍ରଧାନଙ୍କୁ କର୍ତ୍ତାଭାବେ ବରଣ କରାଯାଇଛି। ଏହି ସମୟରେ ଦୁର୍ଗାପୂଜା କମିଟିର ସଭାପତି ସୁରେନ୍ଦ୍ର ସ୍ୱାଇଁ, ରାଜେଶ ପ୍ରଧାନ, ରିଙ୍କୁ ପ୍ରଧାନ, ବି.ବି. ଚୌଧୁରୀ, ବଳରାମ ସାହୁ, ଦୈତାରି ପ୍ରଧାନ, ପାର୍ଥସାରଥୀ ପଣ୍ଡା, ବିମଳେଶର ପ୍ରଧାନ, ସନାତନ ବରେଇ, ଜଗୁ କଟାକ, ରବି ନାରାୟଣ ପଣ୍ଡା, ବୀରେନ୍ଦ୍ର କର, ଜପରାମ ବାରିକ, ବେଣୁଧର ମିଶ୍ର, ଅଭିନାଶ ପ୍ରଧାନ, ଦୀପକ ରାଏ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳିତ



ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଫାଷ୍ଟଏଡ୍ ଦିବସ ପାଳନ କରାଯାଉଛି।

ବରଗଡ଼,୧୫।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୁନିୟର ରେଡ୍‌କ୍ରସର ପରାମର୍ଶଦାତା ଶିକ୍ଷକ ସଞ୍ଜୟ ଖମାରୀ ବିଶ୍ୱ ଫାଷ୍ଟ ଏଡ୍ ଦିବସର ଆଭିମୁଖ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହାସହିତ ବିଶ୍ୱର ସର୍ବବୃହତ୍ ସେବା ସଙ୍ଗଠନ ରେଡ୍‌କ୍ରସ ଉପରେ ହେନେରି ଡୁନାଣ୍ଟଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଚଳିତବର୍ଷର ବିଷୟବସ୍ତୁ ପ୍ରାଥମିକ ସହାୟତା ଓ କ୍ରୀଡ଼ା ଏବଂ ପ୍ରାଥମିକ ସହାୟତା କ୍ଷେତ୍ରରେ ଜୁନିୟର ରେଡ୍‌କ୍ରସ ସଦସ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷକ ନାୟକ ପ୍ରାଥମିକ ସହାୟତାର ଆବଶ୍ୟକତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଧାରଣା ପ୍ରଦାନ କରିଥିଲେ। ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ଶ୍ରୀପତି ସାହୁ, ତେଜରାମ ସା, ଈଶ୍ୱର ପ୍ରଧାନ, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ, ସୁବାସ ଚନ୍ଦ୍ର ଖମାରୀ, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ଅନିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ଯୋଗଦେଲେ ବିଧାୟକ

ସରଣ୍ଡା,୧୫।୯(ଯୁଧିଷ୍ଠିର ମହାପାତ୍ର )

ବରଗଡ ଜିଲା ଅତାବିରା ମାର୍କେଟ ୟାର୍ଡ ପରିସରରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ତରଫରୁ ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତାବିରା ବିଧାୟକ ନିହାରଞ୍ଜନ ମହାନନ୍ଦ ଯୋଗଦେଇଥିଲେ। କୃଷକମାନେ ଚାଷ ଓ ଚାଷୀ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଗୁଡିକ ବିଧାୟକଙ୍କୁ ଜଣାଇଥିଲେ। ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ୨୪ଟି ପଞ୍ଚାୟତର ଚାଷୀ ଓ ଅତାବିରା ଏନଏସିର ଚାଷୀମାନେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ଚାଷୀ ଟିକେଲାଲ ମିଶ୍ର,ବୁଦ୍ଧଦେବ ନନ୍ଦ,ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ପାପା ରାଓ, ସଂସାର ପଧାନ,ଅରୁଣ ପଧାନ, ସମୀର ପଧାନ, ଆକାଶ ପଧାନ, ସୁରେନ୍ଦ୍ର ପଧାନ, ସୁଜିତ ପଧାନ, ବୈଶାଖୁ ପଧାନ, ସୁବ୍ରତ ପଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବରଗଡ ଜିଲା ଅତାବିରା ବ୍ଲକ ଅଧୀନ ଚକୁଳି ଫାର୍ମଠାରେ ଚକୁଳି ପଞ୍ଚାୟତ କୃଷକ ସଂଗଠନର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କୃଷକ ସଙ୍ଗଠନର ସଭାପତି ତ୍ରିଲୋଚନ ନାଏକ। ଏଥିରେ ସମ୍ପାଦକ ଜତୀନ ପଧାନ, ଉପସଭାପତି ନରେନ୍ଦ୍ର ପଧାନ, ସହ ସମ୍ପାଦକ କୁବେର ପଧାନ, ରାମରତ୍ନାକର ପଧାନ, ଶଙ୍କର ପଧାନ, ପ୍ରକାଶ ପଧାନ, ଶ୍ୟାମସୁନ୍ଦର ପଧାନ, ଦେବେନ୍ଦ୍ର ସାହୁ, ନରୋତ୍ତମ ପଧାନ, ମିନକେତନ ଗଡତିଆ, ଝାରୁ ସାହୁ, କୈଳାସ ପଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ନୂଆଁଖାଇ ଅବସରରେ ତ୍ରିଲୋଚନ ନାଏକ ନୂଆଁଖାଇ କବିତା ପଠନ କରିଥିଲେ।

## ସୁଭଦ୍ରା ଯୋଜନା ଉପରେ ସଚେତନତା ପଦଯାତ୍ରା





ସୁଭଦ୍ରା ଯୋଜନା ପାଇଁ ସଚେତନତା ପଦଯାତ୍ରା କରାଯାଉଛି।

ବରଗଡ଼, ୧୫।୯( ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା ପ୍ରଶାସନ ଆନୁକୂଲ୍ୟରେ ବରଗଡ଼ ବ୍ଲକ କାର୍ଯ୍ୟାଳୟରୁ ଟାଉନ ହଲ ପର୍ଯ୍ୟନ୍ତ ମହିଳାଙ୍କ ସୁଭଦ୍ରା ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଦିତ୍ୟ ଗୋୟଲ ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏବଂ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଏହାପରେ ଟାଉନ ହଲରେ ଆଲୋଚନାଚକ୍ର ଏବଂ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ସୁଭଦ୍ରା ଯୋଜନା ବିଷୟରେ ସଚେତନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ ସନ୍ଧ୍ୟାରାଣୀ ନେପାକଙ୍କ ସମେତ ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ, ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ, ବିଡ଼ିଓ ଏବଂ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ ।

## ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ



ନିଗମାନନ୍ଦ ବିହାର ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

ବରଗଡ଼, ୧୫।୯( ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନମ୍ବର-୧ ନିଗମାନନ୍ଦ ବିହାର ସାର୍ବଜନୀନ ଦୁର୍ଗାପୂଜା ପାଇଁ ରବିବାର ଅପରାହ୍ନ ୪ଟାରେ ଯଥାବିଧି ଓ ଲଗ୍ନମତେ ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକଙ୍କ ଉପସ୍ଥିତିରେ ଦୁର୍ଗାପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ଦାଶ, ସମ୍ପାଦକ ନବୀନ କୁମାର ସାବତ ପ୍ରମୁଖ ପୂଜାକାର୍ଯ୍ୟରେ ସାମିଲ ହୋଇଥିଲେ। ପଡ଼ାବାସୀଙ୍କ ତରଫରୁ ଅଧାପକ ସୁରେଶ ବାରିକ ଚଳିତ ବର୍ଷ କର୍ତ୍ତା ଦାୟିତ୍ୱ ବହନ କରିଛନ୍ତି। ନିଗମାନନ୍ଦ ବିହାର ପଡ଼ାବାସୀ ଓ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶୁଭସ୍ତମ୍ଭ ସ୍ଥାପନ ପରେ ପଡାବାସୀଙ୍କ ତରଫରୁ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

## ନୂତନ ଯୁବ ଯାଦବ ସଂଗଠନ ଗଠିତ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା।

ବରପାଲି,୧୫।୯( ଚିତରଞ୍ଜନ ସାହୁ)

ବରପାଲି ସାପ୍ତାହିକ ବଜାରରେ ବିଶାମିତ୍ର ପୋଢ଼ଙ୍କ ସଭାପତିତ୍ୱରେ, ପୂର୍ବତନ ବ୍ଲକ ସଭାପତି ପବିତ୍ର ବାଗ ଓ ପୂର୍ବତନ ବ୍ଲକ ସମ୍ପାଦକ ଜୟକାନ୍ତ ମହାକୁରଙ୍କ ଉପସ୍ଥିତିରେ ବରପାଲି ବିଜ୍ଞାପିତ ପରିଷଦର ଯୁବ ଯାଦବ ସଂଗଠନ ଗଠିତ ହୋଇଥିଲା। ସଭାପତି ହଜାରୁ ମହାକୁର, ଉପ ସଭପତି ନିଲାଞ୍ଚଳ ହାତୀ ଓ ସଚିନ ଭୁଏ, ସମ୍ପାଦକ ମନ ବର୍ଗତି, ସହ ସମ୍ପାଦକ ସମୀର ବଞ୍ଝୋର୍ ଓ ଶମ୍ଭୁ ବାଗ, କୋଷାଧ୍ୟକ୍ଷ ବୁଦ୍ଧୁ ଷାଣ୍ଢ, ସହ କୋଷାଧ୍ୟକ୍ଷ ରାକେଶ ଥପା ଓ ଅନସ ଦୀପ ଏବଂ କାର୍ଯ୍ୟକାରୀ କମିଟି ଦିବାକର ବାଗ, ସୁରଜ ମହାକୁର, ଗଙ୍ଗାଧର ବଗାର, ରିଙ୍କୁ ପୋଢ଼, ବିନୋଦ ବର୍ଗତି, କିଶୋର ଗଡତୀଆ ଏବଂ ଉପଦେଷ୍ଟା କମିଟିରେ ପୂର୍ଣ୍ଣଚନ୍ଦ୍ର ଠେଲା, ଅଲେଖ ଷାଣ୍ଢ, ବିପିନ ରାଉତ, ହାଡୁ କାଲସେ ଓ ବିଶାମିତ୍ର ପୋଢ଼ ରହିଛନ୍ତି। ନୂତନ ସଭାପତି ହଜାରୁ ମହାକୁର ଧନ୍ୟବାଦ ଦେଇଥିଲେ।

## ପ୍ରତୀକଙ୍କୁ ରୌପ୍ୟ ପଦକ

ବରଗଡ଼, ୧୫।୯( ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲା କ୍ରୀଡା ସଂସଦକୁ ପ୍ରତିନିଧିତ୍ୱ କରିଥିବା ପ୍ରତୀକ ମହାରଣା ସାଉଥ୍ ଏସିଆନ ଆଥ୍‌ଲେଟିକ ଫେଡେରେଶନ ତଥା ସାଫ୍ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ଦୌଡକୁଦ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେ ଏହି ପ୍ରତିଯୋଗିତାରେ ୨୧.୪୧ ସେକେଣ୍ଡରେ ୨୦୦ ମିଟର ଦୌଡି ନୂତନ ରେକର୍ଡ ସହ ରୌପ୍ୟ ପଦକ ପାଇଛନ୍ତି। ସେହିପରି ପ୍ରତୀକ ଓ ତାଙ୍କ ସାଥୀ ଖେଳାଳିମାନେ ୧୦୦ ମିଟର ଦୌଡରେ ମଧ୍ୟ ରୌପ୍ୟ ପଦକ ଆଣିଛନ୍ତି । ତାଙ୍କ ସହ ଓଡ଼ିଶା ଦଳ ୪ ରୌପ୍ୟ ଓ



ପ୍ରତୀକ ମହାରଣା ।

ଗୋଟିଏ କାଂସ୍ୟ ଏଭଳି ୫ଟି ପଦକ ଜିତିଛି। ପ୍ରତୀକଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ

**ସାଫ୍ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ୍**

ଓ ତାଙ୍କ କୋଚ୍ ଶିବ ପ୍ରସାଦ ମିଶ୍ରଙ୍କୁ ଜିଲା କ୍ରୀଡା ସଂସଦ ଉପ ସଭାପତି ଯୁଗଳ ପ୍ରସାଦ ସିଂ, ସମ୍ପାଦକ କିଶୋର କୁମାର ମିଶ୍ର, କ୍ରୀଡା ସମ୍ପାଦକ ହରଦୀପ ସିଂ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ ସମ୍ପାଦକ ଅମୀୟ ଭୁଷଣ ସାହୁ, ଇଣ୍ଡୋର ଗେମ୍ସ ସମ୍ପାଦକ ରବି ପଣ୍ଡା, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ, ଦିଲୀପ ସାୱଡ଼ିଆ, ବିଷ୍ଣୁ ପ୍ରସାଦ ଧାନୁକା, ରଜତ ଦାଶ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ନିରାଶରେ ଘରକୁ ଫେରିଲେ କବାଡ଼ି ପ୍ରତିଯୋଗୀ

ଅତାବିରା,୧୫।୯(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଚାଲିଥିବା କବାଡ଼ି ପ୍ରତିଯୋଗିତାରେ ଜଣେ ଛାତ୍ରୀ ସବ୍‌ବ୍ଲକସ୍ତରରେ ଉନ୍ନୀତ ହେବା ଏବଂ ଓଜନ ବୃଦ୍ଧି ଦର୍ଶାଇ ବ୍ଲକସ୍ତର ପ୍ରତିଯୋଗିତାରେ ଭାଗନେବାକୁ ଅଯୋଗ୍ୟ ଘୋଷିତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝିଲିମିଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତନୁ ବଡ଼େଇଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଉପୁଜିଛି।

ସୂଚନା ଅନୁଯାୟୀ, ଉକ୍ତ ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ଓଜନ ୫୫କି.ଗ୍ରାରୁ ଅଧିକ ହେଲେ ପ୍ରତିଯୋଗିତାରେ ଭାଗ ନେଇପାରିବେ ନାହିଁ। ତେବେ ପତ୍ରାପାଲି ହାଇସ୍କୁଲରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ଭାଗ ନେବାବେଳେ ତନୁଙ୍କ ଓଜନ ୫୪ କି.ଗ୍ରା ରହିଥିବା ଦର୍ଶାଯାଇଥିଲା ଏବଂ ସେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ସେ ଭଲ ପ୍ରଦର୍ଶନ କରି ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଶନିବାର ଅତାବିରା ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ବ୍ଲକସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ତନୁ ତାଙ୍କ ବାପା ରମେଶଙ୍କ ସହିତ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କ ଓଜନ ୬୦ କି.ଗ୍ରା ହୋଇଥିବା ଦର୍ଶାଇ ପ୍ରତିଯୋଗିତାରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ଫଳରେ



ତନୁ ବଡ଼େଇ।

ତନୁ ନିରାଶ ହୋଇ ଫେରି ଯାଇଥିଲେ। ତେବେ ୨ଦିନ ମଧ୍ୟରେ ତନୁଙ୍କ ଓଜନ କିଭଳି ୬କି.ଗ୍ରା ବୃଦ୍ଧି ପାଇଲା,

**ସବ୍ ବ୍ଲକସ୍ତରରେ ମନୋନୀତ, ବ୍ଲକସ୍ତରରେ ଅଯୋଗ୍ୟ ଘୋଷିତ**

ତାକୁ ନେଇ ନାନା ଦ୍ୱନ୍ଦ୍ୱ ଉପୁଜିଛି। ଏ ନେଇ ପତ୍ରାପାଲି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସୁନୀଲ ଭୋଇଙ୍କୁ ପଚାରିବାରୁ ସବ୍ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ତନୁଙ୍କ ଓଜନ ୫୪କି.ଗ୍ରା ରହିଥିବା ସେ କହିଥିଲେ। ସେହିପରି ଅତାବିରା ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦୀପ କୁମାର ନାୟକଙ୍କୁ ପଚାରିବାରୁ ତନୁଙ୍କ ଓଜନ ୬୦ କି.ଗ୍ରା ହେବାରୁ ତାଙ୍କୁ ପ୍ରତିଯୋଗିତାରୁ ବାଦ୍ ଦିଆଯାଇଥିଲା ବୋଲି କହିଛନ୍ତି।

## ୨୯ରେ ଆର୍‌ଏସ୍‌ପି ଏକ୍‌ଜିକ୍ୟୁଟିଭ ସଂଘ ନିର୍ବାଚନ

ରାଉରକେଲା, ୧୫।୯ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏକ୍‌ଜିକ୍ୟୁଟିଭ ସଂଘ ନିର୍ବାଚନ ସେପ୍ଟେମ୍ବର ୨୯ତାରିଖରେ ସେକ୍ଟର-୨୦ ରାଉରକେଲା କ୍ଲବଠାରେ ଅନୁଷ୍ଠିତ ହେବ। ଏଥିପାଇଁ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ଉପସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଆଦି ୫ଟି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଉଛି। ସେପ୍ଟେମ୍ବର ୧୬ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବା ପରେ ୧୭ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଗତ ନିର୍ବାଚନରେ ସଭାପତି ଭାବେ ଇଂ. ଅବକାଶ ମଲ୍ଲିକ ତଥା ସେଫିର ସାଧାରଣ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିଲେ। ପ୍ରଥମ କରି ମଲ୍ଲିକ ଏହି ପଦବୀରେ ଥିବାବେଳେ ଚଳିତ ଥର ମଧ୍ୟ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ଅବକାଶ ବେହେରାଙ୍କ ସହ ରହିଛି ବୋଲି ଇଂ. ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରତ୍ୟେକ ୨ ବର୍ଷରେ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥାଏ।

# ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା

### ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା

ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଉନ୍ନୟନ ବିଭାଗ ଅନ୍ତର୍ଗତ ଡେଲି ମାର୍କେଟ-ପାନପୋଷ ୧୦ କି.ମି ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଫଳରେ ଏହାକୁ ନେଇ ଯାତ୍ରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଏହି ରାସ୍ତା କଡ଼ରେ ଅନେକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ସେହିପରି ଜେଏମ୍‌ଏଫ୍‌ସି କୋର୍ଟ, ନିୟୋଜନ ଅଫିସ, ଜିଏସ୍‌ଟି ଅଫିସ, ରାଉରକେଲା ସରକାରୀ ଡାକ୍ତରଖାନା, ଏସ୍‌ପି ଅଫିସ, ପରିବହନ ଓ ଶ୍ରମ ବିଭାଗ କାର୍ଯ୍ୟାଳୟ, ଶିଳ୍ପକେନ୍ଦ୍ର, ରଘୁନାଥପାଲୀ ଥାନା ଆଦି ରହିଛି। ଫଳରେ ସହର ସମେତ ରାଉରକେଲା, ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ଅଞ୍ଚଳର ଲୋକମାନେ ଏହି ରାସ୍ତାଦେଇ ଯାତାୟାତ କରନ୍ତି। ସେହିପରି ସ୍କୁଲ, କଲେଜ



ପାନପୋଷ ଛକରେ ସାଧାରଣ ଯାତ୍ରୀ ଟ୍ରାଫିକ୍‌ରେ ଫସି ରହିଛନ୍ତି।

ପିଲାମାନେ ମଧ୍ୟ ଯିବାଆସିବା କରୁଛନ୍ତି। ମାତ୍ର ରାସ୍ତାରେ ହେଉଥିବା ବେଆଇନ ପାର୍କିଂ ଯୋଗୁ ସବୁବେଳେ ଟ୍ରାଫିକ ଜାମ୍ ରହୁଛି। ଲୋକମାନଙ୍କୁ ୧ କି.ମି ବାଟ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିକି ଆମ୍ବୁଲାନ୍ସ ଭଳି ଜରୁରୀ ସେବା ମଧ୍ୟ ପ୍ରଭାବିତ ହେଉଛି। ଅନ୍ୟପକ୍ଷେ ରାଉରକେଲା ପରିବହନ ବିଭାଗ ଓ ଟ୍ରାଫିକ ପୋଲିସ ଏହି ସମସ୍ୟା ସମାଧାନରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଯାନବାହନ ପାର୍କିଂ ଟର୍ମିନାଲ ଅଭାବ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଅଧିକାରୀ ଓ କର୍ମଚାରୀ ପଦବୀ ପୂରଣ କରାଯାଉ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଛି ବୋଲି ସାଧାରଣରେ ଆଲୋଚନା କରାଯାଉଛି।

ଏହି ରାସ୍ତାରେ ୪ଚକିଆ ଓ ୨ଚକିଆ ଯାନଗୁଡ଼ିକ ବେଆଇନ ପାର୍କିଂ କରୁଥିବାରୁ ଅସମ୍ଭାଳ ଟ୍ରାଫିକ ଜାମ୍ ହେଉଛି। ରାଉରକେଲା ଡେଲି ମାର୍କେଟ-ପାନପୋଷ ରାସ୍ତା ଆରଡିଏ ବିଭାଗ ଅଧୀନରେ ଥିବାବେଳେ ରାସ୍ତାରେ ଯାନବାହନ ରଖିବା ପାଇଁ ଆବଶ୍ୟକ ପାର୍କିଂ ଟର୍ମିନାଲ ଏପର୍ଯ୍ୟନ୍ତ ନିର୍ମାଣ ହେଉନି। ଅନ୍ୟପଟେ ୩ଜଣ ଜୁନିୟର ଏମ୍‌ଭିଆଇ ସ୍ଥଳେ ଜଣେ ଅଛନ୍ତି। ଅତିରିକ୍ତ ପରିବହନ ଅଧିକାରୀ ଓ ପରିବହନ ଏନଫୋର୍ସମେଣ୍ଟ ପଦବୀ ଏଯାଏ ପୂରଣ କରାଯାଇନାହିଁ। ଏ ଦିଗରେ ବିଭାଗୀୟ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଭି. ସାମନ୍ତସିଂହ ରାୟ କୁହନ୍ତି, ରାଉରକେଲା ଡେଲି ମାର୍କେଟ-ପାନପୋଷ ମୁଖ୍ୟରାସ୍ତାରେ ପାର୍କିଂ ସମସ୍ୟା ଚିନ୍ତାଜନକ। ଆବଶ୍ୟକ ଭିତ୍ତିଭୂମି ଅଭାବ ଯୋଗୁ ସମସ୍ୟା ହେଉଛି। ପାର୍କିଂ ଟର୍ମିନାଲ କାର୍ଯ୍ୟ ଉନ୍ନୟନ ବିଭାଗ ହାତରେ ନ୍ୟସ୍ତ ବୋଲି ସେ କହିଥିଲେ।

## ସ୍ମାର୍ଟ ସ୍କୁଲ କାମ ଅସମ୍ପୂର୍ଣ୍ଣ

ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବାସନ୍ତୀ କଲୋନୀରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ କରି ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଛି। ଏହାସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଥିଯୋଗୁ ପିଲାମାନେ ଅସୁବିଧା ଭୋଗୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଏହି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଗତ ସରକାର ସମୟରେ ଏହି ସ୍କୁଲକୁ ସ୍ମାର୍ଟସ୍କୁଲରେ ରୂପାନ୍ତରଣ କରାଗଲା ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୧କୋଟି ୯୫ଲକ୍ଷ ଟଙ୍କା ବ୍ୟୟବରାଦ କରାଗଲା। ଏହି ଅନୁଦାନ ରାଶିରେ ପିଲାମାନଙ୍କ ଲାଗି ସ୍ମାର୍ଟ କ୍ଲାସରୁମ, କାର୍ଯ୍ୟାଳୟ, ସ୍କୁଲ ଉପକରଣ, ଟଏଲେଟ, ବାରଣ୍ଡା, ସଭା ମଣ୍ଡପ ସହିତ ରୋଷେଇ ଗୃହ ଆଦି କାମ କରାଗଲା। ମାତ୍ର ସ୍ମାର୍ଟ ସ୍କୁଲ ଭାବେ ରୂପାନ୍ତରିତ ହେବାର କିଛି ମାସ ନ ପୂରୁଣୁ ସ୍କୁଲ ଛାତରୁ ବର୍ଷାପାଣି ଗଳିଲା। ସେହିପରି ଝରକା କବାଟ, ଡ୍ରେନ କାମ ହୋଇପାରିଲାନାହିଁ। ଟଏଲେଟ ପାଣିଟାଙ୍କିରୁ ପାଣି ଆସିବା ବ୍ୟବସ୍ଥା ବନ୍ଦ ଯୋଗୁ ପିଲାମାନେ ନାନା ଅସୁବିଧା ଭୋଗୁଛନ୍ତି। ପ୍ରଥମ ଶ୍ରେଣୀ ସଂଲଗ୍ନ ଡ୍ରେନ ମରାମତି ନ ହେବାରୁ ଡ୍ରେନ ସର୍ବଦା ସନ୍ତସନ୍ତିଆ ରହୁଛି। ଫଳରେ ଡ୍ରେନରେ ଗଚ୍ଛିତ ଅଳିଆ ଦୁର୍ଗନ୍ଧରେ ପିଲାଙ୍କୁ ମଶାମାଛି ବଂଶ ବିସ୍ତାର ହେଉଛି। ୧୫ଦିନ ତଳେ ସ୍କୁଲର ଜଣେ ଶିକ୍ଷୟିତ୍ରୀ ଡେଙ୍ଗୁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏଣୁ ତୁରନ୍ତ ସ୍କୁଲର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ଏ. ଆର. ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ହାଇସ୍କୁଲର ପ୍ରାୟ ସମସ୍ତ କାର୍ଯ୍ୟ ସରିଯାଇଛି। ମାତ୍ର ଡ୍ରେନ ଓ କିଛି ଶ୍ରେଣୀ ଝରକା କାମ ବକେୟା ରହିଛି। ଏ ନେଇ ୧ଲକ୍ଷ ଟଙ୍କା ଟେଣ୍ଡର ହୋଇଛି। ଖୁବଶୀଘ୍ର କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ସେ କହିଥିଲେ।

## ଆର୍‌ଏସ୍‌ପିର ବାର୍ଷିକ ଆର୍ଥିକ ବର୍ଷ ପୁସ୍ତିକା ଉନ୍ମୋଚିତ

ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ରାଉରକେଲା କ୍ଲବରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସ୍‌ପିର ବାର୍ଷିକ ଆର୍ଥିକ ବର୍ଷ ପୁସ୍ତିକାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଏଚ୍‌ଆର ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ସିଜିଏମ୍ ଇନ୍‌ଚାର୍ଜ ଆଇରନ ଏବଂ କାର୍ଯ୍ୟ ବିଭାଗର ଆର୍କ୍ଟି ଇଡି ବି. ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅନୀଲ କୁମାର, ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଭାଗ ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ନିଜ ଅଭିଭାଷଣରେ ଭୌମିକ ବିଭାଗୀୟ ସାମୂହିକଙ୍କ ସ୍ୱ ସମ୍ପାଦିତ ମହତ୍ୱପୂର୍ଣ୍ଣ ଭୂମିକା ବିଶେଷତଃ କ୍ରମବର୍ଦ୍ଧନଶୀଳ ଇନପୁଟ ମୂଲ୍ୟ, ଅନିଶ୍ଚିତ ଚାହିଦା ଏବଂ ସାଇକ୍ଲିକ ଇସ୍ପାତ ବଜାର ଭଳି ଆହ୍ୱାନମୂଳକ ସମୟ ଅବଧିରେ ସେମାନଙ୍କ ମହତ୍ୱପୂର୍ଣ୍ଣ ଭୂମିକା ଉପରେ ଉଲ୍ଲେଖ କରିଥିଲେ। କାରଖାନାର ଉତ୍ପାଦନ ଏବଂ ଆର୍ଥିକ ଧାରାର ବିଶ୍ଳେଷଣ ସହ ସବିଶେଷ ତଥ୍ୟ ପ୍ରଦାନ ପୂର୍ବକ ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏ. କେ ବେହୁରିଆ ସମାବେଶକୁ ସ୍ୱାଗତ ଜଣାଇ କମ୍ପାନୀର ଲକ୍ଷ୍ୟ ଓ ଉତ୍ପାଦନ ମାଇଲଖୁଣ୍ଟ ହାସଲ କରିବାରେ ଅର୍ଥ ବୃତ୍ତିଧାରୀଙ୍କ କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠନର ସାମଗ୍ରିକ ଲକ୍ଷ୍ୟ ହାସଲକାରୀ ଭାବେ ଦାୟିତ୍ୱ ବହନ ଜାରି ରଖିବା ସହିତ ସେ ଆର୍ଥିକ ବର୍ଷ ୨୦୨୩-୨୪ର ପୁସ୍ତିକା ଅନ୍ତର୍ଭୁକ୍ତ ବିଷୟବସ୍ତୁ, ମୂଲ୍ୟ ଯଥା ବୈଷୟିକ ଅର୍ଥନୈତିକ ପରିମାପକତା, ସମ୍ବେଦନଶୀଳତା ବିଶ୍ଳେଷଣ, ମାନବ ଶକ୍ତି ଏବଂ ଉତ୍ପାଦନ ସହିତ ବିକ୍ରୟ ଯୋଗ୍ୟ ସାମଗ୍ରୀ ଉପରେ ଅଧିକ ତଥ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଆରଏସ୍‌ପିରେ ଆଭ୍ୟନ୍ତରୀଣ ଅଡିଟ୍, ପ୍ରୋଜେକ୍ଟ ଭିଜିଲାନ୍ସ ଓ ଟାଉନଶିପ୍ ଭଳି ଫାଇନାନ୍ସ ବିଭାଗର ବିଭିନ୍ନ ଅନୁଭାଗ ଗୁଡ଼ିକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଡେପୁଟି ମ୍ୟାନେଜର ସୁଶ୍ରୀ ମହାନନ୍ଦା ସାହୁ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଏଫ୍ ଏଣ୍ଡ୍ ଏ ବିଭାଗ ସିଜିଏମ୍ ରାଜେଶ ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



ଆରଏସ୍‌ପି ବାର୍ଷିକ ଆର୍ଥିକ ବର୍ଷ ପୁସ୍ତିକା ଉନ୍ମୋଚନ ହେଉଛି।

## ନିର୍ବାଚନ ବିଳମ୍ବ ପାଇଁ ଆମେ ଦାୟୀ ନୋହୁଁ

### ଆର୍‌ଏସ୍‌ପି ଶ୍ରମିକ ସ୍ୱୀକୃତି ନିର୍ବାଚନ ମାମଲା

■ମିଳିତ ଖବରଦାତା ସମ୍ମିଳନୀରେ ସୂଚନା




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା।

ରାଉରକେଲା, ୧୫।୯ (ସଙ୍ଗୀତା ଜେନା)

ଆର୍‌ଏସ୍‌ପିରେ ସ୍ୱୀକୃତି ଶ୍ରମିକ ସଙ୍ଗଠନ ଅବଧି ଗତ ମାର୍ଚ୍ଚ ମାସରେ ଶେଷ ହୋଇଛି। ଯେଉଁଦିନ ଅବଧି ଶେଷ ହେଲା ସେହିଦିନରୁ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ନିର୍ବାଚନ କରିବା ପାଇଁ ଆଞ୍ଚଳିକ ଶ୍ରମ ଆୟୁକ୍ତ (ଆର୍‌ଏଲ୍‌ସି)ଙ୍କୁ ଅବଗତ କରିଥିଲା। କିନ୍ତୁ ସେହି ସମୟରେ ଅନ୍ୟ ଶ୍ରମିକ ସଙ୍ଗଠନ ହାରିବା ଭୟରେ କୋର୍ଟରେ ଆଶ୍ରୟ ନେବା ସହ ବିଭିନ୍ନ ଉପାୟରେ ନିର୍ବାଚନକୁ ଗଡେଇବାକୁ ଚେଷ୍ଟା କରିଆସୁଛନ୍ତି। ଆର୍‌ଏସ୍‌ଏସ୍ ଏବଂ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ଏହା ମଧ୍ୟରେ ଶୀଘ୍ର ନିର୍ବାଚନ କରାଇବା ଦାବିରେ ଆର୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ଜଣାଇସାରିଛି। ଆସନ୍ତା ଅକ୍ଟୋବର ମଧ୍ୟରେ ନିର୍ବାଚନ କରାଯାଉ ଏବଂ ଏହି ନିର୍ବାଚନ ବିଳମ୍ବ ପାଇଁ ଆମେ ଦାୟୀ ନୋହୁଁ ବୋଲି ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା ରବିବାର ମଧ୍ୟାହ୍ନରେ ସେକ୍ଟର-୮ ଜିଏମ୍‌ଏମ୍ କାର୍ଯ୍ୟାଳୟରେ ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍‌ର ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଏମ୍‌ଏମ୍ ସଭାପତି ଜର୍ଜ ତିର୍କୀ, କାର୍ଯ୍ୟକାରୀ ସଭାପତି ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ, ସଞ୍ଜୟ ପଣ୍ଡା, ସନ୍ତୋଷ କୁଜୁର, ସୁଲେମାନ କାଉଡିଆ, ମାଙ୍ଗେ ଏକ୍କା, ଆର୍‌ଏସ୍‌ଏସ୍‌ର ଦିଲୀପ ମହାପାତ୍ର, ନିହାର ଦାସ, ଅକ୍ଷୟ ଜେନା, ପି.କେ. ପଣ୍ଡା, ବୀରକିଶୋର ଶେଖରଦେଓ ପ୍ରମୁଖ ମଞ୍ଚାସୀନ ଥିଲେ। ୨୦୧୪ରେ ତତ୍କାଳୀନ ଶ୍ରମିକ ସଙ୍ଗଠନ ମର୍ଯ୍ୟାଦା ପାଇବା ପରେ ଯେଉଁ ଶ୍ରମିକ କର୍ମଚାରୀମାନେ ନୂଆ କିଛି ହେବାର ଆଶା ରଖିଥିଲେ ପରବର୍ତ୍ତୀ ସମୟରେ ସେମାନେ ନିରାଶ ହୋଇଥିଲେ ବୋଲି ଜିଏମ୍‌ଏମ୍ ସଭାପତି ତିର୍କୀ କହିଥିଲେ। ପରେ ଉଭୟ ସଙ୍ଗଠନ ପକ୍ଷରୁ ପେ ସ୍କେଲ ଇନ୍‌କ୍ରିମେଣ୍ଟ, ରାତ୍ରିକାଳୀନ ଭର୍ତ୍ତି, ଅନୁକମ୍ପାମୂଳକ ଚାକିରିରେ ନିୟମରେ ପରିବର୍ତ୍ତନ, ବୟସ ସୀମା ବୃଦ୍ଧି ଭଳି ପ୍ରାୟ ୭୧ଟି କୃତିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ୨୦୨୨ରେ ଏହି ୨ଟି ସଙ୍ଗଠନର ମେଣ୍ଟ ସ୍ୱୀକୃତିଲାଭ କରିଥିଲା। ଆସନ୍ତା ଦିନରେ ଆର୍‌ଏସ୍‌ପିରେ ଉକ୍ତ ନିର୍ବାଚନ ହେବାକୁ ଯାଉଛି। ଏହାର ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇ ନ ଥିବା ବେଳେ ଶ୍ରମିକ ସଙ୍ଗଠନ ପରସ୍ପର ମଧ୍ୟରେ ଆକ୍ଷେପ ଆରମ୍ଭ ହୋଇଯାଇଛି।

## ପ୍ରକୃତି ସୁରକ୍ଷା, ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା



କରମା ପୂଜା ଉତ୍ସବରେ ଆଦିବାସୀମାନେ ନୃତ୍ୟ କରୁଛନ୍ତି।

### କରମା ପୂଜା ମହୋତ୍ସବ ପାଳିତ

ରାଉରକେଲା, ୧୫।୯ (ଦିନେଶ ମିଶ୍ର)

ରାଉରକେଲା ଓରାମପଡା ସ୍ଥିତ କୁଡୁଖ ସଭାସ୍ଥଳରେ ଦୁର୍ଗାପୁର କୁଡୁକପାଡ୍‌ହା ଏଣ୍ଡ ଓରାମ କଲଚରାଲ ଟ୍ରଷ୍ଟ ପକ୍ଷରୁ ରାଜୀବ୍ କରମା ପୂଜା ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଗାପୁର ମୌଜାର ଓରାମପଡା, ମହୁଲପାଲି, ଗାଡାଟୋଲା ଆଦି ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରକୃତି କରମା ଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ପୂଜା ଉତ୍ସବରେ ମୁଖ୍ୟ ପାହାଣ ଭାବେ ସୁନ୍ଦରା ମିଞ୍ଜ ଯୋଗଦେଇ କରମା ଦେବତାଙ୍କୁ ଚୁଡା, କାକୁଡି, ନୂତନ ଚାଉଳରେ ତିଆରି ପିଠା ସାଙ୍ଗକୁ ବିଭିନ୍ନ ଫୁଲଫଳ ଅର୍ପଣ କରିଥିଲେ। ପାହାଣ ମଙ୍ଗଲ ଏକ୍କା ସହଯୋଗ କରିଥିଲେ। ଭାଦ୍ରବ ଏକାଦଶୀର ଏହି ୯ଦିନ ଧରି ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ କୁଆଁରୀ ଝିଅମାନେ ଉପବାସ ବ୍ରତ କରି ୭ ପ୍ରକାର ଫସଲ ମଞ୍ଜିକୁ ନିୟମ ଅନୁସାରେ କରମା ରାଜାଙ୍କୁ ଅର୍ପଣ କରିବା ସହ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କୁ ବିତରଣ କରିଥିଲେ। ପରେ ପାହାଣମାନେ ଏକ ଟାଙ୍ଗିଆକୁ ପୂଜାର୍ଚ୍ଚନା କରି ବ୍ରତଧାରୀଙ୍କୁ ମାର୍ଜନା କରିବା ପରେ କରମାଡାଳ ଆଣିବାକୁ ଏକ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରା ଓରାମପଡା ସ୍ଥିତ କୁଡୁଖ ସଭାସ୍ଥଳରୁ ବାହାରି ଉଦିତନଗର ସ୍ଥିତ ଯୋଗାଣ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସେଠାରେ କରମାଗଛ ଡାଳକୁ ପୂଜା କରି ଏହାକୁ କାଟି ପୂଜାସ୍ଥଳରେ ସ୍ଥାପନ କରିଥିଲେ। ପରେ ବ୍ରତଧାରୀ ଭୋଗ ଅର୍ପଣ କରିବା ସହ ମାନସିକ ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ପାହାଣମାନେ ବ୍ରତଧାରୀ ଓ ଶ୍ରଦ୍ଧାଳୁଙ୍କୁ କରମା ଓ ଧରମାଙ୍କ ଜୀବନ ବାଣୀ ମହତ୍ୱ ଶୁଣାଇବା ପରେ ପ୍ରସାଦସେବନ କରାଯାଇଥିଲା। କରମା ପୂଜା ମହୋତ୍ସବରେ ଶ୍ରଦ୍ଧାଳୁ କୃଷିର ଉନ୍ନତି ସାଙ୍ଗକୁ ପ୍ରକୃତିର ସୁରକ୍ଷା ଓ ବିଶ୍ୱରେ ଶାନ୍ତି ବଜାଇ ରଖିବା ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ସଭାରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ଅତିଥି ଭାବେ ପାଡ଼୍‌ହାର ମୁଖିଆ ସୁରେଶ ଲାକ୍ରା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆଦିବାସୀ ପରମ୍ପରା ବାଦ୍ୟଯନ୍ତ୍ର ମାଦଳ, ଢୋଲ ବାଦ୍ୟର ତାଳେ ତାଳେ ଶ୍ରଦ୍ଧାଳୁମାନେ ନୃତ୍ୟ ପରିବେଷଣ କରିଥିଲେ। ଅଜିତ ପାନା, ରନକା ଓରାମ, ରାଜୀବ ପାନା, ଆନନ୍ଦ ଓରାମ, ଲେଦ୍ରା ଓରାମ, ସୁରେଶ ଲାକ୍ରା, ଲୁନ୍ଦେଇ ଓରାମ, ମୁନି ଓରାମ, ହୀରା ଓରାମ, ଅମରନାଥ ଖାଖା, ମନୋଜ ଲାକ୍ରା ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ସଦସ୍ୟ ମନମୋହନ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନ, ଅଧ୍ୟାତ୍ମ ପରସ୍ପର ପରିପୂରକ

### ୨ଦିନିଆ ଜାତୀୟସ୍ତରୀୟ କର୍ମଶାଳା

ରାଉରକେଲା, ୧୫।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ମାନବ ସଭ୍ୟତା ପାଇଁ ବିଜ୍ଞାନ ତର୍କବାଦ ସହିତ ଅଧ୍ୟାତ୍ମ୍ୟ ତର୍କବାଦ ଲୁକ୍କାୟିତ ରହିଥିବା ଗୁଢ ରହସ୍ୟ ଶୀର୍ଷକ ୨ଦିନିଆ ଜାତୀୟସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପଧାନ କର୍ମଶାଳାକୁ ପରିଚାଳନା କରିଥିଲେ। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଶ୍ୟାମସୁନ୍ଦର ପଟ୍ଟନାୟକ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଭୁବନେଶ୍ୱରର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଜ୍ଞାନ ବିଚାର ଓ ଅଧ୍ୟାତ୍ମ ବିଚାର ପରସ୍ପର ପରିପୂରକ। ଅଧ୍ୟାତ୍ମ ବିଚାର ଓ ବିଜ୍ଞାନ ପ୍ରୟୋଗ ବିନା ବ୍ରହ୍ମାଣ୍ଡରେ ଲୁକ୍କାୟିତ ଥିବା ଅଲୌକିକ ଓ ଅଦ୍ଭୁତ ଉତ୍ସଗୁଡ଼ିକର ମୂଳତତ୍ତ୍ୱ ଖୋଜିବା ଜଟିଳ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରଫେସର ଡକ୍ଟର ଅଶୋକ ଶତପଥୀ, ଡକ୍ଟର ରବିନ୍ଦ୍ର ନାଥ ମିଶ୍ର, ଡକ୍ଟର ଜ୍ଞାନରନ ମିଶ୍ର, ଇଂ. ମାୟାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସଂଯୁକ୍ତା ବେହେରା, ଅଧ୍ୟାପକ ନିଖିଳ ସ୍ୱାଇଁ କର୍ମଶାଳା ପରିଚାଳନା କରିଥିଲେ। ଆବାହିକା ରମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ସ୍ୱୟଂଶାସିତ କଲେଜରେ ହିନ୍ଦୀ ଦିବସ ପାଳିତ

ରାଉରକେଲା, ୧୫।୯ (ଦିନେଶ ମିଶ୍ର)

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ହିନ୍ଦୀଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡକ୍ଟର ବେହେରା ଯୋଗଦେଇ ହିନ୍ଦୀ ଭାଷାକୁ ନିଜ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ସ୍ତୁତିଚାରଣ କରି ସେ ଗୁଜୁରାଟୀ ଭାଷାଭାଷୀ ଅଞ୍ଚଳର ହୋଇ ମଧ୍ୟ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ପ୍ରଫେସର ବେହେରା ଆଲୋଚନା କରିଥିଲେ। ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ନମିତା ସ୍ୱାଇଁ ତାଙ୍କ ବକ୍ତବ୍ୟରେ ହିନ୍ଦୀ ଭାଷାର ବଳିଷ୍ଠ ପରମ୍ପରା ଓ ସାଂସ୍କୃତିକ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ଏହି ଦିବସ ପାଳନର ଗୁରୁତ୍ୱ ଓ ଆବଶ୍ୟକତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ସଭାରେ ସ୍ୱତନ୍ତ୍ର ବକ୍ତା ଭାବେ ବିଶିଷ୍ଟ ଲେଖିକା ଡକ୍ଟର ମଞ୍ଜୁ ଶର୍ମା ମହାପାତ୍ର ଯୋଗଦେଇ ହିନ୍ଦୀ ଭାଷାର ଅନେକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ ଓ ଲେଖିକାଙ୍କ ଉଦାହରଣ ଦେଇ ସେମାନଙ୍କ କାଳଜୟୀ ସାହିତ୍ୟ କୃତି ସମ୍ପର୍କରେ ଅବଗତ କରିଥିଲେ। ପରେ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ବିଶ୍ୱରେ କରାଯାଉଥିବା ହିନ୍ଦୀ ସମ୍ମିଳନୀ ଉପରେ ଡକ୍ଟର ମହାପାତ୍ର ମତ ରଖିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଡକ୍ଟର ରଞ୍ଜିତା ଓରାମ, ହିନ୍ଦୀ ବିଭାଗର ଅଧ୍ୟାପିକା ଉର୍ବଶୀ ତିର୍କୀ, ପୁଷ୍ପଲତା ଓ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ହିନ୍ଦୀ ଭାଷାର ବ୍ୟାପକତା ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରେ ପୂର୍ବରୁ ଆୟୋଜିତ ହିନ୍ଦୀ ନିବନ୍ଧ ଲିଖନ ଓ ହିନ୍ଦୀ ତର୍କ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ଲଘୁ ନାଟକ ଓ ଲଘୁ ଚଳଚ୍ଚିତ୍ର ପ୍ରଦର୍ଶନ ସମେତ କବିତା ପାଠ କରାଯାଇଥିଲା। ଏଥିରେ କଲେଜର ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ପ୍ରିୟା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ଭାରତୀୟ ସମ୍ବିଧାନ ଏକ ବୃହତ୍ ଗ୍ରନ୍ଥ

### ଗୋପବନ୍ଧୁ ପାଠାଗାରରେ ମାସିକ ସାହିତ୍ୟ ଆସର

ରାଉରକେଲା, ୧୫।୯ (ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ସ୍ୱସ୍ତି ସାହିତ୍ୟ ସଂସଦ ଓ ପାଠାଗାର ମିଳିତ ଆନୁକୂଲ୍ୟରେ ଉପସଭାପତି ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱସ୍ତି ସାହିତ୍ୟ ସଂସଦ ସଭାପତି ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତୀୟ ସମ୍ବିଧାନ ଓ ଆମର ଅନୁଶାସନ ବିଷୟ ବସ୍ତୁ ଉପରେ ମତ ରଖିଥିଲେ। ବିଶ୍ୱର ସର୍ବ ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର ଭାରତ ଓ ତାର ସମ୍ବିଧାନ ଏକ ବୃହତ୍ ଗ୍ରନ୍ଥ। ଭାରତ ତାର ବିଭିନ୍ନ ଧାରାର ନିୟମ ଅନୁଯାୟୀ ସମଗ୍ର ରାଷ୍ଟ୍ର ଓ ଏହାର ଶହେ କୋଟିରୁ ଊର୍ଦ୍ଧ୍ୱ ନାଗରିକ ଶୃଙ୍ଖଳା ଅନୁବର୍ତ୍ତିତ ଓ ଅନୁଶାସନରେ ଅନୁପ୍ରାଣିତ ବୋଲି ବକ୍ତା ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ପାଠାଗାର ସଭାପତି ଇଞ୍ଜିନିୟର ନବଘନ ସାହୁ ଉପସ୍ଥିତ ଥିଲେ। ପରେ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ଗଳ୍ପପାଠ କରିଥିଲେ। କବି ରଶ୍ମି ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ, ତ୍ରିଲୋଚନ ସ୍ୱାଇଁ, ଅଧ୍ୟାପକ କରୁଣାକର ପାଢ଼ଶାଣୀ, ବିଜୟିନୀ ଜେନା ଓ ସ୍ମିତା ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ। ରାଜକୁମାର ମହାନ୍ତି ଉପସଂହାର ରଖିଥିବାବେଳେ ଇଞ୍ଜିନିୟର ଅଶୋକ କୁମାର ପଟ୍ଟନାୟକ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କବି ରାଜୀବ ପାଣି, ପ୍ରଫେସର ପାରେଶ୍ୱର ବିଶ୍ୱାଳ, ଡକ୍ଟର ସୁମନ ଦତ୍ତ, ଡକ୍ଟର ଶକ୍ତି ପ୍ରସାଦ ସାମନ୍ତରାୟ, ଅଜୟ କୁମାର ମହାନ୍ତି, ହରିହର ଶତପଥୀ, ବିଭୂତି ଭୂଷଣ ଦାସ, ଶର୍ମିଳା ଦତ୍ତ, ଲକ୍ଷ୍ମଣନାଥ ଦାସ, ଜ୍ୟୋତ୍ସ୍ନାରାଣୀ ପାତ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଚନ୍ଦ୍ରମଣି ମାଝୀ, ସୁଶାନ୍ତ କୁମାର ନାୟକ, ଅନୀଲ କୁମାର ଦାସ, ଗୌତମ ଦାସ, ହୃଷୀକେଶ ବଳିଆରସିଂ, କିଶୋରୀ ମୋହନ କର, ସୁରେନ୍ଦ୍ର କୁମାର କର, ସୁରେନ୍ଦ୍ର କୁମାର ରାୟ, ଧ୍ରୁବ ଚରଣ ନାୟକଙ୍କ ସମେତ ବହୁ ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଏଡ୍ସ ସଚେତନତା, ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଶାଖା ପକ୍ଷରୁ ଏଚ୍‌ଆଇଭି ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିଟିସି ସୁପର ଭାଇଜର ନରେଶ ପାତ୍ର ଓ ପରାମର୍ଶଦାତା ସରୋଜ ମହାନ୍ତି ଅତିଥି ଭାବେ ଯୋଗଦେଇ ଏଡ୍ସ ରୋଗର କାରଣ ଓ ତାର ପ୍ରତିକାର ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ବୁଝାଇଛନ୍ତି। ସଚେତନତା ସଭା ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଦାମୋଦର ନାୟକ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ସଭାରେ ମହାବିଦ୍ୟାଳୟ ଅଧ୍ୟାପିକା ସରିତା ନଳିନୀ ପ୍ରଧାନ, ବିଭୂତି ମହାପାତ୍ର ପ୍ରମୁଖ ଅଧ୍ୟାପକଙ୍କ ସମେତ ମହାବିଦ୍ୟାଳୟର ରେଡ ରିବନ କ୍ଲବର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ସଭା ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

### ସୁଭଦ୍ରା ଯୋଜନା ପାଇଁ ରାଲି, ସଭା

କୋଲାବିରା,୧୫।୯ (ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ପ୍ରଶାସନ ପକ୍ଷରୁ ରବିବାର ସୁଭଦ୍ରା ଯୋଜନା ନେଇ ଏକ ରାଲି ଓ ସଭା ଅନୁଷ୍ଠିତ ହୋଇଯାଇଛି। କୋଲାବିରା ପଞ୍ଚାୟତ ସମିତି ଅଫିସ ପରିସରରୁ କରୁଣାକର ଛକ ପର୍ଯ୍ୟନ୍ତ ରାଲି ହୋଇଥିଲା। ପିଏ ଆଇଟିଡିଏ ସଞ୍ଜୀବ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ଅଶିନୀ ପଣ୍ଡା, ଏବିଡିଓ ରାଜେଶ ରୋଷନ ଗୁଡ଼ିଆ, ଭାରପ୍ରାପ୍ତ ସିଡିପିଓ ପଙ୍କଜିନି ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଏ ବିଏସଏସଓ, ସିପି, ବିପିସି, ବିଏଲସି, ବିପିଏ, ଏସ ଏବଂ ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ୩୦୦ରୁ ଅଧିକ ଏସ୍‌ଏଚ୍‌ଜି ମହିଳା ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ସମସ୍ତ ରାଜସ୍ୱ ଗ୍ରାମରେ ମଧ୍ୟ ପାଳନ କରାଯାଇଥିଲା।

### ଲାଗିଲା ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଝାରସୁଗୁଡ଼ା,୧୫।୯ (ସଞ୍ଜୟ ମାଲି)

ଝାରସୁଗୁଡ଼ା ସହର ସରବାହାଲ ଏକ ହୋଟେଲ ସମ୍ମୁଖ ମୁଖ୍ୟ ରାସ୍ତା କଡ଼ରେ ଏକ ନୂତନ ଟ୍ରାନ୍ସଫର୍ମର ରବିବାର ଲଗାଯାଇଛି। ଦୀର୍ଘ ବର୍ଷରୁ ପୁରୁଣା ଟ୍ରାନ୍ସଫର୍ମର ଉପରେ ଅଧିକ ଲୋଡ ପଡି ବାରମ୍ବାର ବିଦ୍ୟୁତ୍ ଯାଉଥିବା ଏବଂ ଖରା ସମୟରେ ସଟ୍‌ସର୍କିଟ ହୋଇ ନିଆଁ ବାହାରୁଥିଲା। ପ୍ରତିଦିନ ଝାରସୁଗୁଡା ସହରସ୍ଥିତ ସରବାହାଲ, ମଙ୍ଗଳବଜାର, ବୁରୋମାଲ ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଥିଲା। ବାରମ୍ବାର ଅଭିଯୋଗ ପରେ ରବିବାର ସକାଳ ଆଠଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ କରି ନୂତନ ଟ୍ରାନ୍ସଫର୍ମର ଲଗାଇ ଚାରିପଟେ ନୂତନ ବାଡ଼ ଦେଇ କାମ ଶେଷ କରାଯାଇଛି।

# କଂସ ମହାରାଜଙ୍କ ଦରବାରରେ ଦୁଲୁକିଲା ମଞ୍ଚ




ଦେବଗଡ଼ ଗଣେଶ ମେଳାରେ କଂସ ଦରବାର କାର୍ଯ୍ୟକ୍ରମ ଏବଂ ଲୋକଙ୍କୁ ଖିରି ବଣ୍ଟନ କରାଯାଉଛି।

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)

**ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳାର ନବମ ଦିବସ**

ଅପୂର୍ବ ଉତ୍ସାହ ଏବଂ ଉଦ୍ଦୀପନା ମଧ୍ୟରେ ଗତ ୭ ତାରିଖ ଠାରୁ ଚାଲିଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ରବିବାର ନବମ ଦିବସରେ ପହଞ୍ଚିଛି। ମେଳାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକମାନଙ୍କ ନିମନ୍ତେ ବେଶ ଉପଭୋଗ ହେବା ସହ କଂସ ଦରବାର ମଧ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ରାତ୍ରୀରେ ଫ୍ରି ଶୋ’ ଅପେରା ଓ ଟିକେଟେଡ ଶୋ’ ଅପେରା ମଧ୍ୟ ପରିବେଷିତ ହୋଇଥିଲା। ଗତଦିନ ଭଳି ରବିବାର ରାତ୍ରିରେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ‘ଆନନ୍ଦ ବଜାର’ କାର୍ଯ୍ୟକ୍ରମ ଜରିଆରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶାଳ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଶାନ୍ତି ମଞ୍ଜରୀ ଦେଇ, ପୌରାଧ୍ୟକ୍ଷା, ପୌର ପରିଷଦ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର ପୂଜା ମଣ୍ଡପରେ ପହଞ୍ଚି ମହାପ୍ରଭୁ ଶ୍ରୀ ଗଣେଶଙ୍କ ଆଳତି କରିବା ସହ ସାଂସ୍କୃତିକ ମଞ୍ଚରେ ଉପସ୍ଥିତ ରହି ଦେବଗଡ ଜିଲବାସୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। କଂସ ମହାରାଜ ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସମ୍ପାଦକ ରାଜ୍ୟ ସାମ୍ବାଦିକ ସଂଘ ଓଡ଼ିଶା ଶଶାଙ୍କ ଶେଖର ଝାଙ୍କର ଯୋଗଦେଇଥିଲେ। କମିଟି ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ସ୍ମାରକୀ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜକ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ଉପସଭାପତି ଜନ୍ମାଜୟ ନାୟକ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସହ କୋଷାଧ୍ୟକ୍ଷ କୃଷ୍ଣ ମେହେର, କ୍ରିଷ୍ଣା ଗୋଏଲ, ସୌରଭ ଗୋଏଲ ଓ ପ୍ରକାଶ କୁମାର ଦେବତାଙ୍କ ସମେତ କମିଟିର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ସୋମବାର ଅଗ୍ରପୂଜ୍ୟଙ୍କ ଆକର୍ଷଣୀୟ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ମେଳା କମିଟି ପକ୍ଷରୁ ସୂଚନା ମିଳିଛି।

# ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡା ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫ ଦିନ ଧରି ଚାଲିଥିବା ସ୍ୱଚ୍ଛତା ପକ୍ଷ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟରେ ବିଭିନ୍ନ ଦିବସ ଅନୁଯାୟୀ ସ୍ୱଚ୍ଛତା ଶପଥ, ସ୍ୱଚ୍ଛତା ସଚେତନତା, ଗୋଷ୍ଠୀ ସଚେତନତା, ବିଦ୍ୟାଳୟ ସବୁଜ ସୁନ୍ଦର ଅଭିଯାନ, ସ୍ୱଚ୍ଛତା ଅଂଶଗ୍ରହଣ ଓ ହାତଧୁଆ, ବ୍ୟକ୍ତିଗତ ପରିଚ୍ଛନ୍ନତା, ବିଦ୍ୟାଳୟ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଦର୍ଶନୀ ମେଳା ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରତି ଦିବସର ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପର୍ଯ୍ୟାୟରେ ସୁଗୁଡା ସରପଞ୍ଚ କୁନୁ ବେହେରା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ପରିଚାଳନା ସମିତି ସଭାପତି ଅଜୟ କୁମାର ପ୍ରଧାନ, ସିଆରସିସି ପ୍ରାଣବନ୍ଧୁ ଘଡେଇ, ପରିଚାଳନା ସମିତି ସଦସ୍ୟା ସଦସ୍ୟ, ଅଙ୍ଗନୱାଡି କର୍ମୀ, ପୂର୍ବ ଛାତ୍ର ପରିଷଦ ସଦସ୍ୟ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଦିବସ ଅନୁଯାୟୀ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

# ଓପିଜିସିକୁ ଉତ୍କୃଷ୍ଟ ଶକ୍ତି ଦକ୍ଷତା ୟୁନିଟ ପୁରସ୍କାର




ଓପିଜିସିର ସଦସ୍ୟ ପୁରସ୍କାର ଗ୍ରହଣ କରୁଛନ୍ତି।

ଝାରସୁଗୁଡ଼ା,୧୫।୯ (ସଞ୍ଜୟ ମାଲି)

ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ (ଓପିଜିସି)ର ଆଇବି ଥର୍ମାଲ ପାୱାର୍ ଷ୍ଟେଶନ କନଫେଡେରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଦ୍ୱାରା ଆୟୋଜିତ ଶକ୍ତି ପରିଚାଳନାରେ ଉତ୍କର୍ଷତା ପାଇଁ ୨୫ତମ ଜାତୀୟ ପୁରସ୍କାର ପାଇଁ ପୁରସ୍କାର ଇଭେଣ୍ଟରେ ଉତ୍କୃଷ୍ଟ ଶକ୍ତି ଦକ୍ଷତା ୟୁନିଟ ଭାବେ ସିଆଇଆଇ ପୁରସ୍କାର ଲାଭ କରିଛି। ଗତ ଗୁରୁବାର ସିଆଇଆଇ ହାଇଦ୍ରାବାଦରେ ଓଡ଼ିଶାର ଝାରସୁଗୁଡା ଜିଲାର ବନହରପାଲିରେ ଅବସ୍ଥିତ ଆଇବି ଥର୍ମାଲ ପାୱାର ଷ୍ଟେଶନ ଅପିଜିସି ଗ୍ରହଣ କରାଯାଇଥିବା ଶକ୍ତି ଦକ୍ଷତା ପାଇଁ ଏହା ସର୍ବୋତ୍ତମ ଅଭ୍ୟାସଗୁଡିକର ସ୍ୱୀକୃତି ଭାବେ ଆସିଛି। ଓପିଜିସି ମାଧୁମିତା ସୋରେନ୍ ଏଜିଏମ (ଇଲେକ୍ଟ୍ରିକାଲ) ଏବଂ ହେଡ ଇଞ୍ଜିନିୟରିଂ, ଡିଜିଏମ (ଅପରେସନ୍ସ) ସନ୍ଦୀପ ସାହୁ ଏବଂ ମ୍ୟାନେଜର (ଅପରେସନ୍ସ) ବ୍ରଜକିଶୋର ଦାସ (ମ୍ୟାନେଜର) ପୁରସ୍କାର କାର୍ଯ୍ୟକ୍ରମରେ ଓପିଜିସି ପ୍ରତିନିଧିତ୍ୱ କରି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ସହରୁ ଅଧିକ ଶିଳ୍ପ ଏବଂ କମ୍ପାନୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଭାରତର ୨୪ଟି ପାୱାର ପ୍ଲାଣ୍ଟର ଉପସ୍ଥାପନା କରାଯାଇଥିଲା। ନିର୍ଦ୍ଦେଶକ (ଅପରେସନ୍ସ) ଏବଂ ଏମଡି (ଆଡଲ ଚାର୍ଜ) ମନସ ରଞ୍ଜନ ରାଉତ ଏହି ଅନନ୍ୟ ସଫଳତା ହାସଲ କରିଥିବାରୁ ଓପିଜିସି ଦଳକୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଉତ୍କର୍ଷତା ପାଇଁ ଉଦ୍ୟମ ଜାରି ରହିବ ବୋଲି କହିଛନ୍ତି।

# ପେପର ମିଲ୍ ଚାଲୁ କର, ନଚେତ୍ ଜାଗା ଛାଡ଼: ରାଜସ୍ୱ ମନ୍ତ୍ରୀ

ବ୍ରଜରାଜନଗର,୧୫।୯ (ବିଜୟ ବରାଡ଼)



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରବିବାର ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗସ୍ତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ. ୱାର୍ଡ ତଲେନପାଲି ଶାସ୍ତ୍ରୀ ନଗରଠାରେ ଏକ ସାଧାରଣ ସଭାରେ ଯୋଗଦେଇ ବ୍ରଜରାଜନଗରରେ ଦୀର୍ଘ ୨୫ବର୍ଷ ହେବ ବନ୍ଦ ପଡିଥିବା ଓରିଏଣ୍ଟ ପେପର ମିଲ ତୁରନ୍ତ ଚାଲୁ କରିବା ପାଇଁ ପରାମର୍ଶ ଦେଇଛନ୍ତି, ନଚେତ୍ ବିକଳ୍ପ ଯେ କୌଣସି ଶିଳ୍ପ ପ୍ରତିଷ୍ଠା କର, ଯଦି କିଛି ନ କରୁଛ ତେବେ ତୁରନ୍ତ ଜାଗା ଛାଡିବାକୁ ତାଗିଦ କରିଛନ୍ତି। ଦୀର୍ଘ ୨୫ ବର୍ଷ ଧରି ସେ ବ୍ରଜରାଜନଗର ଅଧିବାସୀମାନଙ୍କୁ ପାଖରୁ ଦେଖିଛନ୍ତି। ସେମାନଙ୍କ ସମସ୍ୟା ସହିତ ଜଡିତ ଅଛନ୍ତି। ମିଲ ବନ୍ଦ ହେବା ପରଠାରୁ ବ୍ରଜରାଜନଗର ସହରର ସୌନ୍ଦର୍ଯ୍ୟତା ଚାଲି ଯାଇଛି, ଆସନ୍ତୁ ସମସ୍ତେ ମିଳିମିଶି ସୁନ୍ଦର୍ ବ୍ରଜରାଜନଗର ଗଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ବର୍ତ୍ତମାନର ସରକାର ଆଗାମୀ ୫ବର୍ଷ ଭିତରେ କାହାକୁ ଭୂମିହୀନ ଭାବେ ଦେଖିବାକୁ ଚାହେଁନି ବୋଲି ମନ୍ତ୍ରୀ କହିଥିଲେ। ମାତ୍ର ୧୦୦ ଦିନର ସରକାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଲଖନପୁର ଓ ରାଜପୁର ଅଞ୍ଚଳରେ ୪୨୦୦ ଭୂମିହୀନଙ୍କୁ ପଟା ପ୍ରଦାନ କରି ସାରିଲେଣି ଓ ଆଗାମୀ ଦିନରେ ଏ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ୪ ଡେସିମିଲ ଜମି ଦେବାରେ ସରକାର ସକ୍ଷମ କିନ୍ତୁ ସହରାଞ୍ଚଳରେ ଜନସଂଖ୍ୟା ଅଧିକ ଜାଗା କମ ରହିଛି, ତେଣୁ ବର୍ତ୍ତମାନ ଯିଏ ଯେଉଁ ଜାଗାରେ ଘର କରି ରହୁଛନ୍ତି, ସେ ଜାଗାରେ ସରକାରଙ୍କ ପକ୍ଷରୁ ଏକ ପୋଜିସନ ପତ୍ର ଦିଆଯିବ ଯାହା ପଟ୍ଟା ଭଳି କାର୍ଯ୍ୟ କରିବ। ପରେ ସେହି ଜାଗାର ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ଜାଲ, ରାଜୁ ପଥୁରିଆ ଓ ରାଜ କିଶୋର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ସୁଭଦ୍ରା ସ୍ୱାଗତ ପଦଯାତ୍ରା

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)

ଜିଲା ମହିଳା ଶିଶୁ ବିକାଶ ମିଶନ ଶକ୍ତି ଓ ଜିଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ମହାବିଦ୍ୟାଳୟ ବିଜୁପଟ୍ଟନାୟକ ଅଡିଟୋରିୟମ ସମ୍ମୁଖରୁ ଜିଲା ସମାଜ ମଙ୍ଗଳ ଅଧିକାରୀଣି ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବାହାରିଥିବା ସ୍ୱାଗତ ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ପଦଯାତ୍ରା ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସହର ପରିକ୍ରମା କରି ବିଜୁପଟ୍ଟନାୟକ ଅଡିଟୋରିୟମଠାରେ ପହଞ୍ଚିଥିଲେ। ସେଠାରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ସାରି ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଡିପିଏମ ଓଏଲେମ ସ୍ମରଣିକା ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ସୁଭଦ୍ରା ଯୋଜନା ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)



ବିଧାୟକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମା ଲକ୍ଷ୍ମୀ ପୂଜା ମଣ୍ଡପରେ ରବିବାର ଦେବଗଡ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଜନସାଧାରଣଙ୍କଠାରୁ ୩୩ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ବିଭିନ୍ନ ଅଭିଯୋଗର ତୁରନ୍ତ ସମାଧାନ କରିଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗର ତର୍ଜମା କରିବା ପରେ ସମାଧାନ କରାଯିବ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ପୂର୍ବତନ ସରପଞ୍ଚ ତଥା ବିଜେଡି ନେତା ତରଣୀସେନ ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହିରା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସୁଭଦ୍ରା ଯୋଜନା: ୧ ଲକ୍ଷ ୪୭ ହଜାର ୪୯ ଆଶାୟୀ

ଝାରସୁଗୁଡ଼ା,୧୫।୯ (ସଞ୍ଜୟ ମାଲି)

ଝାରସୁଗୁଡା ଜିଲାରେ ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନା ବାବଦକୁ ୯୬୭ ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ୧ ଲକ୍ଷ ୪୭ ହଜାର ୪୯ଜଣ ଆଶାୟୀ ହିତାଧିକାରୀଙ୍କୁ ଆବେଦନ ପତ୍ର ବଣ୍ଟନ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏ ପର୍ଯ୍ୟନ୍ତ ୪୩୩ ଜନ ସେବା କେନ୍ଦ୍ର ଏବଂ ୯୭ ମୋ ସେବା କେନ୍ଦ୍ର ମାଧ୍ୟମରେ ୮୨୬୩୭ ଫର୍ମ ଅପଲୋଡ ହୋଇସାରିଛି। ସେପ୍ଟେମ୍ବର ୭ ତାରିଖରୁ ସଚେତନତା ରଥ ନିୟମିତ ଭାବରେ ଜିଲାର ସମସ୍ତ ବ୍ଲକ ଏବଂ ପୌରପାଳିକା ଅଞ୍ଚଳରେ ମହିଳାମାନଙ୍କୁ ଏହି ଯୋଜନା ବିଷୟରେ ଶିକ୍ଷା ଦେବା ତଥା ସଚେତନ କରାଇବା ପାଇଁ ପରିକ୍ରମା କରୁଛି। ଏହି ନୂତନ ଯୋଜନାର ଲାଭ ପାଇବା ସକାଶେ ମହିଳାମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଛି। ପ୍ରତିଦିନ ଜନସେବା କେନ୍ଦ୍ରଗୁଡିକରେ ସକାଳୁ ନେଇ କି ରାତ୍ର ପର୍ଯ୍ୟନ୍ତ ମହିଳାମାନଙ୍କ ଭିଡ ଦେଖିବାକୁ ମିଳୁଛି। ସରକାରଙ୍କ ସୁଭଦ୍ରା ଯୋଜନାର ଲାଭ ଉଠାଇବା ପାଇଁ ମହିଳାମାନେ ତତ୍ପର ହୋଇଛନ୍ତି। ଏହି ଯୋଜନା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

# ନବୀନଙ୍କୁ ସାକ୍ଷାତ କଲେ ବିଜେଡି ନେତୃବୃନ୍ଦ

ଦେବଗଡ଼,୧୫।୯ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ବିଜେଡି ନେତୃବୃନ୍ଦ ରବିବାର ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଦଳର ସାଙ୍ଗଠନିକ ସ୍ଥିତି ବିଷୟରେ ଆଲୋଚନା କରିଥିବା ଜଣାପଡିଛି। ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଓ ଜିଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି, ଜିଲା ବିଜେଡି ସଙ୍ଗଠନର ବହୁ ପଦାଧିକାରୀ ଓ କର୍ମୀ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଦଳର ସମସ୍ତ ନେତା ନେତ୍ରୀ, କର୍ମୀ ଓ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ଏକଜୁଟ ହୋଇ ଲୋକଙ୍କ ସେବା କରିବା ସହ ସଙ୍ଗଠନକୁ ମଜଭୁତ କରିବା ପାଇଁ ପ୍ରୟାଶ ଜାରି ରଖିବାକୁ ବିରୋଧି ଦଳ ନେତା ତଥା ବିଜେଡି ସୁପ୍ରିମୋ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ କରିଥିଲେ। ଆସନ୍ତା ଅକ୍ଟୋବର ୨ରୁ ୧୧ ତାରିଖ ଯାଏଁ ବିଜେଡି ପକ୍ଷରୁ ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହେବ। ଏହା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସଚେତନ କରିବା ସହ ଗତ ସାଧାରଣ ନିର୍ବାଚନରେ ଦଳ ବିରୋଧି କାର୍ଯ୍ୟ କରିଥିବା ନେତାଙ୍କୁ ବାଦ ଦେଇ ସଙ୍ଗଠନକୁ କିଭଳି ଅଧିକରୁ ଅଧିକ ମଜଭୁତ କରାଯିବ ସେ ନେଇ ପଟ୍ଟନାୟକ ପରାମର୍ଶ ଦେଇଥିଲେ।



ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ଦେବଗଡ଼ ଜିଲାର ବିଜେଡି ନେତୃବୃନ୍ଦ।

**ରାଷ୍ଟ୍ରୀୟ ଲୋକ ଅଦାଲତ**

# ୧୨୮୦ ମକଦ୍ଦମାର ଆପୋସ ସମାଧାନ

ଝାରସୁଗୁଡ଼ା ୧୫।୯ (ସଞ୍ଜୟ ମାଲି)




ଲୋକ ଅଦାଲତରେ ଉପସ୍ଥିତ ଅଛନ୍ତି ଦୌରାଜଜ୍।

ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଅଦାଲତରେ ବିଚାରାଧୀନ ଥିବା ମାମଲା ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି, ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୮ଟି ମକଦ୍ଦମା ୫୦,୦୦,୦୦୦ ଟଙ୍କାରେ, ୮ଟି ସାଲିସ ଯୋଗ୍ୟ ଫୌଜଦାରୀ, ୧୮ ଟି ଚେକ ବାଉନ୍ସ ମାମଲାର ୬,୩୪,୪୦୦ ଟଙ୍କାରେ, ୮ଟି ଟଙ୍କା ପୁନରୁଦ୍ଧାର ମାମଲା ୧୬,୪୮,୮୨୨.୯୫ ଟଙ୍କାରେ, ୧୯ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ୧୨ ଟି ଅନ୍ୟାନ୍ୟ ଦେୱାନି, ୧ଟି ଭୂମି ଅଧିଗ୍ରହଣ, ୯୯୦ଟି ରାଜସ୍ୱ ମକଦ୍ଦମା ୯,୦୭,୬୧୯ ଟଙ୍କାରେ, ୧ଟି କର୍ମଚାରୀ କ୍ଷତିପୂରଣ ମାମଲାର ୮,୦୦,୦୦୦ ଓ ୧୨୯ ଟି ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମାର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି । ପ୍ରାକ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୫୨ ଟି ଋଣ ସମ୍ବନ୍ଧିୟ ମାମଲା ୧୮,୨୭,୫୬୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ୧୭ ଟି ମାମଲା ୨୨,୨୧୬ ଟଙ୍କାରେ ଏବଂ ଭାରତ ସଂଚାର ନିଗମ ଲିମିଟେଡର ଟେଲିଫୋନ ବିଲ ସମ୍ବନ୍ଧିୟ ୧୭ ଟି ମାମଲା ୨୧,୯୭୦ ଟଙ୍କାରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି । ଜିଲା ଦୌରା ଜଜ୍ ନାୟକ ଏବଂ ଅତିରିକ୍ତ ଜିଲା ଦୌରା ଜଜ୍ ସୁବାସ ଚନ୍ଦ୍ର ଧଳ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମକଦ୍ଦମାଗୁଡ଼ିକ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିବା ବେଳେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଜନ ଉପଯୋଗୀ ସେବା ଜନିତ ପ୍ରାକ ମକଦ୍ଦମା ମାମଲା, ପରିବାର ଅଦାଲତର ବିଚାରପତି ଲୋକନାଥ ସାହୁ, ବରିଷ୍ଠ ଦେୱାନି ବିଚାରପତି (ମହିଳା ନ୍ୟାୟାଳୟ) ଏସ. ଶୁଭଲକ୍ଷ୍ମୀ ଏବଂ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର ବୈବାହିକ ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତିତ) ମକଦ୍ଦମାଗୁଡ଼ିକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ବରିଷ୍ଠ ଦେୱାନି ବିଚାରପତି ସ୍ମୃତି ରଞ୍ଜନ ମହାପାତ୍ର ଓ କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ ଅନ୍ୟାନ୍ୟ ଦେୱାନି ମକଦ୍ଦମାଗୁଡ଼ିକୁ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ । ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (କଗନିଜେନ୍ସ) ଶ୍ରୀମୟୀ ନନ୍ଦ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନିମେଷ ସାମଲ ଅନ୍ୟାନ୍ୟ ଫୌଜଦାରୀ ମାମଲା ଗୁଡିକର ଆପୋସ ସମାଧାନ କରିଥିଲେ। ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଷମା ସ୍ୱାଇଁ, ବରିଷ୍ଠ ଦେୱାନି ବିଚାରପତି (ଏଲ.ଆର) ଜୀବନାନନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ ସହଯୋଗ କରିଥିଲେ। ବେସରକାରୀ ବୀମା କମ୍ପାନୀମାନଙ୍କ ତରଫରୁ ଓକିଲ ଅନୁପ କୁମାର ମିଶ୍ର ଆପୋସ ବୁଝାମଣା ପାଇଁ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସାନ ଭାଇ ଗୁଳି ମାଡରେ ବଡ଼ ଗୁରୁତର

ଥୁଆମୂଳ ରାମପୁର,୧୫।୯(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କିଆପଦର ଗାଁରେ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ସାନ ଭାଇର ଗୁଳିମାଡ଼ରେ ବଡ ଭାଇ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ କିଆପଦର ଗାଁର ଯୁବରାଜ ପାଣ୍ଡେ(୬୦)। ସେ ଘର ବାହାରେ ଠିଆ ହୋଇଥିବା ସମୟରେ ତାଙ୍କ ସାନ ଭାଇ କାର୍ତ୍ତିକ ପାଣ୍ଡେ କିଛି ପାରିବାରିକ କଳହକୁ ନେଇ ତାଙ୍କୁ ଏକ ଦେଶୀ ବନ୍ଧୁକରୁ ପଛପଟୁ ଗୁଳି ମାରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଯୁବରାଜଙ୍କୁ ୨ଟି ଗୁଳି ବାଜିଥିବା ଜଣାପଡିଛି। ତାଙ୍କ ଦେହରୁ ଏଯାଏଁ ଗୁଳି ବାହାର କରାଯାଇ ପାରିନି। ଏନେଇ କର୍ଲାପାଟ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଘଟଣାସ୍ଥଳରେ କର୍ଲାପାଟ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ପଲମ, ୧୫।୯(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ପଲମ ପଞ୍ଚାୟତସ୍ଥିତ ଗହଁକାପଡା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗହଁକାପଡା ଗ୍ରାମରେ ଦୁର୍ଗାପ୍ରସାଦ ସାହୁ ୨୦୧୧ରେ ରିତିନୀତି ମତେ ସଇନ୍ତଳା ବ୍ଲକ ଘଣ୍ଟବାହାଲି ଗ୍ରାମର ସ୍ୱର୍ଗତ ଜଗୁ ସାହୁଙ୍କ ଝିଅ ରୁକ୍ମିଣୀ ସାହୁଙ୍କୁ ବିବାହ କରିଥିଲେ । ବିବାହର ୧୩ବର୍ଷ ଭିତରେ ଦୁଃଖସୁଖରେ ପରିବାର ପରିପୋଷଣ କରୁଥିଲେ। ଗତ ୨ବର୍ଷ ଭିତରେ ପୁଅ ଘର ପରିବାର ଲୋକେ ଝିଅକୁ ଅନେକ ନିର୍ଯାତନା ଦେଇଥିବାର ଝିଅ ପରିବାର ପ୍ରକାଶ କରିଥିଲେ । ଉଭୟ ପକ୍ଷରୁ ସେହି ବିଷୟରେ ସମାଧାନ କରାଯାଇଥିଲା । ସମାଧାନ ହୋଇଥିଲେ ମଧ୍ୟ ଝିଅ ଶ୍ୱଶୁର ଘର ପକ୍ଷରୁ ପୁନର୍ବାର ନିର୍ଯାତନା ଆରମ୍ଭ ହୋଇଥିଲା। ପୁଅ ପରିବାର ରୁକ୍ମିଣୀଙ୍କୁ ମାଡ ମାରି ମରଣାନ୍ତ ଆକ୍ରମଣ ପରେ ବରଗଡ ବିକାଶ ନର୍ସିଂହୋମରେ ଭର୍ତ୍ତି କରିଥିଲେ ମଧ୍ୟ ଝିଅ ବାପ ଘରକୁ କୌଣସି ଖବର ଦେଇ ନ ଥିବା ଝିଅ ପରିବାର ପ୍ରକାଶ କରିଛନ୍ତି। ଝିଅ ପରିବାର କୌଣସି ମତେ ଖବର ପାଇ ସ୍ୱାମୀ ଦୁର୍ଗାପ୍ରସାଦ,ଶ୍ୱଶୁର ପବିତ୍ର ସାହୁଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ଗ୍ରହଣ କରି ନ ଥିଲେ । କୌଣସି ସୁତ୍ରରୁ ଖବର ପାଇବା ପରେ ଝିଅ ପରିବାର କେସିଙ୍ଗା ଥାନାରେ ପହଞ୍ଚିଥିଲେ। କେସିଙ୍ଗା ଥାନା ଆଇଆଇସି ପଦ୍ମନ କୁମାର ମହାପାତ୍ର ଏବଂ ପଲମ ଫାଣ୍ଡି ଏଏସଆଇ ଅକ୍ଷୟ ପ୍ରସାଦ ପଟ୍ଟନାୟକଙ୍କ ସାହାଯ୍ୟରେ ବିକାଶ ନର୍ସିଂହୋମରେ ଝିଅର ମୃତଦେହକୁ ଜବତ କରି ସେହିଠାରେ ହିଁ ବ୍ୟବଚ୍ଛେଦ କରାଯାଇ ଉଭୟ ପରିବାରଙ୍କୁ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି ମତେ ସମାଧାନ ନ ହେବା ଯୋଗୁଁ ୧୨ତାରିଖ ଶବଦାହ ହୋଇ ପାରି ନ ଥିଲା। ତେଣୁ ସେମାନେ ଶବ ସତ୍କାର କରିବା ସ୍ଥାନରୁ ଆଣି ପବିତ୍ର ସାହୁଙ୍କ ବାସଭବନ ସାମ୍ନାରେ ଶବକୁ ରଖିଥିଲେ । ଝିଅ ପରିବାରଙ୍କ କହିବା ମୁତାବିକ ଆମକୁ ସମ୍ପୂର୍ଣ୍ଣ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ମୃତଦେହ ସତ୍କାର କରାଇ ଦେବୁ ନାହିଁ ବୋଲି ୧୩ ତାରିଖ ୧୧ଟା ପର୍ଯ୍ୟନ୍ତ ଶବ ରଖିଥିଲେ। କେସିଙ୍ଗା ପୋଲିସ ଓ ପଲମ ଫାଣ୍ଡି ଅଧିକାରୀଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷଙ୍କୁ ବୁଝାସୁଝା କରି ଅପରାହ୍ନ ୧ଘଣ୍ଟା ସମୟରେ ଶବ ସତ୍କାର କରାଯାଇଥିଲା ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା


ଅଭିଯୁକ୍ତଙ୍କୁ ଗିରଫ ଦାବିରେ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ଧାରଣା ଦିଆଯାଇଛି।

**ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ପୂଜା ମଣ୍ଡପରେ ପଶି କଳସକୁ ଲାତ ମାରିବା ଘଟଣା**

ନୂଆପଡ଼ା,୧୫।୯(ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆର ରୋଡ ସହର ୧୪ନଂ. ୱାର୍ଡ ଖପେଡୋରାରେ ସାର୍ବଜନୀନ ଗଣେଶ ପୂଜା କରାଯାଉଛି। ଏହି ପୂଜା ମଣ୍ଡପରେ ଶନିବାର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ପଶି ଯାଇ ସ୍ଥାପନ ହୋଇଥିବା କଳସକୁ ଗୋଡ଼ରେ ଲାତ ମାରି ଦେଇଥିଲା। ଏହି ଘଟଣାକୁ ନେଇ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ହିନ୍ଦୁମାନେ ଉତ୍ତ୍ୟକ୍ତ ହୋଇ ଘଟଣା ଘଟାଇଥିବା ଯୁବକଙ୍କ ନାମରେ ଜୋଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଯୁବକ ଫେରାର ଥିବାରୁ ତାଙ୍କ ବାପାଙ୍କୁ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି। ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବାରୁ ଖରିଆର ରୋଡ ସହର ହିନ୍ଦୁ ସମ୍ପ୍ରଦାୟର ଲୋକେ ରବିବାର ନୂଆପଡ଼ା ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ଜିଲାପାଳ ମଧୁସୁଦନ ଦାସ ପହଞ୍ଚି ଆଲୋଚନା କରିଥିଲେ। ଯିଏ ପ୍ରକୃତ ଦୋଷୀ ତାଙ୍କ ଉପରେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ୬ ଦଫା ସମ୍ୱଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ପରେ ଜିଲାପାଳଙ୍କ ଚେମ୍ବର ଭିତରେ ଏକ ଶାନ୍ତି କମିଟି ବସି ସମସ୍ତ ଘଟଣା ଉପରେ ଆଲୋଚନା କରାଯାଇଥିଲା। ଏହି ସମୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମୁଖିଆମାନେ ପହଞ୍ଚି ଭୂଲକୁ ସ୍ୱୀକାର କରି ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଖରିଆର ରୋଡ ସହରରେ ଭାଇଚାରା ଲାଗି ରହିଛି। ଜଣେ ଯୁବକ ଭୂଲ କରିଦେଲା ବୋଲି ହିନ୍ଦୁ-ସଂଖ୍ୟାଲଘୁ ବିରୋଧ ହେବା ଭଲ ନୁହେଁ ବୋଲି କହିଥିଲେ। ଏହି କଥାକୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ମଧ୍ୟ ସ୍ୱୀକାର କରି ଆପୋଷ ବୁଝାମଣା ହୋଇ ଧର୍ମାନ୍ତରିକରଣ ଉପରେ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ। ଗତ କିଛି ଦିନ ହେବ ନୂଆପଡା ଜିଲାରେ ଧର୍ମାନ୍ତରିକରଣ ପ୍ରଚାର ବହୁଳ ଭାବରେ ଚାଲିଛି। ଏହା ଉପରେ ଜିଲାପାଳଙ୍କ ଚେମ୍ବର ଭିତରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ଲକରେ ତହସିଲଦାର, ବିଡିଓ ଏବଂ ଅଞ୍ଚଳର ମାନ୍ୟଗନ୍ୟ ବ୍ୟକ୍ତିଙ୍କୁ ନେଇ ଏକ ଶାନ୍ତିକମିଟି ଗଠନ କରାଯିବ। ଯେକୌଣସି ମାମଲା ହେଲେ ସେଠାରେ ସମାଧାନ କରାଯିବ। ସମାଧାନ ନ ହେଲେ ଶାନ୍ତିକମିଟି ମୁଖ୍ୟ ଜିଲାସ୍ତରକୁ ଜଣାଇଲେ ସମାଧାନ କରାଯିବ ନ ହେଲେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଦାସ କହିଥିଲେ। ଏହି ସମୟରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ, ଜିଲାପାଳ ପ୍ରତିନିଧି ଆଲୋକ କୁମାର ଅନଗୁଳିଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ସଂଖ୍ୟାଲଘୁ ସମ୍ପ୍ରଦାୟର ଜିଲା ସମ୍ପାଦକ ଆୟୁବ ଖାନ, ଅମନ ଅବଦୁଲ ଖାନ, ସେକ ଫାରୁକ ଓ ହିନ୍ଦୁ ସମ୍ପ୍ରଦାୟରୁ ହରିଶ୍ଚନ୍ଦ୍ର ପଣ୍ଡା, ରମେଶ ଅଗ୍ରୱାଲ, ଚତୁର୍ଭୁଜ ଶର୍ମା, ଆର ବିଜୟ ରାଜ ମୁକେଶ, ମଙ୍ଗୁ ସିଙ୍ଗଲ, ଦେଓ ଦର୍ଶନ ତ୍ରିପାଠୀ, ସନ୍ଦିପ ପାଣ୍ଡେ, ସୁରେଶ ଅଗ୍ରୱାଲ, ଅଶୋକ ଶର୍ମା, ରାକେଶ ଶର୍ମା, ପ୍ରେମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# କୋକସରା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

କୋକସରା, ୧୫।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୧୦ତମ ପ୍ରତିଷ୍ଠା ଦିବସ ସ୍ପାର୍କ-୨୪ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଅଧକ୍ଷା ନିଝୁମ ରାଣୀ ପଣ୍ଡିତଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଠାକୁର, ମୁଖ୍ୟବକ୍ତା ଭାବେ ବିଆରସିସି ତୋଫାନ ମାଝୀ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଅଧକ୍ଷା ପଣ୍ଡିତ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ବିଦ୍ୟାଳୟର ଉପଲବ୍ଧି ବିଷୟରେ ଓ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପ୍ରତି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରତିଶ୍ରୁତିବଦ୍ଧ ହୋଇ ନିଜର ଯୋଗଦାନ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠା ଦିବସ ଗୋଟିଏ ଶିକ୍ଷାନୁଷ୍ଠାନର ଉତ୍କର୍ଷତାକୁ ଦର୍ଶାଇଥାଏ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଠାକୁର କହିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଦୀନବନ୍ଧୁ କର, କମଳାକାନ୍ତ ସାହୁ, ଅମୂଲ୍ୟ କୁମାର ସିଂ, ଶଙ୍କର ରାଉତ, ଧୀରେନ୍ଦ୍ର ଠାକୁର, ଅମୂଲ୍ୟ ସିଂ, ଅସୀମ ଅଜିତାଭ ସାହୁ, ଶିକ୍ଷୟିତ୍ରୀଙ୍କ ସହ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।


ପ୍ରତିଷ୍ଠା ଦିବସ ଓ ସ୍ପାର୍କ-୨୪ରେ ଉପସ୍ଥିତ ଅତିଥି ଓ ଶିକ୍ଷକ।

# ଶହେବିଶା କୁଳତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ନୂଆପଡା,୧୫।୯ (ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆ ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ଠାରେ ରବିବାର ଶହେବିଶା କୁଳତା ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। କୁଳତା ସମାଜର କୂଳ ଦେବତା ବା ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡିଙ୍କୁ ସର୍ବପ୍ରଥମେ ପୂଜା ଅର୍ଚ୍ଚନା କରି ଶତାଧିକ ମହିଳା ପୁରୁଷ ସ୍ଥାନୀୟ ପୋଲିସ ପଡିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଇଷ୍ଟଦେବୀ ଠାରେ କଳସ ସ୍ଥାପନ ପରେ ନୂଆଁଖାଇ ସଭା ଆରମ୍ଭ ହୋଇଥିଲା। କୁଳତା ସମାଜ ଜିଲା ସଭାପତି ସରୋଜ କୁମାର ସାହୁ (ଭୈରବ)ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ ଜିଲା ବିଜେପୁର ବିଧାୟକ ସନତ କୁମାର ଗଡତିଆ ମୁଖ୍ୟ ଅତିଥି, ବ୍ଲକ ସଭାପତି ଲାଦେରପାଲି ଦିବାକର ପ୍ରଧାନ, ପାଇକମାଲ ବ୍ଲକ ସଭାପତି ନିତ୍ୟାନନ୍ଦ ପ୍ରଧାନ, ଜିଲା ଉପସଭାପତି ପ୍ରଦୀପ ସାହୁ, କୋମନା ବ୍ଲକ ସଭାପତି ବୈରାଜ ସାହୁ, ସମ୍ପାଦକ କାଳିଆ ପ୍ରଧାନ, ନୂଆପଡା ବ୍ଲକ ସଭାପତି ରଞ୍ଜିତ ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଡା.ଲଳିତ ମୋହନ ବିଶି, ଭୋଳାନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କୁଳତା ସମାଜର ମୁଖ୍ୟ ଜୀବିକା ହେଲା ଚାଷ କରିବା । ଚାଷ କାର୍ଯ୍ୟ ଛଡା ଅନ୍ୟ କାର୍ଯ୍ୟରେ ମଧ୍ୟ କୁଳତା ସମାଜ ବହୁ ଅଗ୍ରଗତି କଲାଣି । ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅନ୍ଧ ବିଶ୍ୱାସ, କୁସଂସ୍କାରକୁ ଦୁରେଇ ଦେଇ ସମାଜ ସଚେତନ ହେଲେ ସମାଜ ବହୁ କ୍ଷେତ୍ରରେ ଆଗକୁ ଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ସମାଜ ସେବା କାର୍ଯ୍ୟରେ ଆଗେଇ ଆସିଥିବା ସରୋଜ ପ୍ରଧାନ, ସାଧବ ପ୍ରଧାନ, ଚିନ୍ତାମଣି ପ୍ରଧାନ ଓ ଜାତୀୟ ଚେସ ଖେଳରେ କୃତିତ୍ୱ ଅର୍ଜନ କରିଥିବା ସୌନ୍ଦର୍ଯ୍ୟ ପ୍ରଧାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ନୂଆଁଖାଇ ଉପଲକ୍ଷେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଯୋଗୀ ଓ ବିଭିନ୍ନ କ୍ଷେତ୍ରରେ ଜିଲା ତଥା ରାଜ୍ୟରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫାଲଗୁନୀ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଶ୍ୱନୀ ଭୋଇ, ବ୍ରଜରାଜ ସାହୁ, ସାନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସନ୍ତୋଷ ବିଶ୍ୱାଳ, ପ୍ରସନ୍ନ ସାହୁ, ମୁକେଶ ଭୋଇ, ଦେବେନ୍ଦ୍ର ପ୍ରଧାନ, କାମେଶ ପ୍ରଧାନ,ମୋହିତ ପ୍ରଧାନ, ରମେଶ ପାତ୍ର,ହେମ ସାଗର ସାହୁ, ଧ୍ରୁବ ପ୍ରଧାନ, ଶ୍ୟାମଲାଲ ପ୍ରଧାନ, ଦୁଳଭ ବିଶ୍ୱାଳ,ବିରବଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।


ଶହେବିଶା କୁଳତା ସମାଜର ନୂଆଁଖାଇ ଭେଟ୍‌ଘାଟ୍‌ରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ଭାଲୁ ଆକ୍ରମଣରେ ଦୁଇ ମହିଳା ଗୁରୁତର

ନୂଆପଡା/କୋମନା,୧୫।୯ (ମକାରୁ ବେମାଲ/ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ଥାନା ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁର ଦୁଇ ଜଣ ମହିଳା ରବିବାର ସକାଳେ ଶୌଚ ପାଇଁ ଯାଇଥିବାବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ସେମାନେ ହେଲେ କୋଟ୍ରିବାହାଲି ଗାଁର କୌଶଲ୍ୟା ଭୋଇ (୩୬) ଓ ଲୋଚନି କେତକି (୪୫)। ସୂଚନା ମୁତାବକ ସକାଳେ ଦୁଇ ମହିଳା ଗାଁ ପୋଖରୀକୁ ଶୌଚ ପାଇଁ ଯାଉଥିବା ସମୟରେ ଏକ ଜଙ୍ଗଲି ଭାଲୁ ଆସି ଅତର୍କିତ ଭାବରେ ଦୁଇ ମହିଳାକୁ ଆକ୍ରମଣ କରିଥିଲା । ଦୁଇ ମହିଳା ବହୁ ଜୋରରେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଧାଇଁ ଭାଲୁକୁ ଘଉଡାଇବା ସହ ଦୁଇ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତି କରିଥିଲେ । ସେଠାରେ ଅବସ୍ଥା ଅତି ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ଭାଙ୍ଗିଲା ରେଡ୍‌ମଡ୍ ପଣ୍ଡ୍

ଲାଞ୍ଜିଗଡ,୧୫।୯(ରମେଶ ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ କମ୍ପାନୀର ରେଡ୍‌ମଡ୍ ପ୍ରୋସେସ ୱାଟର ପଣ୍ଡ୍ ଶନିବାର ବିଳମ୍ୱିତ ରାତିରେ ଭାଙ୍ଗି ଘାଇ ସୃଷ୍ଟି ହୋଇଛି। ଫଳରେ ପଣ୍ଡ୍‌ର ପାଣି ରାସ୍ତା, ଚାଷ ଜମିରେ ମାଡିଯାଇଥିଲା। ଖବର ପାଇ ଘଟଣାସ୍ଥଳକୁ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତି ପୂରଣ ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

# ସମାଜକୁ ଶୃଙ୍ଖଳିତ ରଖିବାକୁ ଆହ୍ୱାନ

**ଭତରା ସମାଜ ପକ୍ଷରୁ ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ**

କୋକସରା,୧୫।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ସରିଥିଲେ ମଧ୍ୟ ସମାଜକୁ ସଙ୍ଗଠିତ ଓ ଭାଇଚାରାକୁ ଏକତା ଡୋରିରେ ବାନ୍ଧି ରଖିବାକୁ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ଜାରି ରହିଛି। କଳାହାଣ୍ଡି ଜିଲା ଭତରା ସମାଜ ପକ୍ଷରୁ ରବିବାର କୋକସରା ବ୍ଲକର ଶିଉନି ଗ୍ରାମ ଭତରା ସମାଜର ଆରାଧ ଭୈରବ ଦେବଙ୍କ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭତରା ସମାଜର ଗ୍ରାମ୍ୟ ପୁଜକ ହିମାଞ୍ଚଳ ପୁଝାରିଙ୍କ ଘରୁ ପାରମ୍ପରିକ ପୂଜା ସାମଗ୍ରୀ ଭୈରବ ଦେବ ମନ୍ଦିରରେ ପହଞ୍ଚିବା ପରେ ଭୈର ଦେବ ଓ ଦନ୍ତେଶ୍ୱରୀଙ୍କ ନିକଟରେ ନୂଆ ଧାନ ଚୁଡା ଅର୍ପଣ କରି ସାମୁହିକ ନବାର୍ଣ୍ଣ ଭକ୍ଷଣ କରିଥିଲେ। ପରେ ସମାଜର ସମସ୍ତେ ନିଜ ମଧ୍ୟରେ ଜୁହାର ଭେଟ ହୋଇଥିଲେ। ପରେ ସାମାଜିକ କର୍ମକର୍ତ୍ତାଙ୍କୁ ନେଇ ନୂଆଁଖାଇ ଭେଟଘାଟ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭତରା ସମାଜର ଜିଲା ସଭାପତି କୈଳାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା କେଶରୀ ଦେଓ, ମୁଖ୍ୟବକ୍ତା ଭାବେ ବନମାଳୀ ମାଝୀ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ପୂର୍ବତନ ଜିଲା ସଭାପତି ନୀଳକଣ୍ଠ ମାଝୀ, ଗରୁଡ଼ଧ୍ୱଜ ମାଝୀ, ବୃନ୍ଦାବନ ପୂଜାରୀ, ଗୋପିଚନ ନାଏକ, ଟେମରା ସରପଞ୍ଚ କ୍ଷେତିରାମ ପାତ୍ର, ଘନଶ୍ୟାମ ନାଏକ, ସୁଧୀର ପାତ୍ର ମଞ୍ଚରେ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲା ସାଧାରଣ ସମ୍ପାଦକ ରତ୍ନରାଜ ମାଝୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଏକତା ଓ ଭାଇଚାରାକୁ ଏକ ସୂତ୍ରରେ ଯୋଡି ରଖିଥାଉ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଆଦିବାସୀ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆଁଖାଇ ଭେଟ କାର୍ଯ୍ୟକ୍ରମକୁ ସୁଧୀର କୁମାର ଧଙ୍ଗଡା ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ରଣସାଏ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୋକସରା ବ୍ଲକ ତଥା ଶିଉନି ଗ୍ରାମର ସାମାଜିକ କର୍ମକର୍ତ୍ତା ଓ ମହିଳା ଉପସ୍ଥିତ ରହି ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା

ଭବାନୀପାଟଣା,୧୫।୯ (ଉତ୍ତମ କୁମାର ଦାଶ)

ଭବାନୀପାଟଣାରେ ରବିବାର କଳାହାଣ୍ଡି ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଜିଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସୁଭଦ୍ରା ଯୋଜନାର ଆବେଦନକାରୀ ମହିଳାଙ୍କ ସମେତ ୩ଶହରୁ ଉର୍ଦ୍ଧ୍ୱ ମହିଳା ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଥିଲେ। ଏହି ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ଏମ୍‌ପି ମାଳବିକା କେଶରୀ ଦେଓ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସମୟରେ ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ମୁଖ୍ୟ ଉନ୍ନୟନ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗଦେଇ ଥିଲେ।

# କଳାହାଣ୍ଡି ରେଳଯାତ୍ରୀ ସଂଘର କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା, ୧୫।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ବିଭିନ୍ନ ରେଳ ସମସ୍ୟା ଓ ସେଗୁଡିକର ଦୀର୍ଘସ୍ଥାୟୀ ସମାଧାନ ଲକ୍ଷ୍ୟରେ ଗଠିତ ରେଳଯାତ୍ରୀ ସଂଘର କାର୍ଯ୍ୟକାରିଣୀ ବୈଠକ ରବିବାର ଅପରାହ୍ନରେ ଭବାନୀପାଟଣା ସ୍ଥିତ ହୋଟେଲ ସୁରମ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଡ. ଭବାନୀ ଶଙ୍କର ନିଆଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେଳଯାତ୍ରୀ ସଂଘର ଉପସଭାପତି ସୁଧାଂଶୁ ଶେଖର ବରା ପରମାନନ୍ଦ ମାଝୀ, ଇଙ୍ଗିତ କୁମାର ପଣ୍ଡା, ମହାସଚିବ ନିରୋଜ ପଟ୍ଟନାୟକ, ସ୍ୱାଧୀନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଭବାନୀପାଟଣା ଷ୍ଟେସନ ମାଷ୍ଟର ଅନୁପ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ସତ୍ୟ ପଣ୍ଡା, ପ୍ରଦୀପ କୁମାର ଦାସ, ସଚ୍ଚିଦାନନ୍ଦ ସାହୁ, ପ୍ରମୋଦ ଜୈନ, ଶାନ୍ତିସ୍ୱରୂପ ପଣ୍ଡା, ଉମାକାନ୍ତ ଜାନୀ, ସମିତା ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଏ. ରେହମାନ, ସୀତାରାମ ନାୟକ ପ୍ରମୁଖ ଯୋଗଦେଇ ଜିଲାର ବିଭିନ୍ନ ରେଳ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ନର୍ଲା ଲୋକୋମୋଟିଭ ଫାକ୍ଟ୍ରିର କାର୍ଯ୍ୟାରମ୍ଭ, ଜୁନାଗଡ଼- ନବରଙ୍ଗପୁର ରେଲଲାଇନ କାର୍ଯ୍ୟାରମ୍ଭ, ଧର୍ମଗଡ଼କୁ ରେଳ ସଂଯୋଗ, ଜିଲାର ବିଭିନ୍ନ ରେଳ ଷ୍ଟେସନର ଦାବିଗୁଡିକ ସମ୍ପର୍କରେ ଆଲୋଚନାରେ ସ୍ଥାନ ପାଇଥିଲା। ଏହି ଅବସରରେ ପ୍ରଫେସର ଦିଗାମ୍ବର ପାତ୍ର, ହୃଷିକେଶ ମିଶ୍ର, ପ୍ରମୋଦ ଖେମାରି, ସ୍ୱାଧୀନ ପାତ୍ର, ଇଂ.ଅଜୟ କୁମାର ପଣ୍ଡା, ଦେବେନ୍ଦ୍ର ବିଶିଙ୍କୁ ଉପଦେଷ୍ଟା ମଣ୍ଡଳୀରେ ଗ୍ରହଣ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



ରେଳଯାତ୍ରୀ ସଂଘର କାର୍ଯ୍ୟକାରିଣୀ ବୈଠକରେ କର୍ମକର୍ତ୍ତା।

# ଗୁଡହାଣ୍ଡି ଡୋକରୀଚଞ୍ଚରାରେ ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୧୫।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୁଡହାଣ୍ଡି ଡୋକରୀଚଞ୍ଚରାଠାରେ ଶନିବାର ନୂଆଁଖାଇ ଭେଟ୍‌ଘାଟ-୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ପରିସରରେ ଗୁଡହାଣ୍ଡି ଉନ୍ନୟନ ସମିତିର ସମସ୍ତ ସଦସ୍ୟ ସାମୁହିକ ଭାବେ ନୂଆଁ ଖାଇଥିଲେ । ଏହି ଉପଲକ୍ଷେ ଯୋଗ ଦେଇଥିବା ଅତିଥିମାନଙ୍କୁ ଗୁଡହାଣ୍ଡି ଗେଟ ନିକଟରୁ ଏକ ଭବ୍ୟ ସ୍ୱାଗତ କରି ଶୋଭାଯାତ୍ରାରେ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ପରେ ଗୁଡହାଣ୍ଡି ଡୋକରୀଚଞ୍ଚରା ଉନ୍ନୟନ ସମିତିର ସଭାପତି ଭଦ୍ରେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ମାଳବିକା ଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ ପ୍ରମୁଖ ଯୋଗଦେଇ ଗୁଡହାଣ୍ଡି ଡୋକରୀଚଞ୍ଚରାର ସାମଗ୍ରୀକ ବିକାଶ ପାଇଁ ମିଳିତ ଭାବେ ପ୍ରୟାସ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରେ ଉପସ୍ଥାପନ କରାଯିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଉନ୍ନୟନ ସମିତିର ବରିଷ୍ଠ ସଦସ୍ୟ ଅଇରୀ ନାଶନ ଚିନ୍ଦା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉନ୍ନୟନ ସମିତିର କୋଷାଧକ୍ଷ ଆଦିତ୍ୟ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ଅଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡୋକରୀଚଞ୍ଚରା ଉନ୍ନୟନ ସମିତିର ସମ୍ପାଦକ ସୁଧିର ପାତ୍ର, ସଦସ୍ୟ ଦୁଷ୍ମନ୍ତ ପାଟ୍ଟଯୋଷୀ, ନିଳାମ୍ବର ନାଏକ, ମଧୁବନ ପାତ୍ର, ଦେବେନ୍ଦ୍ର ପାଟ୍ଟଯୋଷୀ, ଗରୁଡଧ୍ୱଜ ମାଝୀ, ଯୀତେନ୍ଦ୍ର ପ୍ରଧାନୀ, ଯତିନ୍ଦ୍ର ମାଝୀ, ଚକାଡୋଳା ପାତ୍ର, ଡମ୍ବରୁ ମାଝୀ, ତ୍ରିଲୋଚନ ଧଙ୍ଗଡାମାଝୀ, ଅନିରୁଦ୍ଧ ପାତ୍ର, ଗିରିଧର ଧ.ମାଝୀ, ସହଦେବ ମାଝୀ , ଧନଞ୍ଜୟ ବେହେରା, ଶୁକଚନ ପୁଝାରୀ, ତପନ ବିଶିଙ୍କ ସମେତ ସମସ୍ତ ସଦସ୍ୟ ଓ ନାରୀ କମିଟିର ସଦସ୍ୟା ଯୋଗ ଦେଇଥିଲେ।



ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସୁବର୍ଣ୍ଣପୁରରେ ନାଟକ ପରିବେଷଣ ପାଇଁ ମଞ୍ଚନାହିଁ

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)

ଯୁବ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନାଟକ ସଙ୍କଳନ ଆମର୍ ଭାଷାର ଯୁଡେ ନାଟର ଲୋକାର୍ପଣ ଉତ୍ସବ ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୌରୀଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନାଟ୍ୟକାରଙ୍କ ସମେତ କବି ଆର୍ତ୍ତତ୍ରାଣ ବାବୁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ନାଟ୍ୟଶ୍ରୀ ଗଦାଧର ବାରିକ, ମହାନଦୀ ସାହିତ୍ୟ ସଂସଦ ସଭାପତି ଶ୍ୟାମାଓମ ପ୍ରସାଦ ମିଶ୍ର, ବଲାଙ୍ଗୀର ଲୋକ ସଭା ସାଂସଦଙ୍କ ଜିଲା ପ୍ରତିନିଧି ଶରତ ଶତପଥୀ, ଡ.ପୁରୁଷୋତ୍ତମ ମିଶ୍ର, ମୁଦ୍ରଣକାର ଗତିକୃଷ୍ଣ ବଣିଆଁ ଏବଂ ପ୍ରକାଶିକା ସବିତା ସାହୁ ଉପସ୍ଥିତ ରହି ପୁସ୍ତକଟି ଲୋକାର୍ପଣ କରିଥିଲେ। କୁଇଲି ଏବଂ ଉଲଟା ଭାରତ ପରି ଦୁଇଟି ଭିନ୍ନ ସ୍ୱାଦର ନାଟକ ସଙ୍କଳିତ ଏହି ପୁସ୍ତକଟି ସୁଖପାଠ୍ୟ ହେବା ସହ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ବିଶେଷ ସହାୟକ ହେବ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ସୁବର୍ଣ୍ଣପୁରରେ ନାଟକ ମଞ୍ଚର ସ୍ଥିତି ଓ ଆବେଗ ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ଜିଲା ସଦର ମହକୁମାରେ ନାଟକ ପରିବେଷଣ ପାଇଁ ମଞ୍ଚ ନଥିବାରୁ ଆଲୋଚକମାନେ କ୍ଷୋଭ ପ୍ରକାଶ କରିଥିଲେ। ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁରରେ ଅନ୍ୟ ଅନୁଷ୍ଠାନଙ୍କ ଦ୍ୱାରା ନାଟକ ଉତ୍ସବ ବିଶେଷ କରି ନୋଡ଼ାଲ ଆସୋସିଏଶନ ଫର ଏମେଚ୍ୟୋର ଥିଏଟର ଦ୍ୱାରା ଜାତୀୟସ୍ତରୀୟ ନାଟକ ମହୋତ୍ସବ ରାଷ୍ଟ୍ରୀୟ ନାଟ ମେଳା ଆୟୋଜିତ ହୋଇଆସୁଥିଲା। କିନ୍ତୁ ଭୀମ ଭୋଇ କଳାମଣ୍ଡପ ଭଙ୍ଗାଯିବା ପରେ ନାଟକ ଉପଯୋଗୀ ମଞ୍ଚଟିଏର ଅଭାବ ଯୋଗୁ ବିଗତ ବର୍ଷରୁ ଆଉ କୌଣସି ଜାତୀୟସ୍ତରୀୟ ନାଟକ ଉତ୍ସବ ଅନୁଷ୍ଠିତ ହେବା ସମ୍ଭବପର ହୋଇପାରୁନାହିଁ । ଏ ଦିଗରେ ସଂସ୍କୃତିପ୍ରେମୀ ଓ ପ୍ରଶାସନର ତତ୍ପରତା ସମେତ ରାଜନୈତିକ ଇଛା ଶକ୍ତିର ବିଶେଷ ଆବଶ୍ୟକତା ରହିଛି ବୋଲି ସଭାରେ ମତପ୍ରକାଶ ପାଇଥିଲା। ପ୍ରକାଶିତ ନାଟକଦ୍ୱୟରେ ବିଭିନ୍ନ ସମୟରେ ଅଭିନୟ କରିଥିବା କଳକାରମାନେ ନାଟ୍ୟକାରଙ୍କୁ ଶୁଭେଚ୍ଛା ଜଣାଇବା ସହ ନାଟକ ପରିବେଷଣ ସମୟର ଅନୁଭୂତି ବାଣ୍ଟିଥିଲେ। ନାଟ୍ର ସାଧାରଣ ସମ୍ପାଦକ ବନମାଳି ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସାହିତ୍ୟ ସମ୍ପାଦକ ନରେନ୍ଦ୍ର କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଟ ସମାଜସେବା ଅନ୍ତରୀଣ କମିଟି କାର୍ଯ୍ୟନିର୍ବାହୀ ଆବାହିକା ପ୍ରଜ୍ଞା ପରିମିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ପାଢ଼ୀ, ପୁରୁଷୋତ୍ତମ ପାଣିଗ୍ରାହୀ, ସୌରଭ ରଞ୍ଜନ ଖମାରୀ, ଉମାକାନ୍ତ ନାଗ, ରଞ୍ଜିତା ପଣ୍ଡା, କବି ଆଶିଷ ମିଶ୍ର, ଅବିନାଶ ହୋତା, ସଞ୍ଜୟ କୁମାର ପଣ୍ଡା, ସମୀର ସାହୁ, ପ୍ଲାବନ ମହାପାତ୍ର, ଶ୍ରୀଧର ବାଘ ଉପସ୍ଥିତ ଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଆମର୍ ଭାଷାର ଯୁଡ଼େ ନାଟ ପୁସ୍ତକ ଲୋକାର୍ପିତ**

# ଘଣ୍ଟାପଡ଼ା ରାବଣ ଦରବାରରେ ଏଥର ମହାରାଜ ହେବେ ମନୋଜ ମହାନ୍ତି

ଘଣ୍ଟାପଡ଼ା,୧୫।୯(ପ୍ରଭାତ କୁମାର ସାହୁ)

ଆଗକୁ ଆସୁଛି ଦୁର୍ଗାପୂଜା। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପୂଜା କମିଟି ଦ୍ୱାରା ପାଳିତ ହେଉଥିବା ଦୁର୍ଗାପୂଜାରେ ଚଳିତବର୍ଷ ରାବଣ ଦରବାର ପାଇଁ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ତଥା ପୂର୍ବତନ ସୈନିକ ମନୋଜ ମହାନ୍ତିଙ୍କୁ ମହାରାଜା ପାଇଁ ବରଣ କରାଯାଇଛି। ନିକଟରେ ପୂଜା କମିଟିର ସଦସ୍ୟମାନେ ମହାନ୍ତିଙ୍କୁ ପାଛୋଟି ନେଇଥିଲେ। ପରେ ଗ୍ରାମର ଜମିଦାର ବସନ୍ତ ମାଝୀ ତାଙ୍କୁ ସ୍ୱାଗତ ଜଣାଇ ପୁଷ୍ପ ଚନ୍ଦନ ଓ ଉପଢୌକନ ଦେଇ ଆସନ୍ତା ଦୁର୍ଗାପୂଜାରେ ହେବାକୁ ଥିବା ରାବଣ ଦରବାରରେ ମହାରାଜା ପାଇଁ ବରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଗିରିଧର ଦେହୁରୀ, ସଂପାଦକ ପପୁନ ପାଣିଗ୍ରାହୀ, ସଦସ୍ୟ ଗୌତମ, ଗଜେନ୍ଦ୍ର, ଗୋପୀ, ସିଦ୍ଧାନ୍ତ, ଶୁକ, ସିପୁନ, ଲିପୁନ, ପ୍ରେମାନନ୍ଦ, ଉପଦେଷ୍ଟା ସୂର୍ଯ୍ୟନାରାୟଣ ସାହୁ, ମନୋଜ ପାଣିଗ୍ରାହୀ, ବିରେନ୍ଦ୍ର ଦେହୁରୀ, ଦେବେନ୍ଦ୍ର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।


ଦୁର୍ଗାପୂଜାରେ ରାବଣ ଦରବାର ନିମନ୍ତେ କମିଟି ସଦସ୍ୟଙ୍କ ଦ୍ୱାରା ମହାରାଜାଙ୍କୁ ବରଣ କରାଯାଉଛି।

# ପ୍ରାଥମିକ ଚିକିତ୍ସା ପ୍ରଣାଳୀ ଜାଣିବା ଜରୁରୀ

ଅମରପାଲି,୧୫।୯(ପୀତାମ୍ବର ସାହୁ)

ଉଲୁଣ୍ଡା ବ୍ଲକ କୁମାରକେଲି ନୂତନ ପ୍ରଗତୀ ଯୁବକ ସଂଘ ଓ ବୀରମହାରାଜପୁର ବ୍ଲକ ବାଗବର ୟୁପି ସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। କୁମାରକେଲିରେ ପ୍ରାଥମିକ ଚିକିତ୍ସା ପ୍ରଦାନର ଉପାୟ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଜୁନିୟର ରେଡ଼କ୍ରସର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକଙ୍କ ଉପସ୍ଥିତିରେ ମାର୍ଗଦର୍ଶକ ହୃଷୀକେଶ ଚାନ୍ଦ କ୍ଲବ ସଦସ୍ୟ ଓ ଗ୍ରାମବାସୀଙ୍କୁ ପ୍ରାଥମିକ ଚିକିତ୍ସାର ଅନେକ ଉପାୟ, ଯାହାକୁ ପ୍ରୟୋଗ କରି ବହୁମୂଲ୍ୟ ଜୀବନ ବଞ୍ଚା ଯାଇପାରିବ ତାହା ଉପରେ ନମୁନା ପ୍ରଦର୍ଶନ କରିଥିଲେ। ମୂର୍ଚ୍ଛିତ ବ୍ୟକ୍ତି, ହାତଗୋଡ ଭାଙ୍ଗିଥିବା ବ୍ୟକ୍ତି, ହଠାତ ହୃଦ୍‌ରୋଗର ଶିକାର ହେଉଥିବା ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଦିଆଯିବ ତାହା ଉପରେ ତାଲିମ ଦିଆଯାଇଥିଲା। ସହକାରୀ ଶିକ୍ଷକ ଅଚ୍ୟୁତ ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଭରତ ହରିପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିବରାମ ଚାନ୍ଦ, ନରେନ୍ଦ୍ର ନାଗ, ଦିଲ୍ଲୀପ ପଣ୍ଡାଙ୍କ ସମେତ ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ। ସେହିପରି ବାଗବର ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପୌରୋହିତ୍ୟରେ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଅଙ୍ଗନଓ୍ୱାଡ଼ି କର୍ମୀ କବିତା ତରିଆ ଓ ମିନାକ୍ଷୀ ବିଶ୍ବାଳ ପ୍ରାଥମିକ ଚିକିତ୍ସାର ନମୁନା ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ଓ ଗୌରୀ କୁମୁରା, ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ପ୍ରାଥମିକ ଚିକିତ୍ସାର କୌଶଳ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଅମରପାଲି,୧୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ୪୨ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ତ୍ରୟଞ୍ଜିବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧକ୍ଷ ସତ୍ୟ ମୋହନ ବେଦପାଣି ଗତ ଗଜଲକ୍ଷ୍ମୀ ପୂଜାର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ଉପସ୍ଥିତ ସଭ୍ୟମାନେ ମତ ରଖିଥିଲେ। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜାରେ ରାମାୟଣ ପାରାୟଣ, ମୁରାସୁର ଦରବାର, ଅପେରା, ସଂକୀର୍ତ୍ତନ୍ୟ, ସମ୍ବଲପୁରୀ ଡ୍ୟାନ୍ସ ଆଦି ପରିବେଷଣ ହେବ। ଏହା ସହିତ ସୁଉଚ୍ଚ ମେଢ, ରଙ୍ଗୀନ ତୋରଣ, ଆକର୍ଷଣୀୟ ସାଜସଜ୍ଜା କରାଯିବାକୁ ନିଷ୍ପତ୍ତି କରାଯାଇଛି। ଭସାଣି ଶୋଭାଯାତ୍ରାରେ ରୋଡ ଡ୍ୟାନ୍ସ, ଦୁଲଦୁଲି, ସଂକୀର୍ତ୍ତନ୍ୟ, ବାଡିଖେଳ, ଘଣ୍ଟବାଦ୍ୟ ସମେତା ପାରମ୍ପରିକ ଓ ଅଣପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ। ଏହି ଅବସରରେ ସର୍ବସମ୍ମତିକ୍ରମେ ଏକ ପରିଚାଳନା କମିଟି ଗଠନ କରାଯାଇଛି। ସଭାପତି ଭାବେ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ସଭାପତି, ସମ୍ପାଦକ ତ୍ରୟଞ୍ଜିବ ମିଶ୍ର, ଉପସଭାପତି ଧନଞ୍ଜୟ ସାହୁ, ସହସମ୍ପାଦକ ବିଦ୍ୟାଧର ଖୁର୍ଜିଆ, କୋଷାଧକ୍ଷ ସତ୍ୟମୋହନ ବେଦପାଣି, ଉପଦେଷ୍ଟା ଭାବେ ରାଜଗୋପାଳ ପାଣିଗ୍ରାହୀ ଓ କୁଶ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଚଳିତବର୍ଷ ଲକ୍ଷ୍ମୀ ମଣ୍ଡପରେ କର୍ତ୍ତାଭାବେ ରାଜଗୋପାଳ ପଣିଗ୍ରାହୀ ଓ ସାରଳା ପାଣିଗ୍ରାହୀ ସପତ୍ନିକଙ୍କୁ ଚୟନ କରାଯାଇଛି। ରାମାୟଣ ପାରାୟଣ ମଣ୍ଡପରେ ସନ୍ତୋଷ ସୁମୂର୍ଥା ଏବଂ ଯଜ୍ଞ ମଣ୍ଡପରେ ଟଙ୍କଧର ଦ୍ୱାରୀ ସାପତ୍ନିକ କର୍ତ୍ତାଭାବେ କାର୍ଯ୍ୟ ତୁଲାଇବେ। ରାମାୟଣ ପାରାୟଣରେ ପଣ୍ଡିତ ଅଜିତ ଦାଶ ବ୍ୟାସ ଭାବେ ପୁରାଣ ଗାନ କରିବେ ବୋଲି ସ୍ଥିରୀକୃତ ହୋଇଛି। ପରବର୍ତ୍ତୀ ବୈଠକରେ ପୂଜା ପାଇଁ ଅନ୍ୟ ସମସ୍ତ ନିଷ୍ପତ୍ତି ନିଆଯିବ। ଶେଷରେ ଉପସଭାପତି ଧନଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ମୁଷଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଭ୍ୟମାନେ।

# ଆପତ୍ତି ଅଭିଯୋଗର ଆଶୁ ସମାଧାନକୁ ପ୍ରତିଶ୍ରୁତି


ବୈଠକରେ ଉପସ୍ଥିତ ଅଧିକାରୀ, ପ୍ରତିନିଧି ଓ ଅନ୍ୟମାନେ।

ଅମରପାଲି,୧୫।୯(ପୀତାମ୍ବର ସାହୁ)

**ଏମ୍‌ଜିଏନ୍‌ଆରଇଜିଏସ୍ ଅମ୍ବୁଡ୍‌ସ ପର୍ସନଙ୍କ ଉଫୁଲା ପଞ୍ଚାୟତ ପରିଦର୍ଶନ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତକୁ ରବିବାର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଜିଲା ଆମ୍ବୁଡସ ପର୍ସନ ସଂଯୁକ୍ତା ମିଶ୍ର ପରିଦର୍ଶନରେ ଆସିଥିଲେ। ସେ ପଞ୍ଚାୟତ ସଭା ଗୃହରେ କାର୍ଯ୍ୟପତ୍ର ଧାରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ଅଣକୁଶଳୀ ଶ୍ରମିକ, ଗ୍ରାମସାଥୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଅରଇଜିଏସ୍ ପରିଚାଳନା ଯଥା ଗ୍ରାମସଭା, ପଞ୍ଜିକରଣ, କାର୍ଯ୍ୟପତ୍ର ବଣ୍ଟନ, କାର୍ଯ୍ୟକ୍ରମ ଦାବି ଦରଖାସ୍ତ, ପ୍ରାପ୍ତି ସ୍ୱୀକାର ପତ୍ର, ମଜୁରୀ ଦେୟ, ବେକାରୀ ଭତ୍ତା, ଲିଙ୍ଗ ଆଧାରିତ ଭେଦଭାବ, କାର୍ଯ୍ୟ କ୍ଷେତ୍ର ସୁବିଧା, କାର୍ଯ୍ୟର ମାପ ଓ ଗୁଣବତ୍ତା, ଯନ୍ତ୍ର ବ୍ୟବହାର, ଠିକାଦାର ନିୟୋଜନ, ପାସ୍‌ବହି ପରିଚାଳନା, ମଷ୍ଟରରୋଲ ଯାଞ୍ଚ, ସାମାଜିକ ସମୀକ୍ଷା ସମ୍ପର୍କିତ ତ୍ରୁଟି ଓ ଅଭାବ ସମ୍ପର୍କିତ ପ୍ରତିକାର ପାଇଁ ଅଭିଯୋଗ ଦାଖଲ ପାଇଁ ସେ ପରାମର୍ଶ ଦେଇ ଥିଲେ। ଆପତ୍ତି ପାଇବାର ୭ରୁ ୪୫ ଦିନ ମଧ୍ୟରେ ଅଭିଯୋଗ ଫଇସଲା କରାଯିବା ବୋଲି କହିଥିଲେ। ଆପତ୍ତି ଅଭିଯୋଗର ଆଶୁ ଓ ପ୍ରଭାବଶାଳୀ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସରପଞ୍ଚ ଶ୍ରୀୟା କର୍ମୀ, ଡିଇଓ ହେମନ୍ତ ଶତପଥୀ, ସାମାଜିକ ସମୀକ୍ଷାରେ ନିଯୁକ୍ତ ସ୍ୱେଚ୍ଛାସେବୀ ପ୍ରଭଞ୍ଜନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । ସରପଞ୍ଚ ଶ୍ରୀୟା କର୍ମୀ ଗ୍ରାମୀଣ ଭିତ୍ତି ଭୂମି ବିକାଶ ନିମନ୍ତେ ପ୍ରାକୃତିକ ସମ୍ବଳ ପରିଚାଳନା ସମ୍ବନ୍ଧିତ ସର୍ବସାଧାରଣ କାର୍ଯ୍ୟ, ଅବହେଳିତ ପରିବାର ନିମନ୍ତେ ବ୍ୟକ୍ତିଗତ ସମ୍ପତ୍ତି ସୃଷ୍ଟି ପ୍ରକଳ୍ପ ମଞ୍ଜୁରୀରେ ଅମ୍ବୁଡ଼ସ ପର୍ସନଙ୍କ ସହଯୋଗ କାମନା କରିଥିଲେ। ଶେଷରେ ଗ୍ରାମସାଥୀ ଜ୍ୟୋତି ରଞ୍ଜନ କଲତା ଧନ୍ୟବାଦ ପ୍ରଦାନ କରିଥିଲେ।

# ହରଭଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ,୧୫।୯(ଅଜିତ କୁମାର ବାରିକ)

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ତଥା କମିଟିର ଅଧ୍ୟକ୍ଷ ପ୍ରତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଲୋକ ଅଦାଲତରେ ୧୫ଟି ବିଭିନ୍ନ ମାମଲା ଫଇସଲା କରାଯାଇଥିଲା। ଅଦାଲତରେ ସରକାରୀ ଓକିଲ ଅଜିତ କୁମାର ପରିଡା, ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

# ଘଣ୍ଟାପଡ଼ା ହାଇସ୍କୁଲରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ ଅବସରରେ ଅତିଥିଗଣ।

ଘଣ୍ଟାପଡ଼ା,୧୫।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସଦର ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସାଧନ କର୍ମୀ ବନମାଳୀ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ସେ ପ୍ରାଥମିକ ଚିକିତ୍ସାର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇଥିଲେ । ବିଜ୍ଞାନ ସମ୍ମତି ଅନୁସାରେ ଆହତ ବ୍ୟକ୍ତି କ'ଣ କରିବା ଉଚିତ୍, କ'ଣ ନ କରିବା ଉଚିତ୍ ସେ ସମ୍ପର୍କରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ୧୧୨ ଫୋନ ନମ୍ବର ବିଷୟରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ମନୋରଞ୍ଜନ ପ୍ରଧାନ, ଶିକ୍ଷୟିତ୍ରୀ ହେମବନ୍ତି ବାଘ ,ଏମ. ମାଧୁରୀ ଦୋରା, ଶିକ୍ଷକ ଏସ.କେ. ତରିଆ, ଆଲୋକ ପରଡିଆ, ସତ୍ୟଜିତ ପଣ୍ଡା,ସରୋଜ ସାହୁ, ଦୁଷ୍ମନ୍ତ ବିଶାଳ, ଶିକ୍ଷୟିତ୍ରୀ ମିରାବାଇ ଧାରୁଆ, ଗୀତାଞ୍ଜଳି ପ୍ରଧାନ ଓ ନିଳିମା ପ୍ରଧାନଙ୍କ ସମେତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଜୁନିୟର ରେଡ଼କ୍ରସ ସ୍ୱେଚ୍ଛାସେବୀ ଚନ୍ଦ୍ରମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଗବର ୟୁପି ସ୍କୁଲରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

ଅମରପାଲି,୧୫।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ଗୌରୀ କୁମୁରା, ମିନାକ୍ଷୀ ପ୍ରଧାନ ଓ ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ହିନ୍ଦୀ ଦିବସ ପାଳନ ଉପରେ ମତବ୍ୟକ୍ତ କରିଥିଲେ। ପିଲାମାନେ କିପରି ହିନ୍ଦୀ ଭାଷାରେ ଭଲ କହି ପାରିବେ, ଲେଖି ପାରିବେ ଓ ପଢ଼ି ପାରିବେ ସେ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ପାଠ୍ୟ ପୁସ୍ତକର ଥିବା ହିନ୍ଦୀ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ବୀରମହାରାଜପୁର ଉପକଣ୍ଠ ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲରେ ମଧ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି।

# ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ରବିବାର ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ସ୍ୱାଗତ ପଦଯାତ୍ରା ଆୟୋଜିତ ହୋଇଥିଲା। ଜିଲାପାଳ ଅନ୍ୟା ଦାସ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ରାଣୀ ସିଂହଦେଓଙ୍କ ଜିଲା ପ୍ରତିନିଧି ଶରତ ଶତପଥୀ ଓ ଜିଲାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଟାଉନ ହଲ ଠାରେ ପହଞ୍ଚି ଥିଲା। ପରେ ପଦଯାତ୍ରାରେ ସାମିଲ ସମସ୍ତ ମହିଳା, ମହିଳା ମଣ୍ଡଳର କର୍ମକର୍ତ୍ତାଙ୍କୁ ନେଇ ସଚେତନତା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଚେତନତା ସଭାରେ ଜିଲାପାଳ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବଲାଙ୍ଗୀର ଏମପିଙ୍କ ସୁବର୍ଣ୍ଣପୁର ଜିଲା ପ୍ରତିନିଧି ଶରତ ଶତପଥୀ, ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲାପାଳ ଦାସ ତାଙ୍କ ବକ୍ତବ୍ୟରେ ସୁଭଦ୍ରା ଯୋଜନା ମହିଳାଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମ ଅବସରରେ ମହିଳା ମଣ୍ଡଳ ସଦସ୍ୟା ତଥା ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଜରିଆରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ଉତ୍ପାଦ ଗୋଷ୍ଠୀଙ୍କ ଦ୍ୱାରା ଗ୍ରାମୀଣ ଉତ୍ପାଦର ବିପ୍ପଣୀ ବଜାର ଆୟୋଜିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ବିଶ୍ୱଜି ପରିଡ଼ା ଓ ସୋନପୁର ସିଡିପିଓ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଜିଲାପାଳ ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ନଡ଼ାଗଦାରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ସୋନପୁର,୧୫।୯(ମୃତ୍ୟୁଞ୍ଜୟ ଶତପଥୀ)


ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

- ୧ ମାସ ପୂର୍ବରୁ ଫାର୍ମ ଭାଙ୍ଗିଥିଲେ
- ଭାଙ୍ଗି ପଡିଛନ୍ତି ସୀତାରାମ ଡବ୍ଲୁଏସ୍ଏଚଜି ସଭ୍ୟବୃନ୍ଦ
- ଛତୁଚାଷ, ଛତୁ ମଞ୍ଜି ବିକ୍ରି କରି ସ୍ୱାବଲମ୍ବୀ ହୋଇଥିଲେ

ସୋନପୁର ଥାନା ସାହାଜପିଟାସ୍ଥିତ ସୀତାରାମ ମହିଳା ସ୍ୱୟଂ ସହାୟିକା ଗୋଷ୍ଠି (ଡବ୍ଲୁଏସ୍ଏଚ୍‌ଜି)ର ନଡାଗଦାରେ ଶନିବାର ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛି। ଏଥିଯୋଗୁ ଲକ୍ଷାଧିକ ଟଙ୍କାର ନଡା ପୋଡି ପାଉଁଶ ହୋଇଯାଇଛି। ସୋନପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଜଳି ଯାଇଥିଲା। ସ୍ଥାନୀୟ ସୀତାରାମ ଡବ୍ଲୁଏସ୍ଏଚଜିର ସଭ୍ୟମାନେ ଏଥିପାଇଁ ଭାଙ୍ଗି ପଡିଛନ୍ତି। ୧ ମାସ ପୂର୍ବରୁ ଦୁର୍ବୃତ୍ତମାନେ ଡବ୍ଲୁଏସ୍ଏଚ୍‌ଜିର ଛତୁଫାର୍ମ ଭାଙ୍ଗି ଦେଇଥିଲେ। ଏଥିରେ ମହିଳା ଗୋଷ୍ଠିର ପ୍ରାୟ ୪ ଲକ୍ଷ ଟଙ୍କା କ୍ଷତି ହୋଇଥିଲା। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାମାନେ ଦାବି କରିଛନ୍ତି। ୨୦୧୯ ମସିହାରେ ୧୦ଜଣ ମହିଳାଙ୍କୁ ନେଇ ଗଠନ ହୋଇଥିଲା ସୀତାରାମ ଡବ୍ଲୁଏସ୍ଏଚ୍‌ଜି। ଛତୁ ଚାଷ କରି ଓ ଛତୁ ମଞ୍ଜି ବିକ୍ରି କରି ସେମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିଥିଲେ। ଅଧା ଏକର ଜମିରେ ଫାର୍ମ କରିବା ସହ ଛତୁ ଚାଷ ପାଇଁ ନଡା ଗଚ୍ଛିତ କରି ରଖିଥିଲେ। ତେବେ ମହିଳାଙ୍କ ଏହିପରି ଉନ୍ନତି ଦୁର୍ବୃତ୍ତଙ୍କୁ ସହ୍ୟ ହୋଇ ନ ଥିଲା। ପୂର୍ବରୁ ଫାର୍ମକୁ ଭାଙ୍ଗି ଦେଇଥିଲେ। ମହିଳାମାନେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରି ନ ଥିଲେ। ଶନିବାର ରାତିରେ ନଡାଗଦାରେ ନିଆଁ ଲଗାଇ ଦିଆଯାଇଛି। ଏ ସମ୍ପର୍କରେ ଡବ୍ଲୁଏସ୍ଏଚ୍‌ଜି ସଭାନେତ୍ରୀ ଇନ୍ଦୁମତି ପୁରୁଆ କୁହନ୍ତି, ଆମେ ବ୍ୟାଙ୍କରୁ ଋଣ କରି ଛତୁ ଚାଷ କରୁଥିଲୁ। ଭଲ ଦି ପଇସା ରୋଜଗାର ହେଉଥିଲା। ଜମି ଲିଜ୍ ନେଇ ୪ଲକ୍ଷ ଟଙ୍କା ଖର୍ଚ୍ଚ କରି ଫାର୍ମ କରିଥିଲୁ। କେହି ଫାର୍ମକୁ ଭାଙ୍ଗି ଦେଇଛନ୍ତି। ସେହିପରି ମହିଳା ଗୋଷ୍ଠିର ସମ୍ପାଦିକା ସତ୍ୟବତୀ ପୁଟେଲ କହିଛନ୍ତି, ଛତୁ ଚାଷ ପାଇଁ ୧ ଲକ୍ଷ ଟଙ୍କାର ନଡା ଗଚ୍ଛିତ କରି ରଖିଥିଲୁ। କେହି ସେଥିରେ ନିଆଁ ଲଗାଇ ଦେଇଛି। ପୋଲିସ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ଲହୁଣୀପଡା,୧୫।୯(ଦାଶରଥୀ ପଣ୍ଡା)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ସୁନୁମବୁରୁ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିମଳାଗଡ଼ ଗ୍ରାମର ସୋନୁ ପାତ୍ର(୭୦)। କେ.ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଘଟଣାର ତଦନ୍ତ କରୁଛି। ସୋନୁ କୌଣସି କାମରେ ସୁନୁମବୁରୁ ପଟେ ଯାଉଥିଲା ବେଳେ ସେଠାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସୋନୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।

### ବାଲିଶଙ୍କରାରେ ସୁଭଦ୍ରା ପଦଯାତ୍ରା

**ବାଲିଶଙ୍କରା, ୧୫।୯( ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କାର୍ଯ୍ୟାଳୟଠାରୁ ରାମ ଜାନକୀ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପରେ ବ୍ଲକ କାର୍ଯ୍ୟାଳୟଠାରେ ଏକ ସାଧାରଣ ସଭା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କୁଞ୍ଜଲତା ଭିତ୍ରିଆ ଯୋଗଦେଇ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଏକମାତ୍ର ଲକ୍ଷ୍ୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା ବୋଲି କହିଥିଲେ। ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଓ ଶିଶୁ ବିକାଶ ଅଧିକାରୀ ପ୍ରତିମା ତନ୍ତୀଙ୍କ ନେତୃତ୍ୱରେ ଚାଲିଥିବା ଏହି ପଦଯାତ୍ରାରେ ବ୍ଲକ ଅଧକ୍ଷା କୁଞ୍ଜଲତା ଭତ୍ରିଆ ଓ ବ୍ଲକ ଉପାଧକ୍ଷ ପୀତାମ୍ବର ଶେଖର ଦେଓ ଯୋଗଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ। ବ୍ଲକରେ ୩୦୦ରୁ ଉର୍ଦ୍ଧ୍ୱ, ପଞ୍ଚାୟତରେ ୨୦୦ରୁ ଉର୍ଦ୍ଧ୍ୱ ଓ ଗାଁରେ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଏହି ସୁଭଦ୍ରା ପଦଯାତ୍ରାରେ ସାମିଲ ହୋଇଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଚାଳକ ମୃତ

**କୁଆଁରମୁଣ୍ଡା,୧୫।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚାର୍ଡି ଛକ ନିକଟରେ ରବିବାର ରାତି ପ୍ରାୟ ସାଢ଼େ ୭ଟାରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। କୁଆଁରମୁଣ୍ଡା ପୋଲିସ ମୃତଦେହ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା ଶବାଗାରକୁ ପଠାଇଛି। ସେହିପରି ବାଇକ ଚାଳକ ମଧ୍ୟ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ବାଇକ ପଛରେ ବସିଥିବା ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିନଥିବା ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ସୂଚନା ଦେଇଛନ୍ତି।

### ଏମ୍‌ପି ବୈଜୟନ୍ତଙ୍କ ରାଉରକେଲା ଗସ୍ତ ବାତିଲ

**ରାଉରକେଲା,୧୫।୯(ସଙ୍ଗୀତା ଜେନା)**

ଭାଜପା ସଦସ୍ୟତା ପାଇଁ କେନ୍ଦ୍ରାପଡ଼ା ଏମ୍‌ପି ତଥା ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ରବିବାର ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ତେବେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ଶେଷରେ ବାତିଲ ହୋଇଯାଇଥିଲା। ଏହାର କୌଣସି ସ୍ପଷ୍ଟ କାରଣ ଜଣାପଡିନାହିଁ। ପଣ୍ଡାଙ୍କ ଆସନ୍ତା ରାଉରକେଲା ଗସ୍ତ ଅତିଶୀଘ୍ର ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଭାଜପାର ସଦସ୍ୟତା ଅଭିଯାନ ଜାରି ରହିଛି। ରାଉରକେଲା ସମେତ ଅନ୍ୟ ଅଞ୍ଚଳ ପାଇଁ ଏମ୍‌ପି ପଣ୍ଡା ଆସିଥାନ୍ତେ ବୋଲି ଭାଜପା ପ୍ରବକ୍ତା ଧୀରେନ ସେନାପତି ସୂଚନା ଦେଇଛନ୍ତି।

# ଜିଆଖତ ଉତ୍ପାଦନ ଦ୍ୱାରା ଆର୍ଥିକ ଉନ୍ନତି ସମ୍ଭବ

## ଜିଆଚାଷ ଉପରେ ଦକ୍ଷତା ବୃଦ୍ଧି, କୌଶଳ ବିକାଶ ତାଲିମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଚାଷୀ।

**ସୁନ୍ଦରଗଡ,୧୫।୯ (ଜୟ ନାରାୟଣ ମେଣ୍ଡୁଲି)**

କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫ ଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି) ଓ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜନଜାତି ଉପଯୋଜନାଙ୍କ ଆର୍ଥିକ ପ୍ରୋତ୍ସାହନ ଦ୍ୱାରା ସେପ୍ଟେମ୍ବର ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହା ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୪୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଖତ ଓ ଜିଆ ଉତ୍ପାଦନ ଏବଂ ଜୈବିକ ଓ ପ୍ରାକୃତିକ କୃଷି ପାଇଁ ଉତ୍ପାଦ ପ୍ରସ୍ତୁତି ଉପରେ ତାଲିମ ଦିଆଯାଇଥିଲା। ଗ୍ରାମୀଣ ଶିକ୍ଷିତ ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟନେଇ ଏହି ତାଲିମ ଶିବିର ଆୟୋଜିତ ହୋଇଥିଲା। ପ୍ରଶୀକ୍ଷାର୍ଥୀଙ୍କୁ ଜିଆଚାଷ, ଜିଆଖତ ଉତ୍ପାଦନ, ଉନ୍ନତମାନର କମ୍ପୋଷ୍ଟ ପ୍ରସ୍ତୁତି ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ଯଥା- ଜିଆଖତ ପାଇଁ ଉପଯୋଗୀ ଜିଆ, ଆବଶ୍ୟକ ଉପକରଣ, ପ୍ରସ୍ତୁତି ପ୍ରଣାଳୀ, ବିଭିନ୍ନ ଫସଲରେ ପ୍ରୟୋଗ ବିଧି, ଜିଆର ବଂଶ ବୃଦ୍ଧି, ବିକ୍ରିବଟା, ପ୍ରାକୃତିକ କୃଷି ପାଇଁ ବିଜାମୃତ, ଜୀବାମୃତ, ବ୍ରହ୍ମାସ୍ତ୍ର ଆଦିର ପ୍ରସ୍ତୁତି ପ୍ରଣାଳୀ ତଥା ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନ କୌଶଳକୁ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ.ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଡ. ଦିବ୍ୟେନ୍ଦୁ ମଣ୍ଡଳ, ଆଶିଷ କୁମାର ମହାନ୍ତି, ଡ.ସଜୀବ ବିଶ୍ୱାସୀ, ବିଦ୍ୟାଧର ଟୁଡୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଟାଙ୍ଗରପାଲି ବ୍ଲକର ଫୁଲଧୁଡି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଭିତ୍ତିକ ଜିଆଖତ ଉତ୍ପାଦନ, କେନ୍ଦ୍ରୀୟ ନର୍ସରୀ, ଉଜ୍ଜ୍ୱଳପୁର ଓ ରଙ୍ଗାଡିପାସ୍ଥିତ ସିଆଇଆରଟିଡିର ଜୈବ ଉତ୍ପାଦ ପ୍ରସ୍ତୁତି କେନ୍ଦ୍ରକୁ ପରିଭ୍ରମଣରେ ଯାଇ ପ୍ରତ୍ୟକ୍ଷ ଜ୍ଞାନ କୌଶଳ ଆହରଣ କରିଥିଲେ। ପ୍ରଶିକ୍ଷଣ ଶେଷରେ ପ୍ରଶିକ୍ଷାର୍ଥୀଙ୍କ ମୂଲ୍ୟାୟନ କରାଯାଇ ତାଲିମ ପୁସ୍ତିକା, ଜିଆଖତ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିରକୁ କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ୪ ଘର ଭାଙ୍ଗିଲେ ହାତୀ


ହାତୀ ଭାଙ୍ଗିଥିବା ଘର।

**ବଡ଼ଗାଁ,୧୫।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। କିଛିଦିନ ବ୍ୟବଧାନରେ ହାତୀ ପଲ ଘର ଭାଙ୍ଗି ଚାଉଳ ଖାଇବା ସହିତ ଧାନ ଚାଷ ନଷ୍ଟ କରିଛନ୍ତି। ଶନିବାର ରାତିରେ ୩ଟି ହାତୀ ସାହାଜବାହାଲ ଗ୍ରାମର ରଜତ ହରୋ, ଦିଲ୍ଲୀପ ହରୋ, ନିର୍ମଳା ସୋରେଙ୍ଗ ଓ ଲିବନୁସ ଡୁଙ୍ଗଡୁଙ୍ଗଙ୍କ ଘର ଭାଙ୍ଗି ଚାଉଳ ଖାଇଦେଇଛି। ସୂଚନାଯୋଗ୍ୟ ଯେ, ବଡ଼ଗାଁ ନିକଟ ମହାବୀର ପର୍ବତରେ ୨୦ରୁ ଉର୍ଦ୍ଧ୍ୱ ହାତୀ ଅବସ୍ଥାନ କରୁଛନ୍ତି। କିଛିଦିନ ବ୍ୟବଧାନରେ ହାତୀ ପଲ ଗାଁକୁ ପଶି ଉପଦ୍ରବ କରୁଛନ୍ତି।

## ସରବତିଦେବୀ ମହାବିଦ୍ୟାଳୟରେ ହିନ୍ଦୀ ଦିବସ

**ରାଜଗାଙ୍ଗପୁର,୧୫।୯(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରସ୍ଥିତ ସରବତିଦେବୀ ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାକାର୍ଯ୍ୟ ମହାବିଦ୍ୟାଳୟ ଅଧକ୍ଷା ଡ. ସସ୍ମିତା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ସରୋଜିନୀ ଏକ୍କା, ଅର୍ଥନୀତି ବିଭାଗର ମୁଖ୍ୟ ସପନ ପଣ୍ଡା, ହିନ୍ଦୀ ବିଭାଗ ମୁଖ୍ୟ ଡ. ସ୍ମୃତିରେଖା ନାଏକ ପ୍ରମୁଖ ସଭାକାର୍ଯ୍ୟରେ ଯୋଗଦେଇ ହିନ୍ଦୀ ଭାଷାର ବିକାଶ, ଲୋକପ୍ରିୟତା ବୃଦ୍ଧି, ପ୍ରଚାର ପ୍ରସାର ଓ କିପରି ଭାବେ ଏହାର ଉତ୍ତରୋତ୍ତର ଉନ୍ନତି ସମ୍ଭବ ହୋଇପାରିବ ତାହାରି ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଡ. ଭୂଷଣ ପୁଆଳ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବଣାଇଁଗଡ ମହାବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଣାଇଁ,୧୫।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁଗଡ଼ ମହାବିଦ୍ୟାଳୟର ୫୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ତାଙ୍କ ନିର୍ବାଚନ ମଣ୍ଡଳୀ କୁଚିଣ୍ଡା ମହାବିଦ୍ୟାଳୟର ଅବସ୍ଥା ଅନୁରୂପ ଥିବା ଦର୍ଶାଇ ଖୁବ ଶୀଘ୍ର ତାଙ୍କ ନେତୃତ୍ୱରେ ଉଭୟ ମହାବିଦ୍ୟାଳୟକୁ ସରକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ଡ.ଭୂପେନ ବେହେରା, ଆଲୁମିନି ଆସୋସିଏଶନ ସଭାପତି ଶିକ୍ଷାବିତ ଶୁଭେନ୍ଦ୍ର ନାଥ ମଲ୍ଲିକ, ମହବିଦ୍ୟାଳୟ ଅଧକ୍ଷ ଜେନାମଣି ସାହୁ, ଇତିହାସ ବିଭାଗ ଅଧାପକ ମୃତ୍ୟୁଞ୍ଜୟ ବ୍ରହ୍ମ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପରିଚାଳନା ରାଜନୀତି ବିଜ୍ଞାନ ଅଧାପକ ଡ.ପ୍ରତାପ ଚନ୍ଦ୍ର ନାଏକ କରିଥିଲେ। ଛାତ୍ର ସଂସଦ ପକ୍ଷରୁ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଛାତ୍ରୀ ଏନ ଶ୍ରେୟା ରାଣୀ ମହାବିଦ୍ୟାଳୟରେ ଏକ ଅଡିଟୋରିୟମର ଆବଶ୍ୟକତା ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୂଆଁଖାଇ ଭେଟ୍‌ଘାଟ୍‌ରେ ଯୋଗଦେଲେ ବିଧାୟକ

**ସରଣ୍ଡା,୧୫।୯(ଯୁଧିଷ୍ଠିର ମହାପାତ୍ର )**

ବରଗଡ ଜିଲା ଅତାବିରା ମାର୍କେଟ ୟାର୍ଡ ପରିସରରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ତରଫରୁ ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତାବିରା ବିଧାୟକ ନିହାରଞ୍ଜନ ମହାନନ୍ଦ ଯୋଗଦେଇଥିଲେ। କୃଷକମାନେ ଚାଷ ଓ ଚାଷୀ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଗୁଡିକ ବିଧାୟକଙ୍କୁ ଜଣାଇଥିଲେ। ସମସ୍ୟା ଗୁଡିକର ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ୨୪ଟି ପଞ୍ଚାୟତର ଚାଷୀ ଓ ଅତାବିରା ଏନଏସିର ଚାଷୀମାନେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ଚାଷୀ ଟିକେଲାଲ ମିଶ୍ର,ବୁଦ୍ଧଦେବ ନନ୍ଦ,ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ପାପା ରାଓ, ସଂସାର ପଧାନ,ଅରୁଣ ପଧାନ, ସମୀର ପଧାନ, ଆକାଶ ପଧାନ, ସୁରେନ୍ଦ୍ର ପଧାନ, ସୁଜିତ ପଧାନ, ବୈଶାଖୁ ପଧାନ, ସୁବ୍ରତ ପଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବରଗଡ ଜିଲା ଅଚାବିରା ବ୍ଲକ ଅଧୀନ ଚକୁଳି ଫାର୍ମଠାରେ ଚକୁଳି ପଞ୍ଚାୟତ କୃଷକ ସଂଗଠନର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି।

## ଅଠରଗଡ଼ ଫୁଲମାଳୀ ସମାଜର ନୂଆଁଖାଇ ଭେଟଘାଟ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

**ଲେଫ୍ରିପଡା,୧୫।୯(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ପଟୁଆଡ଼ିହିଠାରେ ନୂଆଁଖାଇ ଭେଟଘାଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେଙ୍କ ସଭାପତିତ୍ୱରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନୂଆଁଖାଇ ଭେଟଘାଟ ସମାଜକୁ ଏକସୂତ୍ରରେ ବାନ୍ଧି ରଖିବାରେ ସାହାଯ୍ୟ କରିଥାଏ ବୋଲି ବିଧାୟକ ସିଂ କହିଥିଲେ। ସମ୍ମାନିତ ଅତିଥିଭାବେ ଅଠରଗଡ଼ ଫୁଲମାଳୀ ସମାଜର ସଭାପତି ପରାସରାମ ପଟେଲ, ସାହାଯ୍ୟକାରୀ ସଭାପତି ଓଡ଼ିଶା ପ୍ରାନ୍ତ ଦୀନବନ୍ଧୁ ପଟେଲ, ଛତିଶଗଡ ପ୍ରାନ୍ତର ସାହାଯ୍ୟକାରୀ ଲମ୍ବୋଦର ପଟେଲ, ଟଙ୍କଧର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମାଜର ଇଷ୍ଟଦେବୀ ମା’ ସମଲେଇଙ୍କୁ ପୂଜାର୍ଚ୍ଚନା କରି ନବାନ୍ନ ଭକ୍ଷଣ କରାଯାଇଥିଲା। ନବାନ୍ନ ଭକ୍ଷଣ ପରେ ଛୋଟମାନେ ବଡ଼ମାନଙ୍କୁ ଜୁହାର ଭେଟ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବରଗଡ଼, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ଼ ସମେତ ଛତିଶଗଡର ସାରଙ୍ଗଗଡ଼, ରାୟଗଡ ପୁସୋର, କୋଡାସିଆଁ ଅଞ୍ଚଳର ଲୋକେ ଯୋଗଦେଇଥିଲେ। ଶେଷରେ ସୁନ୍ଦରଗଡ଼ ମଣ୍ଡଳ ଉପସଭାପତି ରାଜୁ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁଭଦ୍ରା ପଦଯାତ୍ରା


ମହିଳାଙ୍କ ପକ୍ଷରୁ ବାହାରିଥିବା ପଦଯାତ୍ରା।

**ଲହୁଣୀପଡ଼ା,୧୫।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ରବିବାର ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁଭଦ୍ରା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ର, ସିଡିପିଓ ପୁଷ୍ପାଲତା ନାୟକ, ଏପିଓ ବିଷ୍ଣୁ ଚରଣ ନାୟକ, ବିପିଏମ ସମୀର କେର୍କେଟା ଉପସ୍ଥିତ ଥିଲେ। ଏହି ପଦଯାତ୍ରା ଲହୁଣୀପଡ଼ା କଲ୍ୟାଣ ମଣ୍ଡପଠାରୁ ବାହାରି ମୁଖ୍ୟ ବଜାର ପରିକ୍ରମା କରିବା ସହିତ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଲହୁଣୀପଡ଼ା ବ୍ଲକ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ଏହି ପଦଯାତ୍ରା ଆୟୋଜିତ ହୋଇଥିଲା। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ବ୍ଲକ ପ୍ରକଳ୍ପ ଅଧିକାରୀଙ୍କ ସହ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। ହାତରେ ପ୍ଲା କାର୍ଡ ଧରି ସୁଭଦ୍ରା ଯୋଜନାର ବିଭିନ୍ନ ନାରା ଦେବା ସହ ସମସ୍ତ ଯୋଗ୍ୟା ମହିଳା ଏହି ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନ ଆୟୋଜିତ ହୋଇଥିଲା। ଏଥିସହ ସୁଭଦ୍ରା ଯୋଜନା ବାବଦରେ ସବିଶେଷ ତଥ୍ୟ ଦେବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ତରଫରୁ ଜାରି ମାର୍ଗଦର୍ଶିକା ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଏକ ସମ୍ମିଳନୀ ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା।

## ରାସ୍ତା କଡ଼ରେ ଗଦା ହୋଇଛି ମଲା କୁକୁଡ଼ା

**ଲହୁଣୀପଡା,୧୫।୯(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଠିଆବେର୍ଣ୍ଣ ଗ୍ରାମ ରାସ୍ତା କଡରେ ଶହଶହ ମଲା କୁକୁଡ଼ା ପଡିଛି। ଏହାକୁ କିଏ ଏବଂ କାହିଁକି ରାସ୍ତା କଡ଼ରେ ଫିଙ୍ଗିଛି ତାର କାରଣ ଜଣାପଡି ନାହିଁ। ସୂଚନାରୁ ପ୍ରକାଶ, ଠିଆବେର୍ଣ୍ଣା ଛକରୁ ଲାଲସାହି ଗ୍ରାମକୁ ଯାଇଥିବା ରାସ୍ତାକଡରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ମଲା କୁକୁଡ଼ା ପଡିଛି। ଅନୁମାନ କରାଯାଉଛି, କୁକୁଡ଼ା ବୋଝେଇ ଗାଡ଼ି ରାଉରକେଲା ଯାଉଥିଲା। କିନ୍ତୁ ଏହି ଅଞ୍ଚଳରେ ରାତି ସାରା ବର୍ଷା ହେଉଥିବାରୁ କୁକୁଡ଼ାମାନେ ମରି ଯାଇଥିଲେ। ତେଣୁ ଗାଡି ଚାଳକ ବିଳମ୍ବିତ ରାତିରେ ଏଠାରେ ଫିଙ୍ଗି ଦେଇ ଚାଲିଯାଇଛନ୍ତି। ବାର୍ଡଫ୍ଲୁ ଆକ୍ରାନ୍ତ କୁକୁଡାଙ୍କୁ କେହି ଫୋପାଡି ଦେଇଥିବା ମଧ୍ୟ ଅନୁମାନ କରାଯାଉଛି।

# ବଡ଼ଗାଁ ଚାଲେଞ୍ଜ ସିଏଲ୍ଡ ଫୁଟ୍‌ବଲ ଉଦ୍‌ଯାପିତ

## କଣ୍ଟିଆମୁରା ଚାମ୍ପିୟନ

**ବଡ଼ଗାଁ,୧୫।୯(ଅଶୋକ ଷଡ଼ଙ୍ଗୀ)**



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

ସୁନ୍ଦରଗଡ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ଗତ ୧୧ ତାରିଖ ଠାରୁ ଆରମ୍ଭ ହୋଇଥିବା ବଡ଼ଗାଁ ଚାଲେଞ୍ଜ ସିଏଲ୍ଡ ଫୁଟବଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ବଡ଼ଗାଁ ଜୟ ହିନ୍ଦ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଜିଲାର ୨୪ଟି ଟିମ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ବଜରଙ୍ଗ ଦଳକୁ ହରାଇ ଗୋମାରଡିହି ଓ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ କଣ୍ଟିଆମୁରା ଟିମ ରଜାବସା ଟିମକୁ ହରାଇ ଫାଇନାଲକୁ ପ୍ରବେଶ କରିଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ କଣ୍ଟିଆମୁରା ଟିମ ଗୋମାରଡିହି ଟିମକୁ ପେନାଲଟି ଜରିଆରେ ୭-୬ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଉପାଧକ୍ଷା ରଶ୍ମିତା ପଟେଲ, ଜିଲା ପରିଷଦ କ ସଭ୍ୟ ଅମିୟ କୁମାର ପ୍ରଧାନ, ଜିଲା ପରିଷଦ ଖ ସଭ୍ୟା ସୋନାଲି ହେଷଙ୍କ ସହିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସଦର ବିଧାୟକ ଯୋଗେଶ କୁମାର୍ ସିଂ, ଜିଲା ପରିଷଦ ସଭ୍ୟ ପ୍ରଧାନ, ଭାଜପାର ବରିଷ୍ଠ ନେତା ସନ୍ତୋଷ ଆମତ, ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ଉପାଧକ୍ଷା ରଶ୍ମିତା ପଟେଲ, ବିଡିଓ ସୁମତି ପଣ୍ଡା, ତହସିଲଦାର ଝରଣା ପ୍ରଧାନ, ଥାନା ଅଧିକାରୀ ଆଶିଷ କୁମାର ଜେନା, ସରପଞ୍ଚ ଯୋଗିନ୍ଦ୍ର କିସାନ, ସୁଦୀପ ବାଡା, ଗୋବର୍ଦ୍ଧନ ହାହା ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମକୁ ୩୦ ହଜାର ଟଙ୍କା ସହିତ ଟ୍ରଫି, ଉପ ବିଜେତା ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ ସ୍ଥାନ ପାଇଥିବା ବଜରଙ୍ଗ ଦଳ ଟିମକୁ ୭ ହଜାର ଟଙ୍କା ସହିତ ଟ୍ରଫି ଓ ଚତୁର୍ଥ ସ୍ଥାନ ପାଇଥିବା ରଜାବସା ଟିମକୁ ୭ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଏହାସହିତ ମେନ ଅଫ ଦି ମ୍ୟାଚ ଓ ବେଷ୍ଟ ଗୋଲକିପର ଚୟନ ହୋଇଥିବା କଣ୍ଟିଆମୁରା ଟିମର ଅନିଲ ରାଣାଙ୍କୁ ପୁରସ୍କୃତ କରାଯାଇଥିଲା। ଗୋମାରଡିହି ଟିମର ଲାଲାଙ୍କୁ ବେଷ୍ଟ ସ୍କୋରେର ଓ ଗୋମାରଡିହି ଟିମର ସୁଶାନ୍ତ ଲାକ୍ରାଙ୍କୁ ବେଷ୍ଟ ଡିଫେନଡର ଭାବେ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ମ୍ୟାଚରେ ମେନ ଅଫ ଦି ମ୍ୟାଚ ଚୟନ କରି ପୁରସ୍କୃତ କରାଯାଇଥିଲା। ଅଭିଜ୍ଞ ରେଫରୀ ରମେଶ ଚନ୍ଦ୍ର ମାଝୀ, ବିକ୍ରମ ସିଂହ, ରାଜେଶ ଛତ୍ରିଆ, ନରେଶ ବାଗ, ରାଜୁ ନାଏକ ଖେଳ ପରିଚାଳନା କରିଥିଲା ବେଳେ ଆୟୋଜକ ଜୟ ହିନ୍ଦ କ୍ଲବର କର୍ମକର୍ତ୍ତା ରାଜା ହାଁସଦା, ସଞ୍ଜୟ ସୋରେଙ୍ଗ, କରନ ବାଗେ, କିରନ ହାଁସଦା, ଶିବା ସୋରେଙ୍ଗ, ପିୟୁଷ ବାଗେ, ପିୟୁସ ସୋରେଙ୍ଗ, ରିଙ୍କୁ ନାଏକ, ସଞ୍ଜୀବ ବାଗେ ପ୍ରମୁଖ ସହଯୋଗ କରିଥିଲେ। ଜୟ ହିନ୍ଦ କ୍ଲବର ଉପଦେଷ୍ଟା ତଥା ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷତତ୍ତ୍ୱାବଧାନରେ କ୍ଲବ କର୍ମକର୍ତ୍ତାମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ବଡ଼ଗାଁ ମିନି ଷ୍ଟାଡିୟମକୁ ଶନିବାର ଭାଜପାର ବରିଷ୍ଠ ନେତା ରଞ୍ଜନ ପଟେଲଙ୍କ ସହିତ ଆସିଥିବା ଜିଲା କ୍ରୀଡା ଅଧିକାରୀଙ୍କୁ ଆଉ ଏକ ଗ୍ୟାଲେରୀ ଓ ଡ୍ରେସିଂ ରୁମ ପାଇଁ ଅନୁରୋଧ କରାଯାଇଥିଲାବେଳେ ଡେପୁଟି ସ୍ପିକର ଭବାନୀ ଶଙ୍କର ଭୋଇଙ୍କୁ କ୍ଲବ ସଦସ୍ୟ ଓ ଉପଦେଷ୍ଟା ତଥା ଜିଲା ପରିଷଦ ସଭ୍ୟ ପ୍ରଧାନ ଏନେଇ ଜଣାଇଥିଲେ।

## କୁଆଁରମୁଣ୍ଡାରେ ସୁଭଦ୍ରା ସଚେତନତା ରଥକୁ ସ୍ୱାଗତ

**କୁଆଁରମୁଣ୍ଡା,୧୫।୯(ମହେନ୍ଦ୍ର କୁମାର ସାହୁ)**

ସୁଭଦ୍ରା ସଚେତନତା ରଥକୁ ରବିବାର କୁଆଁରମୁଣ୍ଡାରେ ବିପୁଳ ସ୍ୱାଗତ କରାଯାଇଛି। ବ୍ଲକରୁ ରଥ ବାହାରିବା ପରେ ମହିଳାମାନେ ସଚେତନତା ପ୍ଲାକାର୍ଡ ଧରି ସରକାରଙ୍କ ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାକୁ ପ୍ରଶଂସା କରିବା ସହ ଘରେ ଘରେ କିଭଳି ସୁଭଦ୍ରା ଯୋଜନା ବାର୍ତ୍ତା ପହଞ୍ଚିବ ସେ ନେଇ ସ୍ଲୋଗାନ ଦେଇ ରଥକୁ ବିଭିନ୍ନ ଅଞ୍ଚଳ ପରିକ୍ରମା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଡିଓ ଗଙ୍ଗାରାମ ବୁଡେକ, ଏଇଇ ଚୈତନ୍ୟ ହେମ୍ବ୍ରମ, ଓଏଲ୍‌ଏମ୍ ସଂଯୋଜିକା ରଶ୍ମିତା ବେହେରା ପ୍ରମୁଖ ସଞ୍ଚାଳନ କରିଥିବା ବେଳେ ଅଙ୍ଗନୱାଡିକର୍ମୀ ଓ ଭାଜପା ନେତା ଦିଲ୍ଲୀପ ପଟେଲ,ନାରୀ ନେତ୍ରୀ ରିନା ମେହେର ପ୍ରମୁଖ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।



କୁଆଁରମୁଣ୍ଡାରେ ସୁଭଦ୍ରା ସଚେତନତା ରଥ ପରିକ୍ରମା କରୁଛି।

## ସଂକ୍ଷେପରେ

### ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା

କୁଚିଣ୍ଡା,୧୫।୯(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପ୍ରଶାସନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ରବିବାର ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ସିଡିପିଓ ଯମୁନା ବାଘ, ବିପିଏମ ଟିପେନସନ ବେହେରା, ବିପିସି ପ୍ରଫୁଲ୍ଲ କିଣ୍ଡୋ, ବ୍ଲକ ଫେଡରେଶନ କର୍ମକର୍ତ୍ତା, ଅଙ୍ଗନୱାଡି ଓ ଆଶାକର୍ମୀ, କମ୍ୟୁନିଟି ସପୋର୍ଟ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଆଇସିଡିଏସ ସୁପରଭାଇଜର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ବ୍ଲକ କାର୍ଯ୍ୟାଳୟରୁ ବାହାରି କୁଚିଣ୍ଡା ଟାଉନ ହଲରେ ପହଞ୍ଚିଥିଲା। ଟାଉନ ହଲ ଠାରେ ଏନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଭଦ୍ରା ଯୋଜନା ପ୍ରତ୍ୟେକ ମହିଳାଙ୍କ ପାଖରେ ପହଞ୍ଚିବା ସହ ଉପଯୁକ୍ତ ସୂଚନା ଦିଆଯାଇପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହାରି ମାଧ୍ୟମରେ ମହିଳାମାନେ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହୋଇ ପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ରବିବାର କୁଚିଣ୍ଡା ବ୍ଲକର ୧୭ଗୋଟି ପଞ୍ଚାୟତର ସମସ୍ତ ଗ୍ରାମରେ ସୁଭଦ୍ରା ସଚେତନତା ପଦଯାତ୍ରା ହୋଇଯାଇଛି।

### ବ୍ଲକସ୍ତରୀୟ ସୁଭଦ୍ରା ସଚେତନତା ପଦଯାତ୍ରା

ନାକଟିଦେଉଳ,୧୫।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ସଦରଠାରେ ରବିବାର ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ବ୍ଲକସ୍ତରୀୟ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପଦଯାତ୍ରା ସ୍ଥାନୀୟ ଶିବ ମନ୍ଦିର ସମ୍ମୁଖରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ସେଠାରେ ପ୍ରଶାସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଧନେଇ ଚରଣ ଗୁଡ୍ଡୁ, ମହିଳା ଏବଂ ଶିଶୁ ବିକାଶ ଅଧିକାରୀ ରେବତୀ ବେହେରା ଏବଂ ମିଶନ ଶକ୍ତିର ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ କଁର ଅତିଥିଭାବେ ଯୋଗଦେଇ ସୁଭଦ୍ରା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥି ଯୋଜନାରେ ମହିଳାମାନେ ଛୋଟ ବ୍ୟବସାୟ କରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ।

# ନାରୀମାନେ ଭୟମୁକ୍ତ ହେବା ଜରୁରୀ

ସମ୍ବଲପୁର,୧୫।୯(ବି.ଶଙ୍କର)



ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜିତ ବ୍ୟାଖ୍ୟାନମାଳାରେ ବକ୍ତା ଓ କର୍ମକର୍ତ୍ତା।

**ରାଷ୍ଟ୍ରୀୟ ଏକୀକରଣ ଏବଂ ସୁରକ୍ଷା ଶୀର୍ଷକ ବ୍ୟାଖ୍ୟାନମାଳା**

ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀନିବାସ ଅଗ୍ରୱାଲଙ୍କ ସ୍ମୃତି ବ୍ୟାଖ୍ୟାନମାଳା ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଏକିକରଣ ଏବଂ ସୁରକ୍ଷା ଶୀର୍ଷକ ବ୍ୟାଖ୍ୟାନମାଳାରେ ଗୁଜୁରାଟର ସାମାଜିକ କର୍ମୀ କାଜଲ ହିନ୍ଦୁସ୍ତାନୀ ଯୋଗଦେଇ ସଂସ୍କୃତି ସୁରକ୍ଷା ଓ ସମାଜ ଜାଗରଣରେ ନାରୀଶକ୍ତିର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, ନାରୀମାନଙ୍କୁ ନିଜ ସୁରକ୍ଷା ନିଜେ କରିବାକୁ ପଡିବ। ସେଥିପାଇଁ ସେମାନେ ଆତ୍ମରକ୍ଷା ବିଷୟରେ ପ୍ରଶିକ୍ଷଣ ନେବା ଜରୁରୀ। ନଚେତ ସେମାନଙ୍କୁ ସର୍ବଦା ଅତ୍ୟାଚାରିତ ହେବାକୁ ପଡିବ। ତେଣୁ ନାରୀମାନଙ୍କୁ ଭୟମୁକ୍ତ ହେବାକୁ କାଜଲ ଆହ୍ୱାନ ଦେଇଥିଲେ।

ଅନ୍ୟତମ ବକ୍ତା ସନାତନ ମହାସଂଘ ପ୍ରତିଷ୍ଠାତା ଗୌତମ ଖଟ୍ଟର ଯୋଗଦେଇ ଭାରତୀୟ ଯୁବପିଢ଼ି: ଭବିଷ୍ୟତର ସଙ୍କଟ ଓ ସମାଧାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଅଧ୍ୟକ୍ଷ ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡ. ଉମ୍ବରୁଧର ପଟ୍ଟନାୟକ ସ୍ୱର୍ଗତ ଶ୍ରୀନିବାସ ଅଗ୍ରୱାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ପୂର୍ବତନ ପଶ୍ଚିମପ୍ରାନ୍ତର ସଂଘ ଚାଳକ ବିପିନ ବିହାରୀ ନନ୍ଦ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ସମୟରେ ବେଦିକ ମନ୍ତ୍ରର ଉଚ୍ଚାରଣ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶଭକ୍ତି ଗୀତ ପରିବେଷିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବନବାସୀ କଲ୍ୟାଣ ଆଶ୍ରମର ଦୁଇଜଣ ମେଧାବୀ ଛାତ୍ର ବୈଦ୍ୟରାଜ ଛତ୍ର(କଳାହାଣ୍ଡି) ଓ ନୀଳମଣି ପାତ୍ର(ଦେଓଗଡ଼)କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏକଲ ଅଭିଯାନ ପକ୍ଷରୁ ସର୍ବୋତ୍ତମ ଶିକ୍ଷକ ଭାବରେ ସୁଶ୍ରୀ ପ୍ରତିମା ନାୟକ ଓ ସର୍ବୋତ୍ତମ କଥାକାର ଭାବେ ସୁଶ୍ରୀ ବବିତା ବିଶ୍ୱାଳ ପୁରସ୍କୃତ ହୋଇଛନ୍ତି। ସେବ ଭାରତୀ ସଂସ୍ଥାର କାର୍ଯ୍ୟକର୍ତ୍ତା ଶିଶିର ପଟେଲ, କ୍ରିଷ୍ଣା ଗୋଶାଳା, ପୋଟାପାଲିର କାର୍ଯ୍ୟକର୍ତ୍ତା ମଙ୍ଗୁରାମ ଅଗ୍ରୱାଲ ଏବଂ ସତ୍ୟ ସାଇ ସେବା ସମିତି ସମ୍ବଲପୁରକୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ମାନସ ରଞ୍ଜନ ମିଶ୍ର ଓ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଡ. ନିରୱାନ ଅଗ୍ରୱାଲ ଧନ୍ୟବାଦ ସମ୍ଭାଷଣ ଦେଇଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ, ୭୬ ମାମଲାର ଫଇସଲା

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବଲପୁରରେ ତୃତୀୟ ଜିଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାସହ ରେଢ଼ାଖୋଲ, କୁଚିଣ୍ଡାରେ ତାଲୁକସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ଟି ଦେୱାନି, ୧୧ଟି ମୋଟରଯାନ ଦର୍ଘଟଣା ଜନିତ ଓ ୧୬ଟି ପରିବାର ସଙ୍କ୍ରାନ୍ତୀୟ ମାମଲା ମିଶି ମୋଟ ୬୭ଟି ବିଭିନ୍ନ ମାମଲାରୁ ଫଇସଲା କରାଯାଇଥିଲା। ସେଥିମଧ୍ୟରେ ୧୧ଟି ମୋଟରଯାନ ଦୁର୍ଘଟଣା ମାମଲାର ଫଇସଲା କରାଯାଇ ବାବଦକୁ ୬୭ ଲକ୍ଷ ୩୬ ହଜାର ଟଙ୍କା ଓ ୪୦ଟି ଦେୱାନୀ ମାମଲା ସହିତ ୧୬ଟି ପରିବାର ସଙ୍କ୍ରାନ୍ତିୟ ମାମଲା ମିଶି ୫୧ଟି ମମାଲର ଫଇସଲା କରାଯାଇ ୨ କୋଟି ୩୫ ଲକ୍ଷ ୭୫ ହଜାର ୦୬୨ଟଙ୍କା ଆଦାୟ କରାଯାଇଛି। ୮୯ଟି ଏନ୍‌ଆଇ ଫଇସଲା ପୂର୍ବକ ଆକ୍ଟର ଫଇଲା ବାବଦକୁ ୬ କୋଟି ୨୬ ଲକ୍ଷ ୫୮ ହଜାର ୪୬୩ ଟଙ୍କା ଆଦାୟ କରାଯାଇଛି। ସେହିପରି ଏହି ଲୋକ ଅଦାଲତରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଅନ୍ୟ ବ୍ୟାଙ୍କ ଯୋଗଦେଇ ୩୮ ଗୋଟି ପ୍ରି-ଲିଟିଗେସନ ମାମଲାର ଫଇସଲା କରି ୨୩ ଲକ୍ଷ ୫୫ ହଜାର ୨୫୬ ଟଙ୍କା ଆଦାୟ କରାଯାଇଛଇ। ରାଜସ୍ୱ ବିଭାଗରେ ୪୬୭୪ ମାମଲାର ଫଇସଲା କରାଯାଇ ୪ ଲକ୍ଷ ୧୮ ହଜାର ୮୦୨ ଟଙ୍କା ଆଦାୟ କରାଯାଇଛି। ୫ଟି ଲୋକ ଉପଯୋଗୀ ସେବା ବିବାଦ ମାମଲାର ସମାଧାନ କରି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୪ ଲକ୍ଷ ୨୭ ହଜାର ୦୮୦ ଟଙ୍କା ପ୍ରଦାନ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ସମ୍ବଲପୁରର ଅଧ୍ୟକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ଦ୍ୱିତୀୟ ଏମ୍‌ଏସିଟି ଜଜ ଦୀପ୍ତି ରଞ୍ଜନ କାନୁନଗୋ, ପ୍ରଥମ ଅତିରିକ୍ତ ଜିଲା ଜଜ ଶିବପ୍ରସାଦ ମିଶ୍ର ବିଭିନ୍ନ ମୋଟର ଦୁର୍ଘଟଣା ଜନିତ ମକଦ୍ଦମାର ସମାଧାନ କରିଥିଲେ। ପରିବାର କୋର୍ଟଜଜ ରୀନା ଚୌଧୁରୀ ପାରିବାରିକ ମାମଲା, ସିଭିଲ ଜଜ ନିହାର ରଞ୍ଜନ ଲେଙ୍କା, ସୋମାଲିନ ମିଶ୍ର, ମାନସ ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସହିତ ଅନ୍ୟ ସଭିଲ୍ ଜଜ ବିଭିନ୍ନ ଦେୱାନି ମକଦ୍ଦମାର ଫଇସଲା କରିଥିଲେ। ଫୌଜଦାରି ମାମଲାଗୁଡ଼ିକ ଫଏସଲା ଏସ୍‌ଡିଜେଏମ୍‌ଙ୍କ ସମେତ ପ୍ରଥମ ଶ୍ରେଣୀ ଜଜମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। କୁଚିଣ୍ଡାରେ ଅତିରିକ୍ତ ଜିଲାଜଜ ରାଜ କିଶୋର ଲେଙ୍କା ଓ ରେଢ଼ାଖୋଲରେ ପାର୍ଥ ସାରଥୀ ପଟନାୟକଙ୍କ ଅଧ୍ୟକ୍ଷତାରେ ତାଲୁକ ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲା ଅଇନ ସେବା ପ୍ରାଧିକରଣ ସମ୍ବଲପୁର ସଚିବ ସୌମ୍ୟା ପ୍ରଧାନ ଓ ଶୋଭେନ କାନୁନଗୋ ସମ୍ବଲପୁରରେ ଜିଲାସ୍ତରୀୟ ଲୋକ ଅଦାଲତ ପରିଚାଳନା କରିଥିଲେ।

# ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା



ସମ୍ବଲପୁରରେ ବାହାରିଥିବା ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରା।

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଆରମ୍ଭ ହୋଇଛି ସଚେତନତା ଅଭିଯାନ। ରବିବାର ଜିଲା ପ୍ରଶାସନ ଅନୁକୂଲ୍ୟରେ ସୁଭଦ୍ରା ଯୋଜନାକୁ ନେଇ ପୁରୁଣା ପୌର ପରିଷଦ କାର୍ଯ୍ୟାଳୟରୁ ଜିଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ବାହାରିଥିଲା। ସକାଳ ୮ଟାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସବୁଜ ପତାକା ଦେଖାଇ ପୁରୁଣା ପୌରପାଳିକା କାର୍ଯ୍ୟାଳୟରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ। ପଦଯାତ୍ରା ପରେ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଓ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ଯୋଜନାକୁ ନେଇ ଏକ ଗୋଷ୍ଠୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ମଲ୍ଲିକ କହିଥିଲେ ଯେ, ଆସନ୍ତା ୧୭ତାରିଖ ଠାରୁ ଏହି ଯୋଜନାର ଶୁଭାରମ୍ଭ ସହିତ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାରେ ପ୍ରଥମ କିସ୍ତି ଜମା ହେବ। ଏହି ଯୋଜନାକୁ ନେଇ ସଚେତନତା ରଥ ଓ ବିଭିନ୍ନ ସୂଚନା ତଥା ସଚେତନତା ପଦଯାତ୍ରା ମାଧ୍ୟମରେ ବ୍ଲକ, ପଞ୍ଚାୟତ ତଥା ଗ୍ରାମାଞ୍ଚଳରେ ବ୍ୟାପକ ଭାବେ ପ୍ରଚାର କରାଯିବ। ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ଏହି ଯୋଜନାକୁ ଉଦ୍‌ଘାଟନ କରିବେ ବୋଲି ସେ ସୂଚନା ଦେଇଥିଲେ।

# ପଶ୍ଚିମାଞ୍ଚଳ ଏକତା ମଞ୍ଚର ବୈଠକ

ସମ୍ବଲପୁର,୧୫।୯(ଭବାନୀ ଶଙ୍କର ଭୋଇ)

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜେଲଛକ ନିକଟ ଗୁରୁ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାର ବିକାଶ ନେଇ ହାତକୁ ନିଆଯିବାକୁ ଥିବା କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସମ୍ବଲପୁରୀ ସାହିତ୍ୟ ସଂଯୋଜକ ଡ ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ପରେ ଏହାକୁ ବିକଶିତ କରିବା ନିଷ୍ପତ୍ତି ନିଆଯାଇଥିଲା। ସମ୍ବଲପୁରୀ ଡେରା ପରିସରରେ ଅନ୍ୟ କୌଣସି ନିର୍ମାଣ କରାଯିବ ନାହିଁ। ସେଠାରେ ସମ୍ବଲପୁରୀ କାର୍ଯ୍ୟକ୍ରମ ପାଇଁ ବହୁମୁଖୀ ହଲ, ପାଠାଗାର ଏବଂ ପୁସ୍ତକ ସଂଗ୍ରହାଳୟ, ସମ୍ବଲପୁରୀ କପଡା ତଥା ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ପଡିଆର ବିକାଶ, ସମ୍ବଲପୁରୀ ଦିନ ଆୟୋଜନ ପାଇଁ ସ୍ଥାୟୀ ବ୍ୟବସ୍ଥା, ଡେରା ସମ୍ମୁଖ ଏବଂ ପଛ ପଟରେ ପାଚେରୀ ନିର୍ମାଣ ପାଇଁ ମହାନଗର ନିଗମ ପାଖରେ ଦାବି କରିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ବଲପୁରୀ ଡେରା ପରିସରରେ ସମ୍ବଲପୁରୀ ପାଇଁ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ସ୍ମୃତିଚିହ୍ନ ନିର୍ମାଣ କରିବାକୁ ବୈଠକର ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବିଶିଷ୍ଟ ସମ୍ବଲପୁରୀ ସଙ୍ଗଠକ ଉତ୍ପନ୍ନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଡେରାକୁ ବିକଶିତ କରାଗଲେ ଏହା ଏକ ଆକର୍ଷଣର କେନ୍ଦ୍ର ହୋଇ ପାରିବ ବୋଲି କହିଥିଲେ। ଆଗାମୀ ଜନଗଣନା ସମୟରେ ସମ୍ବଲପୁରୀକୁ ଅଧିକରୁ ଅଧିକ ଲୋକ ନିଜ ମାତୃଭାଷା ଭାବେ ସୂଚିତ କରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଭୋଇ ପରାମର୍ଶ ଦେଇଥିଲେ। ଲକ୍ଷ୍ମଣ ମଲ୍ଲିକ ସମ୍ମାନିତ ଅତିଥିଥିଲେ। ମାନସ ରଞ୍ଜନ ବକ୍ସି ସାତଦିନିଆ ସମ୍ବଲପୁରୀ ସମ୍ମେଳନୀ ଆୟୋଜନ ପ୍ରସ୍ତାବ ଦେଇଥିଲେ।

# ଶିଶୁକନ୍ୟାଙ୍କୁ ଭଲ, ଖରାପ ସ୍ପର୍ଶ ସଚେତନତା କାର୍ଯ୍ୟକ୍ରମ


ଶିଶୁକନ୍ୟାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ସମ୍ବଲପୁର ରୋଟାରୀ କ୍ଲବ ଗ୍ରେଟର ପକ୍ଷରୁ ଶିଶୁକନ୍ୟାଙ୍କ ମଧ୍ୟରେ ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶକୁ ନେଇ ଏକ ସଚେତନତା ଅଭିଯାନ ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ ବ୍ରଜମୋହନ ପଟ୍ଟନାୟକ ସରକରୀ ବିଦ୍ୟାଳୟରେ ରୋଟାରୀ କ୍ଲବ ଗ୍ରେଟର୍ ସଭାପତି ବିଲାଲ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶିଶୁ ସଶକ୍ତିକରଣ, ନିରାପଦ ଜୀବନ ଧାରଣ ଓ ସେମାନଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶେଷ କରି ଶିଶୁକନ୍ୟାମାନଙ୍କୁ ଭଲ ଓ ଖରାପ ସ୍ପର୍ଶ ବାବଦରେ ଅବଗତ କରିବା ପାଇଁ ପ୍ରଶିକ୍ଷିତ କରାଯାଇଥିଲା। ଏଥିସହ ଶିକ୍ଷକ ଓ ଅଭିଭାବକମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓ ଅଭିଭାବକଙ୍କ ସହିତ ପ୍ରଥମରୁ ବିଦ୍ୟାଳୟର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୯୮ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପବିତ୍ର ସ୍ୱାଇଁ, ଶିକ୍ଷୟିତ୍ରୀ ଶାନ୍ତନାମୟୀ ଷଡ଼ଙ୍ଗୀ, ଶ୍ରାବଣୀ ବେହେରା, ପୁଷ୍ପାଞ୍ଜଳି ମହାପାତ୍ର, ନିର୍ମଳା ବାରିକ, ରୋଟାରୀ କ୍ଲବ ଗ୍ରେଟର ସମ୍ପାଦକ ସୁମିତ ନାୟକ, ତ୍ରିଷ୍ଣାରାଣୀ ବାଗ୍, ଲକ୍ଷ୍ମୀପ୍ରିୟା ପ୍ରଧାନ, ନୀଲମ ଆନନ୍ଦ, ଲିପିକା ଦାସ, ଅଞ୍ଜୁ ଶର୍ମା, ରାଜୀବ ଜୈନ ଉପସ୍ଥିତ ଥିଲେ।

### ପଞ୍ଚଶାସନୀ ବ୍ରାହ୍ମଣ ସମାଜର ନୂଆଁଖାଇ ଭେଟ୍

ସମ୍ବଲପୁର,୧୫।୯(ଭବାନୀ ଶଙ୍କର ଭୋଇ)

# ନୂଆଁଖାଇ ପଶ୍ଚିମ ଓଡିଶାର ସଂସ୍କୃତିକୁ ଋଦ୍ଧିମନ୍ତ କରିଛି

ସମ୍ବଲପୁର ମହାନଗର ନିଗମର ୩୪ ନମ୍ବର ୱାର୍ଡ ଚାରଭାଟି ପଞ୍ଚଶାସନୀ ବ୍ରାହ୍ମଣ ସମାଜ ଭବନ ପରିସରରେ ନୂଆଁଖାଇ ଭେଟ୍ ଅନୁଷ୍ଠିତ ହୋଇଯାଇଛି। ପଞ୍ଚଶାସନୀ ବ୍ରାହ୍ମଣ ସମାଜର ଦିବଙ୍ଗତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମାଜର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼. ଶ୍ୟାମସୁନ୍ଦର ଧର, କୃଷି ବୈଜ୍ଞାନିକ ଅନନ୍ତରାମ ପଣ୍ଡା, ସମ୍ପାଦକ ହୃଷୀକେଶ ବେହେରା, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପତି, ଜଗଦୀଶ ତ୍ରିପାଠୀ ମଞ୍ଚାସୀନ ଥିଲେ। ହେମନ୍ତ ପାଢୀ, ତ୍ରିଲୋଚନ ତ୍ରିପାଠୀ, ପଙ୍କଜିନୀ ନାୟକ, କାମିନୀ ମୋହନ ଶର୍ମା, କୃଷ୍ଣଚନ୍ଦ୍ର ପତି, ତୃଷ୍ଣାମୟୀ ନାଥ ନୂଆଁଖାଇ ଉପରେ କବିତା ପାଠ କରିଥିଲେ। ଏହି ଅବସରରେ ଛୋଟ ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟବକ୍ତା ନାଟ୍ୟକାର ଡ. ଶ୍ୟାମସୁନ୍ଦର ଧର ତାଙ୍କ ବକ୍ତବ୍ୟରେ ନୂଆଁଖାଇ ପଶ୍ଚିମ ଓଡ଼ିଶାର ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଦୀପ୍ତ କୁମାର ନାଥ ତଥା ଅନ୍ୟ ସଦସ୍ୟ ନୂଆଁଖାଇ ପଶ୍ଚିମ ଓଡିଶାର ପରିଚୟ ବୋଲି କହିଥିଲେ। ବାଳକୃଷ୍ଣ ବିଶ୍ୱାଳ, ସରୋଜ ଧର, ହରିବନ୍ଧୁ ସେନାପତି, ଶ୍ରୀକାନ୍ତ ବିଶ୍ୱାଳ, ଅଜିତ ଧର, ମୀନକେତନ ନାଥ, ଗୌରହରି ସାହୁ, ଅଶୋକ ଦାଶ ସହଯୋଗ କରିଥିଲେ। ତୃଷ୍ଣାମୟୀ ନାଥ, ନିଶିକାନ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରସନ୍ନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଇଞ୍ଜିନିୟର୍ସ ଦିବସ ପାଳିତ

ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ରେ ଜାତୀୟ ଯନ୍ତ୍ରୀ ଦିବସ(ଇଞ୍ଜିନିୟରର୍ସ ଡେ) ପାଳିତ ହୋଇଯାଇଛି। ଭିସୁଟ୍ ସୁବର୍ଣ୍ଣ ଜୟନ୍ତୀ ସେମିନାର ହଲରେ ରବିବାର ଦେଶର ପ୍ରଥମ ଯନ୍ତ୍ରୀ(ଇଞ୍ଜିନିୟର) ଭାରତରତ୍ନ ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟଙ୍କ ସ୍ମରଣେ ତାଙ୍କର ୧୬୩ତମ ଜନ୍ମ ବାର୍ଷିକୀରେ ପାଳିତ ହୋଇଛି ଇଞ୍ଜିନିୟର୍ସ ଦିବସ। ମୁଖ୍ୟଅତିଥି ଭାବେ ଏହି ଶିକ୍ଷାନୁଷ୍ଠାନର ୧୯୮୮ ବ୍ୟାଚ ପୁରାତନ ଛାତ୍ର ତଥା ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ(ଇଏଣ୍ଡଏମ୍) ତଥା ସିଇଓ(ଏମ୍‌ବିପିଏଲ୍) ଇଂ. ଏସ.କେ.ଭୂୟାଁ ଓ ମୁଖ୍ୟବକ୍ତା ଭାବେ ୨୦୦୦ ବ୍ୟାଚ ପୁରାତନ ଛାତ୍ର ତଥା ସମ୍ବଲପୁର ଡିପିଡବ୍ଲ୍ୟୁଓଡିଏଲ୍‌ର ପ୍ରବର୍ତ୍ତନ ବିଭାଗ ମୁଖ୍ୟ ଇଂ. ଡିଏସ୍ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଭୟ ଅତିଥି ଏହି ଅନୁଷ୍ଠାନରେ ସେମାନଙ୍କ ବିଗତ ଦିବସର ସ୍ମୃତି ଓ ଅନୁଭୂତିକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ମୁଖ୍ୟବକ୍ତା ଇଂ.ମିଶ୍ର ଦୃତ ପରିବର୍ତ୍ତନଶୀଳ ପ୍ରଯୁକ୍ତି ବିଦ୍ୟାର ଚମତ୍କାରିତା, ବିବିଧତା ସହିତ ଏହାର ସଫଳ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇଲେକ୍ଟ୍ରିକାଲ ଇଞ୍ଜିନିରୟିଂ ବିଭାଗର ଡ. ସସ୍ମିତା ବେହେରାଙ୍କ ଦ୍ୱାରା ବିଶ୍ୱେଶ୍ୱରାୟଙ୍କ ବୃତ୍ତିଗତ ଜୀବନ, କାର୍ଯ୍ୟଶୈଳୀ, କାର୍ଯ୍ୟସମ୍ପାଦନ, ସଫଳତା ଓ ସମ୍ମାନର ସମଷ୍ଟିକୁ ନେଇ ପ୍ରସ୍ତୁତ ଏକ ସଂକ୍ଷିପ୍ତ ବାୟୋ-ସ୍କେଚ୍ ଉପସ୍ଥାପନ କରିଥିଲେ। କୁଳପତି ପ୍ରଫେସର ବିବି ପତି ଉତ୍ସବକୁ ସମ୍ବୋଧିତ କରିବା ସହ ଯୁବ ଇଞ୍ଜିନିୟରମାନଙ୍କୁ ଅଭିନବତାକୁ ଗୁରୁତ୍ୱ ଦେବାକୁ ଉତ୍ସାହିତ କରିଥିଲେ। ଶେଷରେ ଡ. ସସ୍ମିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଭିସୁଟ୍‌ର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିନ୍(ଫାକଲ୍ଟି ଓ ଯୋଜନା) ପ୍ରଫେସର ହରିଶ କୁମାର ସାହୁ, ପ୍ରଫେସର ଦେବଦତ୍ତ ମିଶ୍ର, ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ପ୍ରଫେସର ଆର କେ ସାହୁ, ଡ. ଶାନ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଅନ୍ନଦାତାଙ୍କ ପ୍ରତି ନୈତିକ ଦାୟିତ୍ୱ ସମ୍ପାଦନ କରୁନାହୁଁ

ସମ୍ବଲପୁର,୧୫।୯(ବି.ଶଙ୍କର)



ଅତିଥିଙ୍କ ଉପସ୍ଥିତିରେ ନୂଆଁଖାଇ ଭେଟ୍‌ଘାଟରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

**କଲମ ପରିବାର ପକ୍ଷରୁ ନୂଆଁଖାଇ ଭେଟ**

**■ ଭୋଜରାଜ ପରୁଆଙ୍କୁ କଲମ ସାରଥୀ ସମ୍ମାନ**

ନୂଆଁଖାଇ ଭେଟ୍‌ଘାଟ କଲମ ପରିବାର ଟ୍ରଷ୍ଟ ପକ୍ଷରୁ ରବିବାର ସମ୍ବଲପୁର ଜିଲା ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି। ସଭାପତି ତଫିଜୁଲ ହୁସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ହାସ୍ୟକବି ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୂଆଁଖାଇ ପର୍ବର ମୂଳ ହେଉଛି ଚାଷ। ବର୍ତ୍ତମାନ ଚାଷ ଜମି ପଡ଼ିଆ ପଡ଼ିଛି। ଦ୍ରବ୍ୟର ଦର ବଢିଲେ ମହଙ୍ଗା ଭତ୍ତା ବଢେ। କିନ୍ତୁ ଚାଷ ସମ୍ପର୍କିତ ଦ୍ରବ୍ୟର ଦର ବଢିଲେ ଆମେ ତାକୁ ଆକାଶ ଛୁଆଁ ବୋଲି କହିଥାଉ। ଚାଷୀ ବଞ୍ଚିଲେ ଯାଇ ନୂଆଁଖାଇ ପର୍ବ ଏମିତି ପାଳନ ହେଉଥିବ ବୋଲି ହାସ୍ୟ କବି ସାହୁ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ସାହିତ୍ୟିକ ଗବେଷକ ଉତ୍ପନ୍ନ ଭୋଇ କହିଥିଲେ ଯେ, ଆଗେ ଭାବ ଥାଇ ନୂଆଁଖାଇ ପାଳନ ହେଉଥିଲା। ଏବେ ଭାବ ନଥାଇ ନୂଆଁଖାଇ ଭେଟ୍‌ଘାଟ ପାଳନ ହେଉଛି। ଅନ୍ନଦାତାଙ୍କ ପ୍ରତି ଆମେ ଆମର ନୈତିକ ଦାୟିତ୍ୱ ସମ୍ପାଦନ କରୁନାହୁଁ। ନୂଆଁଖାଇ ଅବସରରେ ଜୈବିକ ଚାଷ ଓ ଚାଷୀଙ୍କ ବିଷୟରେ ଚିନ୍ତା କରିବା ବୋଲି କହିଥିଲେ। ସମ୍ମାନୀତ ଅତିଥି ସାହିତ୍ୟିକ ଗବେଷକ ମୋହନ ସାହୁ ତାଙ୍କ ବକ୍ତବ୍ୟରେ କୃଷକଙ୍କୁ ଅବହେଳା କରି ନୂଆଁଖାଇ ଭେଟ୍‌ଘାଟ ପାଳନ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରକାଶ କରି ଚାଷୀଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନ ପାଇଁ ଜୀବନକୁ ଉତ୍ସର୍ଗ କରିଥିବା ବିଶିଷ୍ଟ ସାହିତ୍ୟିକ, ଗୀତିକାର, ନାଟ୍ୟକାର ଭୋଜରାଜ ପରୁଆଙ୍କୁ କଲମ ସାରଥି ସମ୍ମାନ -୨୪ରେ ସମ୍ମାନିତ କରାଯାଇଥିଲା। ସେହିପରି କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳା ଚାଷୀ ଶଙ୍ଖଜିନୀ ପ୍ରଧାନଙ୍କୁ କଲମ ଚାଷୀ ସମ୍ମାନ, ପରିବେଶ ସୁରକ୍ଷାରେ ବ୍ରତୀ ମୀନକେତନ ସାହୁଙ୍କୁ କଲମ ପରିବେଶ ବନ୍ଧୁ ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସିଦ୍ଧାର୍ଥ ସାହାଙ୍କୁ କଲମ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା କାର୍ଯ୍ୟକୁ ସମ୍ପାଦକ କ୍ଷେତ୍ରମଣି ବିଭାର ପରିଚାଳନା କରିଥିବା ବେଳେ ସହ ସମ୍ପାଦକ ଡ.ସତ୍ୟନାରାୟଣ ଠାକୁର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ ମୋହିନୀ ହୋତା ଓ ଅନନ୍ୟା ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲଳିତ ମୋହନ ବେବର୍ତ୍ତା, ପିଙ୍କୁ ରଣବିଡାଙ୍କ ସହ କଲମ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫୫ ଜଣ କବି କବୟିତ୍ରୀ ଯୋଗଦାନ କରି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ଉପ ସଭାପତି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ କାହ୍ନୁ କେଶବ ବହିଦାର ଓ ମାନସ ଷଡଙ୍ଗୀ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରମୋଦ ମିଶ୍ର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୧୫।୯(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ କୁନ୍ତରା ପଞ୍ଚାୟତର ଗୁର୍ଲୁମୁଣ୍ଡା ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁର୍ଲୁମୁଣ୍ଡା ଗ୍ରାମର ବିଶ୍ୱନାଥ ନାଏକ(୪୫)। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ରବିବାର ସକାଳେ ବିଶ୍ୱନାଥ ନିଜ ବିଲକୁ କାମ କରିବାକୁ ଯାଇଥିଲେ। କାମ କରୁଥିବା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ବିଶ୍ୱନାଥଙ୍କୁ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରିବର୍ତ୍ତେ ଝଡାଫୁଙ୍କା ପାଇଁ ଗୁଣିଆ ପାଖକୁ ନେଇଥିଲେ। ସେଠାରେ ଅସଫଳ ହେବାପରେ ତାଙ୍କୁ ଏକ ସ୍କୁଟିରେ ବସାଇ କୁଚିଣ୍ଡା ସହରରେ ଥିବା ଜଣେ ଗୁଣିଆଙ୍କ ପାଖକୁ ନେଇଥିଲେ। ହେଲେ କୁଚିଣ୍ଡା ବସ୍‌ଷ୍ଟାଣ୍ଡରେ ବିଶ୍ୱନାଥ ଗୁରୁତର ହୋଇ ସ୍କୁଟିରୁ ପଡି ଯାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ପରାମର୍ଶକ୍ରମେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଶ୍ୱନାଥଙ୍କୁ ଝଡାଫୁଙ୍କା ବଦଳରେ ପରିବାର ବର୍ଗ ପ୍ରଥମେ ଯଦି କୁନ୍ତରା କିମ୍ବା କୁଚିଣ୍ଡା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ ତାଙ୍କର ଜୀବନ ବଞ୍ଚିଯାଇଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

### କେନ୍ଦୁପତ୍ର ବୋଝେଇ ବୋଲେରୋ ଜବତ

ରେଢାଖୋଲ,୧୫।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବଡମାଳ ରେଞ୍ଜ କର୍ମଚାରୀ ରବିବାର ଭୋରରୁ କେନ୍ଦୁପତ୍ର ଚୋରାଚାଲାଣ କରୁଥିବା ଏକ ବୋଲେରୋ ପିକଅପକୁ ମୋଚିବାହାଲ ଗ୍ରାମ ନିକଟରୁ ଜବତ କରିଛି। ଜବତ ବୋଲେରୋରୁ ୧୧୫ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଚୋରାଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ବୋଲେରୋ ପିକ୍‌ଅପ୍ (ନଂ. ଓଡି ୦୨ସିଡି–୭୧୭୪) ଯୋଗେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ସୂଚନା ପାଇ ବଡମାଳ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ଫରେଷ୍ଟର ସୁନୀଲ କୁମାର ମିର୍ଦ୍ଧା ଓ ଷ୍ଟାଫ ଚଢାଉ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ମାସରେ ବନଖଣ୍ଡର ବଡମାଳ, ଚାରମାଲ, ବଡବାହାଲ ଓ ରେଢାଖୋଲ ରେଞ୍ଜର ବିଭିନ୍ନ ଗ୍ରାମରୁ ୫ଟି ଛୋଟ ଗାଡି ସହ ଲକ୍ଷାଧିକ ଟଙ୍କାର ଚୋରା କେନ୍ଦୁପତ୍ର ଜବତ କରାଯାଇଛି। ତେବେ ଚୋରାଚାଲାଣକାରୀ ମାନେ ଧରାପଡୁନାହାନ୍ତି। ବନବିଭାଗ ଜବତ ଗାଡିର ନମ୍ବରକୁ ଭିତ୍ତିକରି ତଦନ୍ତ କଲେ ଚାଲାଣକାରୀ ଧରାପଡିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ହୀରାକୁଦ ଜଳଭଣ୍ଡାର: ବନ୍ଦ ହେଲା ଆଉ ୧୨ ଗେଟ୍



ସମ୍ବଲପୁର,୧୫।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହ୍ରସ ପାଇବାରୁ ରବିବାର ଏକକାଳୀନ ୧୨ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଛି। ଫଳରେ ଜଳଭଣ୍ଡାରରୁ ବର୍ତ୍ତମାନ ମାତ୍ର ଦୁଇଟି ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ କରାଯାଇଛି। ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୮.୧୦ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରରେ ବନ୍ୟାଜଳ ପ୍ରବେଶ ଓ ନିଷ୍କାସନ ପରିମାଣ ପ୍ରତି ସେକେଣ୍ଡରେ ସମାନ ୧ ଲକ୍ଷ ୨୯ ହଜାର ୫୧୩ ଘନଫୁଟ ରହିଛି। ୨ଟି ସ୍ଲୁଇସ୍ ଗେଟ୍ ଜରିଆରେ ୬୬ ହଜାର ୪୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୨୯ ହଜାର ୨୧୬ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୧୫ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି।

# ଏକାଠି ହେଲେ ଅସମ୍ଭବ ସମ୍ଭବ ହେବ

## ଯାଦବ ପ୍ରତିଭା ସମ୍ମାନ ସମାରୋହ

■ସମସ୍ତଙ୍କୁ ଭଲ ପାଅ, କର୍ମ କର

ସମ୍ବଲପୁର,୧୫।୯(ବି.ଶଙ୍କର)

ଗତ ସାଧାରଣ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହେବା କଥା ଘୋଷଣା ପରେ ମୋ ସହ ଥିବା ବହୁ ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କାର୍ଯ୍ୟକର୍ତ୍ତା ହତାଶ ହୋଇଯାଇଥିଲେ । ତେବେ ଯାଦବ ଭାଇମାନେ ଧର୍ଯ୍ୟହରା ନ ହୋଇ ସାହସ ଦେଇଥିଲେ । ଆଉ ଅନ୍ୟ ଜାତି, ସମ୍ପ୍ରଦାୟଠାରୁ ଆରମ୍ଭ କରି ଦଳୀୟ କର୍ମୀ, ସଙ୍ଗଠନଗୁଡ଼ିକ ମଧ୍ୟରେ ସମ୍ପର୍କର ସେତୁ ବାନ୍ଧିଥିଲେ। ଯାଦବ ସମାଜ ଏକାଠି ହେବା ଯୋଗୁ ୨୪ ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ନବୀନ ପଟ୍ଟନାୟକଙ୍କୁ ପରାଜିତ କରିବା ସମ୍ଭବ ହୋଇଥିଲା। ଏକାଠି ହେଲେ ସମସ୍ତ ଅସମ୍ଭବକୁ ସମ୍ଭବ କରିହେବ । ତେଣୁ ଯାଦବମାନେ ମିଳିତଭାବେ ଜଟିଳ ସମସ୍ୟାର ମୁକାବିଲା କରି ସଫଳତା ହାସଲ କରି ପାରବେ । ରବିବାର ସମ୍ବଲପୁର ଯାଦବ ସଂଘ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ ଯାଦବ ପ୍ରତିଭା ସମ୍ମାନ ସମାରୋହ ଓ ନୂଆଁଖାଇ ଭେଟଘାଟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏହା କହିଛନ୍ତି। ସମ୍ବଲପୁର ଯାଦବ ସଂଘର ସଭାପତି ଭୋଳାଶଙ୍କର ମହତମଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଲୋକକବି ରତ୍ନ ପଦ୍ମଶ୍ରୀ ହଲଧର ନାଗ କହିଲେ ଯେ, ଭଗବାନ କୃଷ୍ଣ ପ୍ରେମର ଅବତାର ଥିଲେ। କୃଷ୍ଣଙ୍କ ଠାରେ ସମସ୍ତଙ୍କ ପାଇଁ ଅଲଗା ଅଲଗା ପ୍ରେମ ରହିଥିଲା । କୃଷ୍ଣଙ୍କ ପଥ ଅନୁସରଣକରି ଆମେ ସମସ୍ତଙ୍କୁ ଭଲପାଇବା ଉଚିତ। ଭଗବାନ କୃଷ୍ଣ ସର୍ବଦା ଭଲ କର୍ମ କରିବାକୁ କହିଛନ୍ତି। ଏଥିସହ ଯାଦବମାନଙ୍କୁ ଏକତାର ପରିଚୟ ଦେବା ପାଇଁ ନିଜ ନାମ ସହିତ ଯାଦବ ଶବ୍ଦ ଯୋଡ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଧର୍ମଗଡ଼ କଲେଜର ବରିଷ୍ଠ ଅଧ୍ୟାପକ ମାଧବ ଲହଜଲ କହିଥିଲେ ଯେ, ଯାଦବ ଜାତି ଏକ ଲଢୁଆ ଜାତି। ବର୍ତ୍ତମାନ ସଚେତନତାର ଅଭାବ ରହିଛି। ସଙ୍ଗଠିତ ହେବା, ଜୀବନରେ ଭଲ କାମ କରିବା ଏବଂ ନିଜ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷା ସହିତ ନୈତିକତା ଓ ଅଧ୍ୟାତ୍ମିକତାକୁ ଯୋଡ଼ିଲେ ଜୀବନ ଜାଜ୍ୱଲ୍ୟମାନ ହେବ ବୋଲି ମୁଖ୍ୟବକ୍ତା କହିଥିଲେ । ଏହି ଅବସରରେ ଶିବଶମ୍ଭୁ ଯାଦବଙ୍କୁ ଯାଦବଶ୍ରୀ ସମ୍ମାନ ଦିଆଯାଇଥିଲା। ଏଥିସହ ମେଧାବୀ ଛାତ୍ରୀଛାତ୍ର ଓ ସେମାନଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀପ୍ରସାଦ ବାଗ ମଞ୍ଚ ପରିଚାଳନା କରିଥିଲେ। ସଂଘର ସଂପାଦକ ହେମନ୍ତ ଗହୀର ବିବରଣୀ ପାଠ ଓ ମୁଖ୍ୟ ପରାମର୍ଶଦାତା କୃଷ୍ଣଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ରାମଚନ୍ଦ୍ର ପୋଢ଼, ଉପଦେଷ୍ଟା ନରେଶ ବରଗର୍ତ୍ତୀ,ସହ ସଂପାଦକ ଗୁଣନିଧି ରାଉତ, କୋଷାଧ୍ୟକ୍ଷ ଜୟକିଶୋର ଜାଲ ପ୍ରମୁଖ ସହଯୋଗ କରିଥିଲେ।



ଆୟୋଜିତ ଯାଦବ ପ୍ରତିଭା ସମ୍ମାନ ସମାରୋହରେ ଅତିଥି ଓ ସମ୍ମାନିତ ବ୍ୟକ୍ତିବିଶେଷ ।

# ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ମାନସ



@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କନାବିରା ଗାଁରେ ନୂଆଁଖାଇ ଭେଟଘାଟ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ମୁରିବାହାଲ,୧୫।୯( ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତର କନାବିରା ଗାଁରେ ଗଣେଶ ପୂଜା କମିଟି ଓ ଗ୍ରାମବାସୀ ଙ୍କ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ହୃଷୀ କାଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା, ମୁଖ୍ୟବକ୍ତା ଭାବେ ଭିକାପଡା ସ୍କୁଲର ପ୍ରଧାନଶିକ୍ଷକ ମନୋଜ ଭରାସଗରିଆ, ବିଶେଷ ଅତିଥି ଭାବେ ହୁଲେଶ୍ୱର ହଂସ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅନିଲ ମାଝୀ, ଯାଦବ ନେତା ପ୍ରତାପ ଭାଟି, ନାଏବ ସରପଞ୍ଚ କୁନୁ ଭରାସଗରିଆ, ଭାଜପା ଓବିସି ମୋର୍ଚ୍ଚା ସଭାପତି ଧନସିଂ ନାଗ, ପୂର୍ବତନ ୱାର୍ଡମେମ୍ବର ସହଦେବ କାଣ୍ଡ, ଅଶୋକ ଛୁରା, ପରମେଶ୍ୱର ନାଗ, ତ୍ରିପୁରାରି ଭରାସଗରିଆ ଯୋଗଦେଇ କୃଷିଭିତ୍ତିକ ଓ ଭାଇଚାରାର ପର୍ବ ନୂଆଁଖାଇ ରେ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନରେଶ ବାଗ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପରମାନନ୍ଦ ଭାଟି, ଦିଲିପ କାଣ୍ଡ, ଆଶିଷ ଭାଟି, ଭରତ କାଣ୍ଡ,ହେମରାଜ ଭାଟି,ଦୁଶାସନ କାଣ୍ଡ,ବନ୍ତ ଭାଟଙ୍କ ସମେତ ଆୟୋଜକ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜଗବନ୍ଧୁ ପାତ୍ର ହେଲେ ଅଖିଳ ଭାରତ ବନ ସେବା ଅଧିକାରୀ ମହାସଂଘ ସାଧାରଣ ସମ୍ପାଦକ

ବୌଦ୍ଧ,୧୫।୯(ଅଜିତ କୁମାର ବାରିକ)

ଅଣ ଗେଜେଟେଡ ବନସେବା ରାଜ୍ୟ ସଂଘର ସଭାପତି ଜଗବନ୍ଧୁ ପାତ୍ର ନିଜର ସଂଘୀୟ କାର୍ଯ୍ୟକଳାପ ନେଇ ବର୍ତ୍ତମାନ ଅଖିଳ ଭାରତ ବନ ସେବା ଅଧିକାରୀ ମହାଂସଘ ନୂଆଦିଲ୍ଲୀର ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଗତ ୧୧ ତାରିଖରେ ଛତିଶଗଡ ରାଜ୍ୟର ରାୟପୁରଠାରେ ଅଖିଳ ଭାରତ ବନ ସେବା ଅଧିକାରୀ ମହାଂସଘ ପକ୍ଷରୁ ଜାତୀୟ ବନ ସହିଦ ଦିବସ ପାଳନ ହୋଇଥିଲା। ଏହି ଅବସରରେ ମହାସଂଘର ଏକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଶଗଡର ସତିଶ କୁମାର ମିଶ୍ର ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ତେଲେଙ୍ଗନାର କେ.ନାଗେନ୍ଦର ବାବୁ ଉପସଭାପତି, ଓଡିଶା ଅଣଗେଜେଟେଡ ବନସେବା ରାଜ୍ୟ ସଂଘର ସଭାପତି ଜଗବନ୍ଧୁ ପାତ୍ର ସାଧାରଣ ସଂପାଦକ, ଉତ୍ତରାଖଣ୍ଡର ହର୍ଷବର୍ଦ୍ଧନ ଯୁଗ୍ମ ସଂପାଦକ ଓ ମହାରାଷ୍ଟ୍ରର ସୁଧୀର ଧତ୍ରକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ପାତ୍ର ଅଖିଳ ଭାରତ ବନ ସେବା ଅଧିକାରୀ ମହାସଂଘର ସାଧାରଣ ସମ୍ପାଦକ ଭାବେ ମନୋନୀତ ହେବା ପରେ ରାଜ୍ୟ ଅଣଗେଜେଟେଡ ବନସେବା ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହାସହ ବୌଦ୍ଧ ସଂଘ ପକ୍ଷରୁ ମଧ୍ୟ ଅଭିନନ୍ଦନ ଜଣାଯାଇଛି । ପାତ୍ର ବର୍ତ୍ତମାନ ବୌଦ୍ଧ କେନ୍ଦୁପତ୍ର ବନଖଣ୍ଡରେ ଡେପୁଟି ରେଞ୍ଜର ଭାବେ କାର୍ଯ୍ୟରତ ଅଛନ୍ତି।



ଜଗବନ୍ଧୁ ପାତ୍ର।

# ସୁଭଦ୍ରା ଯୋଜନା ନେଇ ପଦଯାତ୍ରା

ବୌଦ୍ଧ,୧୫।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି କଚେରି ଛକ, ନୂଆସାହି ଛକ, ୱାରଲେସ ଛକ, ପୋଡାପୋଡା ଛକ ଦେଇ ଟାଉନହଲ ଠାରେ ପହଞ୍ଚିଥିଲା । ଏନେଇ ଟାଉନହଲଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ପଣ୍ଡା ମହିଳାମାନେ ଏହି ଯୋଜନାରେ ମିଳୁଥିବା ଅର୍ଥର ସଦୁପଯୋଗ କରିବା ସହ ସୁଭଦ୍ରା ଯୋଜନାର ଉପକାରିତା ବାର୍ତ୍ତାକୁ ପ୍ରଚାର ପ୍ରସାର କରିବାକୁ ଅନୁରୋଧ କରିଥିଲେ । ମିଶନ ଶକ୍ତିର ସଭାନେତ୍ରୀ ତପସ୍ୱିନୀ ଶତପଥୀ ଏହି ଯୋଜନାରେ ମହିଳାମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ସମାଜ ମଙ୍ଗଳ ଅଧିକାରୀ ଲୋଚନ ପୃଷ୍ଟି ସୁଭଦ୍ରା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଡିପିସି ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ ସଭା ପରିଚାଳନା କରିଥିଲେ। ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପୋଲିସ, ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ ।





ସୁଭଦ୍ରା ଯୋଜନା ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ ।

# ପେନାଲ୍‌ଟି ଶୁଟ ଆଉଟକୁ ନେଇ ରେଫରିଙ୍କୁ ଆକ୍ରମଣ ଅଭିଯୋଗ

ଲୋଇସିଂହା,୧୫।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ହୋଇଥିବା ବରିଷ୍ଠ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଏକ ଅଘଟଣ ଘଟିଯାଇଛି । ଖେଳ ପରିଚାଳନାରେ ଅଫିସିଆଲ ଭାବେ ନିୟୋଜିତ ଜଣେ ରେଫରି ଖେଳ ସାରି ଘରକୁ ଫେରୁଥିବା ବେଳେ ତେନ୍ତୁଲିଖୁଣ୍ଟି ଦଳର ଖେଳାଳି ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଜୀବନରେ ମାରିଦେବାକୁ ଉଦ୍ୟମ କରିବା ସହ ତାଙ୍କ ପର୍ସକୁ ଲୁଟି ନେଇଥିବା ନେଇ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି । ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ବିଶୃଙ୍ଖଳିତ ଖେଳାଳି ଏବଂ ଘଟଣାରେ ସମ୍ପୃକ୍ତ ସେହି ଗ୍ରାମର କେତେକ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପୋଲିସ ନିକଟରେ ଜିଲା କ୍ରୀଡା ସଂସଦ ପକ୍ଷରୁ ଦାବି ହୋଇଛି ।

ଘଟଣାରୁ ପ୍ରକାଶ ଯେ, ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଲୋଇସିଂହା ଥାନା ଅନ୍ତର୍ଗତ ସୁଜିଆ ଗ୍ରାମର ଖେଳପଡିଆରେ ସୁଜିଆ ଓ ତେନ୍ତୁଲିଖୁଣ୍ଟି ଏକାଦଶ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । କ୍ରୀଡା ସଂସଦ ପକ୍ଷରୁ ନିୟୋଜିତ ରେଫରି ଖେଳ ପରିଚାଳନା କରିଥିଲେ । ଖେଳର ନିୟମ ଅନୁଯାୟୀ ରେଫରି ଜଣକ ତେନ୍ତୁଲିଖୁଣ୍ଟି ପଟକୁ ଏକ ପେନାଲ୍ଟି ସୁଟ ମାରିବାକୁ ସୁଜିଆ ଖେଳାଳିଙ୍କୁ କହିଥିଲେ। ଏହି ନିଷ୍ପତ୍ତିକୁ ତେନ୍ତୁଲିଖୁଣ୍ଟି ଦଳର ଖେଳାଳି ବିରୋଧ କରି ପଡିଆ ମଧ୍ୟରେ ରେଫରଙ୍କୁ ଗାଳିଗୁଲଜ କରି ପଡିଆରୁ ବାହରିଲେ ଦେଖି ଦେବୁ କହି ଚେତାବନୀ ଦେଇଥିଲେ। କିନ୍ତୁ ରେଫରି ଖେଳର ଯାହା ନିୟମ କହି ସୁଜିଆ ଦଳକୁ ପେନାଲଟି ଶଟ୍ ମାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ପେନାଲ୍‌ଟି ଶଟ୍ ଗୋଲରେ ପରିଣତ ହୋଇଥିଲା। ଏହି ମ୍ୟାଚରେ ୩–୧ ଗୋଲରେ ସୁଜିଆ ବିଜୟୀ ହୋଇଥିଲା । ଖେଳ ସାରି ରେଫରି ଜଣକ ବୁର୍ଦ୍ଧାଛକ ଯୋଗୀସର୍ଡା ବାଟ ଦେଇ ତାଙ୍କ କୁଟାସିଂହା ଗ୍ରାମକୁ ଯାଉଥିଲେ । ହେଲେ ସେ ଲୁହୁରାପାଲି ଛକ ପର୍ଯ୍ୟନ୍ତ ହୋଇଥିବା ବେଳେ ତେନ୍ତୁଲିଖୁଣ୍ଟି ଦଳର ଖେଳାଳି ଏବଂ କେତେଜଣ ଲୋକ ତାଙ୍କୁ ଆକ୍ରମଣ କରି ବାଇକ୍ ଛଡାଇ ନେଇଥିଲେ । ତାଙ୍କ ପର୍ସରେ ଥିବା କିଛି ଟଙ୍କା,ସୁନା ଚେନ ଓ କେତେକ ଜରୁରୀ କାଗଜ ପତ୍ର ନେଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିବା ରେଫରି ଜଣକ ତାଙ୍କ ଏତଲାରେ ଦର୍ଶାଇଛନ୍ତି।

# ଦୁର୍ଗାପୂଜା ପାଇଁ ମୃତ୍ତିକା ଅନୁକୂଳ

ମୁରିବାହାଲ,୧୫।୯(ଶ୍ରୀବତ୍ସ ବେହେରା)

ମୁରିବାହାଲ ବ୍ଲକର ଗୋଇମୁଣ୍ଡ ଗ୍ରାମରେ ୪୮ ତମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ଦିନ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି ପାଇଁ ମୃର୍ତ୍ତିକା ଅନୁକୂଳ କରାଯାଇଥିଲା। ଯଥାରୀତି ପୂଜାର୍ଚ୍ଚନା କରାଯିବା ପରେ ଗ୍ରାମର ଟଙ୍ଗଜୋର କୂଳ ନିକଟରୁ ମୂର୍ତ୍ତି ପ୍ରସ୍ତୁତ ଉପଯୋଗୀ ମାଟି ଅନୁକୂଳ କରାଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ୪୭ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବିଧି ଏବଂ ନିଷ୍ଠାର ସହ ଗ୍ରାମରେ ଦୁର୍ଗାପୂଜା ପାଳିତ ହୋଇଆସୁଛି। ମୃର୍ତ୍ତିକା ଅନୁକୂଳ କାର୍ଯ୍ୟକ୍ରମରେ ସଭାପତି ଅକ୍ଷୟ କୁମାର ସାହୁ,କାର୍ଯ୍ୟକାରୀ ସଭାପତି ମିନିକେତନ ସାହୁ,ସମ୍ପାଦକ ଚିତ୍ତରଞ୍ଜନ ସାହୁ, କୋଷାଧ୍ୟକ୍ଷ ଗୋରେଖ ଭୋଇ, ଭକ୍ତବନ୍ଧୁ ସାହୁ, ମହୀଧର ଭୋଇ, କୈଳାସ ସାହୁ, ଅଶୋକ ନାରାୟଣ ଭୋଇ, ବାବୁନା ସାହୁ, ରୂପେଶ ସାହୁ, ପୀୟୁଷ ଭୋଇଙ୍କ ସହ ଗ୍ରାମବାସୀ ସାମିଲ ହୋଇଥିଲେ।

# ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୧୫।୯ (ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି କୁଦେଇପଡ଼ା ମା' ସମଲେଶ୍ୱରୀ ସଂଘ ପକ୍ଷରୁ ୩୪ତମ ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯଦୁମଣି କୁଦେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପବିତ୍ର ମୋହନ ପାଣ୍ଡିଆ, ଦୀନବନ୍ଧୁ ସୁନା, ସୁଦାମ ସାହୁ, ରତ୍ନାକର ସେଠ, ମହାଦେବ ଗଡତିଆ, ପ୍ରଶାନ୍ତ ସେଠ ଓ ମୃତ୍ୟୁଞ୍ଜୟ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩୪ତମ ବର୍ଷରେ ପଦାର୍ପଣ କରିଥିବା ଏହି ଗଣେଶ ପୂଜା ମା' ସମଲେଶ୍ୱରୀ ସଂଘର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଓ ନୂଆଁଖାଇ ତିହାରର ପରମ୍ପରା ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ଶଙ୍କର ମହାଲିଙ୍ଗ। ସଂଘ ସମ୍ପାଦକ ସୌମ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ମଙ୍ଗଳବାର ଭସାଣି ଉତ୍ସବ ହେବ ବୋଲି ପୂଜା କମିଟି ସଭାପତି କହିଛନ୍ତି।

# ମହାପୁରୁଷଙ୍କ ଜୀବନୀରୁ ଶିଖ

## ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୧୫।୯(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଅଷ୍ଟାଙ୍ଗ ଯୋଗର ମୁଦ୍ରା ପ୍ରଦର୍ଶନ କରିଥିଲେ। ଏହା ପରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ ଉଦ୍ୟୋଗପତି ବିଲଗେଟ୍‌ଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ନିଜର ଅଧ୍ୟବ୍ୟସାୟ ବଳରେ ସେ ଜଣେ କୋଟିପତି ହେବା ସହ ଅନ୍ୟମାନଙ୍କ ସକାଶେ ଉଦାହରଣ ହୋଇଛନ୍ତି ବୋଲି ପ୍ରଶିକ୍ଷକ ପାଟଯୋଷୀ କହିଥିଲେ।

ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ଥିଲେ । ଗାନ୍ଧିଜୀଙ୍କ ଏକାଦଶ ବ୍ରତର ଅସ୍ତେୟ ଓ ଅପରିଗ୍ରହ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । କୌଣସି ପରିସ୍ଥିତିରେ ଚୋରି ନ କରିବା ଓ ଲୋଭଗ୍ରସ୍ତ ନ ହେବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଯଦି ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଜୀବନୀରୁ ଶିକ୍ଷା ଗ୍ରହଣ କରି ସର୍ବଦା ସତ୍ୟ ଓ ଅହିଂସା ପଥକୁ ଅନୁସର କରିବେ, ତେବେ ସେମାନେ ଜୀବନରେ ନିଶ୍ଚିତ ଭାବେ ସଫଳ ହୋଇପାରିବେ । ଏଥିରେ କୌଣସି ପ୍ରକାର ସନ୍ଦେହ ନାହିଁ। ପ୍ରକୃତପକ୍ଷେ ଛାତ୍ରୀଛାତ୍ରମାନେ ଚୋରି ଓ ଲୋଭକୁ ପରିତ୍ୟାଗ କରିବା ସମୟ ଆସିଛି । ଯଦ୍ୱାରା ସୁସ୍ଥ ଓ ସୁନ୍ଦର ରାଷ୍ଟ୍ର ନିର୍ମାଣରେ ସେମାନେ ସହଯୋଗ ହୋଇ ପାରିବେ ବୋଲି ପ୍ରଶିକ୍ଷକ ମହାପାତ୍ର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ସଞ୍ଚାଳକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭରେ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ କରିବା ସହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଜୟ କୁମାର ସାହୁ ବୈଷୟିକ ସାହଯ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ପୃଥ୍ୱୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର, ଡ଼. ଗିରିଧାରୀ ହୋତାଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ସମବେତ ଜାତୀୟ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ପ୍ରଶିକ୍ଷଣ ଶିବିରରେ ୧୪ଟି ଉଚ୍ଚବିଦ୍ୟାଳୟରୁ ୩୫ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲା ।



ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

# 'ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ଅନୁପ୍ରବେଶ ଝାଡ଼ଖଣ୍ଡ ପାଇଁ ବିପଦ'

## ଝାଡ଼ଖଣ୍ଡରେ ମୋଦି ଜେଏମ୍ଏମ୍ ଉପରେ ବର୍ଷିଲେ

ଜାମସେଦପୁର,୧୫ା୯(ପି.ଟି.)

ଝାଡ଼ଖଣ୍ଡର ଶାସକ ଜେଏମ୍ଏମ୍ ନେତୃତ୍ୱାଧୀନ ମେଣ୍ଟ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାମାନଙ୍କୁ ଅନୁପ୍ରବେଶ ଲାଗି ପ୍ରୋତ୍ସାହିତ କରୁଛି। ସେମାନେ ରାଜ୍ୟ ପାଇଁ ବଡ଼ ବିପଦ ଭାବେ ଉଭା ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ଗୋପାଳ ମଇଦାନରେ ଭାଜପାର ପରିବର୍ତ୍ତନ ମହାରାଲିକୁ ସମ୍ବୋଧିତ କରି କହିଛନ୍ତି। ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କ ଉପସ୍ଥିତି ସାନ୍ତାଳ ପ୍ରଗଣା ଏବଂ କୋଲ୍ହନ ଅଞ୍ଚଳର ଜନସଂଖ୍ୟାରେ ଦ୍ରୁତ ପରିବର୍ତ୍ତନ ଆଣିଛି। ସେଠାରେ ଆଦିବାସୀ ଜନସଂଖ୍ୟା ହ୍ରାସ ପାଉଛି। ଅନୁପ୍ରବେଶକାରୀମାନେ ପଞ୍ଚାୟତ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ସହ ଜମି ଦଖଲ କରୁଛନ୍ତି। ରାଜ୍ୟର ଝିଅମାନଙ୍କୁ ସେମାନେ ଅତ୍ୟାଚାର କରୁଛନ୍ତି। ଝାଡ଼ଖଣ୍ଡର ପ୍ରତ୍ୟେକ ବାସିନ୍ଦା ନିଜକୁ ଅସୁରକ୍ଷିତ ମଣୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭୋଟ ପାଇଁ ଅନୁପ୍ରବେଶକାରୀଙ୍କୁ ଜେଏମ୍ଏମ୍ ସମର୍ଥନ କରୁଛି। ଏହି ବେଆଇନ ପ୍ରବାସୀମାନେ ରାଜ୍ୟର ଶାସକ ଦଳ ଉପରେ ପ୍ରଭାବ ବିସ୍ତାର କରିଛନ୍ତି। କ୍ଷମତାଲିପ୍ସୁ ଜେଏମ୍ଏମ୍, ଆର୍‌ଜେଡି ଏବଂ କଂଗ୍ରେସ ଝାଡ଼ଖଣ୍ଡର ବଡ଼ ଶତ୍ରୁ ବୋଲି ମୋଦି କହିଛନ୍ତି। ଆର୍‌ଜେଡି ଝାଡ଼ଖଣ୍ଡ ରାଜ୍ୟ ଗଠନର ପ୍ରତିଶୋଧ ନେଉଥିବାବେଳେ କଂଗ୍ରେସ ଉକ୍ତ ରାଜ୍ୟକୁ ଘୃଣା କରିବା ସହ ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାରୁ ବଞ୍ଚିତ କରିଛି। ଜେଏମ୍ଏମ୍ ଆଦିବାସୀଙ୍କ ଭୋଟ ବଳରେ କ୍ଷମତାକୁ ଆସିବା ପରେ ସେମାନଙ୍କ ଜମି ଓ ଜଙ୍ଗଲ ହଡ଼ପ କରୁଥିବା ଶକ୍ତି ଦ୍ୱାରା ସେମାନଙ୍କଠାରୁ ଦୂରେଇ ଯାଇଛି। ଦଳିତ, ପଛୁଆବର୍ଗ ଓ ଆଦିବାସୀଙ୍କ ପରିବର୍ତ୍ତେ ଜେଏମ୍ଏମ୍ ଭୋଟବ୍ୟାଙ୍କ ରାଜନୀତି ଚଳାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାଡ଼ଖଣ୍ଡର ଜାମ୍‌ସେଦପୁର ଅନ୍ତର୍ଗତ ଗୋପାଳ ମଇଦାନରେ ଭାଜପାର ପରିବର୍ତ୍ତନ ମହାରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତାମାନେ।

# କଂଗ୍ରେସଠାରୁ ଲୋକେ କେବଳ ମିଛର ଗ୍ୟାରେଣ୍ଟି ପାଇଥାଆନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫ା୯ (ଅନୁରାଧା ମହାରଣା)

ହରିୟାଣାର ବିକାଶକୁ ସମ୍ପୂର୍ଣ୍ଣ ବନ୍ଦ କରି ପୁଣି ଥରେ କୃଷକଙ୍କ ଜମି ଦଖଲ କରିବା, ଦଳିତ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ଏବଂ ଯୁବକମାନଙ୍କୁ ସେହି ପୁରୁଣା ସ୍ଥିତାବସ୍ଥାକୁ ଫେରାଇ ଆଣିବା ହେଉଛି କଂଗ୍ରେସର ମୂଳ ରାଜନୈତିକ ଉଦ୍ଦେଶ୍ୟ। କଂଗ୍ରେସଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି ବୋଲି ହରିୟାଣାର ଭାଜପା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ନିର୍ବାଚନୀ ପ୍ରଚାର ପାଇଁ ହରିୟାଣା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କର୍ନାଲରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଭେଟିବା ସହ ସାଂଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର କହିଥିଲେ, ହରିୟାଣାରେ ଭାଜପା ବିଜୟର ହ୍ୟାଟ୍ରିକ କରିବାକୁ ଯାଉଛି। ବିଗତ ୧୦ ବର୍ଷରେ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଭାଜପା ନିରନ୍ତର ହରିୟାଣାର ସେବା କରିଆସୁଛି। ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ପ୍ରତ୍ୟେକ ବର୍ଗଙ୍କ କଲ୍ୟାଣ ପାଇଁ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ନେଉଛନ୍ତି । କୃଷକମାନଙ୍କୁ ସମସ୍ତ କୃଷି ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି)ର ଗ୍ୟାରେଣ୍ଟି ଦେବାରେ ହରିୟାଣା ହେଉଛି ପ୍ରଥମ ରାଜ୍ୟ। ଭାଜପା ସରକାରରେ ଏହି ରାଜ୍ୟରେ ଯୁବବର୍ଗଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି। ଗୋଟିଏପଟେ ସୈନୀ ସରକାର ଚାଷୀଙ୍କ ସ୍ୱାର୍ଥ ପାଇଁ ଚିନ୍ତା କରୁଥିବାବେଳେ ଅନ୍ୟପକ୍ଷରେ କଂଗ୍ରେସର ବାପପୁଅଙ୍କ ଶାସନରେ ଚାଷୀଙ୍କ ଚାଷଜମି ଦଖଲ ଯୋଜନା ହୋଇଛି। ଯେଉଁମାନେ ଏମ୍ଏସ୍‌ପି ନାଁରେ ଚାଷୀଙ୍କୁ ଠକିଥା'ନ୍ତି ସେମାନେ କେବେ ବି ନିଜ ସରକାରରେ ଗ୍ୟାରେଣ୍ଟି ପୂରଣ କରନ୍ତି ନାହିଁ। କଂଗ୍ରେସଠାରୁ ଜନତା କେବଳ ମିଛର ଗ୍ୟାରେଣ୍ଟି ପାଇଥା'ନ୍ତି । ହରିୟାଣାର ସଚେତନ ଓ ସ୍ୱାଭିମାନୀ ଲୋକମାନେ କଂଗ୍ରେସର ହରିୟାଣା ବିରୋଧୀ ଓ ଜନବିରୋଧୀ ମାନସିକତାକୁ ଭଲ ଭାବରେ ବୁଝିଛନ୍ତି। ସେଥିପାଇଁ ଆଗାମୀ ବିଧାନସଭା ନିର୍ବାଚନରେ ଜନତା କଂଗ୍ରେସ ଏବଂ ବାପପୁଅଙ୍କୁ ହରାଇ ସେମାନଙ୍କୁ ଏକ ଶିକ୍ଷା ଦେବାକୁ ଯାଉଛନ୍ତି। ହରିୟାଣାର ଭାଜପାର ଡବଲ ଇଞ୍ଜିନ ସରକାର କୃଷକ, ମହିଳା, ଦଳିତ, ବଞ୍ଚିତ ଏବଂ ଯୁବବର୍ଗଙ୍କ ନିରବଚ୍ଛିନ୍ନ ବିକାଶ କରି ବିକଶିତ ହରିୟାଣା ଗଠନ କରିବା କାମରେ ଲାଗିଥିବା ଧର୍ମେନ୍ଦ୍ର କହିଛନ୍ତି।



ହରିୟାଣାରେ କର୍ନାଲଠରେ ଭାଜପା ନିର୍ବାଚନ ପ୍ରଭାରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ପାରାଦୀପ ବିଜେଡି କନ୍ଦଳ ଥାନାକୁ ଗଲା

## ପରସ୍ପର ବିରୋଧରେ ଅଭିଯୋଗ କଲେ ସମ୍ବିତ-ବସନ୍ତଙ୍କ ସମର୍ଥକ

ପାରାଦୀପ,୧୫ା୯(ଶରତ ରାଉତ)

ଗତ ସାଧାରଣ ନିର୍ବାଚନ ପୂର୍ବରୁ ପାରାଦୀପ ବିଜେଡି ମଧ୍ୟରେ ଚାଲିଥିବା ଶୀତଳ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ବିଶେଷକରି ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ବର୍ତ୍ତମାନ ପାରାଦୀପ ନଗର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ଶନିବାର ଓ ରବିବାର ବସନ୍ତ-ସମ୍ବିତଙ୍କ ସମର୍ଥକ ପାରାଦୀପ ଆଦର୍ଶ ଥାନାରେ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପାରାଦୀପ ବିଜେଡିରେ ରାଜନୀତି ସରଗରମ ହୋଇଛି। ଶନିବାର ରାତିରେ ବସନ୍ତଙ୍କ ସମର୍ଥକ ତଥା ଜିଲା ବିଜେଡି ସାଧାରଣ ସମ୍ପାଦକ ମନୋଜ କୁମାର ବେହେରା ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ସମ୍ବିତଙ୍କ ସମର୍ଥକ ପାରାଦୀପ ନଗର ବିଜେଡି କାର୍ଯ୍ୟକାରୀ ସଭାପତି କୁମରବର



ସମ୍ବିତ ରାଉତରାୟ



ବସନ୍ତ ବିଶ୍ୱାଳ

ନାୟକ, ପୂର୍ବତନ ବିଧାୟକ ପ୍ରତିନିଧି ରଶ୍ମିରଞ୍ଜନ ପରିଡ଼ା, ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର ୧୩ ତାରିଖ ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ସେମାନେ ଲୋକପ୍ରିୟ ନେତା ବସନ୍ତଙ୍କ ବିରୋଧରେ କିଛି ଆପତ୍ତିଜନକ ଶବ୍ଦ ବ୍ୟବହାର କରିଥିଲେ। ତାଙ୍କୁ ଦଳରୁ ବହିଷ୍କାର କରା ନ ଗଲେ ମାରି ବିଦା କରିବୁ ବୋଲି କହିଥିଲେ। ଜଣେ ନେତାଙ୍କୁ ଗଣମାଧ୍ୟମ ଆଗରେ ମାରିବା ଭଳି ଧମକ ଦେବା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏହି ଘଟଣା ପରେ ରବିବାର ସମ୍ବିତଙ୍କ ସମର୍ଥକ ମାନସ ବିଶ୍ୱାଳ ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୧୧ ତାରିଖ ସାଙ୍ଗଠନିକ ସଭାରେ ବସନ୍ତ ଓ ଅନ୍ୟ କେତେଜଣ କର୍ମୀ ପୂର୍ବତନ ବିଧାୟକ ସମ୍ବିତଙ୍କ ବିରୋଧରେ କଟୁ ଶବ୍ଦ ପ୍ରୟୋଗ କରିଥିଲେ। ସେ ଦଳରେ ବିଭିନ୍ନ ପଦପଦବୀରେ ରହି ଯେଉଁ ସୁବିଧା ସୁଯୋଗ ନେଇଛନ୍ତି ତା'ର ତଦନ୍ତ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିନାହିଁ। କିନ୍ତୁ ଅଭିଯୋଗ ଘଟଣାକୁ ନେଇ ୨ ନେତାଙ୍କ ସମର୍ଥକ ମୁହାଁମୁହିଁ ଅବସ୍ଥାରେ ରହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପରାଜୟ ଘଟଣାକୁ ପୂର୍ବତନ ବିଧାୟକଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଥିରେ ବସନ୍ତ ଦଳ ବିରୋଧ କାମ କରି ଭାଜପା ପ୍ରାର୍ଥୀଙ୍କ ପାଇଁ ଲୁକ୍କାୟିତ ଭାବେ କାମ କରୁଥିଲେ ବୋଲି ପ୍ରଥମେ ଚର୍ଚ୍ଚା ହେଉଥିଲା। ଗତ ଜୁଲାଇରେ ବିଜେଡିର ସମ୍ବିତଙ୍କ ସମର୍ଥକମାନେ ବନ୍ଧୁମିଳନ ସଭା କରିଥିଲେ। ସେଥିରେ ବସନ୍ତ ଅନୁପସ୍ଥିତ ଥିଲେ। ପୁଣି ଅଗଷ୍ଟରେ ଜନଜାଗରଣ ଶୋଭାଯାତ୍ରା କରାଯାଇଥିଲା। ସେଥିରେ ମଧ୍ୟ ବସନ୍ତ ଅନୁପସ୍ଥିତ ଥିଲେ। ଏହି ଘଟଣା ପରେ ବସନ୍ତ ସେପ୍ଟେମ୍ବର ୧୧ରେ ସାଙ୍ଗଠନିକ ସଭା କରିଥିଲେ। ସେଥିରେ ଦଳର ଆଗଧାଡ଼ିର କର୍ମୀ, ପୂର୍ବତନ ଏମ୍‌ପି କୁଳମଣି ସାମଲ, ରାଜ୍ୟ ସମ୍ପାଦକ ପ୍ରମୋଦ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସମ୍ବିତ କିମ୍ବା ତାଙ୍କ ସମର୍ଥକ ନ ଥିଲେ। ସେହି ସଭା ପରେ ଏବେ ଥାନାରେ ଅଭିଯୋଗ ହୋଇଛି।

# ଶଙ୍ଖ ଛାଡ଼ି ପଦ୍ମ ଧରିଲେ ସରପଞ୍ଚ

ଭୋଗରାଇ,୧୫ା୯(ପ୍ରଦୀପ ଦାସ)

ସାଧାରଣ ନିର୍ବାଚନ ୩ମାସ ବିତିବା ପରେ ଏବେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। ସୁନାଧରବସାଣ ପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଦତ୍ତ ଭୋଗରାଇ ଥାନା ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ସାମିଲ ହୋଇ ଉତ୍ତରୀୟ ପରିଧାନ କରିଛନ୍ତି। ଏହି ସମୟରେ ବାଲେଶ୍ୱର ଏମ୍‌ପି ଡ. ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, ସମିତିସଦସ୍ୟ ରାଧାକାନ୍ତ ପ୍ରଧାନ, ଆଶିଷ କୁମାର ମହାନ୍ତି, କ୍ୟାପଟେନ ଅଶୋକ କୁମାର ଦାସ, ସୁନୀଲ କୁମାର କର, ଅମଳେନ୍ଦୁ ଦାସ, ପରମାନନ୍ଦ ପରିଡାଙ୍କ ସହ ବହୁ ଭାଜପା ନେତା ଉପସ୍ଥିତ ରହି ଭାଜପା ଶକ୍ତି ବୃଦ୍ଧି ହେବା ସହିତ ଆଗାମୀ ୨୬ ପଞ୍ଚାୟତ ଭାଜପା ଦଖଲ କରିବ ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏଥିରେ ବିଜେଡିର କୌଣସି କ୍ଷତି ହେବ ନାହିଁ ବୋଲି ଶାଖା ସଭାପତି ରମାକାନ୍ତ କରଣ ସୂଚନା ଦେଇଛନ୍ତି।

# ରୂପେଶଙ୍କ ଅଭିଯୋଗକୁ ଖଣ୍ଡନ କଲେ ସ୍ମୃତିରେଖା

ଧର୍ମଶାଳା/କାଏମା,୧୫ା୯(ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତ)

ଯାଜପୁର ଜିଲା ଧର୍ମଶାଳାର ଭାଜପା ନେତ୍ରୀ ସ୍ମୃତିରେଖା ପହି ରୂପେଶ ଭଦ୍ରଙ୍କୁ ଟଙ୍କା ମାଗିବା ସହ ତାଙ୍କୁ ବ୍ଲାକମେଲ କରିଥିବା ନେଇ ଅଭିଯୋଗ ହେବାପରେ ନାନା ଆଲୋଚନା ଜାରିରହିଛି। ଏହାମଧ୍ୟରେ ରବିବାର ଜାରକାସ୍ଥିତ ନିଜ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ରୂପେଶଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ସ୍ମୃତିରେଖା। ସେ କହିଛନ୍ତି, ଧର୍ମଶାଳାର ପୂର୍ବତନ ବିଧାୟକଙ୍କ ପାଖ ଲୋକ ଥିବା ରୂପେଶ ତାଙ୍କ ଯୋଗାଯୋଗରେ ରହିଥିଲେ। ସେଥିଲାଗି ସ୍ମୃତିରେଖା ତାଙ୍କୁ ଫୋନ କରିବା ସହିତ ଭୁବନେଶ୍ୱରରେ ଭେଟି ଆଲୋଚନା କରିଥିଲେ। ରୂପେଶ ଅଭିଯୁକ୍ତ ହେଲେ ବି ତାଙ୍କର ଭୋଟ ଦେବାର ଅଧିକାର ରହିଛି ଏବଂ ସେ ୪ ପଞ୍ଚାୟତରେ ଭାଜପାକୁ ଜିତାଇବେ ବୋଲି ପହିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ନୁହେଁଯେ ସେ ରୂପେଶଙ୍କୁ ୫୦ଲକ୍ଷ ଟଙ୍କା ମାଗିଥିଲେ। ପହି ଗତ ମାର୍ଚ୍ଚରେ ରୂପେଶଙ୍କୁ ଭିଡିଓ କଲ କରିଥିଲେ। ଏହି ଫୋନ କଲର ଦେଢ଼ ବର୍ଷ ପରେ ରୂପେଶ କାହିଁକି ଏଭଳି ଅଭିଯୋଗ ଆଣିଲେ ଏବଂ ଏହା ପଛରେ କାହାର ହାତ ରହିଛି ତାହା ପରବର୍ତ୍ତୀ ସମୟରେ ସ୍ପଷ୍ଟ ହେବ। ରୂପେଶ ଟଙ୍କା ମାଗିବାର ପ୍ରମାଣ ଦିଅନ୍ତୁ ବୋଲି ପହି କହିଥିଲେ। ଏଥିସହ ପହି ପୂର୍ବତନ ପିଇଓ ସ୍ମିତାରାଣୀଙ୍କ ସ୍ୱାମୀ ଶୁଶୀଲ ବିଶ୍ୱାଳ ଓ ଭାଜପାର କିଛି କାର୍ଯ୍ୟକର୍ତ୍ତାଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀଙ୍କୁ ଭେଟି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଏଥିସହିତ ସ୍ମିତାରାଣୀଙ୍କ ଚାକିରି ଜୀବନରେ ବ୍ଲକରେ ରହିଯାଇଥିବା ବକେୟା ପାଉଣା ପାଇବା ଲାଗି ଅନୁରୋଧ କରିଥିଲେ ବୋଲି କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଓବିସି ସେଲ ସଂଯୋଜକ ରାକେଶ ନାୟକ, ଭାଜପା ଓବିସି ସେଲ ଜିଲା ସଭାପତି ମାନସ ରଞ୍ଜନ ନାୟକ, ଭାଜପା ମଣ୍ଡଳ ସଭାପତି ହିମାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ବହୁଚର୍ଚ୍ଚିତ ହରିଦାସପୁର ପୂର୍ବତନ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ମାମଲାରେ ଛନ୍ଦି ହୋଇପଡ଼ିଥିବା ପୂର୍ବତନ ହରିଦାସପୁର ସରପଞ୍ଚଙ୍କ ସ୍ୱାମୀ ରୂପେଶ ୨ ଦିନ ତଳେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏଥିରେ ସେ ଭାଜପା ନେତ୍ରୀ ସ୍ମୃତିରେଖା ତାଙ୍କୁ ବିଭିନ୍ନ ସମୟରେ ଭଏସ କଲ ଏବଂ ଚାଟିଙ୍ଗ କରି ୫୦ ଲକ୍ଷ ଟଙ୍କା ମାଗୁଥିବା ନେଇ ଅଭିଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତ୍ରୀ ସ୍ମୃତିରେଖା ପହି ଓ ଅନ୍ୟମାନେ।

# ଟେଣ୍ଟ୍ ନିର୍ମାଣ ପାଇଁ ଭାଜପା, ବିଜେଡି କର୍ମୀ ମୁହାଁମୁହିଁ

ଯାଜପୁର ଟାଉନ,୧୫ା୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ୍‌ରେ ପ୍ରଧାନମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ କାର୍ଯ୍ୟକ୍ରମର ଟେଣ୍ଟ୍ ନିର୍ମାଣ ପାଇଁ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଏନ୍‌ସି କଲେଜ ପଡ଼ିଆରେ ଭାଜପା କର୍ମୀମାନେ ଏହି ଟେଣ୍ଟ୍ କାର୍ଯ୍ୟ କରୁଥିବାବେଳେ ବିଜେଡି ସମର୍ଥିତ କେତେଜଣ କର୍ମୀ ବିଡିଓଙ୍କ ପାଖରେ ଉକ୍ତ କାର୍ଯ୍ୟ କରିବା ପାଇଁ ଯୁକ୍ତି ଉପସ୍ଥାପନ କରିଛନ୍ତି। ଘଟଣାସ୍ଥଳରେ ଯାଜପୁର ଅତିରିକ୍ତ ଜିଲାପାଳ ଶୁଭେନ୍ଦ୍ର ସାମଲ, ଜିଲା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ବିଡିଓ ସ୍ୱାଗତ ଦାସ ପ୍ରମୁଖ ପହଞ୍ଚି ଏହାର ସମାଧାନ କରିଛନ୍ତି। ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ୩ୟ ପକ୍ଷ ଦ୍ୱାରା ଟେଣ୍ଟ୍ କାର୍ଯ୍ୟ ଏନ୍‌ସି କଲେଜ ପଡ଼ିଆର ଏକ ଭିନ୍ନ ସ୍ଥାନରେ କରିବାକୁ ସ୍ଥିର କରାଯାଇଛି।

ଭାଜପା ଓ ବିଜେଡି କର୍ମୀ ସମାନ ଯୁକ୍ତିକରି ଜିଲା ପ୍ରଶାସନକୁ ଜଣାଇଥିଲେ କି ସେମାନେ ଏହି ଟେଣ୍ଟ୍ କାର୍ଯ୍ୟ କରିବେ। ଭାଜପା କର୍ମୀଙ୍କ କହିବା କଥା ଏହା ଆମ ସରକାରଙ୍କ କାର୍ଯ୍ୟକ୍ରମ ହୋଇଥିବାରୁ ଆମେ କାମ କରିବୁ। ବିଜେଡି କର୍ମୀ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ବିଜେଡିର ହୋଇଥିବାରୁ ଏହି କାର୍ଯ୍ୟକ୍ରମ ବିଜେଡି କର୍ମୀ କରିବେ। ଯୁକ୍ତିତର୍କ ସମୟରେ ଭାଜପା କର୍ମୀଙ୍କ ସହ ବିଡିଓଙ୍କ କଥା କଟାକଟି ହୋଇଥିଲା। ଯାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ସତ୍ୟବ୍ରତ ଲେଙ୍କାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସେଠାରେ ଉପସ୍ଥିତ ଥିଲା। ପୋଲିସ ଅଧିକାରୀ ଲେଙ୍କା ନିଜେ ଦାୟିତ୍ୱ ନେଇ ନୂତନ ସ୍ଥାନରେ ଉପଯୁକ୍ତ ସମୟ ମଧ୍ୟରେ ଟେଣ୍ଟ୍ କାର୍ଯ୍ୟକ୍ରମ ସାରିବା ପାଇଁ ପ୍ରଶାସନକୁ ଜଣାଇଛନ୍ତି। ଭାଜପା ପକ୍ଷରୁ ଯୁବନେତା ରାଜକିଶୋର ପରିଡ଼ା, ୩୨ନଂ. ଜୋନ୍ ସଭାପତି ମନ୍ମଥ ବରାଳ, ପ୍ରଭାତ ଘଡେଇ, କୁଳମଣି ପରିଡ଼ା ଓ ବିଜେଡି ପକ୍ଷରୁ ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା ଏବଂ ଚିତ୍ତରଞ୍ଜନ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାହୁଲଙ୍କ ଭାରତ ବିରୋଧୀ ମନ୍ତବ୍ୟ ସିରିଜ୍‌ରେ ନୂଆଫର୍ଦ୍ଦ ଯୋଡ଼ି ହୋଇଛି: ଭାଜପା

ଭୁବନେଶ୍ୱର, ୧୫ା୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବିକାଶ ଶିଖରକୁ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ଲୋକ ସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏଥିରେ ଅନ୍ତରାୟ ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଗତ ସପ୍ତାହରେ ରାହୁଲ ବିଦେଶ ଗସ୍ତରେ ଥିଲାବେଳେ ଭାରତ ଓ ଭାରତୀୟ ସମ୍ପ୍ରଦାୟ ବିରୋଧରେ ଯେଉଁଭଳି ହୀନ ମନ୍ତବ୍ୟ ଦେଇଥିଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ରାହୁଲଙ୍କ ଭାରତ ବିରୋଧୀ ମନ୍ତବ୍ୟ ସିରିଜ୍‌ରେ ଆଉ ଏକ ନୂଆ ଫର୍ଦ୍ଦ ଯୋଡ଼ିଦେଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯତୀନ୍ କହିଛନ୍ତି, ବିଦେଶରେ ଥିଲାବେଳେ ଭାରତ ବିରୋଧରେ ମନ୍ତବ୍ୟ ଦେବା, ଏହାର ଗଣତନ୍ତ୍ର ଓ ବୈଶିଷ୍ଟ୍ୟ ଠାରୁ ଆରମ୍ଭ କରି ସଂସ୍କୃତି ଏବଂ ପରମ୍ପରାକୁ ନିନ୍ଦା କରିବା ରାହୁଲଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ରାହୁଲ ଶିଖ୍ ସମ୍ପ୍ରଦାୟ ବିରୋଧରେ ବକ୍ତବ୍ୟ ଦେଇ ସେମାନଙ୍କ ସ୍ୱାଭିମାନ, ବଳିଦାନ, ବୀରତ୍ୱକୁ ଅପମାନିତ କରିଛନ୍ତି। ଏହା କେବଳ ଶିଖ୍ ସମ୍ପ୍ରଦାୟଙ୍କୁ ନୁହେଁ, ବରଂ ସମଗ୍ର ଭାରତବର୍ଷକୁ ଲଜ୍ଜିତ କରିଛି । ଏଭଳି ମନ୍ତବ୍ୟ ତାଙ୍କର ତୁଚ୍ଛ ମାନସିକତାର ପରିଚୟ ଦେଇଛି। ରାହୁଲଙ୍କ ପାରିବାରିକ ସମ୍ପର୍କ ଇଟାଲି, କଲମ୍ବିଆ, ସ୍ପେନ, ଥାଇଲାଣ୍ଡ ସହ ଥାଇପାରେ। କିନ୍ତୁ ଭାରତ ଏକ ଭିନ୍ନ ରାଷ୍ଟ୍ର ଏବଂ ସଭ୍ୟତାର ଏକ୍ସଟେନ୍ସିଶାଳ । ଏଠାରେ ବସବାସ କରୁଥିବା ପ୍ରତ୍ୟେକ ନାଗରିକ ଜଣେ ଜଣେ ଗର୍ବିତ ସୁସନ୍ତାନ। ତେଣୁ କଂଗ୍ରେସ ନିଜ ସ୍ଥିତିକୁ ସମୀକ୍ଷା କରି ଏଭଳି ଭାରତ ବିରୋଧୀ ମନ୍ତବ୍ୟରୁ ଦୂରେଇ ରହିବାକୁ ଯତୀନ କହିଛନ୍ତି।

# କ୍ଷୟକ୍ଷତି ପାଇଁ ଭାଜପା ଦାୟୀ ରହିବ: ବିଜେଡି

## ପୋଲାଭରମ୍ ପ୍ରକଳ୍ପ

- ନଭେମ୍ବର ୨ୟ ସପ୍ତାହରେ କାର୍ଯ୍ୟକ୍ଷମ ହେବ, କହିଲେ ପ୍ରଦୀପ ମାଝୀ

ମାଲକାନଗିରି, ୧୫ା୯(ଦୁର୍ଯ୍ୟୋଧନ ପାତ୍ର)

କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶରେ ନିର୍ମିତ ପୋଲାଭରମ୍ ପ୍ରକଳ୍ପକୁ ନଭେମ୍ବର ଦ୍ୱିତୀୟ ସପ୍ତାହରେ କାର୍ଯ୍ୟକ୍ଷମ କରିବା ପାଇଁ ଯାଉଛନ୍ତି ବୋଲି ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ରବିବାର ମାଲକାନଗିରିରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକଳ୍ପ ପାଇଁ ଜିଲାରେ ଯେଉଁ କ୍ଷତି ହେବ ସେଥିପାଇଁ ଭାଜପା ଦାୟୀ ରହିବା ସହ ମାଲକାନଗିରି ଜିଲାକୁ ବଞ୍ଚାଇବା ଲାଗି ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ର ମିଳିତ ସରକାରଙ୍କୁ ୧୨ହଜାର ୫ଶହ କୋଟି ଟଙ୍କା ଅର୍ଥ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲାର କାଲିମେଳା, ପଡିଆ ଓ ମୋଟୁ ସହ ପଡୋଶୀ ଛତିଶଗଡ, ଆନ୍ଧ୍ର ଓ ତେଲେଙ୍ଗାନାର ଅନେକ ଅଞ୍ଚଳ ଜଳମଗ୍ନ ହେବାସହ ବହୁ ଲୋକ ବିସ୍ଥାପିତ ହେବେ। ଏଥିସହ ଚାଷ ଜମି, ଜଙ୍ଗଲ ଓ ଖଣିଜ ସମ୍ପଦ ନଷ୍ଟ ହେବ । ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ଆଦିବାସୀଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ସହ ଆଲୋଚନାକରି ପୋଲାଭରମ୍ ପ୍ରକଳ୍ପ ଉଚ୍ଚତା କମାଇବା, ମାଲକାନଗିରି ଜିଲାରେ ଯେପରି କୌଣସି କ୍ଷତି ନ ହେବ ସେଥିପାଇଁ କେନ୍ଦ୍ର ଓ ଆନ୍ଧ୍ର ସରକାରଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ବିଜେଡି ଦାବି କରିଛି।

ଆଜି ପର୍ଯ୍ୟନ୍ତ କ୍ଷୟକ୍ଷତି ହେବାକୁ ଥିବା ଲୋକମାନଙ୍କୁ ପୋଲାଭରମ୍ ପ୍ରକଳ୍ପ ସମ୍ବନ୍ଧରେ ଅବଗତ କରା ନ ଯିବା, ପଲ୍ଲିସଭା ବା ଗ୍ରାମସଭା ନ ହେବା, ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସର୍ଭେ ନ କରିବା ଦୁର୍ଭାଗ୍ୟଜନକ ବିଷୟ। ବିଜେଡି ଶାସନ ସମୟରେ ବାରମ୍ବାର ପୋଲାଭରମ୍ ପ୍ରକଳ୍ପ ବରୋଧରେ ସଂଗ୍ରାମକରି ଆସୁଥିଲା ବେଳେ ଏହା ସୁପ୍ରିମକୋର୍ଟରେ ଏବେ ବିଚାରାଧୀନ ଥିବା ସମୟରେ କେନ୍ଦ୍ର ସରକାର କିପରି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥ ବରାଦ କଲେ ସେ ନେଇ ମାଝୀ ପ୍ରଶ୍ନ କରିଛନ୍ତି। ଯଦି ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ବିଜେଡି ପକ୍ଷରୁ ମାଲକାନଗିରି, ଭୁବନେଶ୍ୱର ଓ ଦିଲ୍ଲୀରେ ଗଣବିକ୍ଷୋଭ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ପୂର୍ବତନ ବିଧାୟକ ମାନସ ମାଡକାମି, ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଜେଡି ନେତା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଏବଂ ଅନ୍ୟମାନେ।

# ରପ୍ତାନିକୁ ପ୍ରଭାବିତ କରୁଛି କଣ୍ଟେନର ଅଭାବ

ଭୁବନେଶ୍ୱର,୧୫।୯ (ଅନୁରାଧା ମହାରଣା)



ମାଲ ପରିବହନ ବୃଦ୍ଧି, କଣ୍ଟେନର ଅଭାବ ଏବଂ ପ୍ରମୁଖ ରପ୍ତାନି ତଥା ବିଦେଶୀ ପରିବହନକାରୀଙ୍କ ଉପରେ ନିର୍ଭରଶୀଳତା ଦେଶର ରପ୍ତାନି କ୍ଷେତ୍ରରେ ଆହ୍ୱାନ ସୃଷ୍ଟି କରୁଛି। ଅନୁସନ୍ଧାନ ପ୍ରତିଷ୍ଠାନ ଗ୍ଲୋବାଲ ଟ୍ରେଡ ରିସର୍ଚ୍ଚ ଇନିସିଏଟିଭ (ଜିଟିଆରଆଇ) ପକ୍ଷରୁ ରବିବାର ମିଳିଥିବା ସୂଚନାନୁସାରେ ଘରୋଇ କଣ୍ଟେନର ଉତ୍ପାଦନକୁ ବୃଦ୍ଧି କରିବା, ସ୍ଥାନୀୟ ରପ୍ତାନି କମ୍ପାନୀଗୁଡିକର ଭୂମିକାକୁ ବଢ଼ାଇବା, ଘରୋଇ କଣ୍ଟେନରଗୁଡିକର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାନୀୟ ରପ୍ତାନି କମ୍ପାନୀଗୁଡ଼ିକୁ ମଜବୁତ କରିବା ପାଇଁ ଭାରତ ଅନେକ ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ୨୦୨୨ରୁ ୨୦୨୪ ମଧ୍ୟରେ, ୪୦ ଫୁଟ କଣ୍ଟେନରଗୁଡିକ ପାଇଁ ରପ୍ତାନି ହାର ଯଥେଷ୍ଟ ପରିବର୍ତ୍ତନ ହୋଇଛ। ୨୦୨୨ ମସିହାରେ କୋଭିଡ ମହାମାରୀର ପ୍ରଭାବ ହେତୁ ହାରାହାରି ମୂଲ୍ୟ ୪,୯୪୨ ଡଲାର ହୋଇଥିବାବେଳେ ୨୦୨୪ ସୁଦ୍ଧା ଏହି ହାର ପ୍ରାୟ ୪,୭୭୫ ଡଲାରରେ ସ୍ଥିର ହୋଇଯାଇଥିଲା। ଏହା କହିଛି ଯେ ଏହି ହାରଗୁଡିକ ପ୍ରାକ-ମହାମାରୀ ସ୍ତରଠାରୁ ବହୁତ ଉନ୍ନତ। ୨୦୧୯ ରେ ଏହାର ମୂଲ୍ୟ ଥିଲା ୧,୪୨୦ ଡ଼ଲାର ରହିଥିଲା। ଆମେରିକା ଏବଂ ୟୁରୋପରେ ଏହାର ରପ୍ତାନିକୁ ସର୍ବାଧିକ କରିବା ପାଇଁ ଚୀନ କଣ୍ଟେନରଗୁଡିକ ହୋର୍ଡିଂ କରିଥିବା ଖବର ମଧ୍ୟ ଶୁଣିବାକୁ ମିଳିଥିଲା। ସମ୍ଭାବ୍ୟ ବାଣିଜ୍ୟ ପ୍ରତିବନ୍ଧକ ଏବଂ ସୌରପ୍ୟାନେଲ, ବୈଦ୍ୟୁତିକ ଯାନ, ଇସ୍ପାତ ଏବଂ ଆଲୁମିନିୟମ ଉପରେ ଚାଇନାର କମ୍ପାନୀ କିମ୍ବା ଅନ୍ୟାନ୍ୟ ସ୍ଥାନରେ ଦକ୍ଷିଣ ପୂର୍ବ ଏସୀୟ ଦେଶ ଆସୋସିଏସନ ଦେଶମାନଙ୍କରେ ଉତ୍ପାଦିତ ଶୁଳ୍କ ଉପରେ ଏହି ହୋର୍ଡିଂ କରାଯିବ ବୋଲି ଆଶା କରାଯାଉଛି। ତେବେ କଣ୍ଟେନର ଅଭାବ ସମସ୍ୟା ବ୍ୟାପକ ଲଜିଷ୍ଟିକ ଅଭାବରୁ ଘଟିଥିବା କୁହାଯାଉଛି।

# ନିବାଭ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଭାରତର ସର୍ବବୃହତ ଘରୋଇ ଲିଫ୍ଟ ବ୍ରାଣ୍ଡ ନିବାଭ୍ ଲିଫ୍ଟର ନୂତନ ଉତ୍ପାଦ 'ନିବାଭ୍ ସିରିଜ୍-୪ ହୋମ୍ ଲିଫ୍ଟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅସାଧାରଣ ଡିଜାଇନ୍ ସହିତ ସମନ୍ୱିତ ଏହି ଲିଫ୍ଟ ଭୁବନେଶ୍ୱରର ଘର ମାଲିକମାନଙ୍କୁ ବିଳାସପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସେହିଭଳି ନିବାଭ୍ ସିରିଜ୍ ୪ ହୋମ୍ ଲିଫ୍ଟର ଏଆଇ-ସକ୍ଷମ କେବିନ୍ ଡିସପ୍ଲେ, ଇଣ୍ଟେରାକ୍ଟିଭ୍ ଏଲପି ଡିସ୍ପ୍ଲେ ଏବଂ ସଠିକ ନେଭିଗେସନ୍ ଏବଂ କୋମଳ ଅବତରଣ ପାଇଁ ଲିଡାର ୨.୦ ଟେକ୍ନୋଲୋଜି ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାମିଲ ରହିଛି।

ଏ ସମ୍ପର୍କରେ ନିବାଭ ଲିଫ୍ଟସର ସିଇଓ ତଥା ପ୍ରତିଷ୍ଠାତା ବିମଲ ବାବୁ କହିଛନ୍ତି, ଭୁବନେଶ୍ୱରର ଘର ମାଲିକଙ୍କ ନିକଟରେ ଆମର ଏହି ଅତ୍ୟାଧୁନିକ ଉଦ୍ଭାବନକୁ ପରିଚିତ କରାଇ ଆମେ ବେଶ ଉତ୍ସାହିତ ଅଛୁ।

# ୟୁକୋ ବ୍ୟାଙ୍କର ହାରାହାରି ୩୪% ମହିଳା କର୍ମଚାରୀ




ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଅଲ୍ ଇଣ୍ଡିଆ ୟୁକୋ ବ୍ୟାଙ୍କ ଅଫିସର୍ସ ଫେଡେରେଶନ (ସର୍ବଭାରତୀୟ ୟୁକୋ ବ୍ୟାଙ୍କ ଅଧିକାରୀ ସଙ୍ଗଠନ) ପକ୍ଷରୁ ଏକ ଦିନିକିଆ ମହିଳା ଅଧିକାରୀଙ୍କ ଜାତୀୟ ସମ୍ମିଳନୀ ଭୁବନେଶ୍ୱରର ହୋଟେଲ ଏକ୍ସିଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ରବିବାର ୟୁକୋ ବ୍ୟାଙ୍କ ଅଧିକାରୀ ସଂଘ ଓଡ଼ିଶା ଏବଂ ନିଖିଳ ଓଡ଼ିଶା ୟୁକୋ ବ୍ୟାଙ୍କ ଅଧିକାରୀ ସଂଘର ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ କହିଥିଲେ, ସମସ୍ତ ବ୍ୟାଙ୍କର ହାରାହାରି ମହିଳା କର୍ମଚାରୀଙ୍କ ସଂଖ୍ୟା ୨୪% ହୋଇଥିବାବେଳେ କେବଳ ୟୁକୋ ବ୍ୟାଙ୍କର ହାରାହାରି ମହିଳା କର୍ମଚାରୀଙ୍କ ସଂଖ୍ୟା ୩୪% ହୋଇଥିବାରୁ ସେ ଉଭୟ ବ୍ୟାଙ୍କ ଓ ମହିଳା କର୍ମଚାରୀମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିଭଳି ଭୁବନେଶ୍ୱରର ସାମାଜିକ ସଂଗଠନ ନିଃଶ୍ୱାସର ମୁଖ୍ୟ ନିର୍ଦ୍ଦେଶିକା ପ୍ରଫେସର ଡ. ସସ୍ମି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳା ଅଧିକାରୀମାନଙ୍କୁ ବିଶେଷ ଉଦବୋଧନ ଦେଇଥିଲେ। ୟୁକୋ ବ୍ୟାଙ୍କର ସର୍ବଭାରତୀୟ ଅଧିକାରୀ ସଂଘର ସଭାପତି ରାଜକୁମାର ଅରୋରା, ସଂଘର ପରାମର୍ଶ ପରିଷଦର ସର୍ବଭାରତୀୟ ଅଧ୍ୟକ୍ଷ ଅଶୋକ କୁମାର ହଣ୍ଡା, ଅଧିକାରୀ ସଂଘର ସର୍ବଭାରତୀୟ ଅଧ୍ୟକ୍ଷ ଦୀପଙ୍କର ମିତ୍ର, ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସନ୍ଦୀପ ଚୌବେ, ବରିଷ୍ଠ ଉପାଧ୍ୟକ୍ଷ ଅଜୟ କୁମାର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ସୁକାନ୍ତ ଛାଟୋଇ ସ୍ୱାଗତ ଅଭିଭାଷଣ ସହିତ ମଞ୍ଚ ପରିଚାଳନା କରିଥିଲାବେଳେ ବ୍ୟାଙ୍କର ପୂର୍ବତନ ଅଧିକାରୀ ଯୁଧିଷ୍ଠିର ମହାରଣା, ପ୍ରକାଶ ଚନ୍ଦ୍ର ରାଏ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମହିଳା ଅଧିକାରୀମାନଙ୍କର ସମସ୍ୟା ଏବଂ ଏହାର ସମାଧାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ପରିଶେଷରେ ଆକାଶ ବକ୍ସି ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ମୋଟର୍ସର ଫେଷ୍ଟିଭାଲ ଅଫ୍ କାର୍‌ସ




ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ରିହାତି ଅଫର 'ଫେଷ୍ଟିଭାଲ ଅଫ୍ କାର୍‌ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପୂର୍ବରୁ ଦେଖାଯାଇ ନ ଥିବା ଏଭଳି ଏକ ମୂଲ୍ୟକୁ ନେଇ କମ୍ପାନୀ ତା'ର ଅନେକ ଲୋକପ୍ରିୟ କାର ତଥା ଏସ୍‌ୟୁଭି ଉପରେ ଆକର୍ଷଣୀୟ ରିହାତି ପ୍ରଦାନ ସହିତ ବ୍ରାଣ୍ଡ୍ ଶୋ'ରୁମ୍‌ଗୁଡ଼ିକ ଜରିଆରେ ଗ୍ରାହକମାନଙ୍କୁ ଅନେକ ସୁବିଧା ଉପଲବ୍ଧ କରାଇଛି। ସେହିଭଳି ଆଶାୟୀ ଗ୍ରାହକମାନେ ନିଜ ସ୍ୱପ୍ନର କାର କ୍ରୟ କରିବା ସମୟରେ ଅବିଶ୍ୱସନୀୟ ମୂଲ୍ୟ ପ୍ରଦାନ କରିବା ସହିତ ଉପରୋକ୍ତ ଗାଡିଗୁଡିକ ଉପରେ ପ୍ରାୟ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ପାଇବାର ମଧ୍ୟ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯାଇଛି। ସେହିପରି ବ୍ରାଣ୍ଡ୍‌ର ପେଟ୍ରୋଲ, ଡିଜେଲ ତଥା ସିଏନଜି ଚାଳିତ ସମସ୍ତ ଏସ୍‌ୟୁଭି ଏବଂ କାର୍‌ଗୁଡିକ ଉପରେ ପାର୍ବଣ ରିହାତି ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

ଏ ସମ୍ପର୍କରେ ଟାଟା ପାସେଞ୍ଜର ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ଼ର ସିଇଓ ବିବେକ ଶ୍ରୀବତ୍ସ କହିଛନ୍ତି, ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ସେଥିପାଇଁ ଆମେ ଏକ ମନମୁଗ୍ଧକର ଆକର୍ଷଣୀୟ ମୂଲ୍ୟ ରିହାତିକୁ ପ୍ରଦାନ କରିବା ପାଇଁ ଉତ୍ସୁକତାର ସହିତ ଚାହିଁ ରହିଛୁ, ଯାହାକି ଆମର ପ୍ରିୟ ଗ୍ରାହକମାନଙ୍କୁ ସନ୍ତୁଷ୍ଟ କରିପାରିବ। ଏପରିକି ଆମର ଆଇସିଇ ଯାନ ଉପରେ ସମୁଦାୟ ୨.୦୫ ଲକ୍ଷ ଟଙ୍କାର ରିହାତି ସୁବିଧା ପ୍ରଦାନ ସହିତ ଚଳିତ ପାର୍ବଣରେ ଆମେ ଅନେକ ସୀମିତ ଅବଧି ସୁଯୋଗ ପ୍ରଦାନ କରିବା ସହିତ ମୂଲ୍ୟ ହ୍ରାସ, ବିନିମୟ ସୁଯୋଗ ତଥା ଆହୁରି ଅନେକ ସୁବିଧା ପ୍ରଦାନ କରୁଛୁ।

ଯାହାକି ଆମର ପ୍ରିୟ ଗ୍ରାହକମାନଙ୍କୁ ଏକ ନିଶ୍ଚିତ ଆନନ୍ଦଦାୟକ କ୍ଷଣର ଅନୁଭବ କରିବା ସହିତ ଏକ ନୂଆ ଉଲ୍ଲାସର ଆରମ୍ଭ ହୋଇପାରିବ। ଆମେ ସ୍ଥିର ନିଶ୍ଚିତ ଯେ ଆମର ଗ୍ରାହକମାନେ ଏସବୁ ବିରଳ ସୁଯୋଗକୁ ଆୟତ୍ତ କରିବା ସହିତ ଟାଟାକାରର ଏକ ସ୍ୱତ୍ୱାଧିକାରୀ ହେବା ସଙ୍ଗେସଙ୍ଗେ ନିରାପଦ, ଉତ୍ତମ ଗଠନ ତଥା ଉଚିତ ମୂଲ୍ୟର ଏକ ସ୍ୱପ୍ନର କାର ନିଜ ଘରକୁ ନିଜ ପରିବାର ସହିତ ଆଣି ପ୍ରକୃତରେ ଏକ ବିଶେଷ ମୁହୂର୍ତ୍ତ ଅନୁଭବ କରିପାରିବେ।

# ମଣିପାଲ୍ ହସ୍ପିଟାଲରେ ବୋନ୍ କ୍ୟାନ୍‌ସର ଚିକିତ୍ସାର ଶୁଭାରମ୍ଭ

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ୍ ହସ୍ପିଟାଲରେ ବୋନ୍ କ୍ୟାନ୍‌ସର (ଅସ୍ଥିଶଲ୍ୟ କର୍କଟ) ରୋଗର ଚିକିତ୍ସା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ସେପ୍ଟେମ୍ବର ୧୯ରୁ ବୋନ୍ କ୍ୟାନ୍‌ସରର ଚିକିତ୍ସା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ସେହିଭଳି ଦେଶର ବରିଷ୍ଠ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ଡା. ଶ୍ରୀମନ୍ତ ବି.ଏସ୍. ଆସନ୍ତା ଗୁରୁବାର ସକାଳ ୧୧ ଘଟିକାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରଠାରେ ଅସ୍ଥିଶଲ୍ୟ କର୍କଟ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଦେବେ। ଏପରିକି ଡା. ଶ୍ରୀମନ୍ତ ବର୍ତ୍ତମାନ ବେଙ୍ଗାଲୁରୁ ପୁରୁଣା ଏୟାରପୋର୍ଟ ରୋଡସ୍ଥିତ ମଣିପାଲ ହସ୍ପିଟାଲଠାରେ କାର୍ଯ୍ୟରତ ଅଛନ୍ତି।



ଉଲ୍ଲେଖଯୋଗ୍ୟ, ଚଳିତ ମାସଠାରୁ ସେ ପ୍ରତି ମାସରେ ଥରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ଆସିବେ ବୋଲି ହସ୍ପିଟାଲ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ବୋନ୍ କ୍ୟାନସର ଚିକିତ୍ସା ପାଇଁ ଓଡ଼ିଶାର ରୋଗୀଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ।

ଏ ସମ୍ପର୍କରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଆମେ ବର୍ତ୍ତମାନ କ୍ୟାନସରର ସଫଳ ଚିକିତ୍ସା ପାଇଁ ଅଧିକ ଯତ୍ନବାନ ହୋଇଛୁ। ଏପରିକି ଡା. ଶ୍ରୀମନ୍ତ ବି.ଏସ୍.ଙ୍କ ଭଳି ଅଭିଜ୍ଞ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ପ୍ରତି ମାସରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଆସିବା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିଲାବେଳେ ରାଜ୍ୟର ଅନେକ ରୋଗୀ ଏହାର ସୁଫଳ ନେଇ ପାରିବେ। ଆଗାମୀ ଦିନରେ ମଧ୍ୟ ଅନ୍ୟାନ୍ୟ ବିଭାଗର ଅଭିଜ୍ଞ ଡାକ୍ତରମାନେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଆସିବାର ଯୋଜନା ରହିଛି।

ଅପରପକ୍ଷରେ ବିଭିନ୍ନ ପ୍ରକାର ବୋନ୍ କ୍ୟାନସରର ଲକ୍ଷଣ ଯଥା ଦୀର୍ଘଦିନ ଧରି ହାଡ଼ରେ ଯନ୍ତ୍ରଣା ହେବା, ଗଣ୍ଠି ଫୁଲିବା, ହାଡ ବଢ଼ିବା କିମ୍ବା ସମାନ୍ୟ ଆଘାତରେ ହାଡ଼ ଭାଙ୍ଗିଯିବା ଭଳି ଲକ୍ଷଣ ଦେଖାଦେଇଥାଏ। ତେବେ ଆଉ ଡେରି ନ କରି ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରଠାରେ ଡା. ଶ୍ରୀମନ୍ତ ବି.ଏସ୍.ଙ୍କ ସହିତ ପରାମର୍ଶ କରିପାରିବେ। ସେହିପରି ପ୍ରାରମ୍ଭିକ ଷ୍ଟେଜ୍‌ରେ ବୋନ୍ ଟ୍ୟୁମର ପାଇଁ ମଣିମାଲ୍ ଇନ୍‌ଭେସିପ ପଦ୍ଧତିରେ ସର୍ଜରି, ହାଡ଼ କିମ୍ବା ଟିସୁରେ କ୍ୟାନସର ହୋଇଥିଲେ ଅଙ୍ଗକୁ ରକ୍ଷା କରି ତାର ସର୍ଜରି, ପିଲାଙ୍କ ଅଙ୍ଗକୁ ରକ୍ଷା ସର୍ଜରୀ, ଟିମ୍ୟୁର ମେଗାପ୍ରୋଥେସିସ୍ ପୁନର୍ଗଠନ ଏବଂ ଆଭ୍ୟନ୍ତରୀଣ ହେମିପେଲଭେକ୍ଟୋମି ଓ ସାକ୍ରୋକ୍ଟେମି ଇତ୍ୟାଦି ଚିକିତ୍ସା କରିବାରେ ଡା. ଶ୍ରୀମନ୍ତ ବି.ଏସ୍.ଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଏପରିକି ଜଣେ ଅର୍ଥୋପେଡିକ୍ ଅଙ୍କୋଲଜିଷ୍ଟ ଭାବେ ଡା. ଶ୍ରୀମନ୍ତ ବି.ଏସ୍. ସାରା ଭାରତରେ ବେଶ୍ ସୁପରିଚିତ ଥିଲାବେଳେ ଦେଶ ବିଦେଶର ଅନେକ ପ୍ରତିଷ୍ଠିତ ମେଡିକାଲ ଯଥା ଶ୍ରୀ ଦେବରାଜ ମେଡିକାଲ କଲେଜ, ଏମ୍ ଏସ୍ ରାମିହା ମେଡିକାଲ କଲେଜ, ସାଉଥ୍ କୋରିଆର ସେଉଲ ନ୍ୟାଶଲାନ୍ ୟୁନିର୍ଭସିଟି, ଇଟାଲୀର ରିଜେଇ ଅର୍ଥୋପେଡିକ୍ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ମୁମ୍ବାଇ ଟାଟା ମେମୋରିଆଲ କ୍ୟାନସର ହସ୍ପିଟାଲରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କ ପାଖରେ ରହିଛି।

# ପାର୍ବଣରେ ୧.୧ ଲକ୍ଷ ଋତୁକାଳୀନ ନିଯୁକ୍ତି ସୃଷ୍ଟି

ଭୁବନେଶ୍ୱର,୧୫।୯ (ଅଭୟ ଦାଶ)

ଚଳିତ ବର୍ଷ ପାର୍ବଣ ସମୟରେ ବର୍ଦ୍ଧିତ ଗ୍ରାହକ ଚାହିଦାକୁ ପୂରଣ କରିବା ପାଇଁ ଇ-କର୍ମସ ପ୍ଲାଟ୍‌ଫର୍ମ ଆମାଜନ ଇଣ୍ଡିଆ ତା'ର ପରିଚାଳନା ନେଟ୍‌ୱର୍କରେ ୧.୧ ଲକ୍ଷରୁ ଅଧିକ ଋତୁକାଳୀନ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରିଛି। ଏପରିକି ଏହି ନିଯୁକ୍ତି ସୁଯୋଗଗୁଡିକ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ପୁଣେ, ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ ଓ ଚେନ୍ନାଇ ଭଳି ଦେଶର ପ୍ରମୁଖ ସହର ସାମିଲ ରହିଛି। ଏପରିକି ଉପରୋକ୍ତ ସହରଗୁଡିକରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସାମିଲ ରହିଛି। ସେହିଭଳି ଆମାଜନ୍‌ର ବିଦ୍ୟମାନ ନେଟ୍‌ୱର୍କରେ ହଜାରରୁ ଅଧିକ ମହିଳା ଆସୋସିଏଟ୍‌ଙ୍କ ସମେତ ପ୍ରାୟ ୧୯୦୦ ଦିବ୍ୟାଙ୍ଗ ବ୍ୟକ୍ତି ( ପିଡବ୍ଲ୍ୟୁଡି ଆସୋସିଏଟ୍)ଙ୍କୁ ମଧ୍ୟ ନିଯୁକ୍ତି ପ୍ରଦାନ କରିଛି। ଆମାଜନ୍ ଇଣ୍ଡିଆ ଏହି ନୂଆ ନିଯୁକ୍ତି ମଧ୍ୟରୁ ଅଧିକାଂଶ ଆସୋସିଏଟ୍‌ଙ୍କୁ କାର୍ଯ୍ୟରେ ନିୟୋଜିତ କରିଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଡ. ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଭାରତରେ ୧ ଲକ୍ଷରୁ ଅଧିକ ଋତୁକାଳୀନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପ୍ରତି ଆମାଜନ୍‌ର ପ୍ରତିବଦ୍ଧତା ରହିଛି। ଚଳିତ ପାର୍ବଣ ଋତୁ ସମୟରେ ଦେଶର କର୍ମବଳକୁ ମଜଭୁତ କରିବା ଦିଗରେ ଏହା ଏକ ପ୍ରଶଂସନୀୟ ପଦକ୍ଷେପ । କମ୍ପାନୀ ଏହି ଭୂମିକାଗୁଡିକ ପାଇଁ ବହୁସଂଖ୍ୟକ ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ଏବଂ ସେମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସହଯୋଗ ଉପରେ ଗୁରୁତ୍ୱ ଦେଉଥିବା ପଦକ୍ଷେପଗୁଡିକ ମାଧ୍ୟମରେ ଏହାର ସହଯୋଗୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେଉଥିବାର ଦେଖିବା ବାସ୍ତବରେ ପ୍ରେରଣାଦାୟକ। ଆମେ ଆମାଜନ୍ ଓ ଅନ୍ୟାନ୍ୟ କର୍ପୋରେଟ୍‌ର କର୍ମଚାରୀଙ୍କ ଉନ୍ନତିକୁ ବଜାୟ ରଖି ସମାବେଶୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ କରୁଥିବା ଏଭଳି ପ୍ରୟାସକୁ ପ୍ରଶଂସା କରୁଛି। ଆମାଜନ୍ ଇଣ୍ଡିଆର ଅପରେଶନ୍ସ ବିଭାଗ ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, ଆମେ ଚଳିତ ପାର୍ବଣ ଋତୁରେ ଭାରତର ପ୍ରତ୍ୟେକ ସେବାଯୋଗ୍ୟ ପିନ୍‌କୋଡ୍‌ରେ ଗ୍ରାହକଙ୍କୁ ଦ୍ରୁତ ଓ ନିର୍ଭରଯୋଗ୍ୟ ଡେଲିଭରି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ।

ଫୁର୍‌ସତ୍

# ମାଟି ଖୋଳୁ ଖୋଳୁ ମିଳିଲା ହଜାର ବର୍ଷର ପୁରୁଣା ମୂର୍ତ୍ତି

ପାଟନା



ବିହାରର ଲଖିସରାୟ ସହରର ଯୌନା ୱାର୍ଡ-୧ରେ ଥିବା ପ୍ରସିଦ୍ଧ ଅଶୋକଧାମ ମନ୍ଦିର ନିକଟସ୍ଥ ବିଲରେ ଶନିବାର ଫୁଲ ଗଛ ଲଗାଇବା ଉଦ୍ଦେଶ୍ୟରେ ଅନିଶ ଯାଦବ ନାମକ ଜଣେ ଯୁବକ ମାଟି ଖୋଳୁଥିଲେ। ତେବେ ମାଟି ଖୋଳିବା ସମୟରେ ଭୂମି ତଳେ ତାଙ୍କୁ ଏକ ଅଜବ ଶବ୍ଦ ଶୁଣାଯାଇଥିଲା। ପରେ ଶବ୍ଦ ଶୁଣାଯାଇଥିବା ଭୂମିରୁ ସେ ମାଟି ଉଠାଇଥିଲେ ଏବଂ ତାଙ୍କୁ ଭଗବାନ ବିଷ୍ଣୁଙ୍କର ଏକ ପୁରୁଣା ଚମତ୍କାର ପ୍ରତିମା ମିଳିଥିଲା। ଏଥିରେ ଆଶ୍ଚର୍ଯ୍ୟ ଚକିତ ହୋଇ ଅନିଶ ସଙ୍ଗେସଙ୍ଗେ ଗ୍ରାମବାସୀଙ୍କୁ ଡାକିଥିଲେ। କିଛି ସମୟ ମଧ୍ୟରେ ଗ୍ରାମବାସୀ ଆସି ସେଠାରେ ଜମା ହୋଇଯାଇଥିଲେ। ଗ୍ରାମବାସୀ ଭଗବାନ ବିଷ୍ଣୁଙ୍କର ଉକ୍ତ ଦିବ୍ୟ ମୂର୍ତ୍ତିକୁ ଉଦ୍ଧାର କରି ଗାଁର ଏକ ମନ୍ଦିରରେ ରଖି ବର୍ତ୍ତମାନ ପୂଜାର୍ଚ୍ଚନା କରୁଛନ୍ତି। ମୂର୍ତ୍ତିର ଉଚ୍ଚତା ପ୍ରାୟ ୨.୫ ଫୁଟ ହେବ ବୋଲି ଗ୍ରାମବାସୀ କହିଛନ୍ତି।

ଘଟଣାକୁ ନେଇ ପାଟ୍‌ନାସ୍ଥିତ ବିହାର ରାଜ୍ୟ ସଂଗ୍ରହାଳୟର ସହକାରୀ ନିର୍ଦ୍ଦେଶକ ଡକ୍ଟର ରବିଶଙ୍କର କହିଛନ୍ତି, ମୂର୍ତ୍ତିର କାରୁକାର୍ଯ୍ୟରୁ ଏହା ଏକାଦଶ ଶତାବ୍ଦୀର ପାଲ୍ ସାମ୍ରାଜ୍ୟ ସମୟର ହୋଇଥିବା ଜଣାପଡ଼ିଛି। ଏଥିରେ ମୁଙ୍ଗେର-ଜମଲପୁର ଶୈଳୀର ଉତ୍କୃଷ୍ଟ କଳାକୃତି ରହିଛି। ମୂର୍ତ୍ତି ଉପରେ ଭଗବାନ ବିଷ୍ଣୁଙ୍କର ଶଙ୍ଖ, ଚକ୍ର, ଗଦା ଏବଂ ପଦ୍ମ ସ୍ପଷ୍ଟ ଭାବରେ ଅଙ୍କାଯାଇଛି। କଳା ପଥରରେ ନିର୍ମିତ ଏହି ମୂର୍ତ୍ତି ପାଲ୍ ସାମ୍ରାଜ୍ୟ ସମୟର କାରିଗରିକୁ ପ୍ରଦର୍ଶିତ କରୁଛି। ଏହି ମୂର୍ତ୍ତି ସେ ସମୟରେ ଲୋକଙ୍କର ରହିଥିବା ଧାର୍ମିକ ବିଶ୍ୱାସକୁ ମଧ୍ୟ ସୂଚାଉଥିବା ରବିଶଙ୍କର କହିଛନ୍ତି। ସେହିପରି ମାଟି ତଳୁ ମିଳିଥିବା ଏହି ମୂର୍ତ୍ତିରେ ଭଗବାନ ବିଷ୍ଣୁଙ୍କ ମୁଦ୍ରା ଗମ୍ଭୀର ଏବଂ ସୌମ୍ୟ ରହିଛି, ଯାହା ତାଙ୍କର ଦିବ୍ୟତାକୁ ଦର୍ଶାଉଛି ବୋଲି ପଶ୍ଚିମବଙ୍ଗର ଶାନ୍ତି ନିକେତନସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳର ପ୍ରଫେସର ତଥା ପ୍ରତ୍ନତାତ୍ତ୍ୱିକ ଖନନ ବିଶେଷଜ୍ଞ ଡ. ଅନିଲ କୁମାର କହିଛନ୍ତି। ଲଖିସରାୟର ଏହି ଅଞ୍ଚଳରେ ଅନେକ ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତି ଏବଂ ଏହାର ଅବଶିଷ୍ଟାଂଶ ମିଳିଥାଏ ବୋଲି ସେ କହିଛନ୍ତି।

# ମୋଟରସାଇକେଲର ଜନ୍ମଦିନ ପାଳନ

ନୂଆଦିଲ୍ଲୀ



ସାଧାରଣତଃ ପୁରୁଷମାନଙ୍କର ମୋଟରସାଇକେଲ ପ୍ରତି ବିଶେଷ ଆଗ୍ରହ ରହିଥାଏ। ସେମାନେ ପରିବାର ସଦସ୍ୟଙ୍କ ପରି ନିଜ ବାଇକ୍‌ର ମଧ୍ୟ ଯତ୍ନ ନେଇଥାନ୍ତି। ନିକଟରେ ଏହିପରି ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ବନ୍ଧୁମାନଙ୍କ ଗହଣରେ ନିଜ ବାଇକ୍‌ର ଜନ୍ମଦିନ ପାଳନ କରୁଛନ୍ତି। ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଏହି ଭିଡିଓରେ ବ୍ୟକ୍ତି ଜଣକ ପ୍ରଥମେ ତାଙ୍କ ବାଇକ୍‌କୁ ହାର ପିନ୍ଧାଉଛନ୍ତି। ପରେ ସେ ନିଜ ବାଇକ୍‌ରେ ବସି ଯାଉଛନ୍ତି ଏବଂ ତାଙ୍କର ଜଣେ ବନ୍ଧୁ କେକ୍ ଧରି ବାଇକ୍ ସମ୍ମୁଖରେ ଠିଆ ହୋଇ ରହୁଛନ୍ତି। ବାଇକ୍‌ର ଟାୟାରରେ ଏକ ପ୍ଲାଷ୍ଟିକ୍ ଛୁରି ବନ୍ଧା ହୋଇଥିବା ନେଇ ଭିଡିଓରୁ ଜଣାପଡ଼ିଛି। ବ୍ୟକ୍ତି ଜଣକ ବାଇକ୍‌କୁ ଷ୍ଟାର୍ଟ କରି କିଛି ବାଟ ଆଗକୁ ନେଉଛନ୍ତି ଏବଂ ତାଙ୍କ ବନ୍ଧୁ ଧରିଥିବା କେକ୍‌କୁ ଟାୟାରରେ ବନ୍ଧା ହୋଇଥିବା ଛୁରି ନିକଟକୁ ନେଇ ଯାଉଛନ୍ତି। ଏହିପରି ଭାବେ କେକ୍ କଟା ହେବା ସମୟରେ ଉପସ୍ଥିତ ଥିବା କିଛି ବ୍ୟକ୍ତି ଗୀତ ଗାଇ ବାଇକ୍‌କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ଏହି ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# ଟିଭି ଇଣ୍ଡଷ୍ଟ୍ରିରେ ନିୟାଙ୍କ ୧୪ ବର୍ଷ



**ମୁମ୍ବାଇ:** ଟେଲିଭିଜନ ଇଣ୍ଡଷ୍ଟ୍ରିରେ ନିଖୁଣ ଅଭିନୟ କରି ଲଗାତର ଭାବେ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରୁଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ନିୟା ଶର୍ମା ଅନ୍ୟତମ। ବହୁ ସଂଘର୍ଷ କରି ଅଭିନୟ କ୍ଷେତ୍ରରେ ସଫଳତା ପାଇଥିବା ନିୟା ରବିବାର ଟିଭି ଇଣ୍ଡଷ୍ଟ୍ରିରେ ୧୪ ବର୍ଷ ପୂରଣ କରିଛନ୍ତି। ଏହି ଅବସରକୁ ନିୟା ବେଶ୍ ଧୁମ୍‌ଧାମ୍‌ରେ ସେଲିବ୍ରେଟ୍ କରିଛନ୍ତି। ସେ ନିଜ ଘରକୁ ବେଲୁନ୍ ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀରେ ସଜାଇଥିଲେ। ସେହିପରି ତାଙ୍କ ପାଇଁ ଏକ ସ୍ୱତନ୍ତ୍ର କେକ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ କେକ୍ ଉପରେ ନିୟା କରିଥିବା ବିଭିନ୍ନ ଚରିତ୍ରର ଫଟୋ ରହିଥିଲା। ଟିଭି ଇଣ୍ଡଷ୍ଟ୍ରିରେ ନିୟା ୧୪ ବର୍ଷ ପୂରଣ କରିଛନ୍ତି ବୋଲି ଉକ୍ତ କେକ୍‌ରେ ଉଲ୍ଲେଖ ରହିଥିଲା। କେକ୍ କାଟିବାର ବିଶେଷ ମୁହୂର୍ତ୍ତ ପାଇଁ ନିୟା ହଳଦିଆ ରଙ୍ଗର ଏକ ଲେହେଙ୍ଗା ପିନ୍ଧିଥିଲେ, ଯେଉଁଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ଏହାପରେ ସେ କେକ୍ କାଟିଥିଲେ। ନିୟା ତାଙ୍କର ଏହି ବିଶେଷ ମୁହୂର୍ତ୍ତର ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ଏବଂ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଟିଭି ଇଣ୍ଡଷ୍ଟ୍ରିରେ ୧୪ ବର୍ଷ ପୂରଣ କରିଛି। ଏଥିପାଇଁ ସମସ୍ତ ସାଥୀ କଳାକାର, ନିର୍ଦ୍ଦେଶକ, ପ୍ରଯୋଜକ, ଏବଂ ପ୍ରଶଂସକଙ୍କ ନିକଟରେ ସେ କୃତଜ୍ଞ। ୨୦୧୦ରେ ନିୟା 'କାଲୀ ଏକ୍ ଅଗ୍ନିପରୀକ୍ଷା' ସେଟ୍‌ରୁ ଟିଭି ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ପରେ ୨୦୧୧ରେ 'ଏକ୍ ହଜାରୋଁ ମେଁ ମେରୀ ବେହନା ହେ'ରେ ଅଭିନୟ କରିବା ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏହି ସିରିଏଲ୍ ତାଙ୍କୁ ବେଶ୍ ପ୍ରସିଦ୍ଧି ଦେଇଥିଲା। ସମ୍ପ୍ରତି ସେ ତାଙ୍କ ସିରିଏଲ୍ 'ସୁହାଗନ୍ ଚୁଡ଼ୈଲ୍'ରେ ବ୍ୟସ୍ତ ଅଛନ୍ତି, ଯାହା ବର୍ତ୍ତମାନ ଜିଓ ସିନେମା ଏବଂ କଲର୍ସ ଟିଭିରେ ପ୍ରସାରିତ ହେଉଛି। ଏହି ସିରିଏଲ୍‌ର ପ୍ରଥମ ଏପିସୋଡ୍ ଚଳିତ ବର୍ଷ ମେ' ୨୭ରେ ପ୍ରସାରିତ ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସୌମ୍ୟକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଗ୍ରେଡିଂ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

# ପିଆଷ୍ଟ୍ରି ଜିତିଲେ ଆଜରବୈଜାନ ଗ୍ରାଁ ପ୍ରି



ବାକୁ (ଆଜରବୈଜାନ), ୧୫।୯

ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଆଜରବୈଜାନ ଫର୍ମୁଲାଓ୍ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ରେସ୍‌ର ଆଉ ଦୁଇଟି ଲାପ୍ ବାକି ରହିଥିବା ବେଳେ ରେଡ୍‌ବୁଲ୍‌ର ସର୍ଗିଓ ପେରେଜ ଓ ଫେରାରିର କାର୍ଲୋସ ସେଞ୍ଜଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଦୁର୍ଘଟଣା ପାଇଁ ଦାୟୀ କିଏ ସେ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ରେସ୍ ଏକ ଭର୍ଚୁଆଲ ସେଫ୍ଟି କାର ସହ ଶେଷ ହୋଇଥିଲା। ଫେରାରିର ଚାର୍ଲସ ଲେକରେକ ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜର ଜର୍ଜ ରସେଲ ତୃତୀୟ ଏବଂ ମ୍ୟାକଲରେନର ଲଣ୍ଡୋ ନୋରିସ ଚତୁର୍ଥ ହୋଇଥିଲେ। ଯଥାକ୍ରମେ ୫ରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମାକ୍ସ ଭର୍ଷ୍ଟାପେନ (ରେଡ୍ ବୁଲ୍), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ଆଲେକ୍ଜାଣ୍ଡର ଆଲ୍‌ବନ (ୱିଲିୟମ୍ସ), ଫ୍ରାଙ୍କୋ କାଲାପିଣ୍ଟୋ (ୱିଲିୟମ୍ସ), ଲୁଇସ ହାମିଲଟନ (ମର୍ସିଡିଜ) ଓ ଅଲିଭର ବିଅରମାନ (ହାସ୍)। ରବିବାରର ଏହି ଫଳାଫଳ ଦ୍ୱାରା ଭର୍ଷ୍ଟାପେନ୍‌ଙ୍କ ଚାମ୍ପିୟନଶିପ୍ ଅଗ୍ରଣୀ ୩ ପଏଣ୍ଟ ହ୍ରାସ ପାଇଛି। ଚଳିତ ସିଜନର ଆଉ ୭ଟି ରେସ୍ ବାକି ରହିଥିବା ବେଳେ ଭର୍ଷ୍ଟାପେନ୍‌ଙ୍କଠାରୁ ନୋରିସ ୫୯ ପଏଣ୍ଟ ପଛରେ ରହିଛନ୍ତି। ସିଜନରେ ଆଉ ସର୍ବାଧିକ ୨୦୬ ପଏଣ୍ଟ ଉପଲବ୍ଧ ରହିଛି। ଅନ୍ୟପକ୍ଷରେ କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍‌ରେ ରେଡ୍‌ବୁଲ୍‌କୁ ପଛରେ ପକାଇବା ସହ ମ୍ୟାକଲରେନ ୨୦ ପଏଣ୍ଟ ବ୍ୟବଧାନରେ ଅଗ୍ରଣୀ ଲାଭ କରିପାରିଛି। ଚଳିତ ସିଜନର ପରବର୍ତ୍ତୀ ରେସ୍ ସିଙ୍ଗାପୁର ଗ୍ରାଁ ପ୍ରି ସେପ୍ଟେମ୍ବର ୨୨ରେ ଅନୁଷ୍ଠିତ ହେବ।


## ୨୪ତମ ଜନ୍ମଦିନ ଶୁଭେଚ୍ଛା



**ସୌମ୍ୟକାନ୍ତ ସାହାଣୀ**
ସାନମଙ୍ଗ, ଆଳି, କେନ୍ଦ୍ରାପଡ଼ା
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ୨୪ତମ ଜନ୍ମବାର୍ଷିକୀରେ ମା' ଗଣେଶଦୁର୍ଗାଙ୍କ ଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ– ସରୋଜକାନ୍ତ, ଆଲିସା, ଶ୍ରୀକାନ୍ତ, ପ୍ରଶାନ୍ତ, ଝୁନାରାଣୀ, ନିଶ୍ଚିତ୍
ଧ-୭୧୨୩୧


# ଚେନ୍ନାଇରେ ବାଂଲାଦେଶ କ୍ରିକେଟ ଦଳ

ଚେନ୍ନାଇ,୧୫।୯(ପି.ଟି.)



ଚେନ୍ନାଇ ବିମାନ ବନ୍ଦରରେ ବାଂଲାଦେଶ ଖେଳାଳି।

ଭାରତ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଓ ୩ ମ୍ୟାଚ୍ ଟି୨୦ ସିରିଜ୍ ପାଇଁ ବାଂଲାଦେଶ କ୍ରିକେଟ ଦଳ ରବିବାର ଚେନ୍ନାଇରେ ପହଞ୍ଚିଛି। ନିକଟରେ ପାକିସ୍ତାନ ବିପକ୍ଷରେ ୨ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜକୁ କ୍ଲିନ୍ ସୁଇପ୍ କରିବା ପରେ ଭାରତରେ ପହଞ୍ଚିଛି ବାଂଲାଦେଶ। ୧୯ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ରବିବାର ଅପରାହ୍ନରେ ବାଂଲାଦେଶ ଚେନ୍ନାଇ ବିମାନବନ୍ଦରରେ ଓହ୍ଲାଇଥିଲା। ଭାରତ ବିପକ୍ଷ ସିରିଜ୍ ବେଶ୍ ଚ୍ୟାଲେଞ୍ଜିଂ ରହିବ ବୋଲି ବାଂଲାଦେଶ ଅଧିନାୟକ ନଜମୋଲ ହୋସେନ୍ ଶନ୍ତୋ ପ୍ରକାଶ କରିଛନ୍ତି। ପାକିସ୍ତାନ ବିପକ୍ଷ ସିରିଜ୍‌ରେ ଆମର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଥିଲା। ଭାରତ ବିପକ୍ଷରେ ସମାନ ସଫଳତା ଦୋହରାଇବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଭାରତ ଏକ ଶକ୍ତିଶାଳୀ ଦଳ ଓ ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନରେ ରହିଛି। ତେବେ ୫ ଦିନର ଫର୍ମାଟରେ ଠିକ୍ କ୍ରିକେଟ ଖେଳିଲେ ଆମେ ନିଶ୍ଚିତ ବିଜୟୀ ହୋଇପାରିବୁ ବୋଲି କହିଛନ୍ତି ଶନ୍ତୋ। ବିଗତ କିଛିଦିନର ଫର୍ମକୁ ଦେଖିଲେ ଆମେ ଅତ୍ୟନ୍ତ ଚମତ୍କାର କ୍ରିକେଟ ଖେଳିଛୁ। ଫଳାଫଳ ଆମ ହାତରେ ନ ଥିବା ବେଳେ ୫ ଦିନ କ୍ୱାଲିଟି କ୍ରିକେଟ ଖେଳିବା ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି ଶନ୍ତୋ କହିଛନ୍ତି।

**ସୁରକ୍ଷା ବ୍ୟବସ୍ଥା ବଢ଼ିଲା:** ଭାରତ ଗସ୍ତରେ ରହିଥିବା ବାଂଲାଦେଶ କ୍ରିକେଟ ଦଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। ଦୁଇଟି ପୋଲିସ୍ ଭ୍ୟାନ୍ ସହାୟତାରେ ବାଂଲାଦେଶ ଦଳକୁ ହୋଟେଲ ନେବାର ବ୍ୟବସ୍ଥା କରାଯାଇଥିଲା। ହୋଟେଲରେ ପହଞ୍ଚିବା ପରେ ଫୁଲ ତୋଡା ସହ ଦଳକୁ ସ୍ୱାଗତ କରାଯାଇଥିଲା। ନିକଟରେ ବାଂଲାଦେଶରେ ରାଜନୈତିକ ଅସ୍ଥିରତା କାରଣରୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଦେଶ ଛାଡ଼ିବାକୁ ପଡ଼ିଥିଲା। ସେଠାରେ ହୋଇଥିବା ହିଂସାକାଣ୍ଡରେ ମୁଖ୍ୟତଃ ହିନ୍ଦୁମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିସିସିଆଇ ସମ୍ପାଦକ ଜୟ ଶାହା ବାଂଲାଦେଶ କ୍ରିକେଟ ବୋର୍ଡକୁ କଡ଼ା ସୁରକ୍ଷା ବ୍ୟବସ୍ଥା ନେଇ ଆଶ୍ୱାସନା ଦେଇଛନ୍ତି। ଆସନ୍ତା ୩ ସପ୍ତାହ ବାଂଲାଦେଶ ଭାରତରେ ରହିବାକୁ ଥିବା ବେଳେ ଏହାର ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଛନ୍ତି ଶାହା।

# ଉତ୍କଳ କରାଟେ ସ୍କୁଲରେ ଗ୍ରେଡିଂ ପରୀକ୍ଷା

ଭୁବନେଶ୍ୱର,୧୫।୯ (ସରୋଜ ଜେନା)

ରବିବାର ଉତ୍କଳ କରାଟେ ସ୍କୁଲରେ ସୁକୋକୋଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଛି। ସୁକୋକୋଇ କରାଟେ ୟୁନିୟନ ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକ, ବରିଷ୍ଠ ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, କୃଷ୍ଣଚନ୍ଦ୍ର ମହାରଣା, ସୁଶାନ୍ତ ପଣ୍ଡା, ଶୁଭେନ୍ଦୁ ଲେଙ୍କା, ଦୀପକ ଯାଦବ, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ୧୧୩ ଜଣ ପରୀକ୍ଷାର୍ଥୀ ୟେଲୋ ବେଲ୍ଟ, ୯୨ ଜଣ ଅରେଞ୍ଜ ବେଲ୍ଟ, ୫୯ ଜଣ ଗ୍ରୀନ୍ ବେଲ୍ଟ, ୪୭ ଜଣ ବ୍ଲୁ ବେଲ୍ଟ ଓ ୮୪ ଜଣ ବ୍ରାଉନ୍ ବେଲ୍ଟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। କୃଷ୍ଣ ନାୟକ, ଭଗବାନ ରେଡ୍ଡୀ, ସୁସମିନୀ ପାଲଟା ସିଂ, ସନ୍ଦୀପ ଦାଶ, ଦୀପ୍ତି ସ୍ୱାଇଁ ଓ ରଜନୀ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ଟି୨୦ ସିରିଜରୁ ଶୁବମନଙ୍କୁ ବିଶ୍ରାମ

ନୂଆଦିଲ୍ଲୀ, ୧୫।୯ (ପି.ଟି.)

ଅକ୍ଟୋବର ୭ରୁ ଖେଳାଯିବାକୁ ଥିବା ଭ୍ରମଣକାରୀ ବାଂଲାଦେଶ କ୍ରିକେଟ ଦଳ ବିପକ୍ଷ ଟି୨୦ ସିରିଜରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୱାର୍କଲୋଡ୍ ମ୍ୟାନେଜମେଣ୍ଟ ପଲିସି ଅନୁସାରେ ଯେଉଁ କେତେଜଣ ଖେଳାଳିଙ୍କୁ ବିଶ୍ରାମ ଦିଆଯିବ ସେମାନଙ୍କ ମଧ୍ୟରେ ଶୁବମନ ଗିଲ୍ ହେଉଛନ୍ତି ଅନ୍ୟତମ। ଟେଷ୍ଟ ମ୍ୟାଚରେ ରୋହିତ ଶର୍ମା, ବିରାଟ କୋହଲି ଓ ଯଶସ୍ୱୀ ଜୟସ୍ୱାଲଙ୍କ ସହ ଗିଲ୍ ଗୁରୁତ୍ୱପୂର୍ଣ୍ଣ ୩ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥାନ୍ତି। ଚଳିତ ସିଜନରେ ଭାରତ ଖେଳିବାକୁ ଥିବା ସମସ୍ତ ୧୦ଟି ଟେଷ୍ଟ ମ୍ୟାଚରେ ତାଙ୍କୁ ଖେଳାଯିବ ବୋଲି ଆଶା କରାଯାଏ। ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ଦୃଷ୍ଟିରେ ରଖି ଗିଲ୍ ଓ ଅନ୍ୟ କେତେଜଣ ଖେଳାଳିଙ୍କୁ ବିଶ୍ରାମ ଦିଆଯିବ। ଚେନ୍ନାଇରେ ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସହ ଭାରତ ଏହାର ଅନ୍ତର୍ଜାତୀୟ ସିଜନ ଆରମ୍ଭ କରିବ। ଦ୍ୱିତୀୟ ମ୍ୟାଚ ସେପ୍ଟେମ୍ବର ୨୭ରୁ କାନପୁରରେ ହେବ। ଖବର ଅନୁସାରେ ବାଂଲାଦେଶ ବିପକ୍ଷ ଟି୨୦ ମ୍ୟାଚଗୁଡ଼ିକ ଯଥାକ୍ରମେ ଅକ୍ଟୋବର ୭ (ଗ୍ୱାଲିୟର), ୧୦ (ଦିଲ୍ଲୀ) ଓ ୧୩ (ହାଇଦ୍ରାବାଦ)ରେ ଖେଳାଯିବ। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଅକ୍ଟୋବର ୧୬ରୁ ଆରମ୍ଭ ହେବ। ଦୁଇ ସିରିଜ ମଧ୍ୟରେ ୩ ଦିନ ବ୍ୟବଧାନରେ ହେବ। ତେଣୁ ଗିଲ୍‌ଙ୍କୁ ବିଶ୍ରାମ ଦେବା ଜରୁରୀ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ଗିଲ୍ ତାଙ୍କ କ୍ୟାରିୟରରେ ଏପର୍ଯ୍ୟନ୍ତ ୨୧ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଏଥିରେ ସେ ଏକ ଶତକ ଏବଂ ୩ ଅର୍ଦ୍ଧଶତକ ହାସଲ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୧୪୦ ପାଖାପାଖି ରହିଛି। ସେ ନିକଟରେ ହରାରେଠାରେ ଜିମ୍ବାୱେ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ତାଙ୍କୁ ଅଧିନାୟକ ନିଯୁକ୍ତି ଦିଆଯାଇଥିଲା। ଭାରତ ଏଥିରେ ୪-୧ରେ ବିଜୟୀ ହୋଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦୃଷ୍ଟିରୁ ଚଳିତ ସିଜନରେ ଅନ୍ତର୍ଜାତୀୟ ଟି୨୦ର ଗୁରୁତ୍ୱ ଅପେକ୍ଷାକୃତ କମ୍ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ଏଜେଣ୍ଡା ଶୀର୍ଷରେ ରହିଛି। ଫେବୃଆରୀ-ମାର୍ଚ୍ଚରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବାକୁ ଥିବାରୁ ଅନ୍ତର୍ଜାତୀୟ ଦିନିକିଆର ମଧ୍ୟ ଗୁରୁତ୍ୱ ରହିଛି। ଖବର ଅନୁସାରେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜରେ ଅଧିକାଂଶ ଟେଷ୍ଟ ଖେଳାଳି ଖେଳିବେ ନାହିଁ। ରୋହିତ, ବିରାଟ ଓ ରବୀନ୍ଦ୍ର ଜାଡେଜା ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଇସାରିଛନ୍ତି। ୱାର୍କଲୋଡ୍ ମ୍ୟାନେଜମେଣ୍ଟର ଆବଶ୍ୟକତା ଅନୁସାରେ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜଙ୍କୁ ମଧ୍ୟ ବିଶ୍ରାମ ଦିଆଯିବ। ରିଷଭ ପନ୍ତଙ୍କୁ ଯଦି ଅନ୍ତର୍ଜାତୀୟ ଟି୨୦ରେ ଖେଳାଯାଏ ତେବେ ୱାର୍କଲୋଡ୍ ମ୍ୟାନେଜମେଣ୍ଟ ତାଙ୍କୁ ଆଗାମୀ ଟେଷ୍ଟ ସିରିଜରୁ ବିଶ୍ରାମ ଦେବ କି ନା ତାହା ଲକ୍ଷ୍ୟ କରିବାର କଥା। ପନ୍ତଙ୍କୁ ଯଦି ବିଶ୍ରାମ ଦିଆଯାଏ ତେବେ ଇଶନ କିଶନଙ୍କ ନାମ ପୁନର୍ବାର ବିଚାରକୁ ନିଆଯାଇପାରେ।

# ଭଙ୍ଗାହାତରେ ଖେଳିଲେ ନୀରଜ



ନୀରଜ ଚୋପ୍ରା

ବ୍ରସେଲ୍ସ,୧୫।୯(ପି.ଟି.)

ଦୁଇଥର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ଭଙ୍ଗାହାତରେ ଡାଇମଣ୍ଡ ଲିଗ୍‌ର ସିଜନ ଫାଇନାଲରେ ଅଂଶଗ୍ରହଣ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ନୀରଜ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅଭ୍ୟାସ ସମୟରେ ନୀରଜଙ୍କ ବାମହାତ ଭାଙ୍ଗି ଯାଇଥିଲା। ହାତରେ ଯନ୍ତ୍ରଣା ସତ୍ତ୍ୱେ ନୀରଜ ୮୭.୮୬ ମିଟର ଦୂରକୁ ଥ୍ରୋ କରିଥିଲେ। ସୋମବାର ଅଭ୍ୟାସ ସମୟରେ ନୀରଜଙ୍କ ହାତର ମେଟାକର୍ପଲରେ ଫ୍ରାକ୍‌ଚର ହୋଇଥିଲା। ୨୬ ବର୍ଷୀୟ ନୀରଜ ନିଜ ସୋସିଆଲ ମିଡିଆରେ ଏହି ଖବର ଶେୟାର କରିଥିଲେ।

ଶନିବାର ଅନୁଷ୍ଠିତ ଫାଇନାଲରେ ନୀରଜଙ୍କଠାରୁ ମାତ୍ର ୦.୧ ସେଣ୍ଟିମିଟରେ ଆଗରେ ରହି ଗ୍ରେନେଡାର ପିଟର୍ସ ଆଣ୍ଡରସନ୍ ସ୍ୱର୍ଣ୍ଣ ପଦକ ଜିତିଥିଲେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ନୀରଜ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସାଧାରଣତଃ ଥ୍ରୋ ପରେ ସେ ତଳେ ପଡିଥାନ୍ତି, ଯେଉଁ ଥିରେ ବାମହାତ ତଳେ ଲାଗିଥାଏ। ତେବେ ଶନିବାର ୬ ଥ୍ରୋରେ ନୀରଜ ଠିଆ ହୋଇ ଥ୍ରୋ କରିବା ସହ ତଳକୁ ନଇଁ ନ ଥିଲେ। ଫଳରେ ଆବଶ୍ୟକୀୟ ଶକ୍ତି ଲଗାଇ ନ ପାରି ନୀରଜ ପଛରେ ରହି ଯାଇଥିଲେ। ହାତର ଆଘାତକୁ ନେଇ ନୀରଜ କୌଣସି ସୂଚନା ଦେଇ ନ ଥିବା ବେଳେ ସୁସ୍ଥ ହେବା ପାଇଁ ୧ ମାସରୁ ଅଧିକ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ବିଗତ କିଛି ମାସ ହେବ ନୀରଜଙ୍କଠାରେ ଏକାଧିକ ଫିଟନେସ ସମସ୍ୟା ରହିଛି। ଜଙ୍ଘରେ ସମସ୍ୟା ରହିଥିବା ବେଳେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ନୀରଜ ରୌପ୍ୟ ପଦକ ଜିତିଥିଲେ।


# Classified Everyday
0674-2580101, 2549949



REAL ESTATE

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1351

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437226965, 9778832554.** D-1350



**Vacant Land Ac. 0.250 decimal with boundary wall at Brahmanajharilo beside NH, near Xavier School, Nakhara, Cuttack. Contact- 9937591006, 9776681678.** D-75820



Newly open Jyoti SPA positively health benefits (Expert therapist). 8458067955. D-76151

Kerala body Massage therapy Male/Female any person. Bhubaneswar. 9337672475. D-1285

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Newly open health benefits SPA special offer @ 999 Bapuji Nagar. 8018429809. D-76153

## AFFIDAVIT

I, Mrs. Sanjukta Panigrahi, aged about 48 yrs, W/o- Pradeep Ku. Sarangi, Residing at Flat No.-A/201, Infocity Green Apartment, Sailashreevihar, Bhubaneswar- 751021 do hereby solemnly affirms declare that Sanjukta Panigrahi and Sanjukta Sarangi is one and same person. D-1352

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଂକ୍ଷେତ୍ରବାସୀ ଖଟୁଆ**
ନିୟୁକଲୋନୀ ଜଗନ୍ନାଥପୁର
ଆବିର୍ଭାବ: ୧୫।୦୩।୧୯୪୫
ତିରୋଧାନ: ୦୬।୦୯।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆତ୍ମମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୩୪୯

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂଆଦ୍ୟାପଦ କର**
ସା/ଥାନା- କରଂଜିଆ, ଜିଲ୍ଲା- ମୟୂରଭଞ୍ଜ
ଆବିର୍ଭାବ: ୨୦।୧୦।୧୯୩୬
ତିରୋଧାନ: ୦୬।୦୯।୨୦୨୪
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଝିଅ, ଜ୍ୱାଇଁ ଏବଂ ସିଦ୍ଧେଶ୍ୱର ଶିବ ମନ୍ଦିର କମିଟି
ଧ-୧୩୫୩

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଂ ପ୍ରଦିପ୍ତ କୁମାର ମହାନ୍ତି**
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହିଁ ଚାହିଁ ପାଞ୍ଚବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ରାନୁ (ପତ୍ନୀ), ମିଟୁ, ଗଣ୍ଟୁ (ପୁତୁରା), ମାମୁନି (ଝିଅ), ପବନ (ଜ୍ୱାଇଁ), ବବ୍‌ଲୁ (ନାତି), କୁବୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୩୩୭

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)
ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ
ଧ-୧୩୩୬

ସ୍ମୃତିରେ ...
**ଗାନ୍ଧୀ ମଣିଷ**
**ଦୋଳଗୋବିନ୍ଦ**



**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**
ତା: ୧୬.୦୯.୨୦୨୪
(ସୋମବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି, ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ ଅରିନ୍ଦମ, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡଃ ବୁଦ୍ଧ ଦେବ ମିଶ୍ର
ଧ-୧୩୪୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଓଜୋନ ସୁରକ୍ଷା, ଜୀବନ ରକ୍ଷା

## ଆଜି 'ବିଶ୍ୱ ଓଜୋନ ଦିବସ'। ସେ ସମ୍ପର୍କରେ ଉପସ୍ଥାପନା...



ନିକୁଞ୍ଜ ବିହାରୀ ସାହୁ

''ଓଜୋନ ଏକ ଈଷତ୍ ନୀଳବର୍ଣ୍ଣର ତଥା ତୀବ୍ର ଗନ୍ଧଯୁକ୍ତ ଗ୍ୟାସ୍। ଏହା ଜଳରେ ସାମାନ୍ୟ ମାତ୍ରାରେ ଦ୍ରବଣୀୟ। ଏହି ଗ୍ୟାସ୍‌କୁ ୧୮୪୦ ମସିହାରେ ଜଣେ ଜର୍ମାନୀ ରସାୟନବିତ୍ ଖ୍ରୀଷ୍ଟିଆନ ଫ୍ରେଡରିକ ସ୍କୋନବିନ ଆବିଷ୍କାର କରିଥିଲେ। ଏହା ସାଧାରଣତଃ ଏକ ବିଷାକ୍ତ ଗ୍ୟାସ୍ ଏବଂ ଭୂପୃଷ୍ଠରେ ଏକ ବାୟୁ ପ୍ରଦୂଷକ ପଦାର୍ଥ ରୂପେ ଜଣା। ଏହାକୁ ପାନୀୟଜଳ ବୋତଲ ପ୍ରସ୍ତୁତିରେ ଏବଂ ଜଳକୁ ଜୀବାଣୁମୁକ୍ତ କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଭୂପୃଷ୍ଠରେ ଏକ ବିଷାକ୍ତ ଗ୍ୟାସ୍ ହୋଇଥିଲା ବେଳେ ଊର୍ଦ୍ଧ୍ୱ ବାୟୁମଣ୍ଡଳରେ କିନ୍ତୁ ଆମ ପାଇଁ ଏକ ବରଦାନ ସଦୃଶ କାର୍ଯ୍ୟ କରେ।''



ଆମ ପୃଥିବୀ ଗ୍ରହରେ ଜୀବନ ସଞ୍ଚାର ହେବା ପଛରେ ଗୋଟିଏ ପ୍ରମୁଖ କାରଣ ହେଲା ଏହାର ଊର୍ଦ୍ଧ୍ୱ ବାୟୁମଣ୍ଡଳରେ ଥିବା ଓଜୋନ ମଣ୍ଡଳ। ଏହା ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମିକୁ ଶୋଷିନେଇ ଏକ ଛତା ସଦୃଶ ଆମ ଜୀବମଣ୍ଡଳକୁ ସୁରକ୍ଷା ପ୍ରଦାନ କରିଥାଏ। ଆମ ସୌରମଣ୍ଡଳର ଅନ୍ୟ କୌଣସି ଜୀବନୋପଯୋଗୀ ପିଣ୍ଡ ଯଥା ମଙ୍ଗଳ ଗ୍ରହ କିମ୍ବା ଚନ୍ଦ୍ରରେ ଓଜୋନ ମଣ୍ଡଳ ନ ଥିବାରୁ ସେଠାରେ ଜୀବନ ଧାରଣ ଅସମ୍ଭବ। ଅନ୍ତରୀକ୍ଷରୁ ସମୁଦାୟ ତିନି ପ୍ରକାରର ଅତିବାଇଗଣି ରଶ୍ମି ପୃଥିବୀରେ ଆପତିତ ହୋଇଥାଏ। ସେଥିମଧ୍ୟରୁ ସବୁଠାରୁ ମାରାତ୍ମକ ଏବଂ କ୍ଷତିକାରକ ରଶ୍ମି ହେଉଛି ଅତିବାଇଗଣି ରଶ୍ମି 'ଖ'। ଏହାର ତରଙ୍ଗ ଦୈର୍ଘ୍ୟ ପରିସର ହେଉଛି ୨୮୦ରୁ ୩୧୫ ନାନୋମିଟର। ଏହା ପ୍ରାଣୀ ଶରୀରର ଜୀବନ୍ତ କୋଷର ଡିଏନ୍‌ଏ (ଯାହା ଜୀବର ସମସ୍ତ ଗୁଣାବଳୀର ବାହକ)କୁ ନଷ୍ଟ କରିଦେବା ସହିତ ଚର୍ମରେ 'ମେଲାନୋମା' କର୍କଟ ରୋଗ ଏବଂ ଚକ୍ଷୁରେ ମୋତିଆବିନ୍ଦୁ ରୋଗ ସୃଷ୍ଟି କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ଦୁର୍ବଳ କରିଦିଏ। ଏହା ମଧ୍ୟ ଉଦ୍ଭିଦରେ ଅଭିବୃଦ୍ଧି ହାର ତଥା ଫୁଲ ଓ ଫଳ ଧରିବାର ଧାରାକୁ ଗୁରୁତର ପ୍ରଭାବିତ କରିଥାଏ। ଏହାର କୁପ୍ରଭାବ କେବଳ ସ୍ଥଳଭାଗରେ ସୀମିତ ନୁହେଁ, ଏହା ସମୁଦ୍ରରେ ସାମୁଦ୍ରିକ ଖାଦ୍ୟଶୃଙ୍ଖଳର ମୂଳାଧାର ଫାଇଟୋପ୍ଲାଙ୍କଟନ ଅଣୁଜୀବକୁ ମଧ୍ୟ ନଷ୍ଟ କରିଥାଏ। ମାତ୍ର ଆମ ବାୟୁମଣ୍ଡଳରେ ଥିବା ଓଜୋନ ସ୍ତର ଏକ କବଚ ସଦୃଶ। ଏହି ଅତି-ମାରାତ୍ମକ ରଶ୍ମିକୁ ଶୋଷିନେଇ ସମଗ୍ର ଜୀବଜଗତକୁ ରକ୍ଷା କରିଥାଏ। ସୁତରାଂ ଆମ ବାୟୁମଣ୍ଡଳରେ ଓଜୋନ ସ୍ତରର ଉପସ୍ଥିତି ଆମ ପାଇଁ ପ୍ରକୃତିର ଏକ ବରଦାନ ସଦୃଶ।

'ବିଶ୍ୱ ପାଇଁ ଚିନ୍ତନ, ସ୍ଥାନୀୟ ଭାବେ ଉଦ୍ୟମ' ଆମର ମୂଳମନ୍ତ୍ର ହେବା ଉଚିତ। ସୁତରାଂ ଆମ ପୃଥିବୀରେ ଓଜୋନ ସ୍ତରର ମହତ୍ତ୍ୱ, ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ଏହାର ବିନଷ୍ଟ ତଥା ଏହି ଧାରାରେ ପରିବର୍ତ୍ତନ ଆଣି ଓଜୋନ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ନିମନ୍ତେ ସେପ୍ଟେମ୍ବର ୧୬ ତାରିଖକୁ 'ବିଶ୍ୱ ଓଜୋନ ଦିବସ' ରୂପେ ପାଳନ କରାଯାଉଛି। ଚଳିତ ବର୍ଷର ବିଶ୍ୱ ଓଜୋନ ଦିବସ ପାଳନର ବିଷୟ ହେଉଛି, 'ମଣ୍ଟ୍ରିଲ ରାଜିନାମା: ଜଳବାୟୁ ନିମନ୍ତେ କାର୍ଯ୍ୟକ୍ରମର ଆହ୍ୱାନ'। ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ବୈଶ୍ୱିକ କ୍ଷେତ୍ରରେ ମଣ୍ଟ୍ରିଲ ରାଜିନାମା ଏକ ସର୍ବପ୍ରଥମ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବାରୁ ଏହି ରାଜିନାମାର ସୁପାରିସ ଅନୁସାରେ କାର୍ଯ୍ୟକରି ଅବକ୍ଷୟମୁଖୀ ଓଜୋନ ସ୍ତରର ସୁରକ୍ଷା ସାଙ୍ଗକୁ ଆମ ପରିବର୍ତ୍ତନଶୀଳ ଜଳବାୟୁର ସୁରକ୍ଷା ଦିଗରେ ମଧ୍ୟ କାର୍ଯ୍ୟ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ।

ଆମ ବାୟୁମଣ୍ଡଳର ନିମ୍ନ ଷ୍ଟ୍ରାଟୋମଣ୍ଡଳରେ ଭୂପୃଷ୍ଠରୁ ପ୍ରାୟ ୧୫ ରୁ ୩୫ କି.ମି. ଉଚ୍ଚତାରେ ଏହି ଓଜୋନ ମଣ୍ଡଳ ଅବସ୍ଥିତ। ଏହି ମଣ୍ଡଳ ମୁଖ୍ୟତଃ ଓଜୋନ ଗ୍ୟାସ୍‌ରେ ଗଢ଼ା। ଏହାର ହାରାହାରି ମୋଟେଇ ଡବସନ ମାପକ ପଦ୍ଧତିରେ ମାତ୍ର ୩ ମିଲିମିଟର। ଏହି ମୂଲ୍ୟ ସର୍ବଦା ସ୍ଥିର ନ ରହି ଋତୁ ଅନୁସାରେ କମ୍ ବେଶି ହୋଇଥାଏ। ଓଜୋନ ଏକ ଈଷତ୍ ନୀଳବର୍ଣ୍ଣର ତଥା ତୀବ୍ର ଗନ୍ଧଯୁକ୍ତ ଗ୍ୟାସ୍। ଏହା ଜଳରେ ସାମାନ୍ୟ ମାତ୍ରାରେ ଦ୍ରବଣୀୟ। ଏହି ଗ୍ୟାସ୍‌କୁ ୧୮୪୦ ମସିହାରେ ଜଣେ ଜର୍ମାନୀ ରସାୟନବିତ୍ ଖ୍ରୀଷ୍ଟିଆନ ଫ୍ରେଡରିକ ସ୍କୋନବିନ ଆବିଷ୍କାର କରିଥିଲେ। ଏହା ସାଧାରଣତଃ ଏକ ବିଷାକ୍ତ ଗ୍ୟାସ୍ ଏବଂ ଭୂପୃଷ୍ଠରେ ଏକ ବାୟୁ ପ୍ରଦୂଷକ ପଦାର୍ଥ ରୂପେ ଜଣା। ଏହାକୁ ପାନୀୟଜଳ ବୋତଲ ପ୍ରସ୍ତୁତିରେ ଏବଂ ଜଳକୁ ଜୀବାଣୁମୁକ୍ତ କରିବା ପାଇଁ ବ୍ୟବହାର କରାଯାଇଥାଏ। ଏହା ଭୂପୃଷ୍ଠରେ ଏକ ବିଷାକ୍ତ ଗ୍ୟାସ୍ ହୋଇଥିଲା ବେଳେ ଊର୍ଦ୍ଧ୍ୱ ବାୟୁମଣ୍ଡଳରେ କିନ୍ତୁ ଆମ ପାଇଁ ଏକ ବରଦାନ ସଦୃଶ କାର୍ଯ୍ୟ କରେ। ସେଠାରେ, ସୂର୍ଯ୍ୟରୁ ଆସୁଥିବା ଅତିବାଇଗଣି ରଶ୍ମିର ପ୍ରଭାବରେ ଅମ୍ଳଜାନର ଅଣୁ ଭାଙ୍ଗିଯାଇ ଅମ୍ଳଜାନର ପରମାଣୁରେ ପରିଣତ ହୁଏ। ଏହି ଅମ୍ଳଜାନର ପରମାଣୁ ଅମ୍ଳଜାନର ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ଓଜୋନର ଅଣୁ ଗଠନ କରେ। ଏକ ଓଜୋନ ଅଣୁର ଆଣବିକ ବସ୍ତୁତ୍ୱ ହେଉଛି ୪୮, ଯାହା ଗୋଟିଏ ଅମ୍ଳଜାନର ଅଣୁଠାରୁ ପ୍ରାୟ ଦେଢ଼ ଗୁଣ ଭାରି। କୌଣସି ଅମ୍ଳଜାନର ଅଣୁରେ ଦୁଇଟି ପରମାଣୁ ରହିଥିଲାବେଳେ ଗୋଟିଏ ଓଜୋନ ଅଣୁ ଅମ୍ଳଜାନର ସମୁଦାୟ ତିନୋଟି ପରମାଣୁରେ ଗଢ଼ା। ମାତ୍ର ଘୋର ପରିତାପର ବିଷୟ ଯେ, କିଛି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଆମର ଏହି ରକ୍ଷାକାରୀ କବଚ ଓଜୋନ ମଣ୍ଡଳ ଏବେ କ୍ଷତିଗ୍ରସ୍ତ ହୋଇ ଏହାର ବିସ୍ତୀର୍ଣ୍ଣ ଅଞ୍ଚଳରେ ଓଜୋନ ନଷ୍ଟ ହୋଇଗଲାଣି କିମ୍ବା ଓଜୋନ ସ୍ତର ପତଳା ହୋଇ ଗଲାଣି। ଏହାକୁ 'ଓଜୋନ ସ୍ତରରେ ଛିଦ୍ର' ବୋଲି କୁହାଯାଉଛି। ଓଜୋନ ସ୍ତରରେ ଏହିଭଳି ଏକ ବିଶାଳ ଛିଦ୍ର ଗତ ୧୯୮୫ ମସିହାରେ ଦଳେ ବ୍ରିଟିଶ ବୈଜ୍ଞାନିକ ଆଣ୍ଟାର୍କଟିକା ମହାଦେଶ ଉପରେ ଆବିଷ୍କାର କରିଥିଲେ। ଫଳରେ ଏଭଳି ଛିଦ୍ର ଦେଇ ମହାକାଶରୁ ଆସୁଥିବା ମାରାତ୍ମକ ଅତିବାଇଗଣି ରଶ୍ମି ସିଧାସଳଖ ଆମ ଜୀବମଣ୍ଡଳରେ ପ୍ରବେଶ କରି ଜୀବଜଗତର ଘୋର କ୍ଷତି ସାଧନ କରୁଛି। ଏହାର ପରିଣାମ ସ୍ୱରୂପ, ବିଶ୍ୱରେ ବିଗତ ଦିନମାନଙ୍କରେ ଚର୍ମକର୍କଟ ଓ ମୋତିଆବିନ୍ଦୁ ରୋଗର ପ୍ରାଦୁର୍ଭାବ ବଢ଼ିଛି। ଓଜୋନ ସ୍ତରର ଏଭଳି କ୍ଷୟକ୍ଷତି ପାଇଁ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଫ୍ରିଜ୍, ଏୟାର କଣ୍ଡିଶନର ଇତ୍ୟାଦି ଉପକରଣରେ ବ୍ୟବହୃତ 'କ୍ଲୋରୋଫ୍ଲୋରୋକାର୍ବନ' ନାମକ ଏକ ପଦାର୍ଥ ମୁଖ୍ୟତଃ ଦାୟୀ। ଏହି ପଦାର୍ଥକୁ ମଧ୍ୟ ବଡି ଡିଓଡୋରାଣ୍ଟ ଭଳି ଏରୋସଲ ସ୍ପ୍ରେ ଇତ୍ୟାଦିରେ ଗ୍ୟାସୀୟ ପଦାର୍ଥକୁ ଠେଲି ପଦାକୁ ନିର୍ଗତ କରିବା ପାଇଁ 'ପ୍ରପ୍ଲେଣ୍ଟ' ରୂପରେ ବ୍ୟବହାର କରାଯାଏ। ଏହାଛଡ଼ା ଅଗ୍ନି ନିର୍ବାପକ ଯନ୍ତ୍ରରେ ବ୍ୟବହାର କରାଯାଉଥିବା ହ୍ୟାଲୋନ ନାମକ ଏକ ପଦାର୍ଥ ତଥା ଇଲେକ୍ଟ୍ରୋନିକ୍ସ ଶିଳ୍ପରେ ଦ୍ରାବକ ରୂପେ ବ୍ୟବହାର କରାଯାଉଥିବା କାର୍ବନ ଟେଟ୍ରାକ୍ଲୋରାଇଡ ପଦାର୍ଥ ମଧ୍ୟ ଓଜୋନ ସ୍ତରରେ କ୍ଷତି ପହଞ୍ଚାଇପାରେ। ଏଭଳି ସମସ୍ତ ପଦାର୍ଥକୁ 'ଓଜୋନ ନଷ୍ଟକାରୀ ପଦାର୍ଥ' ବୋଲି କୁହାଯାଏ।

ଏହି ପଦାର୍ଥସବୁ ମେରୁ ଅଞ୍ଚଳର ପବନର ଭଉଁରୀରେ ଘୂରି ଘୂରି ଊର୍ଦ୍ଧ୍ୱକୁ ଉଠି ନିମ୍ନ ଷ୍ଟ୍ରାଟୋମଣ୍ଡଳରେ ଥିବା ଓଜୋନ ସ୍ତର ସହିତ ମିଳିତ ହୋଇଥାଏ। ଏହା ସେଠାରେ ପଡୁଥିବା ତୀବ୍ର ଅତିବାଇଗଣି ରଶ୍ମିର ପ୍ରଭାବରେ ବିଭାଜିତ ହୋଇ କ୍ଲୋରିନର ମୁକ୍ତମୂଳକ (Free Chlorine radical) ନିର୍ଗତ କରେ। କ୍ଲୋରିନର ଗୋଟିଏ ମୁକ୍ତମୂଳକ ଓଜୋନର ଏକ ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ଓଜୋନ ଅଣୁକୁ ଅମ୍ଳଜାନର ଅଣୁରେ ପରିଣତ କରେ। ଏହିପରି ଭାବରେ ଓଜୋନ ସ୍ତରରେ ଓଜୋନ କ୍ଷୟ ଘଟିଥାଏ। ଏହି ପ୍ରକ୍ରିୟାରେ କ୍ଲୋରିନର ମୁକ୍ତମୂଳକଟି ବିନଷ୍ଟ ନ ହୋଇ ପୁଣି ନିର୍ଗତ ହୋଇ ଏକ କ୍ଷୁଧିତ ଦାନବ ସଦୃଶ ଅନ୍ୟ ଏକ ଓଜୋନ ଅଣୁକୁ ଆକ୍ରମଣ କରି ନଷ୍ଟ କରିଥାଏ। ହିସାବରୁ ଦେଖାଯାଇଛି ଯେ, କ୍ଲୋରିନର ଗୋଟିଏ ମୁକ୍ତମୂଳକ ଷ୍ଟ୍ରାଟୋମଣ୍ଡଳରେ ନିଜର ଦୀର୍ଘ ଜୀବନକାଳ ମଧ୍ୟରେ ପ୍ରାୟ ୧ ଲକ୍ଷ ଓଜୋନ ଅଣୁକୁ ଆକ୍ରମଣ କରି ନଷ୍ଟ କରିଥାଏ।

ତେବେ ପ୍ରତିକାର କ'ଣ? ଆମକୁ ଆମ ପୃଥିବୀରେ ଜୀବଜଗତର ସୁରକ୍ଷା ଦୃଷ୍ଟିକୋଣରୁ ଆମର ପ୍ରାକୃତିକ ରକ୍ଷାକବଚ ଓଜୋନ ସ୍ତରର ସୁରକ୍ଷା କରିବାକୁ ପଡ଼ିବ। ଆମକୁ ଦୈନନ୍ଦିନ ଜୀବନରେ ଓଜୋନ ନଷ୍ଟକାରୀ ପଦାର୍ଥର ବ୍ୟବହାରକୁ ହ୍ରାସ କରିବା ସହିତ ସେଗୁଡ଼ିକ ବ୍ୟବହୃତ ହେଉଥିବା ଫ୍ରିଜ୍, ଏସି, ବଡି ସ୍ପ୍ରେ ଭଳି ଆରାମଦାୟକ ତଥା ବିଳାସପୂର୍ଣ୍ଣ ଉପକରଣ ଓ ସାମଗ୍ରୀର ବ୍ୟବହାରକୁ ମଧ୍ୟ ସୀମିତ କରିବାକୁ ପଡ଼ିବ। ବ୍ୟକ୍ତିସ୍ତରର ଛୋଟିଆ ଛୋଟିଆ ପଦକ୍ଷେପ ଦ୍ୱାରା ସାମୂହିକ ସ୍ତରରେ ବିଶାଳ ଯୋଗଦାନ ଘଟି ଓଜୋନ ସୁରକ୍ଷା ଦିଗରେ ଆଖିଦୃଶିଆ ଏକ ବିପ୍ଳବ ସୃଷ୍ଟି କରିହେବ।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ଅସ୍ଥିକୁ ଦୃଢ଼ କରେ ଭିଟାମିନ୍ 'ସି'



ଭିଟାମିନ୍ 'ସି'ରେ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା କ'ଣ ଜାଣନ୍ତି? ଆମେ ଯଦି ପ୍ରତିଦିନ ଏଭଳି ଖାଦ୍ୟ ଖାଇବା ତେବେ ଆମର ଅସ୍ଥି ପୂର୍ବାପେକ୍ଷା ଆହୁରି ଦୃଢ଼ ରହିବ। କେବଳ ସେତିକି ନୁହେଁ, ଏହା ଶରୀର ପାଇଁ ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ନିୟମିତ ଖାଇଲେ ତାହା ଆମର ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍)ରୁ ଏହା ଅନେକାଂଶରେ ଉପଶମ ଦେଇଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ହୃତ୍‌ପିଣ୍ଡକୁ ମଧ୍ୟ ଏହା ସୁସ୍ଥ ରଖିବାରେ ସାହାଯ୍ୟ କରେ। ରକ୍ତରେ ୟୁରିକ୍ ଏସିଡର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍-ସି ଭରି ରହିଛି।

## ଏଭଳି ଅଭ୍ୟାସ ଥିଲେ...



ଖାଦ୍ୟ ଖାଇସାରିବା ପରେ କେତୋଟି ବିଷୟ ପ୍ରତି ସଚେତନ ରହିବା ନିହାତି ଦରକାର। ଖାଇବା ପରେ କେତେକ ବ୍ୟକ୍ତି କୋଲ୍ଡ ଡ୍ରିଙ୍କସ, କଫି ଆଦି ପିଇଥାଆନ୍ତି। ହେଲେ ଯଦି ଏଭଳି ଅଭ୍ୟାସ ଅଛି ତେବେ ତାହାକୁ ବର୍ଜନ କରନ୍ତୁ। ଆଉ ଏକ କଥା ହେଲା ନିଶାଦ୍ରବ୍ୟ। ଖାଇବା ସହ ହେଉ ଅବା ଖାଇବା ପରେ ନିଶାଦ୍ରବ୍ୟ ସେବନ କରିବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଖାଦ୍ୟ ଖାଇବା ପରେ ଯଦି ଜଣେ ବ୍ୟକ୍ତି ନିଶାଦ୍ରବ୍ୟ ସେବନ କରନ୍ତି, ତେବେ ସେ ଭବିଷ୍ୟତରେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। କେତେକ ବ୍ୟକ୍ତି ଖାଇବା ପରେ ଗାଧୋଇବାକୁ ପସନ୍ଦ କରନ୍ତି। ହେଲେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଏହା ରକ୍ତରେ ସୁଗାର୍ ଲେଭଲ୍‌କୁ ସନ୍ତୁଳିତ ରଖିବ ଏବଂ ବ୍ରେନ୍‌କୁ ଆରାମ ଯୋଗାଇବ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ଜମାରୁ ବି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ରାତ୍ର ଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ।

## କଲରା ଖାଉଥିଲେ...



କଲରାର ସ୍ୱାଦ ପିତା, ହେଲେ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା କେତେ ଲାଭପ୍ରଦ ତାହା ପ୍ରାୟ ଅନେକ ଜାଣନ୍ତି। ଏହାକୁ ନିୟମିତ ଖାଇଲେ ରକ୍ତରେ ସୁଗାର ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ। କେବଳ ସେତିକି ନୁହେଁ, ଏଥିରେ ଆହୁରି ଅନେକ ଭଲ ଗୁଣ ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। କଲରାରେ ଭିଟାମିନ୍ 'ଏ' ଭରିରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଓଜନକୁ ସନ୍ତୁଳିତ ରଖିବାରେ କେତେକାଂଶରେ କଲରା ସାହାଯ୍ୟ କରିଥାଏ। ଶରୀରରେ ଆଲର୍ଜିକୁ ପ୍ରତିହତ କରିବାର କ୍ଷମତା ମଧ୍ୟ ଏହାର ରହିଛି। ରକ୍ତ ସଞ୍ଚାଳନକୁ କଲରା ସକ୍ରିୟ ରଖିଥାଏ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ସୁନିଦ୍ରା ଓ ଅଙ୍ଗୁର



ଦିନତମାମ ପରିଶ୍ରମ ପରେ ଜଣେ ବ୍ୟକ୍ତି ରାତିରେ ଭଲ ଭାବରେ ନିଦ୍ରା ଯିବା ନିହାତି ଦରକାର। କାରଣ ଏହାଦ୍ୱାରା ଶରୀରକୁ ବିଶ୍ରାମ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ। ତେବେ ସୁନିଦ୍ରା ପାଇଁ ଆପଣ ଏକ ସରଳ ଉପାୟ ଆପଣେଇ ପାରନ୍ତି। ତାହା କ'ଣ ଜାଣନ୍ତି? ଟୋକିଓ ୟୁନିଭର୍ସିଟି ପକ୍ଷରୁ ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ କିଛି ପରିମାଣରେ ଅଙ୍ଗୁର ଖାଆନ୍ତି, ତେବେ ତାହା ଭଲ ନିଦ ହେବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ନିଦ୍ରାଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏଥିରୁ ରକ୍ଷା ପାଇବା ପାଇଁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ସେମାନଙ୍କୁ ପ୍ରତିଦିନ କିଛି ପରିମାଣରେ ଅଙ୍ଗୁର ଖାଇବାକୁ ଦେଇଥିଲେ । ଏହାଦ୍ୱାରା କେତେକଙ୍କୁ ଭଲ ନିଦ ହେଉଥିବାର ସେମାନେ ଲକ୍ଷ୍ୟ କରିଥିଲେ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଅଙ୍ଗୁରରେ ଭିଟାମିନ୍-ସି ଭରି ରହିଛି, ଯେଉଁଥିପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୋଇଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଆଖୁରସ ପିଇବା ଦ୍ୱାରା ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ପାକସ୍ଥଳୀ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ।
- ପ୍ରତିଦିନ ଜଳଖିଆରେ ଗଜାମୁଗ ଓ ବୁଟମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ।



- ସବୁବେଳେ ଠିକ୍ ସମୟରେ ହିଁ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ଗ୍ୟାଷ୍ଟ୍ରିକଜନିତ ସମସ୍ୟା ଠାରୁ ଆପଣ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବେ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ଆପଣଙ୍କର ଯଦି କୌଣସି ମେଡିସିନ୍ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ଅଛି ତେବେ ତାହା ଜଣାଇବାକୁ ଭୁଲନ୍ତୁ ନାହିଁ।
- ଅନ୍ୟମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ଅଧିକ ସମୟ ବ୍ୟାୟାମ କରନ୍ତୁ ନାହିଁ। ଆପଣଙ୍କୁ ଯେତିକି ସମୟ ଠିକ୍ ଲାଗୁଛି ସେତିକି ସମୟ ବ୍ୟାୟାମ କରନ୍ତୁ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ରାତ୍ର ଭୋଜନରେ ଯେତେ ଗରିଷ୍ଠଜାତୀୟ ଖାଦ୍ୟ କମ୍ ଖାଇବେ ତାହା ସେତେ ଭଲ।
- ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି କାମ କରୁଥିଲେ ଅଣ୍ଟାଜନିତ ସମସ୍ୟା ଦେଖାଦେଇପାରେ। ତେଣୁ କିଛି ସମୟ ଅନ୍ତରାଳରେ ସିଟ୍‌ରୁ ଉଠି ଟିକେ ଚାଲବୁଲ କରନ୍ତୁ।

# କୃତ୍ରିମ ରକ୍ତ



ଡ. ସ୍ନିଗ୍ଧା ପଣ୍ଡା

''ଏକ ରକ୍ତ ବଦଳକାରୀ, ଯାହାକୁ କୃତ୍ରିମ ରକ୍ତ ବା ରକ୍ତ ସରୋଗେଟ ମଧ କୁହାଯାଏ, ଏହା ଏକ ପଦାର୍ଥ ଯାହା ଜୈବିକ ରକ୍ତର କିଛି କାର୍ଯ୍ୟକୁ ଅନୁକରଣ କରିବା ଏବଂ ପୂରଣ କରିବା ପାଇଁ ପରିକଳ୍ପିତ। ରକ୍ତଦାନ ପାଇଁ ଏହା ଏକ ବିକଳ୍ପ ପ୍ରଦାନ କରିଥାଏ, ଯେଉଁଥିରେ ରକ୍ତ କିମ୍ବା ରକ୍ତଭିତ୍ତିକ ଉତ୍ପାଦକୁ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣକୁ ସ୍ଥାନାନ୍ତର କରାଯାଏ। ସମ୍ପ୍ରତି କୌଣସି ବହୁଳ ଭାବରେ ଗ୍ରହଣୀୟ ଅମ୍ଳଜାନ ବହନ କରୁଥିବା କୃତ୍ରିମ ରକ୍ତ ନାହିଁ ଯାହା ଲାଲ୍ ରକ୍ତକଣିକା ରକ୍ତଦାନର ସମ୍ପୂର୍ଣ୍ଣ ବିକଳ୍ପ ସାଜିପାରେ...''



୧୬୧୬ ମସିହାରେ ୱିଲିୟମ ହାର୍ଭିଙ୍କ ଦ୍ୱାରା ରକ୍ତ ସଞ୍ଚାଳନ ପଥ ଆବିଷ୍କାର ହେବା ପରେ ଅନେକ ଗବେଷକ ଏବଂ ଡାକ୍ତର-ବୈଜ୍ଞାନିକମାନେ ବିଭିନ୍ନ ତରଳ ପଦାର୍ଥ ଯଥା ବିୟର, ପରିସ୍ରା, କ୍ଷୀର, ପଶୁ ରକ୍ତ ଏବଂ ଅଫିମ ଦ୍ୱାରା ରକ୍ତ ବଦଳାଇବାକୁ ଚିନ୍ତା କରିବା ଆରମ୍ଭ କଲେ। ପୂର୍ବରୁ ପର୍‌ଫ୍ଲୋରୋକାର୍ବନ ନାମକ ଏକ ପଦାର୍ଥ ଯାହାକି ରେଫ୍ରିଜରେଣ୍ଟ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ରରେ ବ୍ୟବହୃତ ହୁଏ, କୃତ୍ରିମ ରକ୍ତ ହିସାବରେ ବ୍ୟବହାର କରିବାକୁ ଚେଷ୍ଟା କରାଯାଇଥିଲା। ସର୍ଜିକାଲ ବ୍ୟବହାର ପାଇଁ ୧୯୮୯ରେ ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ) ଦ୍ୱାରା ଏହିପରି ଏକ ବିକଳ୍ପ ଅନୁମୋଦିତ ହୋଇଥିଲା। ହେଲେ ଏହାର ଉତ୍ପାଦନରେ ଜଡ଼ିତ ଜଟିଳତା ଏବଂ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଏହାର ପ୍ରତ୍ୟାହାର କରାଯାଇଥିଲା। ରକ୍ତ ଅନୁକରଣ କରିବା ଏକ ଚ୍ୟାଲେଞ୍ଜ, କାରଣ ଏହା ମୁକ୍ତ ଅଣୁ ଏବଂ କୋଷଗୁଡ଼ିକର ଏକ ଜଟିଳ ମିଶ୍ରଣ।

ଅଧାରୁ ଅଧିକ ରକ୍ତ ପ୍ଲାଜମା, ପ୍ରୋଟିନ, ଜଳ ଏବଂ ରାସାୟନିକ ଲବଣକୁ ନେଇ ଏକ ହଳଦିଆ ରଙ୍ଗର ତରଳ ତତ୍ତ୍ୱ ଗଠିତ। ଅବଶିଷ୍ଟ ଅଂଶରେ ସେଲ୍ୟୁଲାର୍ ଉପାଦାନଗୁଡ଼ିକ ରହିଥାଏ ଯଥା, ପ୍ଲେଟ୍‌ଲେଟ୍, ଧଳା ରକ୍ତକଣିକା ଏବଂ ଲାଲ ରକ୍ତକଣିକା। ପ୍ଲେଟ୍‌ଲେଟ୍ କ୍ଷତଗୁଡ଼ିକ ଜମାଟ ବାନ୍ଧିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧଳା ରକ୍ତକଣିକା ସଂକ୍ରମଣ ସହିତ ଲଢ଼େଇ କରିବାରେ ସାହାଯ୍ୟ କରେ ଏବଂ ହିମୋଗ୍ଲୋବିନ ଧାରଣ କରିଥିବା ଲାଲ୍ ରକ୍ତକଣିକା ରକ୍ତକୁ ଏହାର ଲାଲ୍ ରଙ୍ଗ ଦେଇଥାଏ ଏବଂ ଅମ୍ଳଜାନ ପରିବହନ କରିଥାଏ। ଏକ ଲାଲ୍ ରକ୍ତକଣିକା ଭିତରେ ପ୍ରାୟ ୨୭୦ ନିୟୁତ ହିମୋଗ୍ଲୋବିନ ଅଣୁ ଅଛି। ହିମୋଗ୍ଲୋବିନ ହେଉଛି ଏକ ଗ୍ଲୋବୁଲାର ପ୍ରୋଟିନ୍। ଏହା ଏକ ଜଟିଳ ଅଣୁ, ଯାହା ଟିସୁ ଏବଂ ରକ୍ତବାହୀ ପାଇଁ ବିଷାକ୍ତ ହୋଇପାରେ, କାରଣ ଏହା ଅମ୍ଳଜାନ ବହନ କରିଥାଏ, ଯାହା ନିଜେ ଏକ ଅକ୍ସିଡାଇଜ ଏଜେଣ୍ଟ ଅଟେ ଏବଂ ଠିକ୍ ଭାବରେ ପରିଚାଳିତ ନ ହେଲେ କ୍ଷତି ଘଟାଇପାରେ (ବାୟୁ ସଂସ୍ପର୍ଶରେ ଆସିବା ସମୟରେ କଟା ଆପଲ ଖଣ୍ଡ ବାଦାମୀ ହୋଇଯାଏ)। ତେଣୁ କୃତ୍ରିମ ରକ୍ତ ବଦଳାଇବାରେ ପ୍ରାଥମିକ ଆହ୍ୱାନ ହେଉଛି ହିମୋଗ୍ଲୋବିନର ଅମ୍ଳଜାନ ବହନ କ୍ଷମତାକୁ ନକଲ କରିବା। ବୈଜ୍ଞାନିକମାନେ ଏହି ଅନୁକରଣ କରୁଥିବା ଅଣୁଗୁଡ଼ିକୁ ହିମୋଗ୍ଲୋବିନ ଆଧାରିତ ଅମ୍ଳଜାନ ବାହକ (ଏଚ୍‌ବିଓସି) ଭାବରେ ସୂଚିତ କରନ୍ତି। ଏହାକୁ ଫଳପ୍ରଦ ଭାବରେ ଅନୁକରଣ କରିବା ପାଇଁ ଏହି ଅଣୁଗୁଡ଼ିକ ଏକ ବାହ୍ୟ ଖୋଳ ଆବଶ୍ୟକ କରନ୍ତି, ଯାହା ରକ୍ତବାହୀ ଏବଂ ଟିସୁକୁ ସୁରକ୍ଷା ଦେଇଥାଏ।

ଆଜି ପର୍ଯ୍ୟନ୍ତ ସବୁଠାରୁ ସଫଳ ଖୋଳବିହୀନ ଏଚ୍‌ବିଓସି ହେଉଛି ହେମୋପିଓର୍, ଯାହାକି ୧୯୯୦ ଦଶକରେ ବିକଶିତ ହୋଇଥିଲା। ଏହା ଗାଈର ଲାଲ୍ ରକ୍ତକଣିକାରୁ ଉତ୍ପନ୍ନ। ଏଥିପାଇଁ ଗାଈର ଲାଲ୍ ରକ୍ତକଣିକାରୁ ହିମୋଗ୍ଲୋବିନ ବାହାର କରାଯାଏ, ପାଥୋଜେନ ଅପସାରଣ ପାଇଁ ଶୁଦ୍ଧ କରାଯାଏ ଏବଂ ଟେଟ୍ରାମର୍ ରାସାୟନିକ ଭାବରେ ବନ୍ଧା ହୁଏ। ୨୦୦୧ ମସିହାରୁ ଆଫ୍ରିକାରେ ମାନବ ବ୍ୟବହାର ପାଇଁ ହେମୋପିଓର୍‌କୁ ଅନୁମୋଦନ କରାଯାଇଛି, ବିଶେଷତଃ ଯେଉଁଠାରେ ଏଚ୍‌ଆଇଭି / ଏଡ୍‌ସ ପରି ଅବସ୍ଥା ହେତୁ ପାରମ୍ପରିକ ରକ୍ତଦାନ ଅଧିକ ବିପଦ ସୃଷ୍ଟି କରିଥାଏ। ଧାର୍ମିକ କାରଣରୁ ରକ୍ତଦାନକୁ ମନା କରୁଥିବା କିମ୍ବା ବାରମ୍ବାର ଟ୍ରାନ୍ସଫ୍ୟୁଜନରେ ପ୍ରତିକ୍ରିୟା କରୁଥିବା ରୋଗୀମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ହୋଇଛି। (କ୍ରମଶଃ...)

-କଲ୍ୟାଣୀ, ନଦିଆ, ପଶ୍ଚିମବଙ୍ଗ
ମୋ: ୮୨୪୦୫୦୬୬୦୫

# ଇଣ୍ଡିଆ ଏ'ର ବୃହତ୍ ବିଜୟ

**ବେଙ୍ଗାଲୁରୁ,୧୫।୯(ପି.ଟି.)**

ଦୁଲୀପ୍ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଇଣ୍ଡିଆ ଏ ବୃହତ୍ ବିଜୟ ହାସଲ କରିଥିବା ବେଳେ ଇଣ୍ଡିଆ ସି ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ଅର୍ଜନ କରିଛି। ଅନ୍ତିମ ଦିନରେ ଇଣ୍ଡିଆ ଡି'କୁ ବିଜୟ ପାଇଁ ଅସମ୍ଭବ ୪୨୬ ରନ୍ ଆବଶ୍ୟକ ରହିଥିଲା। ପୂର୍ବଦିନର ଅସମାପ୍ତ ସ୍କୋର ୬୨/୧ରୁ ଆରମ୍ଭ କରି ଦଳ ୩୦୧ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ୟପକ୍ଷରେ ଇଣ୍ଡିଆ ସି' ବିପକ୍ଷରେ ଅଭିମନ୍ୟୁ ଈଶ୍ୱରନ୍ ଲଢୁଆ ଶତକ ହାସଲ କରିଥିଲେ ମଧ୍ୟ ଦଳ ପ୍ରଥମ ଇନିଂସରେ ପଛୁଆ ରହିଥିଲା।

ଅନ୍ତିମ ଦିନରେ ଇଣ୍ଡିଆ ଡି'କୁ ୪୨୬ ରନ୍ ଆବଶ୍ୟକ ଥିବା ବେଳେ ଦଳ ୩୦୧ ରନ୍‌ରେ ଅଲଆଉଟ ହୋଇଥିଲା। ରିକି ଭୁଇ ଲଢୁଆ ୧୧୫ ରନ୍ କରିଥିବା ବେଳେ ଶ୍ରେୟସ ଆୟର ୪୧ ଓ ସଞ୍ଜୁ ସାମସନ୍ ୪୦ ରନ୍ ସ୍କୋର କରିଥିଲେ। ଇଣ୍ଡିଆ ଏ ପକ୍ଷରୁ ସାମ୍ସ ମୁଲାନି ୩ ଓ ତନୁଶ କୋଟିଆନ୍ ୪ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୧୦୭ ରନ୍‌ରେ ଆଗୁଆ ଥିବା ଇଣ୍ଡିଆ ଏ ପକ୍ଷରୁ ଦ୍ୱିତୀୟ ଇନିଂସରେ ପ୍ରଥମ ସିଂ ଓ ତିଲକ ବର୍ମା ଶତକ ହାସଲ କରିଥିଲେ। ପ୍ରଥମ ୧୨୨ ଓ ତିଲକ ଅପରାଜିତ ୧୧୧ ରନ୍‌ର ଇନିଂସ ଖେଳିବା କାରଣରୁ ଇଣ୍ଡିଆ ଏ ୩୮୦/୩ରେ ଇନିଂସ ଘୋଷଣା କରିଥିଲା। ପ୍ରଥମ ୧୮୯ ବଲ୍ ଖେଳି ୧୨ ଚୌକା ଓ ୧ ଛକା ମାରିଥିଲେ। ତିଲକ ୧୯୩ ବଲ୍ ଖେଳି ୯ ଚୌକା ମାରିଥିଲେ। ସାମ୍ସ ମୁଲାନୀଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅଂଶୁଲ କମ୍ବୋଜ।

**ଇଣ୍ଡିଆ ସି'କୁ ୩ ପଏଣ୍ଟ**

ଇଣ୍ଡିଆ ବି' ବିପକ୍ଷରେ ଅଂଶୁଲ କମ୍ବୋଜ ୮ ଉଇକେଟ ସଫଳତା ହାସଲ କରିବା ସହ ଦଳକୁ ୩ ପଏଣ୍ଟ ପ୍ରଦାନ କରିଛନ୍ତି। ଇଣ୍ଡିଆ ସି' ପ୍ରଥମ ଇନିଂସରେ ଇଶାନ କିଶନଙ୍କ ଶତକ ବଳରେ ୫୨୫ ରନ୍ କରିଥିଲା। ଅଭିମନ୍ୟୁ

**ଦୁଲୀପ୍ ଟ୍ରଫି**

**ଅଂଶୁଲ,ମୁଲାନୀ ପ୍ଲେୟର ଅଫ୍ ଦ ମ୍ୟାଚ୍**

ଈଶ୍ୱରନ୍‌ଙ୍କ ଲଢୁଆ ୧୫୭* ରନ୍ ବଳରେ ଇଣ୍ଡିଆ ବି' ୩୩୨ରନ୍‌ରେ ଅଲଆଉଟ ହୋଇଥିଲା। ଈଶ୍ୱରନ୍ ୨୮୬ ବଲ ଖେଳି ୧୪ ଚୌକା ଓ ୧ ଛକା ମାରିଥିଲେ। ଈଶ୍ୱରନ୍ ଓ ନାରାୟଣ ଜଗଦୀଶାନ(୭୦) ପ୍ରଥମ ଉଇକେଟରେ ୧୨୯ ରନ୍ ଯୋଡିଥିଲେ। ତେବେ ଜଗଦୀଶାନ ଆଉଟ ହେବା ପରେ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ମଧ୍ୟକ୍ରମରେ ମୁଶିର ଖାନ୍(୧), ସର୍ଫରାଜ ଖାନ୍(୧୬), ରିଙ୍କୁ ସିଂ(୬) ଓ ନୀତୀଶ ରେଡ୍ଡୀ(୨) ରନ୍ କରି ଆଉଟ ହେବାରୁ ଦଳ ୨୩୭ ରନରେ ୬ ଉଇକେଟ ହରାଇଥିଲା। ଇଣ୍ଡିଆ ସି' ପକ୍ଷରୁ ଅଂଶୁଲ କମ୍ବୋଜ ୮ ଉଇକେଟ ନେଇ ମଧ୍ୟକ୍ରମରେ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ବ୍ୟଶକ ଓ ମୟଙ୍କ ମାର୍କଣ୍ଡେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଇଣ୍ଡିଆ ବି' ଅଲଆଉଟ ହେବା ପରେ ଇଣ୍ଡିଆ ସି' ୪ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୨ ରନ୍ କରିଥିବା ବେଳେ ରଜତ ପଟିଦାର ୪୨ ରନ୍ ସ୍କୋର କରିଥିଲେ। ୮ ଉଇକେଟ ନେଇଥିବା ଅଂଶୁଲ କମ୍ବୋଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ଦୁଇଟି ଲେଖାଏ ମ୍ୟାଚ୍ ଶେଷ ହୋଇଥିବା ବେଳେ ଇଣ୍ଡିଆ ସି' ୯ ପଏଣ୍ଟ ସହ ଶୀର୍ଷରେ ରହିଛି। ଇଣ୍ଡିଆ ବି' ୭ ପଏଣ୍ଟ ଓ ଇଣ୍ଡିଆ ସି' ୬ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ଓସ୍‌ଜା କର୍ମକର୍ତ୍ତା।

# ମୁଖ୍ୟମନ୍ତ୍ରୀଙ୍କ ସହ ଓସ୍‌ଜା ପ୍ରତିନିଧିଙ୍କ ଆଲୋଚନା

**ଭୁବନେଶ୍ୱର, ୧୫।୯ (ବିଜୟ ରଣା)**

ଓଡ଼ିଶାରେ କାର୍ଯ୍ୟରତ କ୍ରୀଡ଼ା ଖବରଦାତାମାନଙ୍କୁ ନେଇ ଗଠିତ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)ର ଏକ ପ୍ରତିନିଧି ଦଳ ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରିଛନ୍ତି। ଦୁଇ ଦଶନ୍ଧି ଧରି ସଂଗଠିତ ଓସ୍‌ଜାର କିଛି ମୌଳିକ ଆବଶ୍ୟକତା ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ସାମ୍ବାଦିକତା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ବିଜେତାଙ୍କୁ ଓ ସରକାର ଅନ୍ୟୂନ ସ୍ୱୀକୃତିପ୍ରଦାନ କରିବା ପ୍ରମୁଖ ଦାବି ଅନ୍ୟତମ ମୁଖ୍ୟ ଥିଲା। ଏହା ବ୍ୟତୀତ କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟର କ୍ରୀଡ଼ା ଖବରଦାତାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଡିଆ ସେଣ୍ଟର୍ ସହ ସମସ୍ତ ପ୍ରକାର ପେସାଦାର ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ବରିଷ୍ଠ ସାମ୍ବାଦିକ କେ. ରବି, ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ସସ୍ମିତ ମହାପାତ୍ର, ଉପସଭାପତି ସମୀକ୍ଷା ପଟ୍ଟନାୟକ, ତପନ ସ୍ୱାଇଁ, ସମ୍ପାଦକ ସୁରେଶ ସ୍ୱାଇଁ, ସହସମ୍ପାଦକ ହିମାଂଶୁପତି ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ବିମଳ କୁମାର ରାଉଳ, ଶକ୍ତି ପ୍ରସାଦ ନନ୍ଦ ପ୍ରମୁଖ ସାମିଲ ଥିଲେ।

## ଓଡ଼ିଶା, ଝାଡ଼ଖଣ୍ଡ କ୍ୱାର୍ଟରଫାଇନାଲରେ

**ଜଳନ୍ଧର, ୧୫।୯ (ପି.ଟି.):** ଓଡ଼ିଶା ଓ ହକି ଝାଡ଼ଖଣ୍ଡ ଏଠାରେ ଚାଲିଥିବା ୧୪ତମ ଜାତୀୟ ଜୁନିୟର ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ୫-୨ ଗୋଲ୍‌ରେ ଦାଦ୍ରାନଗର ହାବେଲୀ ଓ ଡାମନ ଡିଉ ହକିକୁ ପରାସ୍ତ କରିଛି। ଦଳ ପକ୍ଷରୁ କରନ ଲାକ୍ରା (୩୦ତମ ଓ ୫୦ ତମ ମିନିଟ) ଦୁଇଟି ଗୋଲ୍ ଦେଇଥିବା ବେଳେ ଅଧିନାୟକ ଜସ୍‌ୱନ ମୁଣ୍ଡା (୧୫ତମ), ଅଭିଷେକ ଟପ୍ପୋ (୨୭ତମ) ଓ ଦୀପକ ପ୍ରଧାନ (୬୦ତମ) ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ତରଫରୁ ପ୍ରଦୀପ ମଣ୍ଡଳ (୧୬ତମ) ଓ ୱିଲସନ ଖାଖା (୪୬ତମ ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଗୁଜରାଟ ବିପକ୍ଷରେ ହକି ଝାଡ଼ଖଣ୍ଡ ୨୭-୦ ଗୋଲ୍‌ରେ ବୃହତ୍ ବିଜୟ ହାସଲ କରିଛି। ଦଳର ଟପ୍ ସ୍କୋରର ଆଦିସାନ ମିଞ୍ଜ୍ ୬ ଓ ଘୁରାନ ଲୋହରା ୫ ଗୋଲ୍ ସ୍କୋର କରିଥିଲେ। ରୋଶନ ଏକ୍କା ଓ ଦୀପକ ସୋରେଙ୍ଗ ଚାରୋଟି ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରାଇକ୍ କମଲ ଚିକ୍ ୩ଟି ଗୋଲ ଦେଇଥିବା ବେଳେ ସୁଖନାଥ ଗୁରିଆ ଦୁଇଟି ଏବଂ ଅଭିଷେକ ଟିଗା, ସିମିତ ବାରୱା ଓ ମାଙ୍ଗ୍ରା ଦୋହଦ୍ରେ ପ୍ରତ୍ୟେକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ସୋମବାର କ୍ୱାର୍ଟରଫାଇନାଲରେ ପଞ୍ଜାବ ହକିକୁ ଭେଟିବାକୁଥିବା ବେଳେ ଝାଡ଼ଖଣ୍ଡ ହକି ହରିୟାଣା ସହ ମୁକାବିଲା କରିବ।

# ସୁଇଡେନ୍‌ଠାରୁ ଷଷ୍ଠ ଥର ହାରିଲା ଭାରତ


ଡବଲ୍ସ ମ୍ୟାଚ୍ ଅବସରରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନ।

**ଷ୍ଟକ୍‌ହାମ୍,୧୫।୯(ପି.ଟି.)**

ଡେଭିସ୍ କପ୍ ବିଶ୍ୱ ଗ୍ରୁପ୍ ଟାଇର ସୁଇଡେନ୍ ବିପକ୍ଷରେ ୦-୪ରେ ପରାଜିତ ହୋଇଛି ଭାରତ। ପ୍ରଥମ ଦିନରେ ଭାରତ ୦-୨ରେ ପଛୁଆ ଥିବା ବେଳେ ଦ୍ୱିତୀୟ ଦିନରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନଙ୍କ ଡବଲ୍ସ ଯୋଡି ଓ ସିଦ୍ଧାର୍ଥ ବିଶ୍ୱକର୍ମା ରିଭର୍ସ ସିଙ୍ଗଲ୍ସରେ ପରାଜିତ ହୋଇଥିଲେ। ବାଲାଜୀ ଓ ରାମନାଥନଙ୍କ ଯୋଡି ୩-୬, ୪-୬ ସେଟରେ ଆଣ୍ଡ୍ରେ ଗୋରାନ୍‌ସନ ଓ ଫିଲିପ୍ ବେର୍ଗେଭିଙ୍କ ଠାରୁ ହାରି ଯାଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ସିଦ୍ଧାର୍ଥ ବିଶ୍ୱକର୍ମା ୨-୬, ୨-୬ ସେଟରେ ଏଲିଆସ୍ ୟେମରଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହାକୁ ମିଶାଇ ଭାରତ ଷଷ୍ଠ ଥର ପାଇଁ ଡେଭିସ୍ କପରେ ସୁଇଡେନ୍ ବିପକ୍ଷରେ ଖେଳିଥିବା ବେଳେ ପ୍ରତ୍ୟେକ ଥର ପରାଜିତ ହୋଇଛି।

ପ୍ରଥମ ଦିନର ସିଙ୍ଗଲ୍ସ ମ୍ୟାଚରେ ଏନ୍. ଶ୍ରୀରାମ ବାଲାଜୀ ଓ ରାମକୁମାର ରାମନାଥନ ପରାଜିତ ହୋଇଥିଲେ। ଡବଲ୍ସ ସ୍ପେସିଆଲିଷ୍ଟ ବାଲାଜୀ ପ୍ରଥମ ଟାଇର ସିଙ୍ଗଲ୍ସ ଖେଳି ଏଲିଆସ୍ ୟେମରଙ୍କ ନିକଟରୁ ପରାଜିତ ହୋଇଥିଲେ। ୬-୪, ୬-୨ରେ ବାଲାଜୀ ହାରି ଯାଇଥିଲେ। ସିଙ୍ଗଲ୍ସ ଖେଳାଳି ସୁମିତ୍ ନାଗାଲ ପିଠି ସମସ୍ୟା କାରଣରୁ ଓହରି ଯାଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚ୍‌ରେ ରାମକୁମାର ରାମନାଥନ ୩-୬, ୩-୬ ସେଟ୍‌ରେ ଲିଓ ବର୍ଗଙ୍କ ନିକଟରୁ ୬-୩, ୬-୩ ସେଟରେ ପରାଜିତ ହୋଇଥିଲେ।

# ଆଜି ଭାରତ, କୋରିଆ ସେମିଫାଇନାଲ

**ହୁଲୁନ୍‌ବୁଇର,୧୫।୯(ପି.ଟି.)**

**ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି**

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମି ଫାଇନାଲରେ ସୋମବାର ଭାରତ ଓ କୋରିଆ ପରସ୍ପର ମୁକାବିଲା କରିବେ। ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ ଏହାର ସମସ୍ତ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଆୟୋଜକ ଚାଇନାକୁ ୩-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ଜାପାନକୁ ୫-୧, ମାଲେସିଆକୁ ୮-୧, କୋରିଆକୁ ୩-୧ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ରେ ପରାସ୍ତ କରିଥିଲେ। ଭାରତ ପକ୍ଷରୁ ଏକାଧିକ ଯୁବ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିଲେ ମଧ୍ୟ ଦଳ ସମସ୍ତ ଡିପାର୍ଟମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିଛି। ଫରୱାର୍ଡ ଓ ଡିଫେନ୍ସରେ ଦଳର ପ୍ରଦର୍ଶନ ଚମତ୍କାର ରହିଛି। ଅଧିନାୟକ ହରମନ୍‌ପ୍ରୀତ ସିଂ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ପାକିସ୍ତାନ ଓ କୋରିଆ ବିପକ୍ଷରେ ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜକୁମାର ପାଲ ମାଲେସିଆ ବିପକ୍ଷରେ ହ୍ୟାଟ୍ରିକ୍ ଅର୍ଜନ କରିଥିବା ବେଳେ ଅରାଇଜିତ ସିଂ ହୁଣ୍ଡାଲ, ଉତ୍ତମ ସିଂ ଓ ଗୁରଜୋତ ସିଂଙ୍କ ପରି ଖେଳାଳି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ମନ୍‌ପ୍ରୀତ୍ ସିଂଙ୍କ ସମେତ ବିବେକ ସାଗର ପ୍ରସାଦ ଓ ନୀଳକାନ୍ତ ଶର୍ମା ମିଡଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରିଛନ୍ତି।




# ଆଶୀର୍ବାଦ ବେହେରା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୫।୯ (ବିଜୟ ରଣା)**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଡକ୍ଟରେଟ (ଡି.ଲିଟ୍) ଡିଗ୍ରୀରେ ସମ୍ମାନିତ ହେବାପରେ ଅଲିମ୍ପିକ ଆସୋସିଏଶନ ଏବଂ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଙ୍ଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ଓ ସମାଜକଲ୍ୟାଣ କ୍ଷେତ୍ରରେ ଆଶୀର୍ବାଦଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ରାଜ୍ୟରେ ଯୁବ କ୍ରୀଡ଼ାପ୍ରତିଭା ସୃଷ୍ଟିକରିବା ଲାଗି ତାଙ୍କ ନେତୃତ୍ୱରେ ଫାଓ ଅନେକ ବଡ଼ ବଡ଼ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ କରିପାରିଛି। ଅନ୍ୟମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଓଡ଼ିଶା ରାଜ୍ୟପାଳ ରଘୁବର ଦାସ କିଟ୍‌ର ୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅବସରରେ ଶନିବାର ଆଶୀର୍ବାଦଙ୍କୁ ଡକ୍ଟରେଟ ଡିଗ୍ରୀରେ ସମ୍ମାନିତ କରିଥିଲେ। ଆୟୋଜିତ ଉତ୍ସବରେ ନିଜ ଅଭିଭାଷଣ ରଖି ଆଶୀର୍ବାଦ ତାଙ୍କୁ ସମ୍ମାନିତ କରାଯାଇଥିବାରୁ କିଟ୍ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ, ଏହା କେବଳ ତାଙ୍କ ପାଇଁ ବ୍ୟକ୍ତିଗତ ସମ୍ମାନ ନୁହେଁ ଓଡ଼ିଶା କ୍ରୀଡ଼ା ସମୁଦାୟ ମିଳିତ ଉଦ୍ୟମର ଏହା ଏକ ପ୍ରତିଫଳନ। ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା,ଏମ୍‌ଜିଏମ୍ ମିନରାଲ୍ସ ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ବ୍ୟତୀତ ରାଜ୍ୟର ବିଭିନ୍ନ କ୍ରୀଡ଼ା ସଂଗଠନର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।



ଆଶୀର୍ବାଦ ବେହେରା (ମଝି)ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସାଲିମା ପାକିସ୍ତାନର ମହିଳା ଅମ୍ପାୟର

**ଇସ୍‌ଲାମାବାଦ, ୧୫।୯ (ପି.ଟି.)**

ସାଲିମା ଇମ୍‌ତିଆଜ ପାକିସ୍ତାନର ପ୍ରଥମ ମହିଳା ଭାବେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ଅଫ୍ ଡେଭଲପମେଣ୍ଟ ଅମ୍ପାୟର୍ସ ପ୍ୟାନେଲକୁ ମନୋନୀତ ହୋଇଛନ୍ତି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ରବିବାର ଏ ବିଷୟରେ ସୂଚନା ଦିଆଯାଇଛି। ସାଲିମା ଏଣିକି ମହିଳା ଅନ୍ତର୍ଜାତୀୟ ଦ୍ୱିପାକ୍ଷିକ ମ୍ୟାଚ୍ ଏବଂ ଆଇସିସି ମହିଳା ଇଭେଣ୍ଟଗୁଡ଼ିକରେ ଅମ୍ପାୟରିଂ କରିପାରିବେ। ସେ କହିଛନ୍ତି, ଏହା କେବଳ ତାଙ୍କର ଏକ ବିଜୟ ନୁହେଁ, ପାକିସ୍ତାନର ପ୍ରତ୍ୟେକ ଆଶାୟୀ କ୍ରିକେଟର ଓ ଅମ୍ପାୟରଙ୍କ ପାଇଁ ଏକ ବିଜୟ। ସୂଚନାଯୋଗ୍ୟ, ସାଲିମାଙ୍କ ଝିଅ କୈନାତ ପାକିସ୍ତାନ ପାଇଁ ୪୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ତନ୍ମଧ୍ୟରେ ୧୯ ଅନ୍ତର୍ଜାତୀୟ ଦିନିକିଆ ଓ ୨୧ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ରହିଛି। ସାଲିମା କହିଛନ୍ତି, ତାଙ୍କ ଝିଅ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପଦାର୍ପଣ ମ୍ୟାଚ ଖେଳିବା ପରେ ସେ ଜଣେ ଅମ୍ପାୟର ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ମନ ବଳାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଦେଶରୁ ପ୍ରତିନିଧିତ୍ୱ କରିବା ତାଙ୍କର ଏକ ସ୍ୱପ୍ନ ଥିଲା।




# କେରଳକୁ ହରାଇ ଫାଇନାଲରେ ଓଡ଼ିଶା

**ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ**

**ଭୁବନେଶ୍ୱର,୧୫।୯**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ଜାତୀୟ ସବ୍ ଜୁନିୟର ବାଳିକା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ରବିବାର ଅନୁଷ୍ଠିତ ସେମି ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୩-୧ ଗୋଲରେ କେରଳକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ କାମିନୀ ମଲିକ(୧୩) ଓ ଲିପି କିଶାନ(୩୨) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୯ ତମ ମିନିଟରେ କେରଳର ଏ. ତୀର୍ଥା ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ସୁଦ୍ଧା ଓଡ଼ିଶା ୩-୦ରେ ଆଗୁଆ ରହିଥିଲା। ୬୬ତମ ମିନିଟରେ ଆଶିକା ମେର୍ଲିନ୍ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆସନ୍ତା ୧୭ ତାରିଖରେ ଖେଳା ଯିବାକୁ ଥିବା ଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ ଓଡ଼ିଶା।


ସେମିଫାଇନାଲରେ ବିଜୟୀ ଓଡ଼ିଶା ବାଳିକା ଦଳ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ